# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୪/୨୦୨୧ (୧୨ ପୃଷ୍ଠା) | Bhubaneswar, Friday, June 4/2021 | ★★★★★★

୪୭ଶ ଭାଗ ୧୮୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଓ ମାଇଁ ଗଡ୍' ସିକ୍ୱେଲରେ ପଙ୍କଜ**

ଚଳଚ୍ଚିତ୍ର 'ଓ ମାଇଁ ଗଡ୍'ର ସିକ୍ୱେଲ ନିର୍ମାଣ ହେବାକୁ ଥିବାବେଳେ ଏଥିରେ ଅକ୍ଷୟ କୁମାରଙ୍କ ସହ ପଙ୍କଜ ତ୍ରିପାଠୀଙ୍କୁ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି। ୧୦

୧୨ **ତୃତୀୟ ରାଉଣ୍ଡରେ ଜୋକୋଭିଚ୍**

ଉରୁଗୁଏର ପାବ୍‌ଲୋ କୁଇଭାସଙ୍କୁ ହରାଇ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି ସର୍ବିୟାର ନୋଭାକ୍ ଜୋକୋଭିଚ୍।



# ଅଗଷ୍ଟରେ ଦ୍ୱିତୀୟ ଦେଶୀ ଟିକା

## 'କର୍ବେଭାକ୍ସ'କୁ ବିସିଏମ୍ ସହ ମିଳିତ ଭାବେ ବିକଶିତ କରିଛି ବାୟୋଲୋଜିକାଲ-ଇ

## ୩୦ କୋଟି ଡୋଜ୍ ପାଇଁ ଚୁକ୍ତି ସ୍ୱାକ୍ଷର

**ନୂଆଦିଲ୍ଲୀ, ୩।୬(ଆଇଏଏନ୍ଏସ୍)**

କରୋନା ମହାମାରୀ ମୁକାବିଲାରେ ସାମିଲ ହେବାକୁ ଯାଉଛି ଭାରତ ନିର୍ମିତ ଦ୍ୱିତୀୟ ଟିକା 'କର୍ବେଭାକ୍ସ'। ହାଇଦ୍ରାବାଦର ବାୟୋଲୋଜିକାଲ-ଇ ପ୍ରସ୍ତୁତ କରୁଥିବା ଏହି ଦେଶୀ ଟିକାର ଚୂଡ଼ାନ୍ତ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ଚାଲିଛି। ତେବେ ପ୍ରଥମ ଓ ଦ୍ୱିତୀୟ ପରୀକ୍ଷାରେ ପ୍ରଭାବ ଭଲ ରହିଥିବାରୁ ଆସନ୍ତା ଅଗଷ୍ଟ ସୁଦ୍ଧା ଏହା ବଜାରରେ ଉପଲବ୍ଧ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଇତିମଧ୍ୟରେ କେନ୍ଦ୍ର ସରକାର ଉକ୍ତ କମ୍ପାନୀଠାରୁ ୩୦ କୋଟି ଡୋଜ୍ ଟିକା କିଣିବା ପାଇଁ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏ ବାବଦରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ୧,୫୦୦ କୋଟି ଟଙ୍କା ଅଗ୍ରିମ ପୈଠ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। କର୍ବେଭାକ୍ସ ହେଉଛି ରିସେପ୍ଟର ବାଇଣ୍ଡିଂ ଡୋମେନ୍ (ଆର୍‌ବିଡି) ପ୍ରୋଟିନ୍ ସବ୍‌ୟୁନିଟ୍ ଟିକା। ଆମେରିକାର ଟେକ୍ସାସସ୍ଥିତ ବେଲୋର କଲେଜ୍ ଅଫ୍ ମେଡିସିନ (ବିସିଏମ୍) ସହ





ମିଳିତ ଭାବେ ବାୟୋଲୋଜିକାଲ-ଇ ଏହି ଟିକାକୁ ବିକଶିତ କରିଛି।

ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ଏବଂ ଭାରତ ବାୟୋଟେକ୍ ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତ କୋଭାକ୍ସିନ୍ ପରେ କର୍ବେଭାକ୍ସ ହେଉଛି ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ଭାରତର ଦ୍ୱିତୀୟ କୋଭିଡ୍ ଟିକା। ଅଗଷ୍ଟରୁ ଡିସେମ୍ବର ମଧ୍ୟରେ ଆବଶ୍ୟକ ଡୋଜ୍ ଉତ୍ପାଦନ ହୋଇଯିବ ଏବଂ ଆଗାମୀ କିଛି ମାସରେ ଏହା ଉପଲବ୍ଧ ହେବ ବୋଲି ମନ୍ତ୍ରଣାଳୟ କହିଛି। ଟିକା ଅଭାବକୁ ନେଇ କେନ୍ଦ୍ର ସରକାର ସମାଲୋଚିତ ହୋଇଥିବାବେଳେ ଏହି ଦ୍ୱିତୀୟ ଦେଶୀ ଭାକ୍ସିନ ଟିକାକରଣ ଅଭିଯାନକୁ ଆଗେଇ ନେବାରେ ସହାୟକ ହେବ ବୋଲି କୁହାଯାଉଛି। ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ବାୟୋଟେକ୍ନୋଲୋଜି ବିଭାଗ ବାୟୋଲୋଜିକାଲ-ଇକୁ ୧୦୦ କୋଟି ଟଙ୍କା ଆର୍ଥିକ ସହାୟତା ଯୋଗାଇଦେଇଥିଲା। ନୂଆ କୋଭିଡ୍ ଭାକ୍ସିନକୁ ସହାୟତା ପାଇଁ ଏହା ସରକାରଙ୍କ ମିଶନ୍‌ର ଅଂଶବିଶେଷ। ଉକ୍ତ ଟିକାକୁ ଭାକ୍ସିନ୍ ଆଡମିନିଷ୍ଟ୍ରେଶନ ଜାତୀୟ ବିଶେଷଜ୍ଞ ଗୋଷ୍ଠୀର ଅନୁମୋଦନ ପାଇଁ ସୁପାରିସ କରାଯାଇଛି। ଏହା ବ୍ୟତୀତ ବାୟୋଲୋଜିକାଲ-ଇ ଜନ୍‌ସନ ଆଣ୍ଡ ଜନ୍‌ସନ କମ୍ପାନୀ ଟିକା ବାର୍ଷିକ ୬୦ କୋଟି ଡୋଜ୍ ପ୍ରସ୍ତୁତ କରିବା ଲାଗି ଅନ୍ୟ ଏକ ଚୁକ୍ତି ସ୍ୱାକ୍ଷର କରିଛି। ଭାରତରେ ଏମ୍ଆର୍ଏନ୍ଏ କୋଭିଡ୍-୧୯ ଟିକା ଉତ୍ପାଦନ ପାଇଁ ଉକ୍ତ କମ୍ପାନୀ ପ୍ରୋଭିଡେନ୍ସ ଥେରାପ୍ୟୁଟିକ୍ସ ହେଲ୍ଡିଂସ୍ ସହ ଚୁକ୍ତି ସ୍ୱାକ୍ଷର କରିଥିଲା। ପ୍ରକାଶ ଯେ ବର୍ତ୍ତମାନ ସୁଦ୍ଧା ଭାରତରେ ୩ ପ୍ରକାର କୋଭିଡ୍ ଟିକା ଉପଲବ୍ଧ ହେଉଛି। କୋଭିଶିଲ୍ଡ ବ୍ରିଟେନରେ ବିକଶିତ ହୋଇଥିବାବେଳେ ପୁଣେର ସିରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଏସ୍ଆଇଆଇ) ଏହାକୁ ଉତ୍ପାଦନ କରୁଛି। ସେହିପରି ରୁଷିଆରେ ବିକଶିତ 'ସ୍ପୁଟ୍‌ନିକ-ଭି'ର ଭାରତୀୟ ଉତ୍ପାଦନକାରୀ କମ୍ପାନୀ ହେଉଛି ହାଇଦ୍ରାବାଦର ଡକ୍ଟର ରେଡ୍ଡୀସ୍।

# ଓଡ଼ିଶା ର୍‍ୟାଙ୍କ୍ ଖସିଲା

## ନୀତି ଆୟୋଗ ଏସ୍‌ଡିଜି ସୂଚକାଙ୍କ



ଏସ୍‌ଡିଜି ରିପୋର୍ଟ ଉନ୍ମୋଚନ ଅବସରରେ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର (ଡାହାଣରୁ ଦ୍ୱିତୀୟ), ସିଇଓ ଅମିତାଭ କାନ୍ତ (ଡାହାଣରୁ ତୃତୀୟ) ଓ ଅନ୍ୟମାନେ।

- ■ କେରଳ ଶ୍ରେଷ୍ଠ
- ■ ବିହାର ଖରାପ ପ୍ରଦର୍ଶନକାରୀ

**୨୦୧୯ରେ ଓଡ଼ିଶାର ସ୍ଥାନ ଥିଲା ୧୫, ଏବେ ୨୧**

**ନୂଆଦିଲ୍ଲୀ,୩।୬**

ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗ ପକ୍ଷରୁ ଗୁରୁବାର ସଷ୍ଟେନେବଲ ଡେଭଲପମେଣ୍ଟ ଗୋଲ୍ (ଏସ୍‌ଡିଜି) ବା ନିରନ୍ତର ବିକାଶ ଲକ୍ଷ୍ୟ ସୂଚକାଙ୍କ ୨୦୨୦-୨୧ ପ୍ରକାଶ ପାଇଛି। ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଏହି ସୂଚକାଙ୍କର ତୃତୀୟ ସଂସ୍କରଣକୁ ଉନ୍ମୋଚନ କରିଥିଲେ। ଏଥିରେ କେରଳ ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ସ୍ଥାନ ହାସଲ କରିଥିବା ବେଳେ ବିହାର ସବୁଠାରୁ ଖରାପ ପ୍ରଦର୍ଶନକାରୀ ଭାବେ ବିବେଚିତ ହୋଇଛି। ତାଲିକାରେ ଓଡ଼ିଶାର ର୍‍ୟାଙ୍କ ଖସିଛି। ୨୦୨୦-୨୧ ଅବଧି ଲାଗି ୬୧ ସ୍କୋର ସହ ଓଡ଼ିଶା ୨୧ତମ ସ୍ଥାନକୁ ଖସିଛି। ୨୦୧୯ରେ ୫୮ ସ୍କୋର ସହ ଏହା ୧୫ ତମ ସ୍ଥାନରେ ଥିଲା। ସେହିଭଳି ୨୦୧୮ରେ ୫୧ ସ୍କୋର ☞ପୃଷ୍ଠା-୪

# ଶିକ୍ଷା ଉଦ୍ୟୋଗୀ ବିଜୟ ସାହୁଙ୍କ ପରଲୋକ



ବିଜୟ ସାହୁ

**ଭୁବନେଶ୍ୱର, ୩।୬(ବ୍ୟୁରୋ)**

## ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

ରାଜ୍ୟ ସରକାରଙ୍କ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଉପଦେଷ୍ଟା ତଥା ବିଶିଷ୍ଟ ଶିକ୍ଷା ଉଦ୍ୟୋଗୀ ବିଜୟ ସାହୁ(୫୮)ଙ୍କର ଗୁରୁବାର ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରମ୍ୟାନ ଥିଲେ। ଏପ୍ରିଲ ୧୮ରେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସେ ଗୃହ ସଙ୍ଗରୋଧରେ ଥିଲେ। ତାଙ୍କର ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗ ଥିବାରୁ ସେ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସା ହେବାକୁ ଚାହିଁଥିଲେ। ତେଣୁ ତାଙ୍କୁ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଏପ୍ରିଲ ୧୯ ଭୋର୍ ୪ଟାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଦୀର୍ଘଦିନ ଧରି ଚିକିତ୍ସିତ ହେବା ପରେ କରୋନାରୁ ସୁସ୍ଥ ହୋଇଥିଲେ। ନେଗେଟିଭ୍ ରିପୋର୍ଟ ଆସିଥିଲେ ମଧ୍ୟ କରୋନା ପରବର୍ତ୍ତୀ ଜଟିଳତା ନେଇ ସେ ସେହି ହସ୍ପିଟାଲରେ ରହିଥିଲେ। ପରେ ଉନ୍ନତମାନର ଚିକିତ୍ସା ପାଇଁ ତାଙ୍କୁ ମେ' ୧୯ରେ ହାଇଦ୍ରାବାଦସ୍ଥିତ କିମ୍ସକୁ ଏୟାର ଆମ୍ବୁଲାନ୍ସରେ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସେ ଗତ କିଛିଦିନ ହେବ ଇକ୍‌ମୋ ଚିକିତ୍ସାରେ ଥିଲେ। ତେବେ ଗୁରୁବାର ଅପରାହ୍ନ ୧ଟା ୧୮ରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୁକ୍ରବାର ତାଙ୍କ ମୃତଦେହକୁ ଓଡ଼ିଶା ଅଣାଯିବ ବୋଲି ସୂଚନା ମିଳିଛି।

ବିଜୟ ସାହୁଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ☞ପୃଷ୍ଠା-୪

# ଡେଭିଡ୍‌ଙ୍କୁ ଅନ୍ତର୍ଜାତୀୟ ବୁକର ପୁରସ୍କାର

**ଲଣ୍ଡନ,୩।୬**

ଏକ ଦୁଃଖଦ କିନ୍ତୁ ଉପନିବେଶବାଦ ଓ ଯୁଦ୍ଧଭୟର କାବ୍ୟିକ କାହାଣୀକୁ ନେଇ ଗତିଶୀଳ ହୋଇଥିବା 'ଆଟ୍ ନାଇଟ୍ ଅଲ୍ ବ୍ଲଡ୍ ଇଜ୍ ବ୍ଲାକ୍'କୁ ମିଳିଛି ଚଳିତ ବର୍ଷର ମର୍ଯ୍ୟାଦାଜନକ ଇଣ୍ଟରନ୍ୟାଶନାଲ ବୁକର ପ୍ରାଇଜ୍। ଫ୍ରାନ୍ସର ବିଶିଷ୍ଟ ସାହିତ୍ୟିକ ଡେଭିଡ୍ ଡିଓପ୍‌ଙ୍କ ଏହି ଫିକ୍ସନକୁ ଇଂଲିଶ୍‌ରେ ଅନୁବାଦ କରିଛନ୍ତି ଆନ୍ନା ମୋସ୍କୋଭାକିସ୍। ବୁକର ଗ୍ରୁପ୍ ପକ୍ଷରୁ ଡେଭିଡ୍ ପୁରସ୍କାର ବାବଦକୁ ପାଇବାକୁ ଥିବା ୫୦,୦୦୦ ପାଉଣ୍ଡ (୭୧,୦୦୦ ଡଲାର)ରୁ ଆନ୍ନାଙ୍କୁ ତାଙ୍କ ଅଂଶ ରାଶି ପ୍ରଦାନ କରିବେ।



ଡେଭିଡ୍ ଡିଓପ୍

୨୦୧୮ରେ ପ୍ରକାଶିତ ମୂଳ ଉପନ୍ୟାସ 'ଫ୍ରେରେ ଡାମେ'ର ଇଂଲିଶ ଅନୁବାଦ 'ଆଟ୍ ନାଇଟ୍ ଅଲ୍ ବ୍ଲଡ୍ ଇଜ୍ ବ୍ଲାକ୍', ଯାହାର ତାତ୍ପର୍ଯ୍ୟ ହେଉଛି ରାତିରେ ସବୁ ରକ୍ତ କଳା। ପ୍ରଥମ ବିଶ୍ୱଯୁଦ୍ଧ ବେଳର ଦୁଇଜଣ ସେନେଗାଲ ସୈନିକ ଆଲ୍‌ଫା ଏନ୍‌ଡିଆୟେ ଓ ମଡେମ୍ବାଙ୍କ ଜୀବନୀ ଉପରେ ଏହାର କାହାଣୀ ଗତିଶୀଳ ହୋଇଛି। ସେତେବେଳେ ଆଲ୍‌ଫା ଓ ମଡେମ୍ବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ତଥ୍ୟରେ ନିବେଶ ଲୋଡ଼ା**

# ଅବସର ପରେ କମ୍ପାନୀରେ ବାବୁଙ୍କ ନିଯୁକ୍ତି

**ନୂଆଦିଲ୍ଲୀ, ୩।୬(ପି.ଟି.)**

## ଗୁରୁତର ଅନିୟମିତତା କହିଲା ସିଭିସି





ସରକାରୀ ବାବୁମାନେ ଅବସର ଗ୍ରହଣ କରିବା ପରେ ବାଧ୍ୟତାମୂଳକ କୁଲିଂ ପିରିୟଡ୍ (ଯେଉଁ ସମୟ ମଧ୍ୟରେ ସମ୍ପୃକ୍ତ କର୍ମଚାରୀ ନିଷ୍ପତ୍ତି ବଦଳାଇପାରିବେ) ପର୍ଯ୍ୟନ୍ତ ଅପେକ୍ଷା ନ କରି ସଙ୍ଗେ ସଙ୍ଗେ ଘରୋଇ ସେକ୍ଟରରେ ଭର୍ତ୍ତି ହେଉଛନ୍ତି। ଏହା ଗୁରୁତର ଅନିୟମିତତା ବୋଲି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) ଗୁରୁବାର କହିଛନ୍ତି। ବାବୁମାନଙ୍କୁ ଅବସର ପରବର୍ତ୍ତୀ ଚାକିରି ଦେବା ପୂର୍ବରୁ ସମସ୍ତ ସରକାରୀ ସଂସ୍ଥା ବାଧ୍ୟତାମୂଳକ ଭିଜିଲାନ୍ସ ମଞ୍ଜୁରୀ ନେବା ଆବଶ୍ୟକ ବୋଲି ସିଭିସି ତାଙ୍କ ନିର୍ଦ୍ଦେଶନାମାରେ କହିଛନ୍ତି। ଅନେକ କ୍ଷେତ୍ରରେ ଦେଖାଯାଉଛି, ସରକାରୀ ବାବୁମାନେ ଅବସର ଗ୍ରହଣ କରିବା ପରେ ପରେ ଘରୋଇ ସଂସ୍ଥାରେ ପୂର୍ଣ୍ଣକାଳୀନ କିମ୍ବା ଚୁକ୍ତିଭିତ୍ତିକ ନିଯୁକ୍ତି ଗ୍ରହଣ କରୁଛନ୍ତି। ଏଥିପାଇଁ ଥିବା କୁଲିଂ ଅଫ୍ ସମୟ ପ୍ରତି ସେମାନେ ଧ୍ୟାନ ଦେଉନାହାନ୍ତି। ଏହା ସେମାନଙ୍କ କ୍ଷେତ୍ରରେ ଗୁରୁତର ଅସଦାଚରଣ। ସିଭିସି କେନ୍ଦ୍ର ସରକାରଙ୍କ ସବୁ ବିଭାଗର ସଚିବ ଏବଂ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ମୁଖ୍ୟମାନଙ୍କୁ ନିର୍ଦ୍ଦେଶନାମା ଜାରି କରିବା ଅବସରରେ ଏହା କହିଛନ୍ତି। ଅବସର ପରେ କୌଣସି ଘରୋଇ ସେକ୍ଟରରେ ନିଯୁକ୍ତି ଗ୍ରହଣ କରିବା ପୂର୍ବରୁ କର୍ମଚାରୀମାନେ ଯେପରି କୁଲିଂ ଅଫ୍ ସମୟକୁ ମାନିବେ ସେଥିପାଇଁ ସମସ୍ତ ସରକାରୀ ସଂସ୍ଥା ନିଜ କର୍ମଚାରୀମାନଙ୍କ ଲାଗି ଉପଯୁକ୍ତ ନିୟମାବଳୀ ଓ ଗାଇଡ୍‌ଲାଇନ ପ୍ରସ୍ତୁତ କରିବାକୁ ସିଭିସି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ନିୟମର ଉଲ୍ଲଂଘନ ହେଲେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ରଖିବାକୁ କମିଶନ କହିଛନ୍ତି।


Kalinga Institute of Industrial Technology (KIIT)
Deemed to be University (Established U/S 3 of UGC Act, 1956), Bhubaneswar, Odisha, India

Rank 1 MHRD ARIIA Among Self-Financing Institutes of India | Institution of Eminence



KIITEE 2021
APPLY ONLINE
Last Date 11th June 2021

No Application / Examination Fee
Computer Based Online Test
through KIIT websites
www.kiitee.kiit.ac.in / www.kiit.ac.in

B.Tech (4 Years) in following branches of Engineering :
Civil, Mechanical, Electrical, Electronics and Telecommunication, Computer Science, Information Technology, Electronics and Electrical, Electronics & Instrumentation, Mechanical (Automobile), Aerospace, Mechatronics, Electronics & Computer Science, Computer Science & Communication, Chemical Technology, Computer Science & Systems.

ACADEMIC PROGRAMMES AVAILABLE

Bachelors Programmes
- B.Tech (4 Yrs)
- B.Arch (5 Yrs)
- B.Tech (Lateral Entry) (3 Yrs)
- B.Sc. Nursing (4 Yrs)
- Bachelor of Design (Fashion / Textile) (4 Yrs)
- BA.LLB, BBA.LLB & B.Sc.LLB (5 Yrs)
- Bachelor of Film & Television Production (3 Yrs)
- BBA (3 Yrs)
- BCA (3 Yrs)
- B.Tech & M.Tech - Biotechnology (Dual Degree) (5 Yrs)
- B.Sc. Computer Science (3 Yrs)
- BA (Hons) in English / Economics / Sociology / Psychology (3Yrs)
- B.Com. (Hons) (3 Yrs)

Masters Programmes
- M.Sc Biotechnology (2 Yrs)
- M.Sc Applied Microbiology (2 Yrs)
- Master of Public Health (2 Yrs)
- Master of Hospital Administration (2 Yrs)
- Master of Mass Communication (Integrated) (5 Yrs)
- MA in English / Economics / Sociology / Psychology (2Yrs)
- M.Sc. Nursing (2 Yrs)
- MCA (2 Years)
- M.Tech. (2 Yrs)
- MA in Yoga Therapy (2 Yrs)
- M.Com. (2 Yrs)
- Integrated M.Sc. & Ph.D (Phy / Chem / Math) (5 Yrs)
- LLM (1 Yr)
- Integrated M.Tech & PhD (5 Yrs)
- M.Arch (2 Yrs)
- Master of Mass Communication (2 Yrs)
- MBA (2 Yrs)
- MBA-Rural Management (2 Yrs)
- MBA-(Agribusiness Management) (2 Yrs)
- Ph.D Programmes

Tier 1 Accreditation Washington Accord NBA | 24th Among Indian Universities Ranked by NIRF, Govt of India | ISAS | NAAC A | IET | STARS | THE

Campus Placement 2021 Highlights*
140 companies | Rs. 30 lakh highest CTC offered* | 4000+ job offers | 2500+ students (80%) already placed | 1600+ students with multiple job offers
*B.Tech Programme

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India, Ph: 8114373311/12/13/14, 0674 - 2742103, 2741747, Fax : 0674 - 2741465
Email: admission@kiit.ac.in, Websites: www.kiitee.kiit.ac.in & www.kiit.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

ଧରିତ୍ରୀ
DHARITRI
ଶୁକ୍ରବାର, ୪ ଜୁନ୍, ୨୦୨୧

## ମୋଦି-ହାରିସ୍ ଆଲୋଚନା

କୋଭିଡ୍ ଟିକା ଯୋଗାଣ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍‌ଙ୍କ ସହ କଥା ହୋଇଛନ୍ତି। ମହାମାରୀବେଳେ ଆମେରିକା ସରକାରଙ୍କ ସହଯୋଗ ପାଇଁ ମୋଦି ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଟିକା ଉତ୍ପାଦନ କ୍ଷେତ୍ରରେ ଆମେରିକା ଏବଂ ଭାରତ ମଧ୍ୟରେ ସ୍ୱାସ୍ଥ୍ୟସେବା ସମ୍ପର୍କିତ ଯୋଗାଣ ଶୃଙ୍ଖଳାକୁ ମଜଭୁତ କରିବା ଉପରେ ଉଭୟେ ଆଲୋଚନା କରିଥିଲେ। ସ୍ଥିତି ସ୍ୱାଭାବିକ ହେବା ପରେ ହାରିସ୍‌ଙ୍କୁ ମୋଦି ଭାରତକୁ ଆମନ୍ତ୍ରଣ କରିଛନ୍ତି।



## ସଂକ୍ଷେପରେ

### ବଗିଚାରେ ୧୬ ମୟୂର ମୃତ

**ପ୍ରତାପଗଡ଼(ୟୁପି), ୩।୬:** ଉତ୍ତରପ୍ରଦେଶର ପ୍ରତାପଗଡ଼ ଜିଲା ବୈଜଲପୁର ଗ୍ରାମ ବଗିଚାରେ ବୁଧବାର ସନ୍ଧ୍ୟାରେ ୧୬ ମୟୂରଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ହଠାତ୍ ଏତେ ସଂଖ୍ୟାରେ ମୟୂରଙ୍କ ମୃତ୍ୟୁକୁ ନେଇ ଉକ୍ତ ଅଞ୍ଚଳରେ ଆତଙ୍କ ଦେଖାଦେଇଛି। ପ୍ରଥମେ ଗ୍ରାମବାସୀ ଗୋଟିଏ ମୟୂର ମରିପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେବା ପରେ ଅଧିକାରୀମାନେ ଆସି ମୃତ ମୟୂରକୁ ନେଇଯାଇଥିଲେ। ଏହାର କିଛି ସମୟରେ ଆହୁରି ୧୫ ମୟୂରଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଉପଖଣ୍ଡ ବନ ଅଧିକାରୀଙ୍କ କହିବା ମୁତାବକ ନିମୋନିଆ ଯୋଗୁ ମୟୂରଗୁଡ଼ିକର ମୃତ୍ୟୁ ଘଟିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି।

### ଆଲିଗଡ଼ରେ ପୁଣି ମଦମୃତ୍ୟୁ

**ଆଲିଗଡ଼, ୩।୬(ପି.ଟି.):** ଉତ୍ତରପ୍ରଦେଶର ଆଲିଗଡ଼ ଜିଲାରେ ବିଷାକ୍ତ ମଦ ପିଇ ୩୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାର ଦିନ କେଇଟା ନ ଯାଉଣୁ ସେଠାରେ ପୁଣି ମଦମୃତ୍ୟୁ ଅଭିଯୋଗ ହୋଇଛି। ବୁଧବାର ରାତିରେ ରୋହେରା ଗ୍ରାମ ନିକଟରେ କେତେଜଣ ଇଟାଭାଟି ଶ୍ରମିକ ନିକଟସ୍ଥ କେନାଲରେ ଫିଙ୍ଗାଯାଇଥିବା ବିଷାକ୍ତ ମଦ ପିଇ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨୨ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଚଢ଼ାଉ ଭୟରେ ବିଷାକ୍ତ ମଦ କାରବାର କରୁଥିବା ଲୋକେ ଏହାକୁ ଉକ୍ତ କେନାଲରେ ଫିଙ୍ଗିଦେଇଥିବା ଏସ୍‌ଏସ୍‌ପି କଳାନିଧି ନୈଥାନି କହିଛନ୍ତି।

### ସ୍ପୁଟନିକ ଭି ଉତ୍ପାଦନ ଲାଗି ସିରମ୍‌ର ଆବେଦନ

**ନୂଆଦିଲ୍ଲୀ, ୩।୬(ପି.ଟି.):** ରୁଷିଆ ଦ୍ୱାରା ବିକଶିତ କୋଭିଡ୍ ଟିକା ସ୍ପୁଟ୍‌ନିକ ଭି ଉତ୍ପାଦନ କରିବା ଲାଗି ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ) ଭାରତର ଔଷଧ ନିୟନ୍ତ୍ରକ (ଡିସିଜିଆଇ)ଙ୍କ ଅନୁମତି ଲୋଡ଼ିଛି। ଏସ୍‌ଆଇଆଇ ମସ୍କୋର ଗାମାଲେୟା ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏପିଡେମିଓଲୋଜି ଆଣ୍ଡ ମାଇକ୍ରୋବାୟୋଲୋଜି ସହ ମିଳିତ ଭାବେ ପୁଣେର ହାଡପ୍‌ସାର କାରଖାନାରେ ଏହି ଟିକା ପ୍ରସ୍ତୁତ କରିବ। ବିକାଶ ଓ ଗବେଷଣା ପାଇଁ ଗତ ମାସ ୧୭ରେ ଏସ୍‌ଆଇଆଇ ବାୟୋଟେକ୍‌ନୋଲୋଜି ବିଭାଗର ଜେନେଟିକ୍ ମାନିପୁଲେଶନ ରିଭ୍ୟୁ କମିଟିରେ ଆବେଦନ କରିଥିଲା। ରୁଷିଆର ସ୍ପୁଟ୍‌ନିକ ଭି ଟିକା ଏବେ ଭାରତରେ ଡ. ରେଡ୍ଡୀସ୍ ଲାବରେଟୋରିଜ୍ ପ୍ରସ୍ତୁତ କରୁଛି।

### ଟିଇଟି ସାର୍ଟିଫିକେଟ ଆଜୀବନ ବୈଧ

**ନୂଆଦିଲ୍ଲୀ, ୩।୬:** ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି) ସାର୍ଟିଫିକେଟ୍‌ର ବୈଧତା ପୂର୍ବରୁ ୭ ବର୍ଷ ରହିଥିବାବେଳେ ଏହାକୁ କେନ୍ଦ୍ର ସରକାର ଜୀବନବ୍ୟାପୀ କରିଛନ୍ତି। ଗୁରୁବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ ଘୋଷଣା କରିଥିବା ଏହି ବର୍ଦ୍ଧିତ ବୈଧତା ସମୟସୀମା ୨୦୧୧ରୁ ପଛୁଆ ଭାବେ ଲାଗୁ ହେବ। ଯେଉଁମାନଙ୍କର ସାର୍ଟିଫିକେଟ ବୈଧତା ସମୟ ୭ ବର୍ଷ ଅତିକ୍ରମ ହୋଇଯାଇଛି, ସେମାନଙ୍କୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ବୈଧତା ବଢ଼ାଇବା କିମ୍ବା ସାନି ସାର୍ଟିଫିକେଟ ଇସ୍ୟୁ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଶିକ୍ଷା କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ଆଗ୍ରହୀ ପ୍ରାର୍ଥୀମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ବଢ଼ାଇବାରେ ଏହା ଏକ ସକାରାତ୍ମକ ପଦକ୍ଷେପ ବୋଲି ପୋଖରିୟାଲ କହିଛନ୍ତି। ସ୍କୁଲରେ ଶିକ୍ଷକ ନିଯୁକ୍ତି ଲାଗି ଟିଇଟି ଅତ୍ୟାବଶ୍ୟକ ଯୋଗ୍ୟତା। ୨୦୧୧ ଫେବୃୟାରୀ ୧୧ରେ ନ୍ୟାଶନାଲ କାଉନସିଲ୍ ଅଫ୍ ଟିଚର୍ସ ଏଜୁକେଶନ (ଏନ୍‌ସିଟିଇ) ଜାରି କରିଥିବା ଗାଇଡ୍‌ଲାଇନ ଅନୁଯାୟୀ ରାଜ୍ୟ ସରକାର ଟିଇଟି ପରୀକ୍ଷା କରିବେ। ଉକ୍ତ ସାର୍ଟିଫିକେଟର ବୈଧତା ଟିଇଟି ଉତ୍ତୀର୍ଣ୍ଣ ହେବା ତାରିଖଠାରୁ ୭ ବର୍ଷ ରଖାଯାଇଥିଲା।

### ରାମଦେବଙ୍କୁ ସମନ

**ନୂଆଦିଲ୍ଲୀ, ୩।୬(ପି.ଟି.):** ଏଲୋପାଥି ଔଷଧ ବିରୋଧରେ ମନ୍ତବ୍ୟ ଦେବା ସହ ପତଞ୍ଜଳି ପ୍ରସ୍ତୁତ କରୋନିଲ୍ କିଟ୍ କୋଭିଡ୍-୧୯ରୁ ଆରୋଗ୍ୟ କରୁଥିବା ନେଇ ଦାବି କରିଆସୁଥିବା ଯୋଗଗୁରୁ ରାମଦେବଙ୍କୁ ଦିଲ୍ଲୀ ହାଇକୋର୍ଟ ଗୁରୁବାର ସମନ ଜାରି କରିଛନ୍ତି। କୌଣସି ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ନ ଦେବା ଲାଗି ହାଇକୋର୍ଟ ରାମଦେବଙ୍କୁ ତାଙ୍କ ଓକିଲ ମାଧ୍ୟମରେ କହିଛନ୍ତି। ଦିଲ୍ଲୀ ମେଡିକାଲ ଆସୋସିଏଶନ (ଡିଏମ୍‌ଏ) ରାମଦେବଙ୍କ ବିରୋଧରେ ମାମଲା ଦାଏର କରିଥିଲା। ତିନି ସପ୍ତାହ ମଧ୍ୟରେ ଜବାବ ରଖିବାକୁ ହାଇକୋର୍ଟ କହିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୧୩କୁ ଧାର୍ଯ୍ୟ କରିଛନ୍ତି।



## 'ହସିନ୍ ଦିଲ୍‌ରୁବା' ତାପସୀ ପନ୍ନୁ

ଅଭିନେତ୍ରୀ ତାପସୀ ପନ୍ନୁଙ୍କ ପ୍ରତୀକ୍ଷିତ ଫିଲ୍ମ 'ହସିନ୍ ଦିଲ୍‌ରୁବା' ଆସନ୍ତା ଜୁଲାଇ ୨ରେ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ରିଲିଜ ହେବ। ଫିଲ୍ମର ଟିମ୍ ପକ୍ଷରୁ ଏକ ଛୋଟ ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଜାରି ସହ ଏହି ସୂଚନା ଦିଆଯାଇଛି। 'କାହାନୀ ଆସିକାନା, ରାଜ୍ କାତିଲାନା' କ୍ଲିପ୍‌ର କ୍ୟାପଶନ ରହିଛି। ଭିନିଲ୍ ମାଥ୍ୟୁଙ୍କ ନିର୍ଦ୍ଦେଶିତ ଏବଂ କନିକା ଧିଲନଙ୍କ ଲିଖିତ ଏହି ମର୍ଡର ମିଷ୍ଟ୍ରି ଫିଲ୍ମ ଗତ ବର୍ଷ ସେପ୍ଟେମ୍ବର ୧୮ରେ ରିଲିଜ ପାଇଁ ସ୍ଥିର ହୋଇଥିଲା। ହେଲେ କରୋନା ସଂକ୍ରମଣ ବୃଦ୍ଧି ଯୋଗୁ ତାହାକୁ ସ୍ଥଗିତ ରଖାଯାଇଥିଲା। ଏଥିରେ ବିକ୍ରାନ୍ତ ମେସି ଓ ହର୍ଷବର୍ଦ୍ଧନ ରାଣେ ମଧ୍ୟ ରହିଛନ୍ତି।

## ଟାଇଟ୍ ପ୍ୟାଣ୍ଟ ପିନ୍ଧି ପାର୍ଲାମେଣ୍ଟରୁ ବିଦା



ଟାଇଟ୍ ଟ୍ରାଉଜର ପିନ୍ଧି ପାର୍ଲାମେଣ୍ଟ ଆସିଥିବା ତାଞ୍ଜାନିଆର ଜଣେ ମହିଳା ଏମ୍‌ପିଙ୍କୁ ମଙ୍ଗଳବାର ବାଚସ୍ପତି ଗୃହରୁ ବିଦା କରିଦେବାକୁ ନେଇ ବିବାଦ ଦେଖାଦେଇଛି। ଏମ୍‌ପି କଣ୍ଡେଷ୍ଟର ସିଭ୍ୱାଲେ ନ୍ୟାଶନାଲ ଆସେମ୍ବ୍ଲିରେ ଉପସ୍ଥିତ ହେବା ପରେ ସେ ବିଚିତ୍ର ପୋଷାକ ପିନ୍ଧି ଆସିଥିବା ବାଚସ୍ପତି ଜବ୍ ନଡୁଗଇ କହିବା ସହ ଗୃହରୁ ବାହାରି ଶାଳୀନତା ଢଙ୍ଗର ପୋଷାକ ପିନ୍ଧିବାକୁ ନିର୍ଦ୍ଦେଶ ଦେଇଥିଲେ। ଏପରି ପୋଷାକ ପିନ୍ଧି ପାର୍ଲାମେଣ୍ଟକୁ ଆସିଥିବାରୁ ସିଭ୍ୱାଲେଙ୍କୁ କ୍ଷମା ମାଗିବାକୁ ମଧ୍ୟ କହିଥିଲେ। ଜବ୍ ନଡୁଗଇଙ୍କ ଏହି ବିଚାରକୁ ଅନ୍ୟ ଜଣେ ମହିଳା ଏମ୍‌ପି ହୁସେନ୍ ଅମର ବିରୋଧ କରିବାରୁ ତାଙ୍କୁ ମଧ୍ୟ ବାଚସ୍ପତି ଗୃହରୁ ବାହାର କରିଦେଇଥିଲେ।

# ସରିଆସୁଛି ନେତାନ୍ୟାହୁ ଯୁଗ

## ଇସ୍ରାଏଲ୍‌ରେ ଟଳିଲା ଅଚଳାବସ୍ଥା

୨ ବର୍ଷରୁ କମ୍ ଅବଧି ମଧ୍ୟରେ ଚାରି ଚାରିଥର ନିର୍ବାଚନ। ଇସ୍ରାଏଲ୍‌ରେ ତଥାପି ଲାଗିରହିଥିଲା ରାଜନୈତିକ ଅସ୍ଥିରତା। ଶେଷରେ ମେଣ୍ଟ ବାନ୍ଧି ଏହି ଅଚଳାବସ୍ଥା ଦୂର କରିବାକୁ ନିଷ୍ପତ୍ତି ନେଇଛନ୍ତି ବିରୋଧୀ। ୟେଶ ଏଟିଡ୍, ୟାମିନା, କହୋଲ ଲାଭାନ୍, ନ୍ୟୁ ହୋପ୍, ଲେବର, ଇସ୍ରାଏଲ୍ ବେଟେଇନୁ, ମେରେଜ ଏବଂ ୟୁନାଇଟେଡ୍ ଆରବ ଲିଷ୍ଟ ଦଳ ମିଶି ମିଳିତ ସରକାର ଗଠନ ପାଇଁ ସହମତି ପ୍ରକାଶ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ପରେ ୭୧ ବର୍ଷୀୟ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଟୁଇଟ୍ କରି ନିଜ ପ୍ରଥମ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, ଭୋଟ ପାଇ ନିର୍ବାଚିତ ହୋଇଥିବା ସମସ୍ତ ଦକ୍ଷିଣପନ୍ଥୀ ଏମ୍‌ପି ଏହି ବାମପନ୍ଥୀ ସରକାରକୁ ବିରୋଧ କରିବା ଜରୁରୀ।



**ଜେରୁଜେଲମ୍, ୩।୬**

ଇସ୍ରାଏଲ୍ ଷ୍ଟ୍ରଙ୍ଗମ୍ୟାନ୍ ବେଞ୍ଜାମିନ ନେତାନ୍ୟାହୁଙ୍କୁ ଅପଦସ୍ଥ କରିବା ପାଇଁ ବିରୋଧୀଙ୍କ ଅଭିଯାନ ସଫଳ ହୋଇଥିବାରୁ ତାଙ୍କ ପ୍ରଧାନମନ୍ତ୍ରୀ ଚୌକି ଏବେ ବିପଦରେ। ବିରୋଧୀ ଦଳଗୁଡ଼ିକ ଗୁରୁବାର ଏକ ସମ୍ଭାବ୍ୟ ଜାତୀୟ ଏକତା ସରକାର ଗଠନ ଦିଗରେ ଅଗ୍ରସର ହୋଇଛନ୍ତି। ଇହୁଦୀ ରାଷ୍ଟ୍ରର ଇତିହାସରେ ସର୍ବାଧିକ କାଳ ପ୍ରଧାନମନ୍ତ୍ରୀ ରହିଥିବା ନେତାନ୍ୟାହୁଙ୍କୁ କ୍ଷମତାରୁ ଦୂରେଇ ରଖିବା ପାଇଁ ଶେଷ ମୁହୂର୍ତ୍ତରେ ସେମାନଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଛି।

ରାଜନୈତିକ ବିଚାରବିମର୍ଶ ପରେ ୮ଟି ଦଳକୁ ନେଇ ମେଣ୍ଟ ସରକର ଗଠନ ଲାଗି ମଧ୍ୟମମାର୍ଗୀ ୟେର୍ ଲେପିଡ୍‌ଙ୍କ ୟେଶ୍ ଏଟିଡ୍ ପାର୍ଟି ପକ୍ଷରୁ ଘୋଷଣା କରାଯାଇଛି। ଦକ୍ଷିଣପନ୍ଥୀ ନେତା ତଥା ୟେମିନା ପାର୍ଟି ମୁଖ୍ୟ ନେଫ୍‌ଟାଲିଙ୍କ ସହ ଲେପିଡ୍ ପାଳିକରି ପ୍ରଧାନମନ୍ତ୍ରୀ ହେବେ। ପ୍ରଥମେ ନେଫ୍‌ଟାଲି ପ୍ରଧାନମନ୍ତ୍ରୀ ଆସନରେ ବସିବେ ଓ ପରେ ୫୭ ବର୍ଷୀୟ ଲେପିଡ୍‌ଙ୍କୁ କ୍ଷମତା ହସ୍ତାନ୍ତର କରିବେ। ସେହି ସମୟ ପର୍ଯ୍ୟନ୍ତ ଲେପିଡ୍ ଦେଶର ବହିର୍ବ୍ୟାପାର ମନ୍ତ୍ରୀ ପଦ ସମ୍ଭାଳିବେ। ସରକାର ଗଠନ ପାଇଁ ବୁଧବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ମହଲତ ଦିଆଯାଇଥିବାବେଳେ ଏହାର ମାତ୍ର ଘଣ୍ଟାଏ ପୂର୍ବରୁ ରାଷ୍ଟ୍ରପତି ରେଉଭେନ୍ ରିଭ୍ଲିନ୍ ଓ ପାର୍ଲାମେଣ୍ଟ (ନେସେଟ୍)ର ବାଚସ୍ପତି ୟାରିଭ୍ ଲେଭିନ୍‌ଙ୍କୁ ଏହି ଡିଲ୍ ସମ୍ପର୍କରେ ଲେପିଡ୍ ଅବଗତ କରାଇଥିଲେ। ୧୨୦ ସଦସ୍ୟ ବିଶିଷ୍ଟ ନେସେଟ୍ ନୂଆ ସରକାରଙ୍କୁ ନେଇ ଯଥାଶୀଘ୍ର ସମ୍ଭବ ଆରମ୍ଭ ହେବ ବୋଲି ରାଷ୍ଟ୍ରପତି କହିଛନ୍ତି। ଏହି ଅବସରରେ ସେ ଲେପିଡ୍‌ଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ନୂଆ ରାଜନୈତିକ ଘଟଣାକ୍ରମକୁ କେତେକେ ଐତିହାସିକ ବୋଲି ଅଭିହିତ କରିଛନ୍ତି।

ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ଚୌକି ଉପରେ ରାଷ୍ଟ୍ରବାଦୀ କଠୋରପନ୍ଥୀ ନେତା ନେଫଟାଲିଙ୍କ ନଜର ଦୀର୍ଘ ସମୟ ଧରି ରହିଥିଲା। ଗତ ସାଧାରଣ ନିର୍ବାଚନରେ ନେଫ୍‌ଟାଲିଙ୍କ ୟାମିନା ପାର୍ଟି ମାତ୍ର ୭ ଆସନ ଦଖଲ କରି ପଞ୍ଚମ ସ୍ଥାନରେ ରହିଥିଲା। କିନ୍ତୁ ବର୍ତ୍ତମାନର ରାଜନୈତିକ ସ୍ଥିତି ତାଙ୍କୁ ପ୍ରଧାନମନ୍ତ୍ରୀ ଆସନରେ ବସାଇବାକୁ ଯାଉଛି। ୟାମିନା ପାର୍ଟିକୁ ଅନ୍ୟ ୩ ଦଳ ସମର୍ଥନ କରୁଛନ୍ତି, ଯାହାଙ୍କର ୭ ଜଣ ଲେଖାଏ ଏମ୍‌ପି ରହିଛନ୍ତି। ନେଫ୍‌ଟାଲିଙ୍କ ନେତୃତ୍ୱରେ ଇସ୍ରାଏଲ୍‌ରେ ସରକାର ଗଠନକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। କାରଣ କୌଣସି ଗୋଷ୍ଠୀ ପାଖରେ ସଂଖ୍ୟାଗରିଷ୍ଠତା ନାହିଁ। ଯଦି ମେଣ୍ଟ ସରକାର ଗଠନ ହୁଏ ତେବେ ନେଫ୍‌ଟାଲିଙ୍କୁ ନେଇ ହିଁ ଗଢ଼ାହେବ। ନେଫ୍‌ଟାଲିଙ୍କୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଓ ବିରୋଧୀ ଦଳ ନେତା ୟେର ଲେପିଡ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ପଦ ଭାଗ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଶେଷରେ ଅନେକ ବିଚାରଗତ ମତପାର୍ଥକ୍ୟ ସତ୍ତ୍ୱେ ଦକ୍ଷିଣପନ୍ଥୀ ନେଫ୍‌ଟାଲି ମଧ୍ୟମମାର୍ଗୀ ୟେର ଲେପିଡ୍‌ଙ୍କ ସହ ଯିବା ପାଇଁ ନିଷ୍ପତ୍ତି ନେଲେ।

## ପ୍ରଧାନମନ୍ତ୍ରୀ ହେବେ ନେଫ୍‌ଟାଲି

ଯଦି ଆସନ୍ତା ସପ୍ତାହରେ ନୂଆ ମେଣ୍ଟ ସରକାର ପାର୍ଲାମେଣ୍ଟ ଦଖଲ କରେ ତେବେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଆସନକୁ ଦଖଲ କରିବେ ୪୯ ବର୍ଷୀୟ ଟେକ୍ନୋଲୋଜି ମିଲିୟନେୟାର ତଥା ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ନେଫ୍‌ଟାଲି ବେନେଟ। ଇସ୍ରାଏଲ୍ ଜନ୍ମିତ ଆମେରିକୀୟ ପ୍ରବାସୀ ନେଫ୍‌ଟାଲି ପୂର୍ବରୁ ଏଲିଟ୍ ମିଲିଟାରି କମାଣ୍ଡୋ ୟୁନିଟ୍‌ରେ ଟେକ୍ ଏଣ୍ଟରପ୍ରିନ୍ୟୁର୍ ଭାବେ କାର୍ଯ୍ୟ କରିଛନ୍ତି। ପେମେଣ୍ଟ ସିକ୍ୟୁରିଟି କମ୍ପାନୀ ସାୟୋଟା ଆଇଏନ୍‌ସି ଡଟ୍'ର ସେ ଥିଲେ ସହପ୍ରତିଷ୍ଠାତା। ନେଫ୍‌ଟାଲିଙ୍କୁ ଗୋଟିଏ ସମୟରେ ନେତାନ୍ୟାହୁଙ୍କ ଘନିଷ୍ଠ ସହଯୋଗୀ ବିବେଚନା କରାଯାଉଥିଲା। ନେତାନ୍ୟାହୁଙ୍କଠାରୁ ଅଲଗା ହେବା ପୂର୍ବରୁ ସେ ୨୦୦୬ରୁ ୨୦୦୮ ପର୍ଯ୍ୟନ୍ତ ଇସ୍ରାଏଲ୍‌ର ଚିଫ୍ ଅଫ୍ ଷ୍ଟାଫ୍ ରହିଥିଲେ। ନେତନ୍ୟାହୁଙ୍କ ଲିକୁଡ୍ ପାର୍ଟି ଛାଡ଼ିବା ପରେ ନେଫ୍‌ଟାଲି ଦକ୍ଷିଣପନ୍ଥୀ ଧର୍ମୀୟ ଇହୁଦୀ ହୋମ୍ ପାର୍ଟିରେ ଯୋଗଦେଇଥିଲେ। ୨୦୧୩ ସାଧାରଣ ନିର୍ବାଚନରେ ନେଫ୍‌ଟାଲି ପାର୍ଲାମେଣ୍ଟକୁ ପ୍ରଥମ ଥର ପାଇଁ ନିର୍ବାଚିତ ହୋଇଆସିଥିଲେ।



ନେଫ୍‌ଟାଲି ବେନେଟ

# କେରଳରେ ମୌସୁମୀ

**ଥିରୁଭାନନ୍ତପୁରମ୍, ୩।୬**

ଦକ୍ଷିଣ-ପଶ୍ଚିମ ମୌସୁମୀ ଗୁରୁବାର କେରଳ ଛୁଇଁଛି। ଜୁନ୍ ୧ ବଦଳରେ ଦୁଇ ଦିନ ବିଳମ୍ବରେ ମୌସୁମୀ ବାୟୁ କେରଳ ଛୁଇଁଥିବା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଛି। ଆଇଏମ୍‌ଡିର ବିବୃତି ମୁତାବକ, ଗତ ଦୁଇ ଦିନରେ ୧୪ ରେନ୍‌ଫଲ୍ ମନିଟରିଂ ଷ୍ଟେଶନର ୬୦ରୁ ଅଧିକ ପ୍ରତିଶତରେ କ୍ରମାଗତ ଭାବେ ୨.୫ ମିଲିମିଟର କିମ୍ବା ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏହା ସହ ଦକ୍ଷିଣ-ପଶ୍ଚିମ ମୌସୁମୀ ଆସନ୍ତା ୨ ଦିନରେ ଦକ୍ଷିଣ ଆରବ ସାଗର ସମେତ କେରଳ ଓ ଲାକ୍ଷାଦ୍ୱୀପ ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣ୍ଣାଟକର ଅବଶିଷ୍ଟ ସ୍ଥାନ, ରୟାଲସୀମା ଏବଂ କେନ୍ଦ୍ରୀୟ ବଙ୍ଗୋପସାଗର ଦେଇ ଆଗକୁ ବଢ଼ିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଗତ ମେ'ରେ କେରଳରେ ସ୍ୱାଭାବିକଠାରୁ ଭଲ ବର୍ଷା ହୋଇଛି।



ମେ' ୨୧ରେ ମୌସୁମୀ ଆଣ୍ଡାମାନରେ ପହଞ୍ଚିଥିଲା। ଚଳିତ ବର୍ଷ ମୌସୁମୀ ସ୍ୱାଭାବିକ ରହିବା ସହ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ୧୦୧ ପ୍ରତିଶତ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବରୁ ଆକଳନ କରିଛି। ଚଳିତ ଥର ଦକ୍ଷିଣ ଓ ଉତ୍ତର ପଶ୍ଚିମ ଭାରତରେ ସ୍ୱାଭାବିକ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ମଧ୍ୟ ଭାରତରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାକୁ ଥିବାବେଳେ ଉତ୍ତର-ପୂର୍ବ ଭାରତରେ ସାମାନ୍ୟ କମ୍ ବର୍ଷିବ ବୋଲି ଆଇଏମ୍‌ଡି ଅନୁମାନ କରିଛି।

# ଗରିବଙ୍କୁ ରାଶନ କାର୍ଡ ଦିଅ

## ରାଜ୍ୟକୁ କେନ୍ଦ୍ରର ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୩।୬(ପି.ଟି.):** ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ଅଧୀନକୁ ଆଣିବା ଲାଗି କେନ୍ଦ୍ର ସରକାର ଆଡଭାଇଜରି ଜାରି କରିଛନ୍ତି। ସେମାନଙ୍କୁ ତୁରନ୍ତ ରାଶନ କାର୍ଡ ଯୋଗାଇଦେବା ନିମନ୍ତେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପରାମର୍ଶ ଦିଆଯାଇଛି। ମହାମାରୀ ସଙ୍କଟ କାଳରେ ଅତ୍ୟନ୍ତ ଗରିବ ଶ୍ରେଣୀର ଲୋକମାନଙ୍କ ପାଇଁ ଖାଦ୍ୟଶସ୍ୟ ଅତି ଜରୁରୀ ହୋଇଥିବାବେଳେ ରାଶନ କାର୍ଡ ନ ଥିବାରୁ ସେମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଏନ୍‌ଏଫଏସ୍‌ଏ ଅଧୀନରେ ୧.୯୭ କୋଟି ହିତାଧିକାରୀ ସାମିଲ କରିବା ସୁଯୋଗ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଖରେ ରହିଛି। ବର୍ତ୍ତମାନ ସୁଦ୍ଧା ୧୪ ରାଜ୍ୟ ସେମାନଙ୍କ କୋଟା ସମ୍ପୂର୍ଣ୍ଣ ପୂରଣ କରିଛନ୍ତି। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଖାଦ୍ୟ ନିରାପତ୍ତା ଆଇନ ପରିସରଭୁକ୍ତ କରାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଖାଦ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବାସହୀନ ଲୋକେ, ଜରି ଗୋଟାଳି ଏବଂ ରିକ୍ସା ଚାଳକଙ୍କ ଭଳି ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ମନ୍ତ୍ରଣାଳୟ ପରାମର୍ଶ ଦେଇଛି।

# ପରକୀୟା ପ୍ରୀତି ଥିଲେ ବି ମା' ନେଇପାରିବେ ପିଲାଙ୍କ ଦାୟିତ୍ୱ

**ଚଣ୍ଡିଗଡ଼, ୩।୬:** ପରକୀୟା ପ୍ରୀତି ଥିଲେ ବି ଜଣେ ମହିଳା ଭଲ ମା' ନୁହନ୍ତି ବୋଲି ସିଦ୍ଧାନ୍ତ ହୋଇପାରିବ ନାହିଁ। ଏହି ଆଧାରରେ ସନ୍ତାନର ସୁରକ୍ଷା ଦାୟିତ୍ୱ ତାଙ୍କୁ ନ ଦିଆଯିବାକୁ ନିଷ୍ପତ୍ତି ନିଆଯାଇପାରିବନି ବୋଲି ପଞ୍ଜାବ ଓ ହରିୟାଣା ହାଇକୋର୍ଟ କହିଛନ୍ତି।

ପଞ୍ଜାବର ଜଣେ ମହିଳା ଅଷ୍ଟ୍ରେଲିଆ ନାଗରିକ ଥିବା ତାଙ୍କ ପୂର୍ବତନ ସ୍ୱାମୀଙ୍କଠାରୁ ୪ ବର୍ଷୀୟ ଝିଅଙ୍କ ଲାଳନପାଳନ ଦାୟିତ୍ୱ ନେବା ପାଇଁ କୋର୍ଟରେ ପିଟିଶନ ଦାଖଲ କରିଥିଲେ। ଜଷ୍ଟିସ୍ ଅନୁପିନ୍ଦର ସିଂ ଗ୍ରେୱାଲ ପିଟିଶନ ଗ୍ରହଣ କରି ମହିଳା ଜଣକ ଅଷ୍ଟ୍ରେଲିଆରେ ରହୁଥିବା ତାଙ୍କ ଝିଅର ଦାୟିତ୍ୱ ନେଇପାରିବେ ବୋଲି ରାୟ ଦେଇଥିଲେ। ମହିଳାଙ୍କ ଅନ୍ୟ କାହା ସହ ସମ୍ପର୍କ ରହିଥିବା ନେଇ ତାଙ୍କ ସ୍ୱାମୀ ଅଭିଯୋଗ ଆଣିଥିଲେ। ପୁରୁଷ ପ୍ରଧାନ ସମାଜରେ ନାରୀଙ୍କ ଚରିତ୍ର ଉପରେ କଥା ଉଠିବା ସାଧାରଣ କଥା ଏବଂ ଅନେକ ସମୟରେ ଏହା ଭିତ୍ତିହୀନ ହୋଇଥାଏ। ମହିଳାଙ୍କ ଅନ୍ୟ କାହା ସହ ସମ୍ପର୍କ ଥିଲେ ମଧ୍ୟ ସେ ଜଣେ ଭଲ ମା' ହୋଇପାରିବେନି ବୋଲି କହିବା ଉଚିତ ନୁହେଁ ବୋଲି କୋର୍ଟ କହିଛନ୍ତି।



## ଦିଲ୍ଲୀରେ ୨ ମାସରେ ଅଧିକ ୨୫୦% ମୃତ୍ୟୁ ପ୍ରମାଣପତ୍ର ଜାରି

**ନୂଆଦିଲ୍ଲୀ, ୩।୬:** ଦିଲ୍ଲୀର ୩ଟି ମ୍ୟୁନିସିପାଲିଟି ଗତ ଏପ୍ରିଲ ଓ ମେ' ମାସରେ ୩୪,୭୫୦ରୁ ଅଧିକ ମୃତ୍ୟୁ ପ୍ରମାଣପତ୍ର ଜାରି କରିଛନ୍ତି। ଏହା ଗତବର୍ଷର ଏହି ସମୟ ତୁଳନାରେ ୨୫୦ ପ୍ରତିଶତ ଅଧିକ। ୨୦୨୦ ଏପ୍ରିଲ୍ ଓ ମେ'ରେ ୯,୯୧୬ ମୃତ୍ୟୁ ପ୍ରମାଣପତ୍ର ଇସ୍ୟୁ ହୋଇଥିଲା। ଚଳିତ ବର୍ଷ ଏପ୍ରିଲ ଓ ମେ'ରେ ଦିଲ୍ଲୀରେ କରୋନା ସଂକ୍ରମଣ ସର୍ବାଧିକ ରହିଥିଲା। ଗତବର୍ଷ ମେ'ରେ ୫,୪୭୫ ମୃତ୍ୟୁ ପ୍ରମାଣପତ୍ର ଜାରି ହୋଇଥିବାବେଳେ ଚଳିତ ବର୍ଷ ମେ'ରେ ତାହା ୨୪,୦୦୦କୁ ବୃଦ୍ଧି ପାଇଛି। ଅର୍ଥାତ୍ ଗୋଟିଏ ମାସରେ ମୃତ୍ୟୁସଂଖ୍ୟା ୧୮,୫୨୫ ବୃଦ୍ଧି ପାଇଛି। କିନ୍ତୁ ସରକାରୀ ହିସାବ ଅନୁଯାୟୀ ଗତବର୍ଷ ମହାମାରୀ ଆରମ୍ଭ ହେବାଠାରୁ ଚଳିତ ବର୍ଷ ମେ' ୩୦ ସୁଦ୍ଧା ଦିଲ୍ଲୀରେ କରୋନାଜନିତ ମୃତ୍ୟୁସଂଖ୍ୟା ୨୪,୧୫୧ ଦର୍ଶାଯାଇଛି।



ନୂଆଦିଲ୍ଲୀସ୍ଥିତ ଏକ ଟିକାକରଣ କେନ୍ଦ୍ରରେ ଭାକ୍ସିନ ନେବା ପାଇଁ ଅପେକ୍ଷାରତ ହିତାଧିକାରୀ।

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରିଥିଲି: ଆଲାପନ୍

## କେନ୍ଦ୍ର ନୋଟିସ୍‌ର ଜବାବ ରଖିଲେ

**କୋଲକାତା, ୩।୬:** ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟ ଶାସନ ସଚିବ ଆଲାପନ ବନ୍ଦୋପାଧ୍ୟାୟ ଗୁରୁବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି କାରଣ ଦର୍ଶାଅ ନୋଟିସ୍‌ର ଜବାବ ରଖିଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ୟାସ୍' କ୍ଷୟକ୍ଷତି ସମୀକ୍ଷା ବୈଠକବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରିଥିଲେ। ବାତ୍ୟା ପ୍ରଭାବିତ ଦିଘାଠାରେ ଆଉ ଏକ ସମୀକ୍ଷା କାର୍ଯ୍ୟକ୍ରମ ଥିବାରୁ ସେ ମମତାଙ୍କ ସହ ସେଠାକୁ ଯାଇଥିଲେ ବୋଲି ଆଲାପନ କହିଛନ୍ତି।

ମେ' ୨୮ରେ ସାମୁଦ୍ରିକ ଝଡ଼ 'ୟାସ୍' କ୍ଷୟକ୍ଷତି ସମୀକ୍ଷା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ଗସ୍ତ କରିଥିବା ସମୟରେ ମମତାଙ୍କ ସହ ଆଲାପନ ଅଧଘଣ୍ଟା ବିଳମ୍ବରେ ଆସିଥିଲେ। ଏପରି କି ଆଲାପନ ଉକ୍ତ ବୈଠକରେ ଉପସ୍ଥିତ ନ ରହି ଚାଲିଯାଇଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ନୋଟିସ୍‌ରେ ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ସୋମବାର ଜବାବ ଲୋଡ଼ା ଯାଇଥିଲା।



ଆଲାପନ ବନ୍ଦୋପାଧ୍ୟାୟ

# ୧୫ ଦିନରେ ମୂଲ୍ୟାୟନ ପଦ୍ଧତି ଦର୍ଶାଅ

## ସିବିଏସ୍‌ଇ, ସିଆଇଏସ୍‌ସିଇକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୩।୬(ପି.ଟି.)**

କରୋନା ମହାମାରୀ ପାଇଁ ଚଳିତ ବର୍ଷ ଦ୍ୱାଦଶ ବୋର୍ଡ ପରୀକ୍ଷାକୁ ବାତିଲ କରାଯାଇଥିବାରୁ ସୁପ୍ରିମକୋର୍ଟ ଗୁରୁବାର ଖୁସିବ୍ୟକ୍ତ କରିଛନ୍ତି। ତେବେ ଛାତ୍ରୀଛାତ୍ରଙ୍କ ମୂଲ୍ୟାୟନ ପଦ୍ଧତି ସମ୍ପର୍କରେ ୧୫ ଦିନ ମଧ୍ୟରେ ଜଣାଇବା ପାଇଁ ଅଦାଲତ ସିବିଏସ୍‌ଇ ଏବଂ ସିଆଇସିଏସ୍‌ଇକୁ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ଦିନେଶ ମାହେଶ୍ୱରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଦୁଇ ସପ୍ତାହ ମଧ୍ୟରେ ମୂଲ୍ୟାୟନର ମାପଦଣ୍ଡ ସରକାରୀ ଭାବେ ଉପସ୍ଥାପନ କରିବା ଲାଗି ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଏବଂ ସିଆଇଏସଇସିଇ ପକ୍ଷରୁ ଉପସ୍ଥିତ ଥିବା ଆଇନଜୀବୀ ଜେ.କେ. ଦାସଙ୍କୁ କହିଥିଲେ। ଉତ୍ତୀର୍ଣ୍ଣ ହେବା ପରେ ପିଲାମାନେ ଭାରତ ତଥା ବିଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବେ। ତେଣୁ ମୂଲ୍ୟାୟନ ପଦ୍ଧତି ସମ୍ପର୍କିତ ମାପଦଣ୍ଡ ଉପସ୍ଥାପନ କରିବା ଲାଗି ଅଧିକ ସମୟ ଦିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ଉକ୍ତ ମାପଦଣ୍ଡ ଦେଖିବା ପରେ କୋର୍ଟ ସେହି ଅନୁଯାୟୀ ପ୍ରତିବାଦ କରୁଥିବା କୌଣସି ପିଲାଙ୍କର ମାମଲାର ବିଚାର କରିବେ ବୋଲି କହିଛନ୍ତି। ବୋର୍ଡ ପରୀକ୍ଷା ବାତିଲ କରିବା ଭଳି ମୂଲ୍ୟାୟନ ପଦ୍ଧତି ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ମହାମାରୀ ପାଇଁ ସିବିଏସ୍‌ଇ ଏବଂ ସିଆଇଏସ୍‌ସିଇ ଦ୍ୱାଦଶ ବୋର୍ଡ ପରୀକ୍ଷା ବାତିଲ ନିମନ୍ତେ ନିର୍ଦ୍ଦେଶ ଦେବା ଲାଗି ସର୍ବୋଚ୍ଚ ନ୍ୟାୟାଳୟରେ ପିଟିଶନ ଦାଏର ହୋଇଥିଲା। ସରକାର ପରୀକ୍ଷା ବାତିଲ କରିସାରିଥିବା ବେଣୁଗୋପାଳ ଖଣ୍ଡପୀଠଙ୍କୁ ଜଣାଇଥିଲେ। ତେବେ ମୂଲ୍ୟାୟନ ପାଇଁ ଉପଯୁକ୍ତ ପଦ୍ଧତି ପ୍ରସ୍ତୁତ କରିବା ଲାଗି ସିବିଏସ୍‌ଇ ଅଧିକ ସମୟ ଚାହୁଁଥିବା ଜଣାଇଥିଲେ। ସେହିପରି ସିଆଇଏସ୍‌ସିଇ ମଧ୍ୟ ଏଥିପାଇଁ ୩-୪ ସପ୍ତାହ ସମୟ ଲୋଡ଼ିଥିଲା। ଖଣ୍ଡପୀଠ ଏହାକୁ ଖାରଜ କରିଦେଇଥିଲେ।



ଆବେଦନକାରୀ ମମତା ଶର୍ମା କୋର୍ଟଙ୍କୁ ଦର୍ଶାଇଥିଲେ ସିବିଏସ୍‌ଇ ଏବଂ ସିଆଇଏସ୍‌ସିଇ ଭଳି ଅନେକ ରାଜ୍ୟ ଶିକ୍ଷାବୋର୍ଡ ଦ୍ୱାଦଶ ପରୀକ୍ଷା ବାତିଲ ନେଇ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇନାହାନ୍ତି। ରାଜ୍ୟ ବୋର୍ଡ ଅଧୀନରେ ପାଖାପାଖି ୧.୨ କୋଟି ଛାତ୍ରୀଛାତ୍ର ପଢୁଛନ୍ତି। ଏହି ବୋର୍ଡଗୁଡ଼ିକୁ ପରୀକ୍ଷା ବାତିଲ ପାଇଁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ମମତା ନିବେଦନ କରିଥିଲେ। ଧୈର୍ଯ୍ୟର ସହ ଅପେକ୍ଷା କର। ସିବିଏସ୍‌ଇ ମୂଲ୍ୟାୟନ ପଦ୍ଧତି ଉପସ୍ଥାପନ କରିବା ପରେ ଅନ୍ୟ ବୋର୍ଡ ସମ୍ପର୍କରେ ବିଚାର କରାଯିବ ବୋଲି ଖଣ୍ଡପୀଠ ତାଙ୍କୁ କହିଥିଲେ। ସୂଚନାଯୋଗ୍ୟ କୋଭିଡ୍ ମହାମାରୀ ପାଇଁ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ବାତିଲ ଲାଗି ଜୁନ୍ ୧ରେ ସରକାର ନିଷ୍ପତ୍ତି ନେଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୨୬,୫୭,୭୫୫ | ୩୭,୧୧,୦୨୩ | ୧୫,୫୩,୮୨,୯୮୧ |
| ଭାରତ | ୨,୮୫,୫୯,୯୧୪ | ୩,୪୦,୦୮୨ | ୨,୬୫,୬୧,୩୪୬ |
| ଓଡ଼ିଶା | ୭,୯୦,୯୭୦ | ୨୮୭୩(+୫୩) | ୭,୧୩,୦୫୫ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର






## ଏସ୍‌ଟି, ଏସ୍‌ସି ସ୍କୁଲ, ଛାତ୍ରାବାସ ଛାତ୍ରୀଛାତ୍ରଙ୍କୁ ଟେଲିଫୋନ ପରାମର୍ଶ

**ଭୁବନେଶ୍ୱର, ୩।୬(ବ୍ୟୁରୋ)**

କୋଭିଡ୍ ମହାମାରୀ ସଂକ୍ରମଣ ଯୋଗୁ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଓ ଛାତ୍ରାବାସ ବନ୍ଦ ରହିଛି। ଛାତ୍ରୀଛାତ୍ରମାନେ ଘରେ ରହିଛନ୍ତି। ଏଭଳି ପରିସ୍ଥିତିରେ ବିଦ୍ୟାଳୟରେ ଶିକ୍ଷା କାର୍ଯ୍ୟକ୍ରମ ପୁନଃ ଆରମ୍ଭ ହୋଇପାରିନାହିଁ। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଅଭିନବ ପଦକ୍ଷେପ ସ୍ୱରୂପ ସ୍କୁଲ ଓ ଛାତ୍ରାବାସ ଛାତ୍ରୀଛାତ୍ରଙ୍କ ପାଇଁ ଟେଲିଫୋନ ଯୋଗେ ପରାମର୍ଶ କାର୍ଯ୍ୟକ୍ରମ ଚାଲୁ ରହିଛି। ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ୟୁଏନ୍‌ଏଫ୍‌ପିଏର ବୈଷୟିକ ସହଯୋଗରେ ବିଭାଗୀୟ ମ୍ୟାଟ୍ରନ ଓ ନୋଡାଲ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ସେମାନେ ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ସମ୍ପର୍କୀୟ ପ୍ରସଙ୍ଗ ଉପରେ ପରାମର୍ଶ ପ୍ରଦାନ କରିପାରିବେ।

# ଆଉ ୪୨ ଜୀବନ ନେଲା କରୋନା

**ଭୁବନେଶ୍ୱର, ୩।୬(ବ୍ୟୁରୋ)**

ରାଜ୍ୟରେ ଏବେ ସଂକ୍ରମଣ ହାର ହ୍ରାସ ପାଉଥିବାବେଳେ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ପ୍ରତିଦିନ କରୋନା ମୃତ୍ୟୁ ରେକର୍ଡ ଭାଙ୍ଗୁଛି। ବୁଧବାର ୪୦ଜଣ ଆକ୍ରାନ୍ତ ଆଖି ବୁଜିଥିଲେ। ହେଲେ ଗତ ୨୪ ଘଣ୍ଟାରେ ୧୮ ଜିଲାରୁ ଆଉ ୪୨ଜଣଙ୍କ ମୃତ୍ୟୁ ଘଟିଛି। କରୋନା ମୃତ୍ୟୁର ଏହା ହେଉଛି ସର୍ବକାଳୀନ ରେକର୍ଡ। ସୁନ୍ଦରଗଡ଼ ଜିଲାରୁ ସର୍ବାଧିକ ୫ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି କଟକ ଓ କଳାହାଣ୍ଡିରୁ ୪ ଜଣ ଲେଖାଏ, ବୌଦ୍ଧ, ଝାରସୁଗୁଡ଼ା ଓ ଖୋର୍ଦ୍ଧାରୁ ୩ ଜଣ ଲେଖାଏ, ଅନୁଗୋଳ, ବାଲେଶ୍ୱର, ବଲାଙ୍ଗୀର, ଦେବଗଡ଼, ଗଜପତି, କେନ୍ଦ୍ରାପଡ଼ା, ନବରଙ୍ଗପୁର ଓ ରାୟଗଡ଼ା ଜିଲାରୁ ୨ଜଣ ଲେଖାଏ ଏବଂ ବରଗଡ଼, ଭଦ୍ରକ, ଗଞ୍ଜାମ ଓ ପୁରୀ ଜିଲାରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୮୭୩କୁ ବୃଦ୍ଧି ପାଇଛି। ଖୋର୍ଦ୍ଧାରେ ମୃତ୍ୟୁ ସଂଖ୍ୟା ସର୍ବାଧିକ ୪୭୯କୁ ଛୁଇଁଥିବାବେଳେ ସୁନ୍ଦରଗଡ଼ ୨୭୫, ଗଞ୍ଜାମ ୨୮୫, କଟକ ୧୭୪, ପୁରୀ ୧୫୫, ରାୟଗଡ଼ା ୧୧୪, କଳାହାଣ୍ଡି ୧୨୫, ଅନୁଗୋଳ ୧୨୧, ବାଲେଶ୍ୱର ୧୦୮, ବରଗଡ଼ ୪୯, ଭଦ୍ରକ ୩୪, ବଲାଙ୍ଗୀର ୬୩, ବୌଦ୍ଧ ୪୮, ଗଜପତି ୬୦, ଝାରସୁଗୁଡ଼ା ୬୧, କେନ୍ଦ୍ରାପଡ଼ା ୫୨, ନବରଙ୍ଗପୁର ୪୨, ଦେବଗଡ଼ରେ ୧୯ ଜଣଙ୍କ ମୃତ୍ୟୁ ହୋଇଛି।

ସେପଟେ ରାଜ୍ୟରେ ଆଉ ୮,୮୩୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧,୨୩୫ଜଣ ଥିବାବେଳେ କଟକ ୭୬୯, ମୟୂରଭଞ୍ଜ ୫୮୩, ଢେଙ୍କାନାଳ ୫୧୦, ଯାଜପୁରରୁ ୪୯୩, ପୁରୀ ୪୩୮, ଭଦ୍ରକ ୪୧୯, ଅନୁଗୋଳ ୪୧୪, ବାଲେଶ୍ୱର ୩୯୫, ସୁନ୍ଦରଗଡ଼ ୩୩୮, କେନ୍ଦ୍ରାପଡ଼ା ୩୦୨, ନୟାଗଡ଼ ୨୪୭ ଓ ରାୟଗଡ଼ାରୁ ୨୧୬ ଜଣ ଚିହ୍ନଟ ହୋଇଛନ୍ତି। ବାକିସବୁ ଜିଲାରେ ସଂକ୍ରମଣ ୨ଶହ ତଳକୁ ରହିଥିବାବେଳେ ମୋଟ ସଂକ୍ରମିତ ସଂଖ୍ୟା ୭,୯୦,୯୭୦ରେ ପହଞ୍ଚିଛି।

ଏ ପରିସ୍ଥିତିରେ ରାଜ୍ୟରେ ଏବେ କରୋନା ସ୍ଥିତିରେ ସୁଧାର ଆସୁଛି ବୋଲି କହିଛନ୍ତି ଜୀବ ବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍‌ଏସ୍) ନିର୍ଦ୍ଦେଶକ ଡା. ଅଜୟ ପରିଡ଼ା। କେବଳ ଭୁବନେଶ୍ୱର, କଟକ ଓ ଢେଙ୍କାନାଳରେ ସଂକ୍ରମଣ ଅଧିକ ରହିଛି। ଆସନ୍ତା ୧୦ରୁ ୧୫ ଦିନ ଭିତରେ ସୁଧାର ଆସିଯିବ। ମୃତ୍ୟୁ ହାରରେ ଜାତୀୟ ସ୍ତରଠାରୁ ଆମ ରାଜ୍ୟରେ ସ୍ଥିତି ବହୁତ ଭଲ ରହିଛି। କୋଭିଡ୍ ଆକ୍ରାନ୍ତଙ୍କ ଅନ୍ୟ ରୋଗ ଥିବାରୁ ମୃତ୍ୟୁ ସଂଖ୍ୟା ବଢ଼ୁଛି। ରାଜ୍ୟରେ ବ୍ଲାକ୍ ଫଙ୍ଗସ୍ ସଂକ୍ରମଣ ନିୟନ୍ତ୍ରିତ ଷ୍ଟେଜ୍‌ରେ ରହିଛି। ଏଥିସହ ସମ୍ଭାବ୍ୟ ତୃତୀୟ ଲହର ମୁକାବିଲା ପାଇଁ ପ୍ରସ୍ତୁତି ଚାଲିଛି। କୋଭିଡ୍ ନିୟମକୁ ମାନିବା, ଟିକାକରଣ ଓ ଭୂତାଣୁର ପରିବର୍ତ୍ତନ ରୂପ ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ଆଇଏଲ୍‌ଏସ୍ ନିର୍ଦ୍ଦେଶକ କହିଛନ୍ତି। ଡିଏମ୍‌ଇଟି ସିବିକେ ମହାନ୍ତି କହିଛନ୍ତି, ତୃତୀୟ ଲହର କେବେ ଆସିବ ଓ ଏହାର ପ୍ରଭାବ କେମିତି ରହିବ ତାହା କହିବା ଅସମ୍ଭବ। ତଥାପି ରାଜ୍ୟ ସରକାର ଏଥିପାଇଁ ଭିତ୍ତିଭୂମି, ଅକ୍ସିଜେନ, ମେଡିସିନ ସବୁ କିଛି ମହଜୁଦ ରଖିଥିବା ଡିଏମ୍‌ଇଟି କହିଛନ୍ତି।

**କମୁଛି ସଂକ୍ରମଣ, ବଢୁଛି ମୃତ୍ୟୁ**

- ଦିନକରେ ୮,୮୩୯ ଆକ୍ରାନ୍ତ ଚିହ୍ନଟ
- ଖୋର୍ଦ୍ଧାରେ ମୃତ୍ୟୁ ସଂଖ୍ୟା ୫ଶହ ନିକଟତର
- ୧୫ ଦିନ ଭିତରେ ସୁଧାର ଆସିବ: ଆଇଏଲ୍‌ଏସ୍ ନିର୍ଦ୍ଦେଶକ

# ମରାମତି ହେବ ପାର୍ଶ୍ୱ ଦେବଦେବୀ ମନ୍ଦିର

**ପୁରୀ ଅଫିସ, ୩।୬**

ଶ୍ରୀମନ୍ଦିର ପରିସରରେ ଥିବା ପାର୍ଶ୍ୱ ଦେବଦେବୀ ମନ୍ଦିରଗୁଡ଼ିକର ରକ୍ଷଣାବେକ୍ଷଣ ନେଇ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ)କୁ ମନ୍ଦିର ପ୍ରଶାସନ ଅବଗତ କରାଇବା ସତ୍ତ୍ୱେ ପଦକ୍ଷେପ ନିଆଯାଇ ନ ଥିଲା। ଗୁରୁବାର ଭିଡିଓ କନ୍‌ଫରେନ୍ସରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ମନ୍ଦିର ରକ୍ଷଣାବେକ୍ଷଣ ସଂକ୍ରାନ୍ତ ବାର୍ଷିକ ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା ହୋଇଛି। ଶ୍ରୀମନ୍ଦିର ଗର୍ଭଗୃହ ସମେତ ପାର୍ଶ୍ୱ ଦେବଦେବୀ ମନ୍ଦିରର ମରାମତି ଓ ରକ୍ଷଣାବେକ୍ଷଣ ନିମନ୍ତେ ଏକ ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ କରାଯିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। କୋଭିଡ୍ କଟକଣା ମଧ୍ୟରେ ଗର୍ଭଗୃହ ଓ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର ମରାମତି କାର୍ଯ୍ୟ କରାଯିବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ଓ ପ୍ରତ୍ନତତ୍ତ୍ୱ ବିଭାଗର ଅଧିକାରୀମାନେ ମିଳିତ ଭାବେ ୫ବର୍ଷ ଲାଗି ଏକ ଯୋଜନା ପ୍ରସ୍ତୁତ କରିବେ। ଜୁଲାଇ ୧୨ରେ ଘୋଷଯାତ୍ରା। ଏହି ସମୟରେ ୯ଦିନ ଶ୍ରୀମନ୍ଦିରରେ ଚିନିଦିଅଁ ରହିବେ ନାହିଁ। ତେଣୁ ଉକ୍ତ ସମୟରେ ଗର୍ଭଗୃହ ମରାମତି ସହ କେମିକାଲ ଫିଲିଂ ଓ ପଲିସିଂ କରାଯିବ। ଏହି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ଅଧ୍ୟକ୍ଷତା କରିଥିଲେ। ପ୍ରତ୍ନତତ୍ତ୍ୱ ବିଭାଗର ଅତିରିକ୍ତ ଡିଜି ଜନଓ୍ୱିଜ୍ ଶର୍ମା, ବିଜ୍ଞାନ ସଂରକ୍ଷଣ ବିଭାଗ ନିର୍ଦ୍ଦେଶକ ରାମ୍‌ଜୀ ନିଗମ, ଭାରତୀୟ ପ୍ରାଦ୍ୟୋଗିକ ପ୍ରତିଷ୍ଠାନର ପୂର୍ବତନ ପ୍ରଫେସର ଏ.ପି. ଗୁପ୍ତା, ବିଶେଷଜ୍ଞ ଡି.ପି. ମିଶ୍ର, ବିନ୍ଦେଶ୍ୱର ପାତ୍ର ଏବଂ ବି.କେ. ରଥ ପ୍ରମୁଖ ଉପସ୍ଥିତ ଥିଲେ।

**ଶ୍ରୀମନ୍ଦିର ପାଇଁ ପଞ୍ଚବାର୍ଷିକ ଯୋଜନା**

**ଆଉ ଏକ ଭାକ୍ସିନ୍‌କୁ ମଞ୍ଜୁରୀ।**




## ୭୫୦ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିଯୁକ୍ତି

**ଭୁବନେଶ୍ୱର, ୩।୬(ବ୍ୟୁରୋ)**

ରାଜ୍ୟରେ ୭୫୦ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଗୁରୁବାର ନିଯୁକ୍ତିପତ୍ର ଦିଆଯାଇଛି। ଆସନ୍ତା ୭ଦିନ ମଧ୍ୟରେ ନିଜ ନିଜ କାର୍ଯ୍ୟସ୍ଥଳୀରେ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି। ଉକ୍ତ ନିଯୁକ୍ତିପତ୍ରକୁ ଲକ୍‌ଡାଉନ୍ କିମ୍ବା ଶଟ୍‌ଡାଉନ୍ ସମୟରେ ଯାତାୟାତ ନିମନ୍ତେ ପାସ୍ ଭାବେ ବ୍ୟବହାର କରି ସ୍ୱାସ୍ଥ୍ୟ ଅଧିକାରୀମାନେ ନିଜ କାର୍ଯ୍ୟସ୍ଥଳରେ ଯୋଗ ଦେଇପାରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।






# ଚାର୍ଟାର୍ଡ ଆକାଉଣ୍ଟାଣ୍ଟରୁ ଶିକ୍ଷା ଗୁରୁ

**ଭୁବନେଶ୍ୱର, ୩।୬(ବ୍ୟୁରୋ)**

ଡ. ବିଜୟ କୁମାର ସାହୁ। ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିତ୍ୱ। ୧୯୬୩ ଜୁନ୍ ୧ରେ ଖୋର୍ଦ୍ଧା ଜିଲାରେ ଜନ୍ମଗ୍ରହଣ କରିଥିବା ବିଜୟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଭାବେ ନିଜର କ୍ୟାରିୟର ଆରମ୍ଭ କରିଥିଲେ। କିନ୍ତୁ ଓଡ଼ିଶାରେ ଶିକ୍ଷାର ପରିବର୍ତ୍ତନ ଥିଲା ତାଙ୍କର ସ୍ୱପ୍ନ। ଭୁବନେଶ୍ୱରରେ ପ୍ରତିଷ୍ଠା କରିଥିଲେ ସାଇ ଇଣ୍ଟରନ୍ୟାଶନାଲ ଏଜୁକେଶନାଲ ଗ୍ରୁପ୍। ଯେଉଁଥିରେ ୪ଟି ଶିକ୍ଷାନୁଷ୍ଠାନ ରହିଛି। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ(ଏଜୁକେଶନ ୱାର୍ଲଡ ସ୍କୁଲ ର୍‍ୟାଙ୍କିଙ୍ଗ୍ ୨୦୨୦ରେ ଭାରତରେ ର୍‍ୟାଙ୍କ-୧ ପାଇଛି), ସାଇ ଆଙ୍ଗନ, ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍‌ସିଆଲ ସ୍କୁଲ ଓ ସାଇ ଇଣ୍ଟରନ୍ୟାଶନାଲ କଲେଜ ଅଫ୍ କମର୍ସ। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କଷ୍ଟ ଆକାଉଣ୍ଟାଣ୍ଟ, ଆଇନରେ ସ୍ନାତକ କରିଥିବା ବିଜୟ ସାହୁ କେବଳ ଜ୍ଞାନ ଆହରଣ କରିବା ନୁହେଁ ବରଂ ଏହାକୁ ବିସ୍ତାର କରିବା ପାଇଁ ନିରନ୍ତର ଚେଷ୍ଟା କରିଥିଲେ। ଏକାଡେମିକ୍ ଉତ୍କର୍ଷ ତଥା ଶିକ୍ଷା ମାଧ୍ୟମରେ ଏକ ଉନ୍ନତ ଭାରତ ଗଠନ ପାଇଁ ସେ ୟୁଏସ୍ ହାର୍ଭାର୍ଡ ଗ୍ରାଜୁଏଟ୍ ସ୍କୁଲ୍ ଅଫ୍ ଏଜୁକେଶନ୍, ବ୍ରିଟେନ ନ୍ୟାଶନାଲ୍ କଲେଜ୍ ଫର୍ ସ୍କୁଲ୍ ଲିଡରଶିପ୍, ସିଙ୍ଗାପୁରସ୍ଥିତ ଏସୀୟ ଅନ୍ତର୍ଜାତୀୟ କଲେଜ ଆଦି ପ୍ରତିଷ୍ଠିତ ଅନୁଷ୍ଠାନରୁ ତାଲିମ ହାସଲ କରିଥିଲେ। ରାଜ୍ୟ ସରକାର ତାଙ୍କୁ ୨୦୧୯ ଜୁନ୍‌ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ପରାମର୍ଶଦାତା ଭାବେ ଦାୟିତ୍ୱ ଦେଇଥିଲେ। ସେ ଭାରତର ଉପରାଷ୍ଟ୍ରପତିଙ୍କ ଠାରୁ ୨୦୨୧ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ଡକ୍ଟର ଅଫ୍ ଲିଟରେଚର ସମ୍ମାନ ଗ୍ରହଣ କରିଥିଲେ। ଗତ ଏପ୍ରିଲରେ 'ଧରିତ୍ରୀ' ଓ 'ଓଡ଼ିଶାପୋଷ୍ଟ' ପକ୍ଷରୁ ଆୟୋଜିତ 'ବିଜ୍‌ନେସ୍ ଏମିନେନ୍ସ ଆୱାର୍ଡ' କାର୍ଯ୍ୟକ୍ରମରେ ତାଙ୍କୁ ବିଶିଷ୍ଟ ଶିକ୍ଷା ଉଦ୍ୟୋଗୀ ଭାବେ ସମ୍ମାନିତ କରାଯାଇଥିଲା।




ଡ. ବିଜୟ କୁମାର ସାହୁ । ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ।

### ଦୈନନ୍ଦିନ ଖର୍ଚ୍ଚ ପାଇଁ ଟ୍ୟୁଶନ କରୁଥିଲେ

ଭୁବନେଶ୍ୱର ଡିଏମ୍ ସ୍କୁଲରୁ ଶିକ୍ଷା ଆରମ୍ଭ କରି ୧୯୮୦ରେ ସେ ସେଠାରୁ ଦ୍ୱାଦଶ ପାସ୍ କରିଥିଲେ। ଏହା କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ଫି' ଅଳ୍ପ ଥିଲା। ତେବେ ଅଧ୍ୟୟନରେ ଭଲ ପ୍ରଦର୍ଶନ କରୁଥିବାରୁ ତାଙ୍କୁ ବାର୍ଷିକ ୬୦୦ଟଙ୍କା ଷ୍ଟାଇପେଣ୍ଡ ମିଳୁଥିଲା। ଯାହା ତାଙ୍କୁ ଟ୍ୟୁଶନ ଫି' ଦେବା ସହିତ ଅନ୍ୟାନ୍ୟ ଖର୍ଚ୍ଚ କରିବାରେ ସାହାଯ୍ୟ କରିଥିଲା। କିନ୍ତୁ କଲେଜ ସମୟରେ ନିଜ ଦୈନନ୍ଦିନ ଖର୍ଚ୍ଚ ପାଇଁ ସେ ଟ୍ୟୁଶନ କରୁଥିଲେ।

### କାନ୍ଧରେ ଥିଲା ପରିବାର ଦାୟିତ୍ୱ

ବାପା ଜଣେ ଛୋଟ ବ୍ୟବସାୟୀ ଥିବାରୁ ପରିବାର ଚଳାଇବା ପାଇଁ ତାଙ୍କ ରୋଜଗାର ଯଥେଷ୍ଟ ନ ଥିଲା। ତେଣୁ ୧୯୮୨ରେ ସେ କଲିକତା ଯାଇ ଚାର୍ଟାର୍ଡ ଆକାଉଣ୍ଟାନ୍ସି ପାଇଁ ନାମ ଲେଖାଇବା ସହିତ କଲିକତାର ଏକ କମ୍ପାନୀରେ ଆର୍ଟିକିଲଶିପ୍ କରୁଥିଲେ। ଏହି ସମୟରେ ତାଙ୍କୁ ମାସକୁ ୬୦୦ଟଙ୍କା ଷ୍ଟାଇପେଣ୍ଡ ମିଳୁଥିଲା। ପରିବାରର ଦାୟିତ୍ୱ ତାଙ୍କ କାନ୍ଧ ଉପରେ ଥିବାରୁ ସେ ମିଳୁଥିବା ଷ୍ଟାଇପେଣ୍ଡରୁ ଟଙ୍କା ସଞ୍ଚୟ କରୁଥିଲେ। ତେଣୁ ସେ ଏକ ଡାକଘରର ୱାଚ୍‌ମ୍ୟାନ କାର୍ଯ୍ୟ କରିବା ସହ ଏକ ରୁମ୍‌ରେ ମିଳିମିଶି ରହୁଥିଲେ।

### ଶିକ୍ଷା ପରିବର୍ତ୍ତନ ପାଇଁ ବୁଲିଥିଲେ ବିଶ୍ୱର ପ୍ରାୟ ୨୫୦ ବିଦ୍ୟାଳୟ

ଜଣେ ଭଲ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହୋଇ ସଫଳତା ପାଇଥିଲେ ମଧ୍ୟ ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ତାଙ୍କର ପ୍ରବଳ ଇଚ୍ଛା ଥିଲା। ଶିକ୍ଷା ହେଉଛି ଏକ ମୌଳିକ ଆବଶ୍ୟକତା ଯାହା ଦେଶର ଭବିଷ୍ୟତକୁ ମଧ୍ୟ ବଦଳାଇ ପାରିବ। ଶିକ୍ଷା ତାଙ୍କର ପେଷା ଥିଲା। ତେଣୁ ସେ ନିଜ ବୃତ୍ତିକୁ ତ୍ୟାଗ କରି ପେଷାକୁ ଆପଣାଇଥିଲେ। ତେଣୁ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ କଣ ଉନ୍ନତି ଅଣାଯାଇପାରିବ, ସେଥିପାଇଁ ସେ ୧୯୯୭-୨୦୦୬ ମଧ୍ୟରେ ବିଶ୍ୱର ପ୍ରାୟ ୨୫୦ ବିଦ୍ୟାଳୟ ପରିଦର୍ଶନ କରି ସେମାନଙ୍କ ଶିକ୍ଷାର ସ୍ତର କଣ ଜାଣିବା ପାଇଁ ଯାଇଥିଲେ। ୨୦୦୭ରେ ସେ ବିଶ୍ୱସ୍ତରୀୟ ସୁବିଧା ଥିବା ଏକ ବିଦ୍ୟାଳୟ ଖୋଲିବାକୁ ସ୍ଥିର କରିବା ସହ ବ୍ୟାଙ୍କରୁ ଋଣ ଆଣି ସେହିବର୍ଷ ଫେବୃୟାରୀ ୧୪ରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୦୮ ଏପ୍ରିଲ ୪ରେ ସ୍କୁଲ ଖୋଲିଥିଲା।

**ଆଜିର ମନ୍ତବ୍ୟ**

"ନିୟନ୍ତ୍ରଣରେଖାରେ ଅସ୍ତ୍ରବିରତିର ସ୍ଥାୟିତ୍ୱ ପାକିସ୍ତାନର କାର୍ଯ୍ୟାନୁଷ୍ଠାନ ଉପରେ ନିର୍ଭର କରେ।
– ଜେନେରାଲ ଏମ୍.ଏମ୍. ନରୱଣେ, ସେନାମୁଖ୍ୟ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଚୋକ୍‌ସିଙ୍କ ଜାମିନ ଆବେଦନ ଖାରଜ

**ରୋଷେଉ,୩।୬**

ଡୋମିନିକାର ଏକ ମାଜିଷ୍ଟ୍ରେଟ୍ କୋର୍ଟରେ ପଳାତକ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କ ଜାମିନ ଆବେଦନ ଗୁରୁବାର ଖାରଜ ହୋଇଯାଇଛି। ଚୋକ୍‌ସିଙ୍କ ବିରୋଧରେ ଭାରତରେ ୧୧ଟି ମାମଲା ରହିଥିବା ନେଇ ଡୋମିନିକାର ସରକାରୀ ଓକିଲ ଯୁକ୍ତି ବାଢ଼ିବା ପରେ ଅଦାଲତ ତାଙ୍କୁ ଜାମିନ ଦେବା ପାଇଁ ମନା କରିଛନ୍ତି। ହାଇକୋର୍ଟ ମଧ୍ୟ ଚୋକ୍‌ସିଙ୍କ ପିଟିଶନର ଶୁଣାଣି ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖିଛନ୍ତି। ଅନ୍ୟପକ୍ଷେ ଚୋକ୍‌ସିଙ୍କୁ ଭାରତ ପ୍ରତ୍ୟର୍ପଣ ପାଇଁ ସବୁ ପ୍ରକାର ଉଦ୍ୟମ କରାଯିବ ବୋଲି ପ୍ରଥମ ଥର ଲାଗି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

# ୧୧ରେ ଲଘୁଚାପ ସମ୍ଭାବନା

■ ୧୦ରୁ ୧୨ ମଧ୍ୟରେ ଓଡ଼ିଶା ଛୁଇଁବ ମୌସୁମୀ

**ଭୁବନେଶ୍ୱର, ୩।୬(ବ୍ୟୁରୋ)**

ଆସନ୍ତା ଜୁନ୍ ୧୧ରେ ଉତ୍ତର-ପୂର୍ବ ବଙ୍ଗୋପସାଗର, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା ଅବପାତରେ ପରିଣତ ହୋଇ ପ୍ରବଳ ବର୍ଷା କରାଇବ। ଏହାର ପ୍ରଭାବରେ ୧୦ ତାରିଖ ରାତିରୁ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଏବଂ ୧୨ରୁ ୧୪ ତାରିଖ ମଧ୍ୟରେ ନବରଙ୍ଗପୁର, ନୂଆପଡା, କନ୍ଧମାଳ, କଳାହାଣ୍ଡି, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସୋନପୁର, ବୌଦ୍ଧ, ଝାରସୁଗୁଡ଼ା, ସମ୍ବଲପୁର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି।

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ୨ ଦିନ ବିଳମ୍ବରେ ଗୁରୁବାର କେରଳ ଛୁଇଁଛି। ଏହାର ପ୍ରଭାବରେ କେରଳର ଦକ୍ଷିଣ ଭାଗରେ ବର୍ଷା ଆରମ୍ଭ ହୋଇଛି। ସମ୍ଭାବ୍ୟ ଲଘୁଚାପ ଦକ୍ଷିଣ ପଶ୍ଚିମ ମୌସୁମୀକୁ ଅଧିକ ସକ୍ରିୟ କରାଇବ। ଆସନ୍ତା ୧୦ରୁ ୧୨ ତାରିଖ ମଧ୍ୟରେ ମୌସୁମୀ ଓଡ଼ିଶାକୁ ଛୁଇଁବା ସହ ସମଗ୍ର ରାଜ୍ୟକୁ ଆଚ୍ଛାଦିତ କରିବ। ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ହେବ ଏବଂ ସ୍ୱାଭାବିକଠାରୁ ୨୧% ଅଧିକ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ପ୍ରତିବର୍ଷ ଜୁନ୍ ୧୦ରୁ ୧୨ ତାରିଖ ଭିତରେ ଓଡ଼ିଶାରେ ମୌସୁମୀ ପହଞ୍ଚିଥାଏ। ଚଳିତ ଥର ମଧ୍ୟ ସମାନ ତାରିଖରେ ପହଞ୍ଚିବା ଆଶା ରହିଛି। ଜୁନ୍‌ରେ ଓଡ଼ିଶାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ସମ୍ଭାବନା ରହିଛି। ରାଜ୍ୟରେ ହାରାହାରି ବୃଷ୍ଟିପାତ ୧୧୫ରୁ ୧୨୦ ସେଣ୍ଟିମିଟର ହେବ ବୋଲି ଅନୁମାନ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁଲାରେ କାଟିଲି ଲାଉ
ସବୁଦିନ କଥା ମନରେ ଅଛିଲୋ
ଏକାଦିନେ ସାଧିବି ଦାଉ।**

ଅନ୍ୟାୟରେ ଅନ୍ୟ ଦ୍ୱାରା ପ୍ରତାରିତ ହେଲେ, ହୀନସ୍ତା ଭୋଗିଲେ ମନରୁ ସେସବୁ ସହଜରେ ଭୁଲି ହୋଇ ନ ଥାଏ। ବେଳ ଆସିଲେ ବା ସୁଯୋଗ ମିଳିଲେ ଏସବୁର ପ୍ରତିଶୋଧ ନେବା ପାଇଁ ହଟହଟା ହୋଇଥିବା ବ୍ୟକ୍ତି ମନସ୍ଥ କରିଥିବା ସ୍ଥଳେ ପ୍ରତିହିଂସା ପରାୟଣତା ବଜାୟ ରଖିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



## classifieds Everyday 0674-2580101, 2549302

**real estate**

**SALE**

**Residential Plots at Nakhara (Anantapur) Dadhichi, Madanpur (Opp.) GEC, Sundarpada (Balabhadrapur), Rangabazar, Pahala. 7978209813.** D-70848

Bhubaneswar ସୁନ୍ଦରପଦା, ଡେରାସରେ ଘରବାରି ପ୍ଲଟ୍ ବର୍ଗଫୁଟକୁ 1500/, 1100/, 650/- ଦିଆଯାଉଛି। 9853150290. D-70850

**Bhubaneswar Sum Hospitalରୁ 4 k.m. ଦୂରତାରେ boundary plot ମିଳୁଛି। Owner- 9090963952.** D-70849

**healthcare**

Monalisa massage club : All types body massage with hiprofile smart lady rooms service available 9708545108. D-20823

**business**

**Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691.** D-20820

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲା

# ବିଧାୟକ ପ୍ରଦୀପଙ୍କ ଜାମିନ ଖାରଜ

**ବ୍ରହ୍ମପୁର ଅଫିସ,୩।୬:** ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ମାମଲାରେ ଗିରଫ ହୋଇଥିବା ଗୋପାଳପୁର ବିଧାୟକ ଡ. ପ୍ରଦୀପ ପାଣିଗ୍ରାହୀ ଓ ସହଯୋଗୀ ଭି. ସର୍ବେଶ୍ୱର ରାଓଙ୍କୁ ଗତ ମେ ୧୯ ତାରିଖରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଏସ୍‌ଡିଜେଏମ୍ ଜିଆର ନଂ. ୬୭୮/୨୧ ମାମଲାରେ ଜଡ଼ିତ କରାଯାଇଥିବା ନେଇ ଜଣାଇଥିଲେ। ପରେ ଉଭୟଙ୍କୁ ଭୁବନେଶ୍ୱର ଝାରପଡ଼ା ଜେଲକୁ ପଠାଇ ଦିଆଯାଇଥିଲା। ପରେ ପ୍ରଦୀପଙ୍କ ଜାମିନ ପାଇଁ ତାଙ୍କ ଓକିଲ ଦୀପକ ପଟ୍ଟନାୟକ ଓ ଅସିତ ଶତପଥୀ ମେ ୨୬ରେ ଜିଲା କୋର୍ଟରେ ଆବେଦନ କରିଥିଲେ। ଏହାର ଶୁଣାଣି ପାଇଁ ଗୁରୁବାର ଧାର୍ଯ୍ୟ ହୋଇଥିଲା। ଅତିରିକ୍ତ ଜିଲା ଦୌରାଜଜ (ଏଡିଜେ)-୧ ପାଣିଗ୍ରାହୀଙ୍କ ଜାମିନ ଆବେଦନର ଶୁଣାଣି କରି ତାହାକୁ ଖାରଜ କରିଦେଇଛନ୍ତି।

# ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ରାଉନ୍‌ସୁଗାର ଜବତ: ୬ ଗିରଫ

**କଟକ ଅଫିସ/ଜଳେଶ୍ୱର,୩।୬(ଡି.ଏନ୍.ଏ.)**

କଟକ ଜିଲା ତିନିଘରିଆ ଆମ୍ବବଗିଚା ଅଞ୍ଚଳରେ ଗୁରୁବାର କମିଶନରେଟ୍ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ଓ ମଧୁପାଟଣା ପୋଲିସ ଚଢାଉ କରିବା ସହ ୩ ଜଣ ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ଓହଳା ଅଞ୍ଚଳର ଏସ୍.କେ. ଗୁଲସାରଉଦ୍ଦିନ, ଲାଲସାହି ଅଞ୍ଚଳର ସୌଭାଗ୍ୟ ରଞ୍ଜନ ସିଂ ଓ ମର୍କଣ୍ଡପୁର ଅଞ୍ଚଳର ରିପୁ ବେହେରା। ସେମାନଙ୍କଠାରୁ ୧ କେଜି ୧୨୦ ଗ୍ରାମ ଓଜନର ବ୍ରାଉନ୍‌ସୁଗାର, ଏକ ବାଇକ୍ (ଓଡି୨୧ଏମ୍-୨୩୭୩), ୧୭ ହଜାର ଟଙ୍କା ଓ ୪ ମୋବାଇଲ ଫୋନ୍ ଜବତ କରାଯାଇଛି। ଜବତ ବ୍ରାଉନ୍‌ସୁଗାର ଆନୁମାନିକ ମୂଲ୍ୟ ୧ କୋଟି ୧୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୧୨୩/୨୧) ରୁଜୁ ହୋଇଛି। ତିନିଘରିଆ ଆମ୍ବବଗିଚା ଅଞ୍ଚଳରେ





ତିନିଘରିଆ ଆମ୍ବବଗିଚା ଅଞ୍ଚଳରୁ ଜବତ ବ୍ରାଉନ୍‌ସୁଗାର ଓ ଗିରଫ ୩ ଅଭିଯୁକ୍ତ।

ଅଭିଯୁକ୍ତମାନେ ବ୍ରାଉନ୍‌ସୁଗାର ବିକ୍ରି କରିବା ପାଇଁ ଅପେକ୍ଷା କରିଥିବାବେଳେ ଖବରପାଇ ପୋଲିସ ସେଠାରେ ଚଢାଉ କରିଥିବା ମଧୁପାଟଣା ଥାନା ଅଧିକାରୀ ତୁଷାରକାନ୍ତ ସେଠୀ କହିଛନ୍ତି।

ସେହିପରି ବାଲେଶ୍ୱର ଜିଲା ଜଳେଶ୍ୱର ଷ୍ଟେଶନବଜାର ଚଇତନ ସାହୁ ଛକ ନିକଟ ଏକ ଦୋକାନ ଉପରେ ଗୁରୁବାର ଅପରାହ୍ନରେ ଏସ୍‌ଟିଏଫ୍ ଚଢାଉ କରି ୧ କି.ଗ୍ରା.ରୁ ଊର୍ଦ୍ଧ୍ୱ ଓଜନର ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏହି କାରବାରରେ ସମ୍ପୃକ୍ତ ବାଲେଶ୍ୱର ଜିଲା ଝାଡ଼େଶ୍ୱରପୁର ଅଞ୍ଚଳର ଏସ୍.କେ. ସାବ୍‌ଜନ, ପଥରପୁରା ଅଞ୍ଚଳର ବୀରେନ୍ଦ୍ର ସାହୁ ଓ କୁନା ଦାସଙ୍କୁ ଗିରଫ କରାଯାଇଛି। ଚଢ଼ାଉବେଳେ ଜଳେଶ୍ୱର ଆଇଆଇସି ପର୍ଶୁରାମ ସାହୁ, ଅତିରିକ୍ତ ତହସିଲଦାର ଶାନ୍ତିରାମ ହେମ୍ବ୍ରମ, ଆର୍‌ଆଇ ମାନସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସିବିଏସ୍‌ଇ ପିଲାଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୩।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସିବିଏସ୍‌ଇ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ କଥୋପକଥନ କାର୍ଯ୍ୟକ୍ରମରେ ସେ କହିଛନ୍ତି, ସ୍କୁଲ କଲେଜରେ ଟିମ୍ ସ୍ପିରିଟ୍‌ର ଶିକ୍ଷା ଦିଆଯାଏ। ଭାରତର କୋଭିଡ୍-୧୯ ବିରୋଧୀ ଲଢ଼େଇରେ ଆମେ ନୂଆ ଟିମ୍ ସ୍ପିରିଟ୍ ଦେଖିଲୁ। ମହାମାରୀ ବିରୋଧୀ ଲଢ଼େଇରେ ଆମେ ବିଜୟୀ ହେବା ବୋଲି ବର୍ତ୍ତମାନ ସମସ୍ତ ଭାରତୀୟ କହୁଛନ୍ତି। ତୁମେ ସମସ୍ତେ ଦେଶ ପାଇଁ ନୂଆ ସଫଳତା ଆଣିଦେବ ବୋଲି ଆଶାବାଦୀ। ଏହି ଅବସରରେ ପିଲାଙ୍କୁ ମୋଦି ପରୀକ୍ଷା ସମୟରେ ବିଚଳିତ ନ ହେବା ପାଇଁ ପରାମର୍ଶ ଦେଇଥିଲେ। ସେମାନଙ୍କ ମଙ୍ଗଳ ପାଇଁ ସରକାର ପରୀକ୍ଷା ବାତିଲ ନିଷ୍ପତ୍ତି ନେଇଥିବା କହିଥିଲେ। ଏଥିସହ ଛାତ୍ରୀଛାତ୍ର ଓ ମା' ବାପାଙ୍କ ଅସୁବିଧା ସମ୍ପର୍କରେ ପ୍ରଧାନମନ୍ତ୍ରୀ ପଚାରି ବୁଝିଥିଲେ।

# ଉତ୍ତରଦାୟିତ୍ୱରୁ ସୁରକ୍ଷା ଦାବି କଲା ସିରମ୍

ନିୟମ ସମସ୍ତଙ୍କ ପାଇଁ ସମାନ ହେଉ

**ନୂଆଦିଲ୍ଲୀ, ୩।୬(ପି.ଟି.)**

କୋଭିଶିଲ୍ଡ ଉତ୍ପାଦନ କରୁଥିବା ଘରୋଇ କମ୍ପାନୀ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ) ଏହାର ଟିକା ପାଇଁ ଉତ୍ତରଦାୟିତ୍ୱରୁ ସୁରକ୍ଷା ଚାହିଁଛି। ସବୁ କମ୍ପାନୀ ପାଇଁ ନିୟମ ସମାନ ହେବା ଆବଶ୍ୟକ ବୋଲି ଏସ୍‌ଆଇଆଇ କହିଛି। ଆମେରିକାର ଭାକ୍ସିନ୍ କମ୍ପାନୀ ଫାଇଜର ଏବଂ ମଡର୍ନା ଭାରତକୁ ଟିକା ଯୋଗାଇବା ପାଇଁ କ୍ଲିନିକାଲ ପରୀକ୍ଷାକୁ ବାଦ୍ ଦେବା ସହ ଉତ୍ତରଦାୟିତ୍ୱ ସୁରକ୍ଷା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। ଯଦି ବିଦେଶୀ କମ୍ପାନୀକୁ ଏହି ସୁବିଧା ଦିଆଯାଉଛି ତେବେ ଘରୋଇ କମ୍ପାନୀଗୁଡ଼ିକ ମଧ୍ୟ ସମାନ ସୁବିଧା ପାଇବା ଆବଶ୍ୟକ। ମହାମାରୀ ବେଳେ ଭାକ୍ସିନ କମ୍ପାନୀଗୁଡ଼ିକୁ ସମସ୍ତ ମୋକଦ୍ଦମାରୁ ସୁରକ୍ଷା ଦେବା ଆବଶ୍ୟକ ବୋଲି ପୂର୍ବରୁ ସିରମ୍ ସିଇଓ ଅଦାର ପୁନାୱାଲା କହିଥିଲେ।

କୋଭିଶିଲ୍ଡ ବ୍ୟତୀତ ଏସ୍‌ଆଇଆଇ ଅନ୍ୟ ୩ଟି ନୂଆ କୋଭିଡ୍ ଟିକାର ପରୀକ୍ଷା ଚଳାଇଛି। ଫାର୍ମା କମ୍ପାନୀ ନୋଭୋଭାକ୍ସ ସହ ଉକ୍ତ କମ୍ପାନୀ ବିକଶିତ କରିଥିବା କୋଭୋଭାକ୍ସ ଟିକାର ଅଗ୍ରିମ ପରୀକ୍ଷା ଚାଲିଛି। ନାଜାଲ ଭାକ୍ସିନ କୋଡାଜେନିକ୍ସର ମଧ୍ୟ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ବ୍ରିଟେନରେ କରାଯାଉଛି। ତୃତୀୟରେ ସ୍ପାଏବାୟୋଟେକ୍ ନାମକ ଭାକ୍ସିନ ମଧ୍ୟ ପରୀକ୍ଷା ପର୍ଯ୍ୟାୟରେ ରହିଛି। ତେବେ ସରକାର ଏପର୍ଯ୍ୟନ୍ତ କୌଣସି ଟିକା କମ୍ପାନୀଙ୍କୁ ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନରୁ ସୁରକ୍ଷା ଦେଇନାହାନ୍ତି। ବିଦେଶରେ ଟିକା କମ୍ପାନୀଗୁଡ଼ିକୁ ଏଭଳି ସୁରକ୍ଷା ଦିଆଯାଇଛି। ଭାରତୀୟ କମ୍ପାନୀ ଆବେଦନ କଲେ ସେମାନଙ୍କୁ ସୁରକ୍ଷା ଦେବାକୁ ସରକାର ପ୍ରସ୍ତୁତ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂତ୍ରରୁ କୁହାଯାଇଛି।

# ବାତ୍ୟା ପରେ କାଦୁଅଫିଙ୍ଗା

■ 'ୟାସ୍' ପରିଚାଳନା ସରକାରଙ୍କ ପ୍ରଚାର ସର୍ବସ୍ୱ: ଭାଜପା
■ ସମାଲୋଚନା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ: ବିଜେଡି

**ଭୁବନେଶ୍ୱର, ୩।୬(ବ୍ୟୁରୋ)**

ବାତ୍ୟା 'ୟାସ୍' ପରିଚାଳନାକୁ ନେଇ ଶାସକ ଏବଂ ବିରୋଧୀ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଛି। ବାତ୍ୟା ପରିଚାଳନା ସରକାରଙ୍କ ପ୍ରଚାର ସର୍ବସ୍ୱ ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିବାବେଳେ ଏଭଳି ସମାଲୋଚନା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ପୂର୍ବତନ ରାଜସ୍ୱ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ମନମୋହନ ସାମଲ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ, ରାଜଧାନୀରେ ବସି ବାତ୍ୟା ଓ ବନ୍ୟା ସୁପରିଚାଳନା କରିବାର ମିଛ ପ୍ରଶଂସା ସାଉଁଟିବାରେ ରାଜ୍ୟ ସରକାର ସିଦ୍ଧହସ୍ତ। ୨୦୦୮ରେ ବିଧାନସଭାରେ ଗୃହ ବିଭାଗ କମିଟି ଦେଇଥିବା ରିପୋର୍ଟ ଆଧାରରେ ରାଜ୍ୟ ସରକାର ବାତ୍ୟା ମୁକାବିଲା ପାଇଁ କୌଣସି ପ୍ରାକ୍ ପ୍ରସ୍ତୁତି କରି ନ ଥିଲେ। ବାତ୍ୟା ତାଣ୍ଡବ ରଚିବ ବୋଲି ଭାରତୀୟ ପାଣିପାଗ ସତର୍କ କରାଇଥିଲା। ଏନ୍‌ଡିଆର୍‌ଏଫ୍ ମଧ୍ୟ ସମସ୍ତ ସହଯୋଗ କରିଥିଲା। ବାତ୍ୟା ପ୍ରଭାବିତ ଅଞ୍ଚଳବାସୀଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ବୋଲି କହିବା କେବଳ ପ୍ରହସନ। ୫୦ ଜଣଙ୍କୁ ସ୍ଥାନାନ୍ତରିତ କରି ୩୦୦ ଦର୍ଶାଯାଇଛି। ସେହିପରି ବାତ୍ୟା ଆଶ୍ରୟସ୍ଥଳୀରେ ବ୍ୟାପକ ଅବ୍ୟବସ୍ଥା ସୃଷ୍ଟି ହୋଇଥିଲା। ବିସ୍କୁଟ, ଚୁଡ଼ା ଦେଇ ଔପଚାରିକତା ପୂରଣ କରାଯାଇଥିଲା। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ବାତ୍ୟାଶ୍ରୟ ପରିଚାଳନା ହେଉଥିବା ମିଥ୍ୟା ପ୍ରଚାର କରାଯିବାରୁ ଅନେକେ ଆଶ୍ରୟ ସ୍ଥଳକୁ ଯାଇ ନ ଥିଲେ ବୋଲି ସାମଲ ଅଭିଯୋଗ କରିଛନ୍ତି।

ଅନ୍ୟପଟେ ଭାଜପାରେ ଏଭଳି ଅଭିଯୋଗର ଜବାବ ରଖିଛି ବିଜେଡି। ଦଳୀୟ ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ବାତ୍ୟା ପରିଚାଳନାରେ ରାଜ୍ୟ ସରକାର ସମୁଚିତ ପଦକ୍ଷେପକୁ ସବୁଆଡୁ ପ୍ରଶଂସା କରାଯାଉଥିବା ବେଳେ ରାଜନୈତିକ ଉଦ୍ଦେଶ୍ୟ ରଖି ଭାଜପା ନେତା ମନମୋହନ ସାମଲ ପ୍ରଶ୍ନ କରୁଛନ୍ତି। ବାତ୍ୟା ପରେ ସରକାର ରିଲିଫ୍ ଓ ଥଇଥାନ କାର୍ଯ୍ୟ ହାତକୁ ନେଇଛନ୍ତି। ପ୍ରଭାବିତ ଅଞ୍ଚଳବାସୀଙ୍କୁ ୭ଦିନ ପାଇଁ ମାଗଣା ଖାଦ୍ୟ ପ୍ରଦାନ ସହ କ୍ଷୟକ୍ଷତି ଆକଳନ କରାଯାଇଛି ବୋଲି ଲେନିନ୍ ପ୍ରତିକ୍ରିୟାରେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶା ର୍ୟାଙ୍କ୍...

ସହ ଏହି ରାଜ୍ୟ ୨୨ତମ ସ୍ଥାନରେ ଥିଲା। ରାଜ୍ୟଗୁଡିକର ସାମାଜିକ, ଅର୍ଥନୈତିକ ଏବଂ ପରିବେଶ ଭଳି ବିଭିନ୍ନ ମାନକ ଆଧାରରେ ଏଭଳି ସୂଚକାଙ୍କ ପ୍ରସ୍ତୁତ କରାଯାଇଛି। ସାରା ଦେଶ କଥା ବିଚାରକୁ ନେଲେ ଭାରତର ସ୍କୋର ୬ ପଏଣ୍ଟ ବୃଦ୍ଧି ହୋଇ ୬୦ରୁ ୬୬କୁ ବଢିଛି। ଭାରତ ସ୍ୱଚ୍ଛ ଜଳ ଯୋଗାଣ, ସୁଲଭ ଏବଂ ସ୍ୱଚ୍ଛ ଇନ୍ଧନ ଭଳି ଯୋଗାଣ କରିବାରେ ଅଗ୍ରଗତି କରିଥିବାରୁ ଉନ୍ନତ ପଏଣ୍ଟ ହାସଲ କରିଛି। ତାଲିକାର ପ୍ରଥମ ସ୍ଥାନରେ ରହିଥିବା କେରଳ ୭୫ ସ୍କୋର ହାସଲ କରିଛି। ୭୪ ସ୍କୋର ସହ ଉଭୟ ହିମାଞ୍ଚଳ ପ୍ରଦେଶ ଏବଂ ତାମିଲନାଡୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସବୁଠାରୁ ଖରାପ ପ୍ରଦର୍ଶନ କରିଥିବା ରାଜ୍ୟ ମଧ୍ୟରେ ବିହାର, ଝାଡ଼ଖଣ୍ଡ ଏବଂ ଆସାମ ରହିଛନ୍ତି। ୭୯ ସ୍କୋର ସହ ଚଣ୍ଡିଗଡ଼ କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରେ ଶୀର୍ଷ ସ୍ଥାନ ହାସଲ କରିଛି। ଏହା ପରେ ପରେ ୬୮ ସ୍କୋର ସହ ଦିଲ୍ଲୀ ରହିଛି। ୨୦୨୦-୨୧ର ଟପ୍ ଗେନର ସ୍ଥାନରେ ମିଜୋରାମ, ହରିୟାଣା ଏବଂ ଉତ୍ତରାଖଣ୍ଡ ରହିଛନ୍ତି। ୨୦୧୯ ତୁଳନାରେ ଏମାନଙ୍କ ସ୍କୋରରେ ବେଶ୍ ଉନ୍ନତି ଆସିଛି। ଉତ୍ତରାଖଣ୍ଡ, ଗୁଜରାଟ, ମହାରାଷ୍ଟ୍ର, ମିଜୋରାମ, ପଞ୍ଜାବ, ହରିୟାଣା, ତ୍ରିପୁରା, ଦିଲ୍ଲୀ, ଲାକ୍ଷାଦୀପ, ଆଣ୍ଡାମାନ ଆଣ୍ଡ ନିକୋବର, ଜମ୍ମୁ କଶ୍ମୀର ଏବଂ ଲଦାଖ ଫ୍ରଣ୍ଟ ରନର ବର୍ଗରେ ରହିଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଗୁଜରାଟ ଏବଂ ଦିଲ୍ଲୀ ଟପ୍ ପରଫରମର ରହିଛନ୍ତି। ଫ୍ରଣ୍ଟ ରନର ବର୍ଗରେ ୨୧ ରାଜ୍ୟ ଏବଂ ସବୁ କେନ୍ଦ୍ର ଶାସିତ ଅଞ୍ଚଳ ରହିଛନ୍ତି।

ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ କେରଳ ଏବଂ ଚଣ୍ଡିଗଡ଼ ଆଗରେ ରହିଛନ୍ତି। ସେହିଭଳି ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ତାମିଲନାଡୁ ଏବଂ ଦିଲ୍ଲୀ ସବୁଠାରୁ ଭଲ ପ୍ରଦର୍ଶନ କରିଛନ୍ତି। ଏହାବାଦ୍ ଅସମାନତା ହ୍ରାସ କ୍ଷେତ୍ରରେ ମେଘାଳୟ ଏବଂ ଛତିଶଗଡ଼ ବେଷ୍ଟ ପରଫରମର ରହିଛନ୍ତି। ଏଭଳି ଏକ ତାଲିକା ପ୍ରକାଶ ଦ୍ୱାରା ରାଜ୍ୟଗୁଡିକର ନିରନ୍ତର ବିକାଶ ଲକ୍ଷ୍ୟ ଦିଗରେ କିଭଳି ଅଗ୍ରଗତି ହାସଲ କରୁଛନ୍ତି ତା'ର ମନିଟରିଂ କରାଯାଉଛି ବୋଲି ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର କହିଛନ୍ତି। ୨୦୧୮ରେ ପ୍ରଥମ ଥର ଲାଗି ଏଭଳି ସୂଚକାଙ୍କ ପ୍ରକାଶ ପାଇଥିଲା। ଜାତିସଂଘ ସହଯୋଗରେ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି।

### ରାତିରେ ସବୁ ରକ୍ତ...

ଶକ୍ତିଶାଳୀ ଫ୍ରାନ୍ସ ପାଇଁ ଯୁଦ୍ଧ ଲଢ଼ିଥିଲେ। ମୁଖ୍ୟ ଚରିତ୍ର ଆଲ୍‌ଫା ଜର୍ମାନୀ ସୈନ୍ୟଙ୍କୁ ହତ୍ୟାକରି ଚାଲିଥିଲେ। ପରେ ସେମାନଙ୍କ ହାତଗୁଡ଼ିକୁ କାଟି ଦେଉଥିଲେ। ଯୁଦ୍ଧଭୂମିରେ ମଡେମ୍ବା ନିହତ ହେବା ପରେ ଆଲ୍‌ଫା ଏକୁଟିଆ ହୋଇଗଲେ। ସେ ଅଧିକ ହିଂସ୍ର ପାଲଟି ପାଗଳପ୍ରାୟ ହୋଇଯାଇଥିଲେ। ପୁରସ୍କାର ଚୟନ କମିଟିର ଅଧ୍ୟକ୍ଷ ବ୍ରିଟିଶ୍ ଲେଖକ ଲୁସି ହଗ୍‌ହେସ୍-ହଲେଟ କହିଛନ୍ତି, ଏହା ଏପରି ଏକ ସମ୍ମୋହନୀ ପୁସ୍ତକ, ଯାହା ପାଠିକାପାଠକଙ୍କ ଚେତନାକୁ ପ୍ରବେଶ କରି ବିଚାରରେ ପରିବର୍ତ୍ତନ ଆଣିବାର ସାମର୍ଥ୍ୟ ବହନ କରେ। ପ୍ରାୟ ୧୫୦ ପୃଷ୍ଠାର ଉକ୍ତ ଉପନ୍ୟାସ ବର୍ଣ୍ଣବାଦ ଓ ଉପନିବେଶବାଦ ଉପରେ ସାମ୍ପ୍ରତିକ ବିତର୍କର ପ୍ରାସଙ୍ଗିକତାକୁ ପ୍ରତିପାଦନ କରିଥାଏ। ଏହା ପାଠକଙ୍କ ମନରେ ବନ୍ଧୁତ୍ୱ ଭାବ ଓ ଭୀତି ସଞ୍ଚାର କରେ। ଉପନ୍ୟାସ ପଢ଼ିଲେ ହିପ୍‌ନୋଟାଇଜ୍ ହୋଇଗଲା ଭଳି ଅନୁଭବ ହୁଏ। ଡିଓପ୍‌ଙ୍କ ନୋଭେଲକୁ ସଂଖ୍ୟାଗରିଷ୍ଠ ୫ ବିଚାରପତି ଚୟନ କରିଥିଲେ। ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଥିଲେ 'ଇନ୍ ମେମୋରି ଅଫ୍ ମେମୋରି' ର ରୁଷୀୟ ଲେଖକ ମାରିନା ଷ୍ଟେପାନୋଭା ଏବଂ କ୍ଷୁଦ୍ରଗଳ୍ପ ସଂକଳନ 'ଦି ଡେଞ୍ଜର୍ସ ଅଫ୍ ସ୍ମୋକିଂ ଇନ୍ ବେଡ୍' ରଚୟିତା ଆର୍ଜେଣ୍ଟିନାର ମାରିଆନା ଏନ୍‌ରିକ୍ୟୁଜ୍। ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ଜନ୍ମିତ ଡିଓପ୍ ସେନେଗାଲରେ ବଢ଼ିଥିଲେ। ଏହି ୫୫ ବର୍ଷୀୟ ଲେଖକଙ୍କ ଜୀବନର ଅଧିକାଂଶ ସମୟ ଡାକାରରେ ବିତିଛି। ସେ ଫ୍ରାନ୍ସର ପାଉ ୟୁନିଭର୍ସିଟିରେ ଅଷ୍ଟାଦଶ ଶତାବ୍ଦୀର ସାହିତ୍ୟ ପଢ଼ାନ୍ତି। ଅନ୍ତର୍ଜାତୀୟ ବୁକର ପୁରସ୍କାର ପାଇବାରେ ସେ ହେଉଛନ୍ତି ଫ୍ରାନ୍ସର ପ୍ରଥମ ଲେଖକ। ପୂର୍ବରୁ ମ୍ୟାନ୍ ବୁକର ପ୍ରାଇଜ୍ ନାମରେ ପରିଚିତ ଥିବା ଇଣ୍ଟରନ୍ୟାଶନାଲ୍ ବୁକର ପ୍ରାଇଜ୍ ୨୦୦୫ରୁ ପ୍ରତିବର୍ଷ ସର୍ବୋତ୍କୃଷ୍ଟ ପୁସ୍ତକକୁ ମିଳିଥାଏ, ଯାହା ଇଂଲିଶରେ ଅନୂଦିତ ହୋଇ ବ୍ରିଟେନ କିମ୍ବା ଆୟରଲାଣ୍ଡରେ ପ୍ରକାଶିତ ହୋଇଥାଏ।

### ଶିକ୍ଷା ଉଦ୍ୟୋଗୀ...

ରାଜ୍ୟପାଳ ତାଙ୍କ ଶୋକବାର୍ତ୍ତାରେ ପରିବାର, ବନ୍ଧୁ ପରିଜନ ଓ ଛାତ୍ରୀଛାତ୍ରଙ୍କ ପ୍ରତି ସମବେଦନା ଜଣାଇବା ସହିତ ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ବୃଦ୍ଧି କରିବାରେ ତାଙ୍କର ଅତୁଳନୀୟ ଅବଦାନ ଥିଲା ବୋଲି କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ବିଜୟଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗ ପ୍ରତି ସମବେଦନା ଜଣାଇଛନ୍ତି। ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ବିଜୟଙ୍କର ଯଥେଷ୍ଟ ଅବଦାନ ରହିଥିଲା। ବିଶେଷକରି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଉପଦେଷ୍ଟା ଭାବେ ସରକାରୀ ବିଦ୍ୟାଳୟ ଶିକ୍ଷାକୁ ପରିବର୍ତ୍ତନ କରିବାରେ ତାଙ୍କର ଏକ ଅଗ୍ରଣୀ ଭୂମିକା ଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକପ୍ରକାଶ କରି କହିଛନ୍ତି, ରାଜ୍ୟରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଭଳି ଏକ ଉଚ୍ଚମାନର ଘରୋଇ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ଅନେକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନୂଆ ମାର୍ଗ ଦେଖାଇବାରେ ସକ୍ଷମ ହୋଇଥିଲେ ବିଜୟ ସାହୁ। ରାଜ୍ୟର ସରକାରୀ ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ପରିବର୍ତ୍ତନ ଆଣିବାରେ ମଧ୍ୟ ତାଙ୍କର ଭୂମିକା ଅତୁଳନୀୟ ଥିଲା। ଜଣେ ଶିକ୍ଷାବିତ୍ ଭାବେ ନିଜର ସ୍ୱତନ୍ତ୍ର ଉପସ୍ଥାପନା ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଆଗକୁ ବଢ଼ିବା ପାଇଁ ପରାମର୍ଶ ଓ ପ୍ରେରଣା ଦେଉଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଗୁରୁକ୍ଷେତ୍ରସ୍ଥ ଚନ୍ଦ୍ର ଯୋଗୁ ଯେଉଁ କାମ ଆଜି ଆରମ୍ଭ କରିବେ ସେଥିରେ ସଫଳତା ପାଇବା କଷ୍ଟକର ହେବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ କ୍ରମଶଃ ଦୂରେଇବାରେ ଲାଗିବ। ରାଜନୀତିରେ ଲୋକ ସମର୍ଥନ ଅବ୍ୟାହତ ରହିବା ଯୋଗୁ ଆଗେଇ ଯିବେ। ପିଲାମାନଙ୍କ ଉଚ୍ଚ ଶିକ୍ଷା ସକାଶେ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି ହେବ।

**ବୃଷ** ରବି ପାପଗ୍ରହ ଯୁକ୍ତ ହେତୁ ବନ୍ଧୁଙ୍କ କାର୍ଯ୍ୟକଳାପ ଅସନ୍ତୋଷଜନକ ରହିବ। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି କରିବେ, କିନ୍ତୁ ପରିବହନରେ ଝଗଡ଼ାର ସମ୍ଭାବନା ରହିଛି। ଏମିତି କେତେକ କଥା ପରିବାର ଭିତରେ ରହିଛି ଯାହା ଚାହିଁ ବି କାହାକୁ କହିପାରିବେ ନାହିଁ। ଅବହେଳାବଶତଃ ଗୁରୁତ୍ୱପୂର୍ଣ୍ଣ କାମଟିକୁ କରି ନ ପାରି ଦୁଃଖ କରିବେ।

**ମିଥୁନ** ରାଶିରେ ଶୁକ୍ର ରହିଥିବାରୁ ଦିନଟି ଆନନ୍ଦ ମଧ୍ୟରେ ଅତିବାହିତ ହେବ। ବ୍ୟବସାୟ କ୍ଷେତ୍ରରେ କୌଶଳ ଖଟାଇ କାର୍ଯ୍ୟ ହାସଲ କରିପାରିବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ଅସନ୍ତୁଷ୍ଟ ରହିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ନୀରବ ରହିବାକୁ ବାଧ ହେବେ।

**କର୍କଟ** ମଙ୍ଗଳଙ୍କ ଦୁର୍ବଳତା ଯୋଗୁ ସମ୍ପର୍କ ହାନି ଘଟିବା ସହ କର୍ମକ୍ଷେତ୍ର ଦୁର୍ବଳ ରହିବ। ଅତି ବିଶ୍ୱସ୍ତ ଲୋକଠାରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାକୁ ପଡ଼ିପାରେ। ଧାତୁ,ଅଳଙ୍କାର, ଗୃହୋପକରଣ କିମ୍ବା ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିପାରନ୍ତି। ବନ୍ଧୁଙ୍କ ଜରିଆରେ ସ୍ଥଗିତ କାମକୁ ପୁନଃ ଆରମ୍ଭ କରିପାରନ୍ତି।

**ସିଂହ** ପାପଗ୍ରହଯୁକ୍ତ ଧନାଧିପତି ଯୋଗୁ ଆର୍ଥିକ ଅନଟନ କାରଣରୁ କେତେକ ସ୍ଥଗିତ କାମ କରିବାରେ ଅସମର୍ଥ ହୋଇପାରନ୍ତି। ଅଫିସରେ କାହାକୁ କିଛି ନ କହି ମନ କଥା ମନରେ ମାରି ରହିବାକୁ ବାଧ ହେବେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବ୍ୟବସାୟ, ନିର୍ମାଣ, ପରିବହନ ପ୍ରଭୃତିରୁ ଖୁସି ରହିବେ।

**କନ୍ୟା** ଶନିକ୍ଷେତ୍ରସ୍ଥ ଗୁରୁ କାରଣରୁ ପାରିବାରିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡି ପ୍ରତ୍ୟେକ ବ୍ୟକ୍ତିଙ୍କର କଥାକୁ ଠିକ୍ ଭାବେ ବୁଝି ପାରିବେନି। ଲେଖାପଢ଼ା, ପ୍ରକାଶନ, ପ୍ରଶାସନ, ମାଲି ମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଚିନ୍ତା ଦୂର ହେବ। ଜଣେ ବନ୍ଧୁଙ୍କ ଟାଣ କଥାକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ତୁଳା** ବଳବାନ ଶନି ହେତୁ କୌଣସି ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଖୁସୀ ହୋଇପାରନ୍ତି। ଅଫିସରେ ଭୁଲ୍ ଖବର ପାଇ କିମ୍ବା ଉପରିସ୍ଥଙ୍କ କାମର ଚାପରେ ସାମୟିକ ବିବ୍ରତ ହେବାର ଆଶଙ୍କା ରହିଛି। ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ।

**ବିଛା** ଶୁଭ ଚନ୍ଦ୍ର ପ୍ରଭାବରୁ ନିଜର ଇଚ୍ଛା ଅନୁଯାୟୀ କାମ ଗୁଡିକ ହେବା କାରଣରୁ ମାନସିକ ସ୍ଥିରତା ରହିବ। ଅନ୍ୟମାନଙ୍କ ଉପରେ ପୂର୍ଣ୍ଣ ଭରସା କଲେ ସମସ୍ୟା ଭିତରେ ଛନ୍ଦି ହେବାକୁ ପଡ଼ିପାରେ। ସାଧାରଣ କଥାକୁ ଅସାଧାରଣ ଭାବେ କଳ୍ପନା କରି ଆଶଙ୍କାଗ୍ରସ୍ତ ହେବେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନରେ ସଫଳତା ହାସଲ କରିବେ।

**ଧନୁ** ଚନ୍ଦ୍ର ସ୍ଥିତି ଜନିତ ବିଭିନ୍ନ ପ୍ରକାରର ନକାରାତ୍ମକ ଚିନ୍ତାଧାରା ମନକୁ ବ୍ୟତିବ୍ୟସ୍ତ କରାଇପାରେ। ସଭାସମିତିରେ କିମ୍ବା ଆନୁଷ୍ଠାନିକ କାମରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। କେତେକ କ୍ଷେତ୍ରରେ ନିଜ ଲୋକମାନେ ପରୋକ୍ଷ ଶତ୍ରୁତା କରି ସମସ୍ୟାକୁ ବଢ଼ାଇଦେବେ।

**ମକର** ଶନି ଓ ଶୁକ୍ରଙ୍କ ସ୍ଥିତିଜନିତ ଅଟକି ରହିଥିବା କାର୍ଯ୍ୟର ସମସ୍ୟାଟି ଆକସ୍ମିକ ଭାବରେ ସମାଧାନ ହୋଇଯିବ। କର୍ମ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ ଓ ଖାଲି ହାତରେ ଫେରିବେ ନାହିଁ। ପାରିବାରିକ କ୍ଷେତ୍ରରେ କୌଣସି ଆଳ ଦେଖାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**କୁମ୍ଭ** କେତୁଙ୍କ କୁପ୍ରଭାବରୁ କର୍ମକ୍ଷେତ୍ରରେ ବିବାଦୀୟ ଘଟଣା ମନକୁ ବିବ୍ରତ କରିପାରେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ସାବଧାନତା ସହକାରେ ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ ଚଳାନ୍ତୁ।

**ମୀନ** ଅଷ୍ଟମାଧିପ ଶୁକ୍ର ପ୍ରଭାବରେ ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଆନୁଷ୍ଠାନିକ କାମରେ ପ୍ରଶଂସା ଭଣା ହେବ ନାହିଁ। ଅଳଙ୍କାର, ଔଷଧପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ବ୍ୟବସାୟ, ପରିବହନ, ଆଇନ ଅଦାଲତ ଓ ଜମିଜମା କ୍ଷେତ୍ରରୁ ସଫଳତା ହାସଲ କରିବେ।

ଆଜି ଜ୍ୟେଷ୍ଠ କୃଷ୍ଣ ଦଶମୀ ଶୁକ୍ରବାର, ଉତ୍କଳେ ଭଉଁରି, ଶ୍ରୀକ୍ଷେତ୍ରେ ହଳଦୀ ପାଣି, ଜୁନ୍ ୪ ତାରିଖ, ରାଶି ନକ୍ଷତ୍ର-ଉତ୍ତରଭାଦ୍ରବ/ମୀନ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ଗୃହପ୍ରବେଶ ପାଇଁ ଶୁଭଦିନ। ଧନୁ ରାଶିର ଘାତଚନ୍ଦ୍ର। ଦିବା ଘ.୧୨.୧୧ମି. ଗତେ ଘ.୦୨.୪୯ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୬.୦୩ମି. ଗତେ ଘ.୦୬.୫୫ମି. ମଧ୍ୟେ, ଘ.୦୯.୩୩ମି. ଗତେ ଘ.୧୦.୨୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୦୬ମି. ଗତେ ଘ.୧୧.୪୫ମି. ମଧ୍ୟେ ରାହୁକାଳ।

**ବାରଙ୍ଗରେ ଗଡ଼ିଲା ରାଜସ୍ୱରଥ**

ବାରଙ୍ଗ(ଡି.ଏନ୍.ଏ.): ରାଜ୍ୟ ସରକାରଙ୍କର ରାଜସ୍ୱ ରଥ ଗୁରୁବାର ବାରଙ୍ଗ ତହସିଲ ଅଞ୍ଚଳରେ ଆରମ୍ଭ କରିଛି। ବାରଙ୍ଗରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବା କମୁଥିବାବେଳେ ଲକ୍‌ଡାଉନ ଓ ଶଟ୍‌ଡାଉନ ଯୋଗୁ ସାଧାରଣ ଲୋକ ଘରୁ ବାହାରି ପାରୁନାହାନ୍ତି। ତେବେ କୋଭିଡ୍ ସମୟରେ ବାରଙ୍ଗ ତହସିଲଦାର ସଂକଳ୍ପ ସ୍ୱସ୍ତିକ ସାହୁଙ୍କ ତତ୍ତ୍ୱାବଧାନରେ ରାଜସ୍ୱ ନିରୀକ୍ଷକ ଓ କର୍ମଚାରୀମାନେ ବିଭିନ୍ନ ଗ୍ରାମ ପରିକ୍ରମା କରି ରାଜସ୍ୱ ରଥ ଦ୍ୱାରା ସଚେତନ କରିଛନ୍ତି। ଏହାସହ ଜନସାଧାରଣଙ୍କୁ ଭେଟିବା ଜମିପଟ୍ଟା ଓ ସାର୍ଟିଫିକେଟ ପ୍ରଦାନ କରିବା ସହ ସେମାନଙ୍କ ସମସ୍ୟାକୁ ବୁଝୁଥିବାର ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ସିଲ୍‌ଭର, ଗୋଲ୍‌ଡେନ ଫିଜାଣ୍ଟ ଅଣ୍ଡାରୁ ବାହାରିଲା ୫ ଛୁଆ

ବାରଙ୍ଗ,୩।୬(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନର ବିହଙ୍ଗ ସାରଣୀରେ ରହୁଥିବା ଗୋଲ୍‌ଡେନ ଫିଜାଣ୍ଟ (ସୁନେଲି କୁକ୍‌କୁଟ) ଦେଇଥିବା ଅଣ୍ଡାରୁ ୪ଟି ଛୁଆ ବାହାରିଛି। ସେହିପରି ସିଲ୍‌ଭର ଫିଜାଣ୍ଟ ଦେଇଥିବା ଅଣ୍ଡାରୁ ଗୋଟିଏ ଛୁଆ ବାହାରିଛି। ଫଳରେ ଉଭୟ ଫିଜାଣ୍ଟ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ନନ୍ଦନକାନନର ବନ୍ୟପ୍ରାଣୀ ଚିକିତ୍ସକ ସେମାନଙ୍କର ପ୍ରାଥମିକ ଚିକିତ୍ସା କରିଥିବା ବେଳେ ଜନ୍ତୁ ରକ୍ଷକ ଛୁଆଗୁଡ଼ିକର ସ୍ୱତନ୍ତ୍ର ଯତ୍ନ ନେଉଛନ୍ତି। ସାଧାରଣତଃ ଗୋଲ୍‌ଡେନ ଫିଜାଣ୍ଟ ଚାଇନା, ଆମେରିକା, ଇଂଲଣ୍ଡ ଦେଶର ପାର୍ବତ୍ୟାଞ୍ଚଳ ସଂଲଗ୍ନ ଜଙ୍ଗଲରେ ଦେଖାଯାଆନ୍ତି। ଏମାନେ ମାଟି ଉପରେ ପଡ଼ିଥିବା ଖାଦ୍ୟଶସ୍ୟ, କୋଳି, ମଞ୍ଜି ଓ ଅମେରୁଦଣ୍ଡି ପୋକ ଖାଇଥାନ୍ତି। ମାଈମାନେ ଦେଖିବାକୁ ଫିକାଧୂସର ରଙ୍ଗର ଓ ଏପ୍ରିଲରେ ୮ରୁ ୧୨ଟି ଅଣ୍ଡା ଦେଇଥାନ୍ତି। ଅଣ୍ଡା ଦେବାର ୨୨ରୁ ୨୩ ଦିନ ମଧ୍ୟରେ ଛୁଆ ଫୁଟାଇଥାନ୍ତି। ଏମାନେ ୫ରୁ ୬ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି ବୋଲି ନନ୍ଦନକାନନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସେହିପରି ସିଲଭର ଫିଜାଣ୍ଟ ଉଡ଼ିବାକୁ ପସନ୍ଦ କରନ୍ତି ନାହିଁ। ବିପଦ ଆସିଲେ କ୍ଷିପ୍ର ଗତିରେ ଦୌଡ଼ନ୍ତି। ଏହି ଫିଜାଣ୍ଟ ୬ରୁ ୧୫ଟି ଅଣ୍ଡା ଦେଇ ୨୬ରୁ ୨୭ ଦିନ ମଧ୍ୟରେ ଛୁଆ ଫୁଟାଇଥାନ୍ତି।

### ଇସ୍କନ ମନ୍ଦିରରୁ ଚୋରିବେଳେ ଧରାପଡ଼ି ଗିରଫ

ଭୁବନେଶ୍ୱର,୩।୬(ବ୍ୟୁରୋ): ନୟାପଲ୍ଲୀ ଇସ୍କନ ମନ୍ଦିରରୁ ଗୁରୁବାର ଭୋର୍ ସମୟରେ କେବୁଲ ଚୋରି କରୁଥିବାବେଳେ ଜଣେ ଅଭିଯୁକ୍ତଙ୍କୁ କର୍ମଚାରୀମାନେ ଧରି ପୋଲିସ ଜିମା ଦେଇଛନ୍ତି। ତାଙ୍କଠାରୁ ୪୦ ହଜାର ଟଙ୍କାର କେବୁଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସାଲିଆସାହିର ସନିଆ ଦାସ।

### ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ

ପୁରୁଣା ଭୁବନେଶ୍ୱର,୩।୬(ଡି.ଏନ୍.ଏ.): ଆସନ୍ତା ୧୬ତାରିଖ ବୁଧବାର ଶୀତଳଷଷ୍ଠୀ ଯାତ୍ରା। ଗତବର୍ଷ କୋଭିଡ୍-୧୯ ପାଇଁ ବନ୍ଦ ଥିବା ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ଯାତ୍ରା ଚଳିତବର୍ଷ ମଧ ହେବ କି ନାହିଁ ଆଶା ଆଶଙ୍କାରେ ରହିଛି। ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ମନ୍ଦିର ପ୍ରଶାସନ ଉଦ୍ୟମ ପୂର୍ବକ ଗୁରୁବାର ଏକ ପ୍ରସ୍ତୁତି ବୈଠକ କରାଯାଇ ବିଭିନ୍ନ ପ୍ରସ୍ତାବ ନିଆଯାଇଛି। ମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ସମସ୍ତ ନିଯୋଗ ପ୍ରମୁଖଙ୍କ ସହ ମନ୍ଦିର ବୋର୍ଡ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ବିନା ଭକ୍ତରେ, କୋଭିଡ୍ କଟକଣା ମଧ୍ୟରେ ଶ୍ରୀଜୀଉଙ୍କ ଚଳିତବର୍ଷର ଶୀତଳଷଷ୍ଠୀ ଯାତ୍ରା କରିବାକୁ ବିଏମ୍‌ସି ଅଧିକାରୀଙ୍କ ନିକଟକୁ ପ୍ରସ୍ତାବ ସମ୍ବଳିତ ଚିଠି ଦିଆଯାଇଛି। ବିଏମ୍‌ସି ଅନୁମତି ପ୍ରଦାନ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଦାଶ ସୂଚନା ଦେଇଛନ୍ତି।

### କୋଭିଡ୍ ଟିକା ସ୍ଲଟ୍ ବୁକିଂ ଆଳରେ ଠକେଇ ଉଦ୍ୟମ

ଭୁବନେଶ୍ୱର,୩।୬(ବ୍ୟୁରୋ): କରୋନା କବଳରୁ ରକ୍ଷା ପାଇବା ପାଇଁ ଏବେ ଟିକା ନେବାକୁ ସମସ୍ତେ ବ୍ୟଗ୍ର। ହେଲେ ସ୍ଲଟ୍ ବୁକିଂ ହେଉ ନ ଥିବାରୁ ଲୋକେ ଚିନ୍ତାରେ ରହୁଥିବାବେଳେ ଏହା ସାଇବର ଠକଙ୍କ ପାଇଁ ସୁଯୋଗ ପାଲଟିଛି। ସ୍ଲଟ୍ ବୁକିଂ ଆଳରେ ଠକେଇ କରିବା ପାଇଁ ଓଏଲ୍‌ଏକ୍ସ ଜରିଆରେ ଜାଲି ବିଛାଇଛନ୍ତି। ସୂଚନା ମୁତାବକ, ବଲାଙ୍ଗୀର ଅଞ୍ଚଳର ସୌମ୍ୟ ରଞ୍ଜନ ପାଢୀ ୨ଦିନ ତଳେ ଦ୍ୱିତୀୟ ଡୋଜ କୋଭିଡ୍ ଟିକା ପାଇଁ ସ୍ଲଟ ବୁକିଂରେ ବିଫଳ ହୋଇଥିଲେ। ଏପରିସ୍ଥିତିରେ ଓଏଲ୍‌ଏକ୍ସରେ ଟିକା ସ୍ଲଟ ଉପଲବ୍ଧ ଥିବା ବିଜ୍ଞାପନ ଦେଖି ଯୋଗାଯୋଗ କରିଥିଲେ। ୨ ଡୋଜ୍ ଟିକା ନେବା ପାଇଁ ୨୦ ହଜାର ଟଙ୍କା ଲାଗିବ ଓ ଏଥିପାଇଁ ଆଗୁଆ ବ୍ୟାଙ୍କ ଆକାଉଣ୍ଟରେ ପଠାଇବାକୁ ହେବ ବୋଲି ଠକ ଜଣକ କହିଥିଲେ। ଏପରିକି ସ୍ଲଟ୍ ବୁକିଂରେ ପୂର୍ବରୁ ନା ରହିଥିଲେ କିଛି ଅସୁବିଧା ନ ଥିବା ଜଣାଇଥିଲେ। ହେଲେ ସୌମ୍ୟ ଠକେଇର ଶିକାର ହେବା ଆଶଙ୍କା କରି ଟଙ୍କା ଟ୍ରାନ୍ସଫର କରି ନ ଥିଲେ। ଏ ସଂକ୍ରାନ୍ତରେ ସାଇବର ବିଶେଷଜ୍ଞମାନେ କହିଛନ୍ତି, ସରକାରଙ୍କ ଦ୍ୱାରା ସମସ୍ତ କୋଭିଡ୍ ଟିକା ମାଗଣା ଦିଆଯାଉଥିବାବେଳେ ଉପଲବ୍ଧ ସରକାରୀ ୱେବ୍‌ସାଇଟ୍‌ରେ ଟିକା ସ୍ଲଟ୍ ବୁକିଂ କରନ୍ତୁ। ଓଏଲଏକ୍ସରେ ଜରିଆରେ ଟିକା ସ୍ଲଟ୍ ବୁକିଂର ଅର୍ଥ ଠକେଇ। ଏହାଦ୍ୱାରା ସାଇବର ଠକ ଆପଣଙ୍କ ମୋବାଇଲ ଡାଟା ହ୍ୟାକ କରି ଆକାଉଣ୍ଟରୁ ଟଙ୍କା ଲୁଟି ନେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସେମାନେ କହିଛନ୍ତି।

# ସ୍ଲଟ୍ ବୁକିଂ ବନ୍ଦ: ୧୮ରୁ ୪୪ ନିରାଶ

## ଟିକା ନ ଥିବା କହିଲେ ବିଏମ୍‌ସି କମିଶନର



- ତେଜିଲା ଅସନ୍ତୋଷ, ଆଶଙ୍କାରେ ହିତାଧିକାରୀ
- ଟିକା ଆସିଲେ ଜୁନ୍ ୧୩ରେ ଦ୍ୱିତୀୟ ଡୋଜ୍

ଭୁବନେଶ୍ୱର, ୩।୬ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ୧୮ରୁ ୪୪ ବର୍ଷୀୟଙ୍କ ଟିକାକରଣ ନେଇ ଯେଉଁ ଆଶଙ୍କା କରାଯାଉଥିଲା ଶେଷରେ ତାହା ହିଁ ହୋଇଛି। ଟିକା ଅଭାବ ଯୋଗୁ ସହରରେ ରହୁଥିବା ଏହି ବର୍ଗର ହିତାଧିକାରୀ ନିରାଶ ହୋଇଛନ୍ତି। ଟିକାକରଣର ତାରିଖ ମିଳିଥିଲେ ମଧ୍ୟ ସ୍ଲଟ୍ ବୁକିଂ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। କେବେ ଟିକା ଆସିବ ଓ ନିର୍ଦ୍ଧାରିତ ସମୟ ଭିତରେ ଟିକା ନ ନେଲେ ଶରୀର ଉପରେ କୁପ୍ରଭାବ ପଡ଼ିବାର ଆଶଙ୍କା କରି ଚିନ୍ତାରେ ଅଛନ୍ତି ଦ୍ୱିତୀୟ ଡୋଜ୍ ନେବାକୁଥିବା ହିତାଧିକାରୀ। ତେବେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ସଞ୍ଜୟ କୁମାର ସିଂହ ଟିକା ଅଭାବ କଥାକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ଆମ ପାଖରେ ଏବେ ଯଥେଷ୍ଟ ଟିକା ନାହିଁ। ମେ ୩ରେ ପ୍ରଥମ ଡୋଜ୍ ଟିକା ନେଇଥିବା ହିତାଧିକାରୀମାନେ ଜୁନ୍ ୧୩ରେ ଦ୍ୱିତୀୟ ଡୋଜ୍ ଟିକା ନେବେ। ଦ୍ୱିତୀୟ ଡୋଜ୍ ଅବଧିର ଯଥେଷ୍ଟ ପୂର୍ବରୁ ଟିକା ଆସିଯିବ ବୋଲି କମିଶନର ସୂଚନା ଦେଇଛନ୍ତି।

ସୂଚନା ଯୋଗ୍ୟ, ଗତ ମେ ୩ରୁ ୧୮ରୁ ୪୪ ବର୍ଷ ବର୍ଗର ହିତାଧିକାରୀଙ୍କୁ ଟିକାକରଣ ଆରମ୍ଭ କରାଯାଇଥିଲା। ସେହିପରି ଜୁନ୍ ୨ ତାରିଖରୁ ସହରର ୪ଟି ସରକାରୀ ହସ୍ପିଟାଲରେ ଏହି ବର୍ଗର ଦ୍ୱିତୀୟ ଡୋଜ୍ ଟିକାକରଣ ଆରମ୍ଭ ହୋଇଥିଲା। ହେଲେ ଆରମ୍ଭରୁ ସ୍ଲଟ୍ ବୁକିଂ ହେଉ ନ ଥିବାରୁ ଅଧିକାଂଶ ହିତାଧିକାରୀ ଟିକା ନେଇ ନ ପାରି ନିରାଶ ହୋଇଥିବା ଜଣାପଡ଼ିଛି।

## ୮୯୮ ଆକ୍ରାନ୍ତ, ୧୨୨୮ ସୁସ୍ଥ

ଭୁବନେଶ୍ୱରରେ ବର୍ତ୍ତମାନ କରୋନା ସ୍ଥିତି ଧୀରେ ଧୀରେ ସୁଧୁରୁଥିବା ଦେଖିବାକୁ ମିଳୁଛି। କିଛିଦିନ ହେବ ସଂକ୍ରମଣଠାରୁ ଅଧିକ ସୁସ୍ଥ ହେଉଛନ୍ତି। ଗତ ୨୪ ଘଣ୍ଟାରେ ସହରରୁ ୮୯୮ଜଣ ନୂତନ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୨ଶହ ୨୮ଜଣ ସୁସ୍ଥ ହୋଇଛନ୍ତି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ୧୨୬ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୭୭୨ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ସେହିପରି ପୁରୁଣା ଭୁବନେଶ୍ୱରରୁ ସର୍ବାଧିକ ୪୫, ନୟାପଲ୍ଲୀରୁ ୩୭, ପଟିଆରୁ ୨୫, ଟଙ୍କପାଣି ରୋଡ୍‌ରୁ ୨୦, ଚକେଇସିଆଣିରୁ ୨୯, ବଡଗଡରୁ ୨୦, ଲକ୍ଷ୍ମୀସାଗରରୁ ୨୩, ଖଣ୍ଡଗିରିରୁ ୨୯, ବରମୁଣ୍ଡାରୁ ୧୯, ପାତ୍ରପଡାରୁ ୧୨ଜଣ, ନୀଳାଦ୍ରି ବିହାରରୁ ୧୮, ରସୁଲଗଡରୁ ୧୭, ପୋଖରୀପୁଟରୁ ୧୨, ଶୈଳଶ୍ରୀ ବିହାରରୁ ୧୪, ୟୁନିଟ-୬ରୁ ୧୬, ସୁନ୍ଦରପଦାରୁ ୧୭, ଶାସ୍ତ୍ରୀ ନଗରରୁ ୧୪, ଶହୀଦନଗରରୁ ୧୩, ସାମନ୍ତରାପୁରରୁ ୧୧, ୟୁନିଟ-୮ରୁ ୧୦, ବୁଦ୍ଧେଶ୍ୱରୀ କଲୋନୀରୁ ୧୭, ଜିଜିପି କଲୋନୀରୁ ୧୧, ଡୁମୁଡୁମାରୁ ୧୯, ଝାରପଡାରୁ ୨୯, ମଞ୍ଚେଶ୍ୱରରୁ ୨୧, ବିଜେବି ନଗରରୁ ୯, ଆଇଆର୍‌ସି ଭିଲେଜ ଓ ଭରତପୁରରୁ ୮ଜଣ ଲେଖାଏ, ବିଡିଏ କଲୋନୀରୁ ୫, ଗାଡକଣ, ବମିଖାଲ ଓ କଳ୍ପନାରୁ ୬ଜଣ ଲେଖାଏ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ସହରରେ ସଂକ୍ରମିତଙ୍କ ସଂଖ୍ୟା ୭୮ହଜାର ୫୭୪ରେ ପହଞ୍ଚିଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୬୭ହଜାର ୫୫୨ ଓ ମୃତ୍ୟୁ ସଂଖ୍ୟା ୩୪୫ରେ ପହଞ୍ଚିଛି। ଏବେ ୧୦,୬୫୬ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।



ସଂସ୍କୃତି ଭବନ ପରିସରରେ ଗୁରୁବାର କୋଭିଡ୍ ସଚେତନତା ରଥକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

## ଆଉ ୧୦ ଜିଲା, ୨ ସହରାଞ୍ଚଳ ପରିକ୍ରମା କରିବ

### କୋଭିଡ୍ ସଚେତନତା ରଥ ଲୋକାର୍ପିତ

ଭୁବନେଶ୍ୱର, ୩।୬ (ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ୟୁନିସେଫ୍ ଓଡ଼ିଶାର ମିଳିତ ଉଦ୍ୟମରେ କୋଭିଡ୍ ସଚେତନତା ଅଭିଯାନ ଜାରି ରହିଛି। ପୂର୍ବରୁ ଦୁଇ ପର୍ଯ୍ୟାୟରେ ୧୬ ଜିଲା ଓ ୩ ସହରାଞ୍ଚଳରେ ସଚେତନତା ରଥ ପରିକ୍ରମା କରୁଥିବାବେଳେ ଗୁରୁବାର ଆଉ ୧୦ ଜିଲା ଓ ୨ ମହାନଗର ନିଗମ ଅଞ୍ଚଳ ପାଇଁ ପ୍ରସ୍ତୁତ ସଚେତନତା ରଥ ଲୋକାର୍ପିତ ହୋଇଛି। ରଥଗୁଡ଼ିକ ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, ମୟୂରଭଞ୍ଜ, ସୁନ୍ଦରଗଡ଼, ଗଜପତି, ଖୋର୍ଦ୍ଧା ଓ କଟକ ଜିଲା ସହିତ କଟକ ଓ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ସଚେତନତାର ବାର୍ତ୍ତା ଦେବ।

ସଂସ୍କୃତି ଭବନ ପରିସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁ ପଦ ସେଠୀ, ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ପ୍ରମୁଖ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପଦ୍ମଶ୍ରୀ ଅରୁଣା ମହାନ୍ତି, ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଅଭିନେତା କୁନା ତ୍ରିପାଠୀ, ଅଭିନେତ୍ରୀ ଅର୍ଚ୍ଚିତା ଓ ସଂସ୍କୃତି ନିର୍ଦ୍ଦେଶକଙ୍କ ପ୍ରଦତ୍ତ ବାର୍ତ୍ତା ପ୍ରଚାରର ଶୁଭାରମ୍ଭ କରାଯାଇଥିଲା। ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କ ଦ୍ୱାରା ଲିଖିତ ସଚେତନତା କାହାଣୀ 'କେଉଁ ବେଳାରେ ଆସିଲା ଏଇ କରୋନା ଭୂତାଣୁ' ଗୀତର ଭିଜୁଆଲ, ବାସୁଦେବ ମାଳ ବିଶୋଇ ଓ ଅବନୀ ମିଶ୍ରଙ୍କ ଦ୍ୱାରା ରଚିତ ଗୀତ 'ହାତ ଅଟେ ଅମୂଲ୍ୟ ରତ୍ନ' ଓ 'ନାଗର ନାଗରୀ'ର ଲୋକାର୍ପଣ କରାଯାଇ ଥିଲା। ୟୁନିସେଫ୍ ନୂଆଦିଲ୍ଲୀର ଯୋଗାଯୋଗ ବିଶେଷଜ୍ଞ ଲୋପାମୁଦ୍ରା ତ୍ରିପାଠୀ, ନେହେରୁ ଯୁବ କେନ୍ଦ୍ରର ରାଜ୍ୟ ନିର୍ଦ୍ଦେଶକ ରୀତା ଭଗତ, ବିଏମ୍‌ସିର ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର ଯୋଗଦେଇଥିଲେ। ବାସୁଦେବ ମାଳ ବିଶୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଗୃହ ସଙ୍ଗରୋଧକାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କଲା ଆର୍‌ଆର୍‌ଟି

ଭୁବନେଶ୍ୱର, ୩।୬ (ବ୍ୟୁରୋ): ରାପିଡ୍ ରେସ୍‌ପନ୍ସ ଟିମ୍ (ଆର୍‌ଆର୍‌ଟି) ପକ୍ଷରୁ ଗୁରୁବାର ଗୃହ ସଙ୍ଗରୋଧରେ ରହୁଥିବା ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରାଯାଇଛି। ଏହି ଟିମ୍‌ରେ ସାମିଲ ଥିବା ସ୍ୱାସ୍ଥ୍ୟ କର୍ମୀ ଓ ଡାକ୍ତର ୩ଟି ଜୋନ୍‌ରେ ଆକ୍ରାନ୍ତଙ୍କ ଘରକୁ ଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିସହ ଔଷଧ ଓ ଅନ୍ୟାନ୍ୟ ସାମଗ୍ରୀ ଥିବା କିଟ୍ ପ୍ରଦାନ କରାଯାଇଥିଲା। ନିଜର ଉପଯୁକ୍ତ ଯତ୍ନ ନେବା ସହ ଠିକ୍ ସମୟରେ ଔଷଧ ସେବନ କରିବା ଓ ଚିକିତ୍ସା ସମ୍ପର୍କିତ କୌଣସି ଆବଶ୍ୟକତା ପଡିଲେ ୧୯୨୯କୁ ଫୋନ୍ କରିବାକୁ ଆକ୍ରାନ୍ତଙ୍କୁ ପରାମର୍ଶ ଦିଆଯାଇଥିଲା।

## ପରିବେଶ ଚିନ୍ତା: ଖାଦ୍ୟ ଅର୍ଡର କଲେ ମାଗଣାରେ ମଞ୍ଜି



କାଗଜ ପ୍ରସ୍ତୁତ ପେନ୍ ଭିତରେ ରହିଥିବା ମଞ୍ଜି।

ଭୁବନେଶ୍ୱର, ୩।୬(ବ୍ୟୁରୋ): ବିଶ୍ୱ ପରିବେଶ ଦିବସ ଉପଲକ୍ଷେ 'ଉଡ୍ ଫାୟାର' ପକ୍ଷରୁ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି। ଏକ ନିଆରା ଢଙ୍ଗରେ ବିଶ୍ୱ ପରିବେଶ ସପ୍ତାହ ପାଳନ କରୁଛି ଅନୁଷ୍ଠାନ। ଖାଦ୍ୟ ଅର୍ଡର ଦେଲେ ଖାଦ୍ୟ ସହ ଗଛର ମଞ୍ଜି ମାଗଣାରେ ଦିଆଯାଉଛି। ଏହାଦ୍ୱାରା ପରିବେଶର ସୁରକ୍ଷା ହୋଇପାରିବ ବୋଲି ଆଶା ରଖିଛନ୍ତି ସଂସ୍ଥାର ମୁଖ୍ୟ ସନ୍ତୋଷ ଚୌଧୁରୀ। ସେ କହିଛନ୍ତି, ଗ୍ରାହକ ଉଡ୍ ଫାୟାରର ଖାଦ୍ୟ ପାଇଁ ଅର୍ଡର ଦେଲେ ଅର୍ଡର ବକ୍ସରେ ଖାଦ୍ୟ ସହ ଏକ ପେନ ମିଳିବ। ଏହା କାଗଜରେ ପ୍ରସ୍ତୁତ ହୋଇଛି। ଏଥିରେ କିଛି ମଞ୍ଜି ଦିଆଯାଉଛି। ଖାଦ୍ୟ ପାତ୍ରରେ ଏହି ମଞ୍ଜି ବୁଣି ଘରର ବାଲକୋନୀ କିମ୍ବା ଘର ଭିତରେ ଛୋଟଛୋଟ ଗଛ ଲଗାଯାଇପାରିବ। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଉଡ୍‌ଫାୟାର ଏଭଳି ଖାଦ୍ୟ ସହ ମଞ୍ଜି ବିତରଣ କରିବ। ଏହା ପରିବେଶ ସୁରକ୍ଷାରେ ବେଶ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି।



### ବୁଦ୍ଧି ଥିଲେ ଛାଇ ମିଳେ...

ସାଇକେଲରେ ଯିବାବେଳେ ଛତା ଧରିବା ସମ୍ଭବ ହେଉ ନ ଥିବାରୁ ଗୁରୁବାର ଭୁବନେଶ୍ୱରରେ ଜଣେ ଆରୋହୀ ଛାଇ ପାଇଁ ବେଣ୍ଟକୁ ଶାର୍ଟ କଲର ଭିତରେ ରଖି ଯାଉଛନ୍ତି।

## ସୁପ୍ରିମକୋର୍ଟଙ୍କ ରାୟ ମାନିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ

### ସ୍କୁଲ୍ ଫି' ଛାଡ଼ ପ୍ରସଙ୍ଗ

ଭୁବନେଶ୍ୱର, ୩।୬(ବ୍ୟୁରୋ)

କରୋନା କାଳରେ ଘରୋଇ ସ୍କୁଲର ଛାତ୍ରୀଛାତ୍ରଙ୍କ ଫି' ଛାଡ଼କୁ ନେଇ ସୁପ୍ରିମ୍‌କୋର୍ଟଙ୍କ ରାୟକୁ ଆଧାର କରି ରାଜ୍ୟ ସରକାର ଗୁରୁବାର ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଯେଉଁ ସ୍କୁଲଗୁଡ଼ିକ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥିବା ଏମ୍‌ଓୟୁରେ ସ୍ୱାକ୍ଷର କରିଥିବେ ସେମାନେ ସରକାରଙ୍କ ଜାନୁୟାରୀ ୯ତାରିଖରେ ପ୍ରକାଶିତ ବିଜ୍ଞପ୍ତିକୁ ମାନିବେ। ଏହାବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଘରୋଇ ସ୍କୁଲ ୨୦୧୯-୨୦ ଶିକ୍ଷା ବର୍ଷରେ ଆଦାୟ କରିଥିବା ଦେୟର ୧୫% ରିହାତିରେ ପିଲାଙ୍କ ଠାରୁ ୨୦୨୦-୨୧ ଶିକ୍ଷା ବର୍ଷରେ ଫି' ଆଦାୟ କରିବେ। ଯେଉଁ ଅଭିଭାବକମାନେ ପୂର୍ବରୁ ସମସ୍ତ ଦେୟ ପୈଠ କରିସାରିଥିବେ, ସେମାନଙ୍କ ପାଇଁ ଉକ୍ତ ରିହାତି ଫି' ପରବର୍ତ୍ତୀ ଦେୟରୁ କାଟି ଦିଆଯିବାକୁ ନିର୍ଦ୍ଦେଶ ରହିଛି। ଏପରି କି ଯେଉଁ ଛାତ୍ରୀଛାତ୍ରମାନେ ଦଶମ ଓ ଦ୍ୱାଦଶ ପରୀକ୍ଷା ଦେବାକୁ ଥିବେ, ସେମାନଙ୍କୁ ୨୦୨୦-୨୧ ଶିକ୍ଷା ବର୍ଷରେ ସ୍କୁଲ ଦେୟ ଦେଇ ନ ଥିବା କାରଣ ଦର୍ଶାଇ ବିଦ୍ୟାଳୟ କର୍ତ୍ତୃପକ୍ଷ ପାଠପଢ଼ାରୁ ନିବୃତ୍ତ କରିପାରିବେ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିକୁ ସମସ୍ତ ଘରୋଇ ବିଦ୍ୟାଳୟର ପରିଚାଳନା କର୍ତ୍ତୃପକ୍ଷ ଏବଂ ଅଭିଭାବକ ସଂଘ ମାନିବାକୁ ନିର୍ଦ୍ଦେଶ ରହିଛି। ଅପରପକ୍ଷରେ ଓଡ଼ିଶା ଅଭିଭାବକ ମହାସଂଘ ରାଜ୍ୟ ସରକାରଙ୍କ ଏହି ବିଜ୍ଞପ୍ତିକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛି। ମହାସଂଘର କହିବା ଅନୁଯାୟୀ କେଉଁ ଫି 'ଉପରେ ଦେୟ ଛାଡ଼ ହେବ ତାହା ପ୍ରଥମେ ସରକାର ନିଶ୍ଚିତ କରନ୍ତୁ। ଏପରି କି ସ୍କୁଲ ଖୋଲିବା ପର୍ଯ୍ୟନ୍ତ ଏହି ବିଜ୍ଞପ୍ତି କାର୍ଯ୍ୟ କରିବା କଥା, ଏହାକୁ ନ ଲେଖି ୨୦୨୧-୨୨ରୁ ସମ୍ପୂର୍ଣ୍ଣ ଫି' ଆଦାୟ କରିବାକୁ କିପରି କୁହାଯାଇଛି। ଏଥିସହ ୧୯୯୬ ରିଜୋଲ୍ୟୁଶନ ଅନୁସାରେ ସ୍କୁଲ ସୁବିଧା ଦେଖି ରାଜ୍ୟ ସରକାର ଫି' ଘୋଷଣା କରନ୍ତୁ ଏବଂ ତା'ର ୧୫% କାଟନ୍ତୁ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

## କ୍ଲିନିକ୍‌ରୁ ଯୁବତୀଙ୍କ ମୃତଦେହ ଜବତ

ଭୁବନେଶ୍ୱର (ବ୍ୟୁରୋ)/ପୁରୁଣା ଭୁବନେଶ୍ୱର,୩।୬ (ଡି.ଏନ୍.ଏ.)

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଭୀମଟାଙ୍ଗୀସ୍ଥିତ ଏକ ଘରୋଇ କ୍ଲିନିକରୁ ଗୁରୁବାର ଜଣେ ଯୁବତୀଙ୍କ ମୃତଦେହ ମିଳିଛି । ସେ ହେଲେ ଏହି ଥାନା ଅନ୍ତର୍ଗତ କେଳାସାହିର ମାମାଲି ଜେନା (୧୯)। କ୍ଲିନିକର ଏକ କୋଠରିରେ ଫ୍ୟାନରେ ଓଢଣୀ ଦ୍ୱାରା ମାମାଲି ଝୁଲୁଥିବା ଦେଖି ଡାକ୍ତର ଓ ତାଙ୍କ ବଡ ଭଉଣୀ ଉଦ୍ଧାର କରି ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ଘଟଣା ସମ୍ପର୍କରେ ବୁଝିବା ସହ ଏକ ଅପମୃତ୍ୟୁ ମାମଲା ନଂ.୧୮/୨୧ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ମାମାଲି ଓ ତାଙ୍କ ବଡ ଭଉଣୀ କିଛିଦିନ ହେବ ଭୀମଟାଙ୍ଗୀସ୍ଥିତ ଉକ୍ତ କ୍ଲିନିକ୍‌ରେ ରହି କାମ କରୁଥିଲେ। ତେବେ ଦୁଇ ଭଉଣୀ କ୍ଲିନିକରେ ଥିବାବେଳେ ଡାକ୍ତରଙ୍କ ମା' ମାମାଲିଙ୍କୁ ପାଖ ଦୋକାନରୁ ଖାଇବା ତେଲ ଆଣିବାକୁ ପଠାଇଥିଲେ। ଦୋକାନରୁ ଫେରି ସେ କପଡ଼ା ବଦଳାଇବା ପାଇଁ କ୍ଲିନିକ୍‌ର ଏକ କୋଠରିକୁ ଯାଇ କବାଟ ବନ୍ଦ କରିଦେଇଥିଲେ। ତେବେ ବହୁ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ଉକ୍ତ କ୍ଲିନିକର ଡାକ୍ତର ଓ ତାଙ୍କ ବଡ଼ ଭଉଣୀ କବାଟର ତାଲା ଭାଙ୍ଗିଥିଲେ। ଏହାପରେ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଥିବା ମାମାଲିଙ୍କୁ ତୁରନ୍ତ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ।

## ବିଏମ୍‌ସି ସଫେଇ କର୍ମଚାରୀଙ୍କୁ ଯୋଦ୍ଧା ସମ୍ମାନ

ଭୁବନେଶ୍ୱର, ୩।୬ (ବ୍ୟୁରୋ): କରୋନା ଲଢ଼େଇରେ ନିଜ ଜୀବନକୁ ବାଜି ଲଗାଇ ପରିବେଶ, ରାସ୍ତାଘାଟ ତଥା କଲୋନୀଗୁଡ଼ିକୁ ସଫା ରଖୁଥିବା ବିଏମ୍‌ସି କର୍ମଚାରୀଙ୍କୁ ଯୋଦ୍ଧା ସମ୍ମାନ ପ୍ରଦାନ କରାଯାଇଛି। ୮ନମ୍ବର ୱାର୍ଡ ଅନ୍ତର୍ଗତ ଚନ୍ଦ୍ରଶେଖରପୁର ଦୁର୍ଗା ପୂଜା ପଡିଆରେ ସାମାଜିକକର୍ମୀ ମନୋଜ ସାହୁଙ୍କ ନେତୃତ୍ୱରେ ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଫେଇ କର୍ମଚାରୀ ଓ ସୁପରଭାଇଜର ଅଜୟ ରଣା, ପର୍ଣ୍ଣନାଥ ଘଡେଇ, ବିଜୟ ବେହେରା, ସୋମନାଥ ବେହେରା, କିଶୋର ରାଉତଙ୍କୁ ମୁଖ୍ୟ ଅତିଥି ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ସମ୍ମାନ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ୱାର୍ଡ ଅଫିସର ବୈଷ୍ଣବ ସାହୁ ଓ ୱାର୍ଡ ସଭାପତି ଲକ୍ଷ୍ମୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଚଢ଼ାଉବେଳେ ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ

- ମହିଳା କନ୍‌ଷ୍ଟେବଲ ଓ ଅନ୍ୟ ୩ କର୍ମଚାରୀ ଆହତ
- ୨ ମହିଳାଙ୍କ ସମେତ ଗୋଟିଏ ପରିବାରର ୪ଗିରଫ

ଭୁବନେଶ୍ୱର,୩।୬(ବ୍ୟୁରୋ)

ଭରତପୁର ଥାନା ଅନ୍ତର୍ଗତ ହରପାର୍ବତୀ ସାହିରେ ଗୁରୁବାର ଚଢ଼ାଉବେଳେ ଅବକାରୀ ଟିମ୍ ଉପରକୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଏଥିରେ ଜଣେ ମହିଳା କନଷ୍ଟେବଲଙ୍କ ସମେତ ୪ଜଣ ଆହତ ହୋଇଛନ୍ତି। ଖବରପାଇ ଭରତପୁର ଥାନା ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଛି। ଏଥିସହ ୨ଜଣ ମହିଳାଙ୍କ ସମେତ ଗୋଟିଏ ପରିବାରର ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡ଼ ଜିଲା ଓଡ଼ଗାଁର ଅରୁଣ ନାୟକ ଓରଫ ଅରୁ(୨୯), ଧୁସା ନାୟକ(୧୯), ସୁନୀତା ନାୟକ(୨୦) ଓ ଅଲ୍ଲୀ ନାୟକ ଓରଫ କୁମାରୀ(୨୯)। ଅଭିଯୁକ୍ତମାନେ ହରପାର୍ବତୀ ସାହିରେ ରହି ଚୋରା ମଦ ବ୍ୟବସାୟ କରୁଥିଲେ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ହରପାର୍ବତୀ ସାହିରେ ଏକ ଘରେ ଦେଶୀମଦ, ଗଞ୍ଜେଇ, ବ୍ରାଉନସୁଗାର ବ୍ୟବସାୟ ହେଉଥିବା ନେଇ ଅବକାରୀ ବିଭାଗ ସୂଚନା ପାଇଥିଲା। ଏସ୍‌ଆଇ ନୀଳିମା ଜୟନ୍ତୀ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଚଢାଉ କରିଥିଲା। ଅଭିଯୁକ୍ତ କୁମାରୀ ନାୟକଙ୍କ ଘରେ ଚଢାଉ ସମୟରେ ଉକ୍ତ ଘରୁ ଦେଶୀମଦ ମିଳିଥିଲା। ତେବେ ଜବତ ମଦକୁ ଅବକାରୀ ଟିମ୍ ନେଉଥିବା ସମୟରେ ଅଭିଯୁକ୍ତମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ଲୁହା ରଡ଼ ଓ ବାଡ଼ିରେ ଅବକାରୀ କର୍ମଚାରୀଙ୍କୁ ନିସ୍ତୁକ ପିଟିଥିଲେ। ଏଥିସହ ପଥର ଫିଙ୍ଗି ଅବକାରୀ କର୍ମଚାରୀଙ୍କ ଗାଡ଼ି କାଚ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି।

## ଅପହରଣ ନୁହେଁ, ଉଦ୍ଧାର

### ରାଜଧାନୀରେ ହାଇ ଡ୍ରାମା

- ପୋଲିସ ଧରପଗଡ଼ ପରେ ଘଟଣାର ଭିନ୍ନ ମୋଡ଼
- ନିଶାନିବାରଣ କେନ୍ଦ୍ରରୁ ଖସିଆସିଥିଲେ ଯୁବକ: ଡିସିପି

ଭୁବନେଶ୍ୱର,୩।୬(ବ୍ୟୁରୋ)

ଅପରାହ୍ନ ପ୍ରାୟ ସାଢ଼େ ୫ଟା। ଭୁବନେଶ୍ୱର ଡେଲ୍‌ଟା ଛକରୁ ସର୍ବସମ୍ମୁଖରେ ଜଣେ ଯୁବକଙ୍କୁ ୫ଜଣ ଦୁର୍ବୃତ୍ତ ଏକ ନୀଳ ରଙ୍ଗର କାର୍‌ରେ ଅପହରଣ କରିନେଇଥିବା ଖବର ଚାରିଆଡେ ବ୍ୟାପିଯାଇଥିଲା। ଏହି ଅପହରଣର ଲାଇଭ୍ ଭିଡିଓ ଭାଇରାଲ ହେବା ସହ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଯିବା ପରେ କମିଶନରେଟ ପୋଲିସର ମୁଣ୍ଡବ୍ୟଥା ଆରମ୍ଭ ହୋଇଥିଲା। ଲକ୍‌ଡାଉନ୍ କଟକଣା ଭିତରେ ପୁଣି ରାଜଧାନୀ ରାଜରାସ୍ତାରୁ ଅପହରଣ ଘଟଣା ପୋଲିସର କାର୍ଯ୍ୟଧାରାକୁ ନେଇ ଅଙ୍ଗୁଳି ଉଠାଇଥିଲା। ଅପହରଣକାରୀଙ୍କୁ ଧରିବା ସହ ତୁରନ୍ତ ଅପହୃତ ଯୁବକଙ୍କୁ ଉଦ୍ଧାର ପାଇଁ ଡିସିପି ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସ୍ପେଶାଲ ସ୍କ୍ୱାଡ୍ ଓ ଖଣ୍ଡଗିରି ଥାନା ପୋଲିସର ଦୁଇଟି ଟିମ୍ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଥିଲା। ଭିଡିଓ ଫୁଟେଜ ଓ ଉକ୍ତ କାର୍ ନମ୍ବରକୁ ନେଇ ଖୋଳତାଡ଼ କରାଯିବା ପରେ ଅପହରଣ ଘଟଣା ଭିନ୍ନ ମୋଡ଼ ନେଇଥିଲା। ଅପହରଣ ନୁହେଁ, ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରାଯାଇଥିବା ଜଣାପଡିଥିଲା। ଯୁବକ ଜଣକ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ହେଲେ ସେ ସେଠାରୁ ଖସିଆସିବାରୁ ତାଙ୍କୁ ଧରି ପୁଣିଥରେ ସେଠାକୁ ନିଆଯାଉଥିଲା ବୋଲି ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି।



ଘଟଣା ସମୟର ଭିଡିଓ ଫୁଟେଜ୍।

ଉକ୍ତ ଯୁବକ ହେଲେ ଖଣ୍ଡଗିରିବାରି ଅଞ୍ଚଳର ଲିପୁ ବାରିକ। ସେ ଅତ୍ୟଧିକ ନିଶା ସେବନ କରୁଥିବାରୁ ତାଙ୍କ ପରିବାର ଲୋକେ ୫ରୁ ୭ଦିନ ତଳେ ତାଙ୍କୁ କୋଳଥିଆ ଅଞ୍ଚଳରେ ଥିବା ଜାଗୃତି ନିଶାନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ କୌଣସିମତେ ଗୁରୁବାର ଲିପୁ ସେଠାରୁ ଖସି ଆସିଥିଲେ। ଲିପୁ ଖସିଆସିବା ପରେ ପରିବାର ଲୋକ ଓ ନିଶାନିବାରଣ କେନ୍ଦ୍ର କର୍ମକର୍ତ୍ତା ତାଙ୍କୁ ଖୋଜି ଖୋଜି ଅପରାହ୍ନ ସାଢେ ୫ଟାରେ ଡେଲ୍‌ଟା ଛକ ନିକଟରେ ପାଇଥିଲେ। ହେଲେ ସେ ସେମାନଙ୍କ ସହ ଯିବାକୁ ଚାହିଁ ନ ଥିଲେ। ତେଣୁ ତାଙ୍କୁ ସେମାନେ ଜୋର ଜବରଦସ୍ତି ଏକ କାରରେ ନେଇଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ଏହାକୁ ଏକ ଅପହରଣ ଭାବି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ଏହାକୁ ନେଇ ଦୀର୍ଘ ଘଣ୍ଟା ଧରି ରାଜଧାନୀରେ ହାଇଡ୍ରାମା ଦେଖିବାକୁ ମିଳିଥିଲା। ଡିସିପିଙ୍କ ସୂଚନା ପରେ ଏଥିରେ ପୂର୍ଣ୍ଣଚ୍ଛେଦ ପଡିଛି।

ନୀରବ ରହିବା ଓ ନିଜର ଉଦ୍ଦେଶ୍ୟକୁ ପ୍ରକଟ ନ କରିବା ଗୋଟାଏ କଥା କିନ୍ତୁ ଉଦ୍ଦେଶ୍ୟ ନେଇ କିଛି କରିଥିବା ସ୍ଥଳେ- ମୁଁ ତାହା କରି ନାହିଁ ବୋଲି କହିବାଟା ନୀରବତା ନୁହେଁ- ଏହା ହିଁ ମିଥ୍ୟାଚାର। —ଶ୍ରୀମା

# ତଥ୍ୟରେ ନିବେଶ ଲୋଡ଼ା




ମାର୍କ ଲୋକୋକ୍
ୟୁନ୍ ଅଣ୍ଡର୍ ସେକ୍ରେଟାରୀ- ଜେନେରାଲ ଫର୍ ହ୍ୟୁମାନିଟାରିଆନ୍ ଆଫେୟାର୍ସ

ରାଜ୍ ଶାହା
ପ୍ରେସିଡେଣ୍ଟ,ରୋକେଫେଲର୍ ଫାଉଣ୍ଡେଶନ

ମାର୍ଚ୍ଚ ୨୦୨୦ରେ କୋଭିଡ୍-୧୯ ମହାମାରୀ କାୟା ବିସ୍ତାର କରିବା ସମୟରେ ଆଫଗାନିସ୍ତାନରେ କେବଳ ୩୦୦ ଭେଣ୍ଟିଲେଟର ଏବଂ ଦୁଇଟି ଇଣ୍ଟେନ୍‌ସିଭ କେୟାର ୟୁନିଟ (ଆଇସିୟୁ) ଥିଲା। ପ୍ରାରମ୍ଭିକ ମହାମାରୀ ସମ୍ବନ୍ଧୀୟ ଅଧ୍ୟୟନ ମଡେଲଗୁଡ଼ିକ ଆକଳନ କରିଥିଲେ ଯେ, ଗ୍ରୀଷ୍ମ ଆରମ୍ଭବେଳକୁ ୩୮ ମିଲିୟନ ଅର୍ଥାତ ୩ କୋଟି ୮୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଦେଶ ଆଫଗାନିସ୍ତାନରେ କୋଭିଡ୍ ସଂକ୍ରମଣ ଶୀର୍ଷରେ ପହଞ୍ଚିବ ଏବଂ ଦୈନିକ ୫ ଲକ୍ଷ ୨୦ ହଜାର କେସ୍ ବାହାରିବ ଓ ୩,୯୦୦ ଜଣଙ୍କ ମୃତ୍ୟୁ ଘଟିବ। ୧୦ ମିଲିୟନ ବା ୧ କୋଟି ସମ୍ଭାବିତ କେସ୍‌ର ସାମ୍ନା କରିବାକୁ ଥିବାରୁ ମାତ୍ର ମାସ କେଇଟାରେ ଚିକିତ୍ସା କର୍ମୀ ଓ ସରକାରୀ ଅଧିକାରୀମାନେ ସାଧାରଣ ସ୍ୱାସ୍ଥ୍ୟବ୍ୟବସ୍ଥାରେ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତି ଶେଷ କରିପାରିଥିଲେ। ସକ୍ରିୟ ଭୂମିକା ନିଭାଉଥିବା ନୀତି ନିର୍ଦ୍ଧାରକମାନଙ୍କୁ ସୀମିତ ସଂସାଧନକୁ କେଉଁଠି ଉପଯୋଗ କରିବାକୁ ହେବ ସେ ସମ୍ପର୍କରେ ବୁଝାଇବା ଲାଗି ୟୁନାଇଟେଡ ନେଶନସ୍ ଅଫିସ ଫର ଦି କୋର୍ଡିନେଶନ ଅଫ ହ୍ୟୁମାନିଟାରିଆନ ଆଫେୟାର୍ସ( ଓପିଏଚ୍‌ଏ)ଏବଂ ରୋକେଫିଲର ଫାଉଣ୍ଡେଶନ ଆଫଗାନିସ୍ତାନ ପାଇଁ ପ୍ରକୃତ ତଥ୍ୟ ଉପଯୋଗ କରିଥିଲେ। କୋଭିଡ୍-୧୯ ସଂକ୍ରମଣ ହାର, ସ୍ୱାସ୍ଥ୍ୟ ସେବା ସୁବିଧାର ଅବସ୍ଥିତି,ସଂକ୍ରମିତ ସଂଖ୍ୟା ଆକଳନ ଓ ହସ୍ପିଟାଲରେ ଭର୍ତ୍ତି ହେବା ଏବଂ ମୃତ୍ୟୁ ସମ୍ପର୍କିତ ୪ ସପ୍ତାହ ଅବଧିର ତଥ୍ୟ ଏଥିରେ ସାମିଲ ଥିଲା । ଏହା ଥିଲା ଅଧିକ ବାସ୍ତବବାଦୀ ପୂର୍ବାନୁମାନ। ଶୀର୍ଷ ସ୍ତରରେ ସଂକ୍ରମଣ ପହଞ୍ଚିବା ଏବଂ ମୃତ୍ୟୁ ପାଇଁ ପ୍ରସ୍ତୁତି ଶେଷ କରିବାକୁ ଏହା ଅଧିକାରୀମାନଙ୍କୁ ସାହାଯ୍ୟ କରିଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପରିସ୍ଥିତି ପାଇଁ ପୂର୍ବରୁ ଉପସ୍ଥାପିତ ଅନ୍ୟ ମଡେଲଠାରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା। ଏହି ଉପଯୋଗୀ ତଥ୍ୟରୁ ଲାଭ ମଧ୍ୟ ମିଳିଥିଲା। ଏକ ମାନବୀୟ ପ୍ରତିକ୍ରିୟାକୁ ଅଧିକ ପ୍ରଭାବୀ କରିବାକୁ ଠିକ୍ ଭାବେ ପୂର୍ବାନୁମାନ କରିବାର ଆବଶ୍ୟକତା ରହିଛି। କିନ୍ତୁ ମଡେଲଗୁଡ଼ିକ ପ୍ରସାରଣ କରୁଥିବା ତଥ୍ୟ ଉପରେ ଅଧିକ ଧ୍ୟାନ ଦେଲେ ବା ଭରସା କଲେ ତାହା ସେତିକି ଭଲ ହୋଇପାରିବ। ଆଗାମୀ ସଙ୍କଟକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେବା ପାଇଁ ବିଶ୍ୱକୁ ଭଲ ତଥ୍ୟର ଉପଲବ୍ଧତା ଓ ସହଭାଗିତା ଆବଶ୍ୟକ।

ମାନବୀୟ ସଙ୍କଟରେ ଜୀବନର ସୁରକ୍ଷା ତଥା ଜୀବନ ବଞ୍ଚାଇବା ପାଇଁ କାର୍ଯ୍ୟକାରୀ କରାଯାଉଥିବା ସ୍ୱଳ୍ପ ଅବଧିର ନିଷ୍ପତ୍ତିକୁ ସାହାଯ୍ୟ କରିବାକୁ ଆମ ମଡେଲ୍‌ର ଉଦ୍ଦେଶ୍ୟ ଥିଲା। ଏହି ମଡେଲ୍ ଜନ୍ସ ହପ୍‌କିନ୍ସ ୟୁନିଭର୍ସିଟି ଆପ୍ଲାଏଡ ଫିଜିକ୍ସ ଲାବୋରେଟୋରି ସହ ବିକାଶ କରାଯାଇଥିଲା। ଅଫଗାନିସ୍ତାନ ସହ ଡେମୋକ୍ରାଟିକ ଅଫ୍ କଙ୍ଗୋ,ଇରାକ,ସୋମାଲିଆ, ଦକ୍ଷିଣ ସୁଦାନ ଏବଂ ସୁଦାନରେ ଆମ ମଡେଲ ଉପଯୋଗ କରିଥିଲୁ। ଏଥିରେ କମ୍ ରିପୋର୍ଟ କରାଯାଉଥିବା ଏବଂ ଗତିଶୀଳ ଧାରାରେ ଥିବା କୋଭିଡ୍ ତଥ୍ୟକୁ ଠିକ୍ ସ୍ଥିତିକୁ ଅଣାଯାଇଥିଲା। ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମି, ଖାଦ୍ୟ ଅସୁରକ୍ଷା କିମ୍ବା ଡାଇବେଟିସ ଭଳି ମେଡିକାଲ ସମସ୍ୟାର ଦୁଃଖଦ ପରିସ୍ଥିତିରୁ ସୃଷ୍ଟି ଲୋକମାନଙ୍କର ମୌଳିକ ଦୁର୍ବଳତା ଉପରେ ତଥ୍ୟ ଏହି ମଡେଲରେ ସାମିଲ କରାଯାଇଥିଲା। ଏକ ସମ୍ଭାବ୍ୟ ମଡେଲ ପ୍ରସ୍ତୁତ କରିବା ଲାଗି ଆମ ଅଭିଜ୍ଞତାକୁ ଏହି ସବୁ ଦେଶରେ ସ୍ୱାସ୍ଥ୍ୟ ଅଧିକାରୀମାନେ ଉପଯୋଗ କରିଥିଲେ। ଉକ୍ତ ଦୃଷ୍ଟିକୋଣ ଏକ ଉତ୍ତମ ମାନବୀୟ ପରିଣାମ ପାଇଁ ବାଟ କଢ଼ାଇ ନେଇପାରିଲା ବୋଲି ଜଣାପଡିଲା। କିନ୍ତୁ ଉଭୟ ତଥ୍ୟର ଅଭାବ ଓ ଏହାର ଗୁଣବତ୍ତା ଉପରେ ଆମେ ସର୍ବଦା ଧ୍ୟାନ ରଖିଥିଲୁ। ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବାକୁ ଆମେ ମନେ ରଖିଥିଲୁ। ବିଶ୍ୱର ସବୁଠୁ ବିପଜ୍ଜନକ ତଥା ସଂକ୍ରମଣରେ ଅଧିକ କ୍ଷତି ହେବା ସମ୍ଭାବନା ଥିବା ଦେଶଗୁଡ଼ିକ ପାଇଁ ଏହି ମଡେଲ୍‌ର ସୀମିତ ବ୍ୟବହାରିକତା ଏବଂ ବାସ୍ତବିକତା ଆମ ପାଇଁ ଏକ ବଡ ଆହ୍ୱାନ ଥିଲା। ଉଦାହରଣ ସ୍ୱରୂପ, ବହୁ ଗରିବ ରାଷ୍ଟ୍ରରେ ଦେଖାଯାଉଥିବା କାର୍ଡିଓଭାସ୍କୁଲାର ଡିଜିଜ୍‌ର ତଥ୍ୟ ୪-୭ ବର୍ଷ ପୁରୁଣା ଥିଲା। ଏପରି କି ସୁଦାନ ଏବଂ ଦକ୍ଷିଣ ସୁଦାନର ଏହା ମିଳି ନ ଥିଲା। ମାନବୀୟ ସଙ୍କଟର ସମ୍ମୁଖୀନ ହେଉଥିବା ଦେଶଗୁଡ଼ିକରେ କୋଭିଡ୍ ପରିଚାଳନାକୁ ଅଧିକ ପ୍ରଭାବୀ କରିବା ଲାଗି ଆମେ ଏଯାବତ ୫୦% ତଥ୍ୟ ପାଇପାରୁନାହୁଁ। ଓସିଏଚ୍‌ଏ ଏବଂ ରୋକେଫିଲର ରୋକେଫିଲର ଫାଉଣ୍ଡେଶନ ସଙ୍କଟରେ ପ୍ରାରମ୍ଭିକ ଜ୍ଞାନ ବା ଅନ୍ତର୍ଦୃଷ୍ଟି ପ୍ରଦାନ କରିବାରେ ସହଯୋଗ କରୁଛନ୍ତି। କୋଭିଡ୍ -୧୯ ମହାମାରୀ ସମୟରେ ଓ ପୂର୍ବରୁ ମଧ୍ୟ ଏହା କରିଆସୁଛନ୍ତି। କିନ୍ତୁ ଅନ୍ୟମାନଙ୍କର ଯୋଗଦାନ ଦ୍ୱାରା ହିଁ ଆମ ମଡେଲ୍ ବା ପଦ୍ଧତିର ପୂରା କ୍ଷମତା ଅନୁଭବ କରିହେବ।

ବିଭିନ୍ନ ସରକାର, ଡେଭଲପ୍‌ମେଣ୍ଟ ବ୍ୟାଙ୍କ ଏବଂ ପ୍ରମୁଖ ମାନବୀୟ ଓ ବିକାଶ କ୍ଷେତ୍ରରେ ସକ୍ରିୟ ଥିବା ସଂସ୍ଥାଗୁଡ଼ିକ ମହାମାରୀର ପ୍ରଥମ ବର୍ଷରେ ଏବଂ ଏବେ ନିକଟରେ ଅନୁଷ୍ଠିତ ୱାର୍ଲ୍ଡ ବ୍ୟାଙ୍କ ସ୍ପ୍ରିଙ୍ଗ ମିଟିଂସ୍‌ରେ ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଏଥିପାଇଁ ଏହି ସଙ୍କଟରୁ ବର୍ତ୍ତିବା ଏବଂ ଭବିଷ୍ୟତରେ ଏଭଳି ସଙ୍କଟକୁ ପ୍ରତିରୋଧ କରିବା ଲାଗି ସେମାନେ ନିଶ୍ଚିତ ଭାବେ ତଥ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେବେ ବୋଲି ମନେ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ ତଥ୍ୟର ଅଭାବ ପୂରଣ କରିବା ଉପରେ ମାନବୀୟ ଏବଂ ବିକାଶ କ୍ଷେତ୍ରରେ କାର୍ଯ୍ୟରତ ସମସ୍ତ ସକ୍ରିୟ କର୍ମକର୍ତ୍ତା ପ୍ରାଥମିକତା ଦେବା ଉଚିତ। ଏଣୁ ସରକାର, ମାନବୀୟ ସଂସ୍ଥା ଏବଂ ଆଞ୍ଚଳିକ ବିକାଶ ଲାଗି କାର୍ଯ୍ୟକରୁଥିବା ବ୍ୟାଙ୍କଗୁଡ଼ିକ ତଥ୍ୟ ସଂଗ୍ରହ, ତଥ୍ୟ ଶେୟାରିଂ ଭିତ୍ତିଭୂମିରେ ନିବେଶ କରିବା ଦରକାର। ଯେଉଁମାନେ ଏହି ପ୍ରକ୍ରିୟାକୁ ପରିଚାଳନା କରିଥାଆନ୍ତି ସେମାନଙ୍କ ଉପରେ ମଧ୍ୟ ନିବେଶ କରିବାର ଆବଶ୍ୟକତା ମଧ୍ୟ ରହିଛି। ଏହିଭଳି ଏହି ଅଂଶୀଦାରମାନେ ଓପନ ଡାଟା ପ୍ଲାଟଫର୍ମଗୁଡ଼ିକ ମାଧ୍ୟମରେ ସେମାନଙ୍କ ଡାଟା ବା ତଥ୍ୟ ଶେୟାର କରିବାର ଉତ୍ତରଦାୟିତ୍ୱରେ ଅଧିକ ଦକ୍ଷ ହେବା ଉଚିତ। ଏଥିପାଇଁ କଠୋର ଆନ୍ତଃ କ୍ରିୟାଶୀଳତା ମାନକ ଜାରି ରଖିବାକୁ ପଡିବ। ଯେଉଁଠି ତଥ୍ୟ ଉପଲବ୍ଧ ହେବ ନାହିଁ, ସେଠାରେ ଘରୋଇ ସେକ୍ଟର ଅଭିନବ ପଦ୍ଧତିରେ ଏକ ନୂଆ ତଥ୍ୟର ଉତ୍ସ ବିକାଶ କରିବା ଉଚିତ। ଲୋକମାନଙ୍କ ଗତିବିଧିର ଦିଗକୁ ବୁଝିବା ଲାଗି ଅସ୍ୱୀକୃତ ବା ଅଜ୍ଞାତ ସୋସିଆଲ ମିଡିଆ ତଥ୍ୟ କିମ୍ବା କଲ୍ ରେକର୍ଡ ଉପଯୋଗ କରିବା ଆବଶ୍ୟକ। ଅବଶ୍ୟ ଡେଟା ଶେୟାରିଂ ବିଶ୍ୱାସ ଉପରେ ନିର୍ଭର କରେ। ଶେୟାର କରାଯାଉଥିବା ସାମାଜିକ ଏବଂ ଅର୍ଥନୈତିକ ମୂଲ୍ୟବୋଧ, ନ୍ୟାୟସଙ୍ଗତ ଲାଭ ଏବଂ ଆତ୍ମବିଶ୍ୱାସ ବଢ଼ାଇବା ଉପରେ ଆଧାରିତ ତଥ୍ୟ ପାଇଁ ଏକ ନୂଆ ସୋସିଆଲ କଣ୍ଟ୍ରାକ୍ଟ ବା ସାମାଜିକ ଚୁକ୍ତି ଲାଗି ବିଶ୍ୱ ବ୍ୟାଙ୍କର ଏବକାର ଆହ୍ୱାନ ଉପରେ ସାରା ବିଶ୍ୱ ଧ୍ୟାନଦେବା ଉଚିତ। ଯେଉଁମାନେ ତଥ୍ୟ ସଂଗ୍ରହ କରିବେ ସେମାନଙ୍କ ଦ୍ୱାରା ଏହାର ଅପବ୍ୟବହାର ଯେଭଳି ନ ହୁଏ ସେଥିପ୍ରତି ସତର୍କ ରହିବା ଆବଶ୍ୟକ।

ବିଶ୍ୱ ମାନବୀୟ ପଦ୍ଧତି ଖୁବ୍ ପ୍ରଭାବଶାଳୀ, କିନ୍ତୁ ଆଜି ଦିନରେ ଏହାର ଆବଶ୍ୟକତା ଅଭୂତପୂର୍ବ। ବିଶ୍ୱରେ ୨୩୦ ମିଲିୟନ ତଥା ୨୦୨୦ରୁ ପାଖାପାଖି ୪୦% ଲୋକ ଏହି ବର୍ଷ ମାନବୀୟ ସହାୟତା ଏବଂ ସୁରକ୍ଷା ଲୋଡୁଥିବା ଅନୁମାନ କରାଯାଉଛି। କ୍ଷୁଧା ବଢିଛି। ଚଳିତ ଦଶନ୍ଧିରେ ଆଭ୍ୟନ୍ତରୀଣ ବିସ୍ଥାପନ ଶୀର୍ଷ ସ୍ତର ଛୁଇଁଛି। ଜଳବାୟୁ ବା ପାଗକୁ ନେଇ ଭୟଙ୍କର ଘଟଣା ଏବେ ସାଧାରଣ ହୋଇଯାଇଛି। ରୋଗ ପ୍ରକୋପ ବଢୁଛି। କିନ୍ତୁ ଏହି ସମୟରେ ଉକ୍ତ ସମସ୍ୟାଗୁଡ଼ିକୁ ମୁକାବିଲା କରିବା ଲାଗି ମାନବୀୟ ଆବଶ୍ୟକତା ଏବଂ ଆର୍ଥିକ ଉପଲବ୍ଧତାର ଅଭାବ ବଢିଯାଇଥିବା ପରିଲକ୍ଷିତ ହେଉଛି।

ଏହି ସମୟରେ ଅତ୍ୟଧିକ ସଂସାଧନର ଆବଶ୍ୟକାତା ରହିଛି । କିନ୍ତୁ ଏହାର ଅଭାବ ଦେଖାଦେଇଛି। ଏଣୁ ସୀମିତ ସଂସାଧନକୁ ନେଇ ପରିସ୍ଥିତିକୁ ବ୍ୟବସ୍ଥିତ କରିବାରେ ସଙ୍କଟର ସମ୍ମୁଖୀନ ହେଉଥିବା ନୀତିନିର୍ଦ୍ଧାରକମାନଙ୍କୁ ଉଚ୍ଚଗୁଣବତ୍ତା ତଥ୍ୟ ଅଧିକ ସକ୍ଷମ କରିବ। କୋଭିଡ୍-୧୯ ମହାମାରୀ ଏଭଳି ତଥ୍ୟର ଆବଶ୍ୟକତାକୁ ଲୋକଲୋଚନକୁ ଆଣିପାରିଛି। ବିଶ୍ୱ ଏହି ବିଷୟକୁ ସହୃଦୟତାର ସହ ଗ୍ରହଣ କରିବା ଉଚିତ। ତଥ୍ୟ ଭିତ୍ତିଭୂମି ଏବଂ ସଙ୍କଟରୁ ମୁକୁଳି ଆଗକୁ ବଢିବା ପାଇଁ ଆବଶ୍ୟକ ମାନବ ଦକ୍ଷତା, ଭବିଷ୍ୟତର ଆବଶ୍ୟକତାର ଆକଳନ ଏବଂ ପ୍ରାରମ୍ଭିକ ପ୍ରତିକ୍ରିୟା ଆରମ୍ଭ କରିବାରେ ନିବେଶ ଦ୍ୱାରା ସଙ୍କଟ ହିଁ ଟଳିପାରିବ। ଏହାଦ୍ୱାରା ବହୁତ ଜୀବନ ରକ୍ଷା କରାଯାଇପାରିବ।

# ବଚନ ମଧୁର ତିଳକ ସରୁ



ଡ. ଗୌରହରି ରାଉତ

କାଳୁବାବୁଙ୍କ ନାଁ ଆମ ଖଣ୍ଡମଣ୍ଡଳରେ ଡାକ୍। ପିଲା ପେଚକାଠାରୁ ପୁରୁଖା ପର୍ଯ୍ୟନ୍ତ ଏମିତି କେହି ନାହିଁ ଯିଏ ତାଙ୍କୁ ଜାଣି ନ ଥିବେ। ସେ ଜଣାଶୁଣା କେବଳ ତାଙ୍କ ମଧୁର କଥା ପାଇଁ। ଶର ପକେଇ କଥା ହେବାରେ ସେ ପକା ଓସ୍ତାଦ। ଏମିତି ଖିଅକୁ ଖିଅ ଯୋଡ଼ି ମିଠା କଥାରେ ଚାଲିଗଲା ଲୋକକୁ ଦଣ୍ଡେ ଠିଆ କରେଇ ଦେବେ ଯେ ଲୋକଟି ଉପରେ କିଛି କହି ନ ପାରିଲେ ବି ଭିତରେ ଭାରି ବିକଳ ବିଳାପ କରୁଥାଏ କେମିତି ତାଙ୍କ କବ୍‌ଜାରୁ ଖସିବେ, ହେଲେ କାଳୁବାବୁ କି ଛାଡ଼ିବା ଜନ୍ତୁ ? କେତେ ଭଙ୍ଗୀରେ, କେତେ ଠାଣିରେ ଗପିଚାଲିଥିବେ। କଥାର ସେମିତି କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନ ଥାଏ- ମାତ୍ର ସେ ଫେଣେଇ ଫେଣେଇ କଥା ଲମ୍ବାଉଥାନ୍ତି ପଛକୁ ପଛ। କିନ୍ତୁ ଏ ସବୁ ଭିତରେ କିଛି ମହତ୍ ଉଦ୍ଦେଶ୍ୟ ତାଙ୍କର ଥାଏ। କେଉଁ ଲୋକ ପାଖରୁ କି ଫାଇଦା ହାସଲ କରିହେବ- ତାକୁ ନଜରରେ ରଖି କାଳୁବାବୁ ମଧୁର କଥାର ଖିଅ ଯୋଡୁଥାନ୍ତି। ଯିଏ ତାଙ୍କ ହାବୁଡ଼ରେ ପଡ଼ିଲା, ତା'ର ଶନିଦଶା ଆସିଲା ବୋଲି ଜାଣ। ସେଥିପାଇଁ ତାଙ୍କୁ ଜାଣିଥିବା ଲୋକେ ଖଣ୍ଡେ ଦୂରରୁ ବାଟ ଭାଙ୍ଗନ୍ତି। ମିଠା କଥା କହି ମନ ମୋହୁଥିବା ଇଏ ଆମ କାଳୁବାବୁ।

ଆଜ୍ଞା, ଏଭଳି ମହାତ୍ମାଙ୍କ ଫାଶରେ ଆପଣମାନଙ୍କ ଭିତରୁ କେହି ନା କେହି ପଡ଼ିଥିବେ, ଛଟପଟ ବି ହୋଇଥିବେ। ଆପଣଙ୍କ ପେଟ ପୂରିଲାପରି ଭାରି ଧୀର ମଧୁର କଥା କହି ନିଜର ସ୍ୱାର୍ଥ ହାସଲ କରିବାର ଫନ୍ଦିଫିକର କରୁଥିବା ଏଭଳି ମହାନ୍ ବ୍ୟକ୍ତିବିଶେଷ ଆମ ଚାରିପାଖରେ ଚରନ୍ତି, ଆମ ତୁମ ଭଳି ସରଳ ହୃଦୟ ସମ୍ପନ୍ନ ମଣିଷଙ୍କୁ ଦେଖିଲେ ମଧୁର କଥାର ଜାଲରେ ଫସାନ୍ତି। କିଏ ଏମାନଙ୍କ କଥାରେ ଭଳିବ - ପଦେ ଦି' ପଦ କଥାରୁ ଭଲଭାବରେ ଜାଣିପାରନ୍ତି ଏମାନେ। 'ବଚନେ କା ଦରିଦ୍ରତା' - ଏଭଳି ନୀତିବାଣୀରେ ପ୍ରଥମେ ବଶୀଭୂତ କରନ୍ତି। ଲୋକଟିଏ ତାଙ୍କ ଅକ୍ତିଆରକୁ ଆସିଗଲା ବୋଲି ଜାଣିଲାପରେ ଫାଇଦା ହାସଲର ପ୍ରସଙ୍ଗ ଉଠାନ୍ତି। ସେତେବେଳକୁ ତାଙ୍କ କଳ୍ପିତ ଯନ୍ତାରୁ ବର୍ତ୍ତିବାର ଆଉ ଜୁ ନ ଥାଏ - ଯେମିତି ସମ୍ପୂର୍ଣ୍ଣ କାବୁ କଲାପରେ ଶିକାରର ତଣ୍ଟି କଣା କରି ରକ୍ତ ପିଇଥାଏ ବାଘ।

ମୋର ଜଣେ ବନ୍ଧୁ କାଳୁବାବୁଙ୍କ ପରି ମଧୁର କଥା କହୁଥିବା ଲୋକର ଫନ୍ଦିରେ ଫସି କିପରି ସର୍ବସ୍ୱାନ୍ତ ହେଲା, ସେ ସମ୍ପର୍କରେ ଆଲୋଚନା କରିବାର ପରିସର ଏ ନୁହେଁ। ମାତ୍ର ତଣ୍ଟି କଣାକରି ରକ୍ତ ପିଉଥିବା ଏଭଳି ମଧୁର ଭକ୍ତିଆ ବ୍ୟକ୍ତିମାନେ ଯେ କେତେ କାଇଦାରେ ସରଳମନା ଲୋକମାନଙ୍କୁ ନିଜ ପାଲରେ ପକାଇପାରନ୍ତି ଏହା ଜାଣିଲେ ଆଶ୍ଚର୍ଯ୍ୟ ଲାଗେ। କେତେ ବାଗରେ ଏମାନେ ଆସନ୍ତି, ପାଖରେ ବସନ୍ତି, ରସରସିଆ ମଧୁର ଗପର ଆସର ଜମାନ୍ତି ଆଉ ଶେଷରେ ସୁବିଧା ଦେଖି କଳାକନା ବୁଲାନ୍ତି । ଏତେ ସବୁ କଲାପରେ ବି ସହଜରେ ଧରାପଡ଼ନ୍ତି ନାହିଁ। ଲୋକଙ୍କ ମନରେ ଏମିତି ଭାବରେ ସରଳ ବିଶ୍ୱାସ ଜନ୍ମାଇଥାନ୍ତି ଯେ ତାଙ୍କୁ ଅବିଶ୍ୱାସ କରିବାର ପ୍ରଶ୍ନ ହିଁ ନ ଥାଏ ।

କାଳୁବାବୁଙ୍କ ପରି ଅନେକ ଚରିତ୍ର ଆମ ଚାରିପାଖରେ ଅଛନ୍ତି - ଯେଉଁମାନେ ଉପରେ ମଧୁର କଥା କହି ନିଜର ଫାଇଦା ଉଠାଇଥାନ୍ତି। କଥା ସିନା କହୁଥାନ୍ତି ରସରସିଆ, କିନ୍ତୁ ଭିତରେ ଚିନ୍ତାକରୁଥାନ୍ତି ଲୁତପୁତିଆ। ପେଟ ଭିତରେ ଅନେକ ଆବର୍ଜନା ହେଲେ ଅତର ସିଞ୍ଚା ମୁହଁରୁ ଆସୁଥାଏ ମହମହ ବାସ୍ନା। ଅନ୍ୟ ଅର୍ଥରେ କହିଲେ - ପେଟରେ ବିଷ ମୁହଁରେ ହସ। ହସି ରସି ମଧୁର କଥାରେ କାମ ହାସଲ କରୁଥିବା ଲୋକଙ୍କୁ ଆମେ କହୁ 'କାମ ସଙ୍ଗାତ ।' କାମ ଥିଲା ପର୍ଯ୍ୟନ୍ତ ସିନା ସାଙ୍ଗ, କାମ ସରିଲେ ଆଉ କି ସାଙ୍ଗ ? ଏଭଳି ଲୋକଙ୍କ ସମ୍ପର୍କରେ ଚାଣକ୍ୟ ଯଥାର୍ଥରେ କହିଛନ୍ତି ଯେ,ସାମ୍ନାରେ ମଧୁର କଥା କହି ପରୋକ୍ଷରେ ଅନିଷ୍ଟ ଚିନ୍ତା କରୁଥିବା ମିତ୍ରଙ୍କୁ ତ୍ୟାଗ କରିବା ଉଚିତ। କାରଣ ତାଙ୍କ ମୁଖରେ ଅମୃତତୁଲ୍ୟ ବଚନ ଥିଲେ ବି ପେଟ ଭିତରେ ଥାଏ ବିଷ । ତେଣୁ ଏମାନଙ୍କୁ ହାତେ ମାପି ଚାଖଣ୍ଡେ ଚାଲନ୍ତୁ, ନଇଲେ ସର୍ବନାଶ । ଆଉ ଠାଏ ବି ମହାମତି ଚାଣକ୍ୟ କହିଛନ୍ତି... 'ଶୃଙ୍ଗିନୋ ଦଶହସ୍ତେନ ସ୍ଥାନତ୍ୟାଗେନ ଦୁର୍ଜନ ।'

ସୁତରାଂ ସାଧୁ ସାବଧାନ - କାଳୁବାବୁଙ୍କ ପରି ଲୋକଙ୍କୁ ସତର୍କ ଦୃଷ୍ଟି ରଖି ମହାମାନ୍ୟ ଚାଣକ୍ୟ ବାଣୀକୁ ହେଜି ବାଟ ଚାଲିଲେ ବିପଦ ନ ପଡ଼ଇ ହେଳେ। ଆମ ଭାଷାରେ : ବଚନ ମଧୁର ତିଳକ ସରୁ, ଏମାନେ ଅସଲ ଠକଙ୍କ ଗୁରୁ।

ଇ ୨୪/୩, ୟୁନିଟ-୯
ଭୁବନେଶ୍ୱର, ମୋ: ୮୭୬୩୮୫୩୨୪୪

## ଏଇ ଭାରତରେ

କୋଭିଡ୍ ମହାମାରୀର ମୁକାବିଲା କରିବାକୁ ମହାରାଷ୍ଟ୍ରରେ ଶିକ୍ଷକମାନଙ୍କ ପ୍ରୟାସ ବେଶ୍ ପ୍ରଶଂସନୀୟ। ଅହମ୍ମଦ ନଗରର ଅକୋଲେ ଗାଁରେ ଜିଲା ପରିଷଦ ଶିକ୍ଷକମାନେ କରୋନା ମୃତ୍ୟୁ ରୋକିବା ଲାଗି ୩୩ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। କରୋନାର ଦ୍ୱିତୀୟ ଲହରରେ ଅକୋଲେ ଗାଁରେ ସେମାନେ ୨୫,୦୦୦ ଲୋକଙ୍କୁ ସବୁ ସୁବିଧା ଉପଲବ୍ଧ କରାଇ ପାରିଛନ୍ତି। ଏଠାରେ ଲୋକମାନେ ଚିକିତ୍ସା ସୁବିଧାରୁ ବଞ୍ଚିତ ରହନ୍ତି। ଏହି ବୃହତ୍ ଗାଁରେ ୩୦ ଶଯ୍ୟା ବିଶିଷ୍ଟ ମେଡିକାଲ ରହିଛି, ଯାହା ସଂକ୍ରମିତଙ୍କ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ନୁହେଁ। ଭଲ ଚିକିତ୍ସା ପାଇବାକୁ ହେଲେ ଗ୍ରାମବାସୀଙ୍କୁ ୭୦ କି.ମି ଦୂର ଚିକିତ୍ସାଳୟକୁ ଯିବାକୁ ପଡ଼େ। ଏଣୁ ଏହିସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଶିକ୍ଷକମାନେ ୩୩ ଲକ୍ଷ ଟଙ୍କା ବ୍ୟୟରେ ୬୦ଟି ଅକ୍ସିଜେନ ବେଡ୍‌ର ସୁବିଧା କରିଛନ୍ତି। ଅକୋଲେଠାରୁ ୨ କି.ମି ଦୂର ସୁଗାନୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ସୁବିଧା କରାଯାଇଛି। ଶିକ୍ଷକମାନେ ସବୁ କାର୍ଯ୍ୟ ପରିଚାଳନା କରିବାକୁ ଏକ ହ୍ୱାଟ୍ସଆପ ଗ୍ରୁପ୍ ଖୋଲିଛନ୍ତି। ୧,୧୦୦ଟି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ପ୍ରତ୍ୟେକ ୧,୦୦୦ ଟଙ୍କା ଦେଇ ୧୧ ଲକ୍ଷ ଟଙ୍କା ସଂଗ୍ରହ କରିଛନ୍ତି ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ମଧ୍ୟ ୧୨ ଲକ୍ଷ ଟଙ୍କା ଦେଇଛନ୍ତି। ଏହାବାଦ୍ ଘରୋଇ ଅନୁଷ୍ଠାନ ଏବଂ ଲୋକମାନେ ଆଉ ୧୦ ଲକ୍ଷ ଟଙ୍କା ସାହାଯ୍ୟ କରିଛନ୍ତି। ଏହି ଅଭିଯାନର ନେତୃତ୍ୱରେ ରହିଛନ୍ତି ପରଖତ୍‌ପୁର ଜିଲା ପରିଷଦ ସ୍କୁଲର ଶିକ୍ଷକ ରାଜେନ୍ଦ୍ର ସଦଗିର୍।

## ୨୫ ବର୍ଷ ତଳର ଧରିତ୍ରୀ

୪ ଜୁନ୍ ୧୯୯୬

- ପାକିସ୍ତାନର କେନ୍ଦ୍ରୀୟ ଓ ଦକ୍ଷିଣ ଭାଗରେ ଅଂଶୁଘାତ ଯୋଗୁ ୧୮୬ ଜଣଙ୍କ ପ୍ରାଣହାନୀ।
- ଇଜିପ୍ଟର ରାଜଧାନୀ କାଇରୋର ଏକ ଜେଲ୍‌ରେ ୬ ଜଣ ମୁସଲିମ୍ ଉଗ୍ରପନ୍ଥୀଙ୍କୁ ଫାଶୀ।
- ଦୁର୍ଗାପୁର ନିକଟରେ ଥିବା ପ୍ଥାଲିକ୍ ଏନ୍‌ହିଡ୍ରାଇଡ୍ ୟୁନିଟ୍‌ଟି ରୁଗ୍‌ଣ ହୋଇଯାଉଥିବା ହେତୁ ଘରୋଇ କମ୍ପାନୀକୁ ହସ୍ତାନ୍ତର କରିବା ନେଇ ପଶ୍ଚିମବଙ୍ଗ ରାଜ୍ୟ ସରକାର ସ୍ଥିର କରିଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | | | 7 | | 2 | |
| | 8 | | | 6 | | | 5 | |
| | | | | | | 8 | | 9 |
| | | 5 | | | | 6 | | 3 |
| | | | 9 | 5 | | | 4 | |
| | | | 2 | | | | | |
| | | | | | | | | |
| | | 7 | 6 | | 4 | 3 | | 5 |
| | 2 | | | | 8 | 4 | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 6 | 9 | 4 | 1 | 3 | 5 | 8 |
| 9 | 4 | 3 | 5 | 8 | 6 | 7 | 2 | 1 |
| 5 | 8 | 1 | 2 | 3 | 7 | 6 | 4 | 9 |
| 4 | 3 | 5 | 8 | 9 | 2 | 1 | 7 | 6 |
| 8 | 1 | 2 | 7 | 6 | 5 | 9 | 3 | 4 |
| 6 | 9 | 7 | 4 | 1 | 3 | 5 | 8 | 2 |
| 2 | 7 | 4 | 1 | 5 | 9 | 8 | 6 | 3 |
| 3 | 5 | 9 | 6 | 2 | 8 | 4 | 1 | 7 |
| 1 | 6 | 8 | 3 | 7 | 4 | 2 | 9 | 5 |

ଗତକାଲିର ଉତ୍ତର

# ପ୍ରବାସୀ ଶ୍ରମିକ ବିକାଶକୁ ଉପଭୋଗ କରୁଛି ତ



ଇଂ. ଶକ୍ତି ପ୍ରସାଦ ଦାସ

ନବେ ଦଶକରୁ ଅର୍ଥନୀତିର ଜଗତୀକରଣ ଓ ଉଦାରୀକରଣକୁ ବିଶ୍ୱର ଅଧିକାଂଶ ଦେଶ ଆପଣାଇଛନ୍ତି । କୋଭିଡ୍ ମହାମାରୀର ପ୍ରଭାବ ଏହାର ଏକପାଖିଆ ବିକାଶର ପରିଭାଷାକୁ ପଦାକୁ ଆଣିଛି। କୋଭିଡ୍ ପରବର୍ତ୍ତୀ ଦୃଶ୍ୟପଟରେ ରାଜନୈତିକ, ଅର୍ଥନୈତିକ, ଏପରି କି ବୈଷୟିକ କ୍ଷେତ୍ରରେ ତଥାକଥିତ ଅର୍ଥନୈତିକ ସିଦ୍ଧାନ୍ତଗୁଡ଼ିକର ପରିବର୍ତ୍ତନ ଅବଶ୍ୟମ୍ଭାବୀ ମନେହେଉଛି।

କୋଭିଡ୍ ମହାମାରୀ ପୂର୍ବରୁ ଆମ ଦେଶରେ ଉଦାରୀକୃତ ଅର୍ଥନୀତି ବିନା ପ୍ରଶ୍ନବାଚୀରେ ଚାଲିଥିଲା। କେତେକ ଲୋକ ଆରାମଦାୟକ ଜୀବନଯାପନ କରୁଥିଲେ। ମହାମାରୀ କାରଣରୁ ସାରା ଦେଶରେ ହଠାତ୍ ଲକ୍‌ଡାଉନ ଲାଗୁ ହେବାରୁ ଆଶ୍ରୟସ୍ଥଳ ଓ ଖାଦ୍ୟପେୟ ହରାଇ ଲକ୍ଷ ଲକ୍ଷ ପ୍ରବାସୀ ରାସ୍ତାକୁ ଚାଲି ଆସିଲେ। ଉଦାର ଅର୍ଥନୀତି ଭିତରେ ଏତେ ଲୋକଙ୍କ ପାଇଁ ଜାଗା ନ ଥିବାରୁ ସେମାନଙ୍କୁ ଅନୌପଚାରିକ ଶ୍ରମିକ ହିସାବରେ ବ୍ୟବସ୍ଥା ବାହାରକୁ ଫୋପାଡି ଦିଆଯାଇଥିଲା। ନୈତିକତାର ପ୍ରଶ୍ନ ହେଉଛି, ବ୍ୟବସ୍ଥା ଭିତରେ ଥିବା ଲୋକମାନେ ଜାଣି ନ ଥିଲେ ଯେ ଏତେ ସଂଖ୍ୟକ ଲୋକ ବାହାରେ ରହିଯାଇଛନ୍ତି। କୌତୂହଳର କଥା ହେଉଛି, 'ନୀତି' ଆୟୋଗ ସ୍ୱୀକାର କରନ୍ତି ଯେ, ଏହି ପ୍ରବାସୀ ଶ୍ରମିକମାନେ ଦେଶର ଜିଡିପି ଅଭିବୃଦ୍ଧିରେ ପ୍ରାୟ ୧୦ପ୍ରତିଶତ ଯୋଗଦାନ ଦେଇଆସୁଛନ୍ତି।

ବେଙ୍ଗାଲୁରୁର ଅଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟରୁ ପ୍ରକାଶିତ 'ଷ୍ଟେଟ ଅଫ ୱାର୍କିଂ ଇଣ୍ଡିଆ-୨୦୨୧' ରିପୋର୍ଟ ଅନୁଯାୟୀ ଦେଶରେ ଆୟ ଓ ରୋଜଗାରର ସ୍ତର କୋଭିଡ୍ ମହାମାରୀ (୨୦୨୦)ର ପୂର୍ବସ୍ଥିତିରେ ପହଞ୍ଚିପାରି ନ ଥିବାବେଳେ, ଏହାର ଦ୍ୱିତୀୟ ଲହର ଅତିରିକ୍ତ ଦୁଇ କୋଟି ତିରିଶ ଲକ୍ଷ ଲୋକଙ୍କୁ ଜାତୀୟ ସର୍ବନିମ୍ନ ମଜୁରି ସୀମାରେଖା ତଳକୁ ନେଇଆସିଛି। ହଠାତ୍ ଆୟ ହ୍ରାସ ଯୋଗୁ ଶ୍ରମିକମାନେ ଚଢ଼ା ସୁଧ ହାରରେ ଋଣ ଆଣୁଛନ୍ତି, ଯାହା ଶେଷରେ ସେମାନଙ୍କୁ ଭୟଙ୍କର ଋଣଯନ୍ତାରେ ପକାଇବାକୁ ଯାଉଛି । 'ଆକ୍ସନ ଏଡ୍ ଆସୋସିଏଶନ ଅଫ ଇଣ୍ଡିଆ'ର ସର୍ଭେ ଅନୁଯାୟୀ, ଅନୌପଚାରିକ ଶ୍ରମିକମାନଙ୍କ ମଧ୍ୟରୁ ୫୮ପ୍ରତିଶତ ଲୋକ ରୋଜଗାର ନ ଥିବାରୁ ଋଣ କରିଛନ୍ତି।

ଦେଶରେ ୯୦ପ୍ରତିଶତରୁ ଅଧିକ ଶ୍ରମିକଙ୍କ ଅନୌପଚାରିକ କ୍ଷେତ୍ରରେ ଅଛନ୍ତି। ଏମାନଙ୍କ ମଧ୍ୟରୁ ୭୫ପ୍ରତିଶତ ହେଉଛନ୍ତି ପ୍ରବାସୀ। ଅଧିକନ୍ତୁ, ଔପଚାରିକ କ୍ଷେତ୍ରରେ ଥିବା ସ୍ୱଳ୍ପ ଶ୍ରମବଳ ବିପଜ୍ଜନକ ବେଗରେ ଅନୌପଚାରିକ ଅର୍ଥବ୍ୟବସ୍ଥାକୁ ଚାଲିଯାଉଛନ୍ତି। ଦେଶର ସହରାଞ୍ଚଳରେ ଅଧିକାଂଶ ପ୍ରବାସୀ ଶ୍ରମିକଙ୍କ କାର୍ଯ୍ୟାବସ୍ଥା, ନିଯୁକ୍ତି ସର୍ତ୍ତାବଳୀ, କାର୍ଯ୍ୟାଧିକାର, ସୁରକ୍ଷା ଓ ମର୍ଯ୍ୟାଦାକୁ ଖୋଲାଖୋଲି ଭାବରେ ବଳି ଦିଆଯାଉଛି। ମାସରେ ମାତ୍ର କିଛି ଦିନର କାମ ମିଳୁଛି। ତାହା ପୁଣି ଦିନକୁ ୧୨ଘଣ୍ଟା। ଏହା ହିଁ ହେଉଛି ଅନୌପଚାରିକ ଅର୍ଥନୀତିର ବାସ୍ତବ ପରିଭାଷା।

ମହାମାରୀର ଦ୍ୱିତୀୟ ଲହରରେ ପ୍ରବାସୀ ଶ୍ରମିକଙ୍କ ପୁନର୍ବାର ଗଣ ଲେଉଟାଣି ଆମକୁ ଏହା ଭାବିବା ପାଇଁ ବାଧ୍ୟ କରୁଛି ଯେ, ବିକାଶର ପରିଭାଷା ଏବଂ ଏହାର କାର୍ଯ୍ୟକାରିତାରେ କେଉଁଠି ନା କେଉଁଠି କିଛି ମୌଳିକ ତ୍ରୁଟି ରହିଯାଉଛି। ସତେ ଯେପରି ପୁଞ୍ଜିବାଦୀ ଅର୍ଥନୀତିରେ ନୀତି ପ୍ରଣୟନ କଲାବେଳେ ଏହି ପ୍ରବାସୀ ଶ୍ରମିକର ଭଲମନ୍ଦ ବିଚାର ପରିସରକୁ ଆଣିବାକୁ ଆମେ ଉଚିତ ମନେକରିନାହୁଁ। ନିର୍ମାଣାଧୀନ 'ନୂତନ ଭାରତ'ରେ ଏମାନଙ୍କର ସ୍ଥାନ ନାହିଁ। ସତେ ଯେପରି ଏମାନେ 'ନୂତନ ଭାରତ' ପାଇଁ ବୋଝ।

ପଚାଶ ଦଶକରେ ବିଶ୍ୱ ଅର୍ଥନୀତିର ଏକତରଫା ରୂପାନ୍ତରଣ ପ୍ରକ୍ରିୟା ଆରମ୍ଭ ହେଲା। ଶ୍ରମବଳ, କୃଷିକ୍ଷେତ୍ର (ଅନୌପଚାରିକ)ରୁ ଶିଳ୍ପକ୍ଷେତ୍ର (ଔପଚାରିକ) ଆଡକୁ ମୁହାଁଇଲା। ସୂଚନା ପ୍ରଯୁକ୍ତିବିଦ୍ୟାର ଅଭିବୃଦ୍ଧି ହେତୁ ନବେ ଦଶକରୁ ଶ୍ରମବଳ ଶିଳ୍ପରୁ ସେବା କ୍ଷେତ୍ରକୁ ସ୍ଥାନାନ୍ତରିତ ହେବାକୁ ଲାଗିଲା। ଉଦାର ଅର୍ଥନୀତିରେ ଅଧିକ ମୁନାଫାର ଲୋଭ ଶିଳ୍ପ ଓ ସେବା କ୍ଷେତ୍ରରେ ଅନୌପଚାରିକତାକୁ ଗୁରୁତ୍ୱ ଦେବାକୁ ଲାଗିଲା। ଏପରି କି ବଡ଼ ବଡ଼ ଶିଳ୍ପୋଦ୍ୟୋଗଗୁଡ଼ିକ ଶ୍ରମିକମାନଙ୍କ ସହିତ ଔପଚାରିକ-ଚୁକ୍ତିରୁ ଓହରିବାକୁ ଲାଗିଲେ । ଏଇଠୁ ଆରମ୍ଭ ହେଲା ଅନୌପଚାରିକ ଶ୍ରମବଳ ଉପରେ ପୁଞ୍ଜିବାଦୀ ଅର୍ଥନୀତିର ଶୋଷଣ, ଯାହା ବାହାରକୁ ଦେଖାଯାଉ ନ ଥିଲା କିମ୍ବା ଆମେ ଦେଖି ନ ଦେଖିବାର ଅଭିନୟ କରୁଥିଲୁ। ଶେଷରେ ମହାମାରୀ ଆମର ନିଦ ଭାଙ୍ଗିଦେଲା।

ବିଳମ୍ବରେ ହେଲେ ମଧ୍ୟ ପ୍ରବାସୀ ଶ୍ରମିକଙ୍କ ସଙ୍କଟକୁ ଦେଖି 'ନୀତି' ଆୟୋଗ ଏକ ଚିଠା 'ଜାତୀୟ ପ୍ରବାସନ ନୀତି' ପ୍ରସ୍ତୁତ କରିଛନ୍ତି। ଏହା ଏକ 'ଅଧିକାର-ଆଧାରିତ ଆଭିମୁଖ୍ୟ' ବୋଲି ଦାବି କରାଯାଉଛି । ଏମାନଙ୍କ ଦୁର୍ଦ୍ଦଶାକୁ ମାନବିକ ତଥା ଅର୍ଥନୈତିକ ସଙ୍କଟ ବୋଲି ସ୍ୱୀକାର କରାଯାଇଛି। ଏଥିରେ ସାମାଜିକ ସୁରକ୍ଷା, ଆବାସ ସ୍ଥଳୀ, ସ୍ୱାସ୍ଥ୍ୟ ଓ ଶିକ୍ଷା ସମେତ ଶ୍ରମିକଙ୍କ ବିଭିନ୍ନ ପ୍ରସଙ୍ଗକୁ ଏକୀକୃତ ଭାବରେ ଆଲୋଚନା କରାଯାଇଛି । ସରକାରଙ୍କ ବିଭିନ୍ନ ବିଭାଗ ଓ ମନ୍ତ୍ରଣାଳୟ ମଧ୍ୟରେ ଏକ ସମନ୍ୱିତ କାର୍ଯ୍ୟ ପ୍ରଣାଳୀ ଆଣିବାକୁ ଜୋର୍ ଦିଆଯାଇଛି।

ଆଜିର ଆବଶ୍ୟକତା ହେଉଛି ଏକ ନିୟାମକର ଢାଞ୍ଚା ଓ ପ୍ରତିକାର-ପ୍ରଣାଳୀ, ଯାହା ପ୍ରବାସୀ ଶ୍ରମିକମାନେ ସମ୍ମୁଖୀନ ହେଉଥିବା ଜଟିଳ ପରିସ୍ଥିତିରେ ମୁକାବିଲା ପାଇଁ ଅନୁକୂଳ ହେଉଥିବ ଓ ସେମାନଙ୍କ ନିକଟରେ ସହଜରେ ଉପଲବ୍ଧ କରାଯାଇପାରୁଥିବ। ନିକଟରେ କେନ୍ଦ୍ର ସରକାର 'ଶିଳ୍ପ ସମ୍ବନ୍ଧିତ କୋଡ୍'; 'ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟ ସର୍ତ୍ତାବଳୀ କୋଡ୍' ଏବଂ 'ସାମାଜିକ ସୁରକ୍ଷା କୋଡ୍' ନାମରେ ତିନୋଟି ଶ୍ରମ ସଂହିତା ଆଣିଛନ୍ତି। ଏହି କୋଡ୍‌ଗୁଡିକ ସରକାରୀ ଆଦେଶନାମା, ଶ୍ରମିକ-ଛଟେଇ, ଉଦ୍ୟୋଗ-ବନ୍ଦ, ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ ଚୁକ୍ତିଭିତ୍ତିକ ଶ୍ରମିକ-କଲ୍ୟାଣ ସମ୍ବନ୍ଧିତ ନିୟନ୍ତ୍ରଣରୁ ନିଯୁକ୍ତିଦାତା ଓ କଣ୍ଟ୍ରାକ୍ଟରମାନଙ୍କୁ ଅଧିକରୁ ଅଧିକ ଛାଡ଼ ଦେବାରେ ନମନୀୟତା ପ୍ରଦାନ କରିଛି। ଶ୍ରମବଳକୁ କିଛି ସୁବିଧା ଉପଲବ୍ଧ କରାଇବାର ପ୍ରତିଶ୍ରୁତି ଦେଇଛି। ଯେପରି କି, ସାର୍ବଜନୀନ ନ୍ୟୂନତମ ମଜୁରି, ଶ୍ରମିକ ସଂଘଗୁଡ଼ିକୁ ସ୍ୱୀକୃତି, ଗିଗ୍ ଓ ପ୍ଲାଟଫର୍ମ କର୍ମୀଙ୍କ ପାଇଁ ସାମାଜିକ ସୁରକ୍ଷା, ପ୍ରବାସୀ ଶ୍ରମିକଙ୍କର ବ୍ୟାପକ ସଂଜ୍ଞା ଇତ୍ୟାଦି। ପ୍ରଭାବଶାଳୀ କାର୍ଯ୍ୟକାରିଣୀ ତଥା ଇଚ୍ଛାଶକ୍ତିର ଅଭାବ ଏହି ସୁବିଧାଗୁଡ଼ିକୁ ହିତାଧିକାରୀଙ୍କ ନିକଟରେ କେତେଦୂର ପହଞ୍ଚାଇବାରେ ସକ୍ଷମ ହେବ ତାହା ସମୟ କହିବ।

ଯଦିଓ ଆମ ସରକାର 'ଆଇଏଲଓ'ର ଅନ୍ତର୍ଜାତୀୟ ଶ୍ରମମାନକର ତ୍ରିପାକ୍ଷିକ ପରାମର୍ଶକୁ ୧୯୭୬ ମସିହାରୁ ଅନୁମୋଦନ କରିଛନ୍ତି, ଦେଶରେ ପାରସ୍ପରିକ ସାମାଜିକ ବାର୍ତ୍ତାଳାପକୁ ଗୁରୁତ୍ୱ ଦିଆଯାଇନାହିଁ। ତ୍ରୁଟିପୂର୍ଣ୍ଣ ଶ୍ରମ ସଂହିତା ସଂଶୋଧନ କଲାବେଳେ, ମହାମାରୀର ପ୍ରଭାବକୁ ମୁକାବିଲା କରିବା ପାଇଁ ବିଭିନ୍ନ ହିତଧାରକମାନଙ୍କ ପରାମର୍ଶକୁ ଶୁଣିବାର ଅଛି। ଆଇନ ଆଣିବାକୁ ରାଜ୍ୟ ସରକାରଙ୍କୁ ସହଜ ହେବ। ଉନ୍ନତ ଶ୍ରମ ଆଇନ ତିଆରି କରିବାରେ ଏବଂ ଅଧିକ ଦକ୍ଷ ଶ୍ରମ ଶାସନ ନୀତି ଆପଣାଇବାରେ 'ଆଇଏଲଓ'ର ଅଭିଜ୍ଞତାକୁ ବିଶ୍ୱାସକୁ ନେବା ମଧ୍ୟ ଜରୁରୀ।

ଏହା ନିଶ୍ଚିତ ଯେ କୋଭିଡ୍ ପରବର୍ତ୍ତୀ ଦୁନିଆ ଆଉ ପୂର୍ବ ଭଳି ରହିବନାହିଁ। ମହାମାରୀ ସାମାଜିକ ଅସମାନତାକୁ ଏଭଳି ପ୍ରାଞ୍ଜଳ ଭାବରେ ଅନାବୃତ କରିଛି ଯେ ପୁରୁଣା ରୂପରେ ଅର୍ଥନୀତିର ପୁନରୁଦ୍ଧାର କରିବା ନୈତିକତା ଦୃଷ୍ଟିରୁ ଗ୍ରହଣୀୟ ହେବନାହିଁ। ତେଣୁ ପାଞ୍ଚ ଟ୍ରିଲିୟନ ଡଲାର ଅର୍ଥନୀତି ପଛରେ ଦୌଡ଼ିବା ପରିବର୍ତ୍ତେ, ଲୋକାଭିମୁଖୀ ବିକାଶ ହିଁ ଆମର ଲକ୍ଷ ହେବା ଆବଶ୍ୟକ। କାରଣ, ବିକାଶର ଫଳକୁ ଉପଭୋଗ କରିବାର ଅଧିକାର ପ୍ରବାସୀ ଶ୍ରମିକର ମଧ୍ୟ ଅଛି।

ଶ୍ରୀଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର,
ମୋ:୯୪୩୭୧୬୪୬୧୧
Email: saktiprasadd@yahoo.in

## ପାଠକ ଶ୍ରେଷ୍ଠ ବିଚାରକ

### କରୋନା ଟିକା ଓ ଭୟାଳୁ

ମହାଶୟ,

କରୋନାରୁ ରକ୍ଷା ପାଇବା ପାଇଁ ଟିକା ହେଉଛି ମୃତ୍ୟୁ ସଞ୍ଜୀବନୀ। ଟିକାଦାନ କେନ୍ଦ୍ରଗୁଡ଼ିକରେ ରାତିରୁ ମୂଲିଆ ଆସି ଇଟା ଓ ଗାମୁଛା ପକାଇ ସ୍ଥାନ ସୁରକ୍ଷିତ ରଖୁଛନ୍ତି। ଏବେ ବି ବହୁଲୋକ ଟିକା ନେବା ସପକ୍ଷରେ ନାହାନ୍ତି। ନାନା ଗୁଜବ ଓ ଉଡ଼ାକଥା କହୁଛନ୍ତି ଅନେକେ। ଟିକାଦାନ ନିରନ୍ତର କରା ନ ଗଲେ ଶତପ୍ରତିଶତ ସଫଳତା ପାଇବାକୁ କିଛିବର୍ଷ ଲାଗିଯିବ। ଯଦିଓ ଟିକା କମ୍ପାନୀର ଯୋଗାଣ ଉପରେ ସବୁକିଛି ନିର୍ଭର। ଟିକା ନେବାକୁ ଇଚ୍ଛା ପ୍ରକାଶ କରୁ ନ ଥିବା ଲୋକଙ୍କୁ କିଭଳି ଟିକାଦାନ କେନ୍ଦ୍ରକୁ ଅଣାଯାଇପାରିବ ଏକ ବିରାଟ ସମସ୍ୟା। ଆଶା ଓ ଅଙ୍ଗନୱାଡ଼ିକର୍ମୀ ସେମାନଙ୍କୁ ଚିହ୍ନଟ କରି ବୁଝାଶୁଝା କରିବା ଦରକାର। ଟିକାକୁ ନେଇ ଲୋକଙ୍କ ମନରେ ଅଜଣା ଭୟ ଦୂର କରିବା ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ ଆଗେଇଆସିବା ଦରକାର। ଆଧାର ଓ ମୋବାଇଲ ଫୋନ ନମ୍ବର ନିଜର କିମ୍ବା ନିକଟ ସମ୍ପର୍କୀୟଙ୍କର ନ ଥିବା ଲୋକଙ୍କୁ ଟିକାଦାନ କେନ୍ଦ୍ରକୁ ଆଣିବା ଏକ ବଡ଼ ଚ୍ୟାଲେଞ୍ଜ। ଡିଜିଟାଲ ଟିକାକରଣ ଆଗେଇ ଚାଲିଥିବା ବେଳେ ଗ୍ରାମାଞ୍ଚଳରେ ସ୍ମାର୍ଟଫୋନ ଓ ଟାୱାର ନ ପାଇବା ଘଟଣା ପୂର୍ବରୁ ବିକଳ୍ପ ରାସ୍ତା ବାହାର କରାଯିବା ଦରକାର।

—ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

## ଚିରନ୍ତନୀ

ଅମର କଥା ନୁହଇ କିଛି
ମରଣ ଅବିକଳ
ସାନ୍ତ୍ୱନାର ଗୋଟାଏ ଖାଲି ଭାବ
ରଚଇ କବି ଶିଳ୍ପୀ ଲେଖେ
ଲାଗଇ ବୋଲି ଭଲ
କି ତହିଁ ଆଉ ରହିଚି ତାର ଲାଭ ?
-(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିନୋଦ ଦୁଆଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଖାରଜ

ବିଶିଷ୍ଟ ସାମ୍ବାଦିକ ବିନୋଦ ଦୁଆଙ୍କ ବିରୋଧରେ ଦେଶଦ୍ରୋହ ମାମଲାକୁ ଗୁରୁବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଦେଶର ପ୍ରତ୍ୟେକ ଖବରଦାତା ସୁରକ୍ଷା ପାଇବା ପାଇଁ ହକ୍‌ଦାର ବୋଲି ଜଷ୍ଟିସ୍ ୟୁ.ୟୁ. ଲଳିତ ଏବଂ ବିନୀତ ସରନଙ୍କ ଖଣ୍ଡପୀଠ ୧୯୬୨ ରାୟର ଅବତାରଣା କରି ଶୀର୍ଷ ଅଦାଲତ କହିଛନ୍ତି। ବିନୋଦ ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ମନ୍ତବ୍ୟ ଦେଇଥିବାରୁ ତାଙ୍କ ନାଁରେ ଦେଶଦ୍ରୋହ ମାମଲା ହୋଇଥିଲା।

### ସଂକ୍ଷେପରେ

## ସପ୍ତଗିରିଙ୍କୁ ଛତିଶଗଡ଼ ଦାୟିତ୍ୱ

**ଭୁବନେଶ୍ୱର, ୩।୬(ବ୍ୟୁରୋ):** ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସଭାନେତ୍ରୀ ସୋନିଆ ଗାନ୍ଧୀ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କୁ ଏଆଇସିସି ସମ୍ପାଦକ ସହ ଛତିଶଗଡ଼ ପ୍ରଭାରୀ ଭାବେ ନିଯୁକ୍ତି ଦେଇଛନ୍ତି। ଏଆଇସିସି ସାଧାରଣ ସଂପାଦକ କେ.ସି. ବେଣୁଗୋପାଳ ଏ ନେଇ ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିସହିତ ବିଧାୟିକା ଦୀପିକା ପାଣ୍ଡେ ସିଂଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦେବା ସହ ଉତ୍ତରାଖଣ୍ଡ ପ୍ରଭାରୀ, ଇମ୍ରାନ ମାସୁଦଙ୍କୁ ଦିଲ୍ଲୀ ଏବଂ ବ୍ରିଜଲାଲ ଖବରୀଙ୍କୁ ବିହାର ଦାୟିତ୍ୱ ଦିଆଯାଇଛି। ସଂଜୟ ଦତ୍ତଙ୍କୁ ତାମିଲନାଡୁ ଓ ପୁଡୁଚେରୀର ଏଆଇସିସିର ସମ୍ପାଦକ ପଦବୀରୁ ଅବ୍ୟାହତି ଦିଆଯାଇ ହିମାଚଳ ପ୍ରଦେଶର ଦାୟିତ୍ୱ ଦିଆଯାଇଛି। ଉଲ୍ଲାକାଙ୍କୁ ଏଆଇସିସି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥିବାରୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ଏମ୍‌ପି ତଥା ରାଜ୍ୟ କାର୍ଯ୍ୟକାରୀ କମିଟି ସଭାପତି ପ୍ରଦୀପ ମାଝୀ, କୋରାପୁଟ ଜିଲା କଂଗ୍ରେସ କମିଟି ସଭାନେତ୍ରୀ ମୀନାକ୍ଷୀ ରାଣୀ ବାହିନୀପତି ଶୁଭେଚ୍ଛା ଜଣାଇଛନ୍ତି। ସୂଚନା ଅନୁଯାୟୀ, କେନ୍ଦ୍ର ସରକାରଙ୍କ ବୈଦେଶିକ, ଅର୍ଥନୀତି ଏବଂ ସୁରକ୍ଷା ନୀତିର ସମୀକ୍ଷା ପାଇଁ ଗତବର୍ଷ ସୋନିଆ ଗାନ୍ଧୀ ୩ଟି କମିଟି ଗଠନ କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ୩ଟି ଯାକ କମିଟିର ଅଧକ୍ଷ ରହିଥିଲେ। ଅର୍ଥନୈତିକ ପ୍ରସଙ୍ଗରେ ଗଠିତ କମିଟିରେ ପି. ଚିଦାମ୍ବରମ, ମଲ୍ଲିକାର୍ଜୁନ ଖାର୍ଗେ ଓ ଦିଗ୍‌ବିଜୟ ସିଂହ ସଦସ୍ୟ ରହିଥିବାବେଳେ ଜୟରାମ ରମେଶ ଆବାହକ ଥିଲେ।ସେହିଭଳି ବହିର୍ବ୍ୟାପାର କମିଟିରେ ଆନନ୍ଦ ଶର୍ମା, ଶଶୀ ଥରୁର୍ ଓ କୋରାପୁଟର ଏମ୍‌ପି ସପ୍ତଗିରି ଉଲାକା ସ୍ଥାନ ପାଇଥିଲେ। ଏବେ ସପ୍ତଗିରିଙ୍କୁ ନୂଆ ଦାୟିତ୍ୱ ତାଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ କୋରାପୁଟ ପାଇଁ ଗର୍ବର ବିଷୟ ହୋଇଛି।



ସପ୍ତଗିରି ଉଲାକା

## ବୁଲା ଗୋରୁ, କୁକୁରଙ୍କ ପାଇଁ ୬୭.୫୨ ଲକ୍ଷ ମଞ୍ଜୁର

**ଭୁବନେଶ୍ୱର,୩।୬(ବ୍ୟୁରୋ):** ଲକ୍‌ଡାଉନ ସମୟରେ ବୁଲା ଜୀବଜନ୍ତୁମାନେ ଖାଇବାକୁ ନ ପାଇ ଉହଳବିକଳ ହେଉଛନ୍ତି। ସେମାନଙ୍କ ପାଇଁ ତୃତୀୟ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୬୭ ଲକ୍ଷ ୫୨ ହଜାର ଟଙ୍କା ମଞ୍ଜୁର କରାଯାଇଛି। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଅନୁମୋଦନ କରିଛନ୍ତି। ଏହି ଅର୍ଥ ଅସହାୟ ଭାବେ ବୁଲୁଥିବା ଗୋରୁ ଓ କୁକୁରଙ୍କୁ ଖାଦ୍ୟ ଯୋଗାଇବା ବାବଦରେ ଖର୍ଚ୍ଚ ହେବ। ଭୁବନେଶ୍ୱରରେ ଦିନକୁ ୨୦ହଜାର ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲା ମହନଗର ନିଗମରେ ଦିନକୁ ୧୦ ହଜାର ଟଙ୍କା ଲେଖାଏ ଖର୍ଚ୍ଚ କରାଯିବ। ସେହିପରି ୪୮ଟି ମ୍ୟୁନିସିପାଲିଟି ଦିନକୁ ୫ ହଜାର ଟଙ୍କା ଲେଖାଏ ଏବଂ ୬୧ଟି ଏନ୍‌ଏସି ଦିନକୁ ୨ହଜାର ଟଙ୍କା ଖର୍ଚ୍ଚ କରିବେ। ପୂର୍ବରୁ ୨ଟି ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଏ ବାବଦରେ ୧ କୋଟି ୧୩ ଲକ୍ଷ ୯୪ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏଥିସହିତ କୋଭିଡ୍ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ କଟକ ମହାନଗର ନିଗମକୁ ୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହା ପୂର୍ବରୁ ସିଏମ୍‌ସିକୁ ୨୬କୋଟି ୭୧ଲକ୍ଷ ୧୯ ହଜାର ୧୪୪ ଟଙ୍କା ଦିଆଯାଇଥିଲା। କେବଳ କଟକ ମହାନଗର ନିଗମକୁ ଏ ପର୍ଯ୍ୟନ୍ତ ମୋଟ୍ ୪୧କୋଟି ୭୧ ଲକ୍ଷ ୧୯ହଜାର ୧୪୪ ଟଙ୍କା କୋଭିଡ୍ ପରିଚାଳନା ପାଇଁ ପ୍ରଦାନ କରାଯାଇଛି।

## ସ୍ୱାମୀଙ୍କୁ ଛାଡ଼ି ଥାନାରେ ପ୍ରେମିକଙ୍କୁ ବିବାହ

**ହିନ୍ଦୋଳ, ୩।୬(ଡି.ଏନ୍.ଏ.):** ବିବାହିତା ଥିଲେ। ହସଖୁସିର ପରିବାର ଥିଲା। ତଥାପି ଆଉ ଜଣଙ୍କୁ ମନ ଦେଇଥିଲେ ମହିଳା। ସ୍ୱାମୀଙ୍କୁ ଛାଡ଼ି ୧୫ ଦିନ ତଳେ ପ୍ରେମିକଙ୍କ ସହ ଫେରାର ହୋଇଯାଇଥିଲେ। ଗୁରୁବାର ସମ୍ପୃକ୍ତ ପ୍ରେମୀଯୁଗଳଙ୍କୁ ପୋଲିସ ଉଦ୍ଧାର କରିବା ପରେ ଥାନା ପରିସରରେ ବିବାହ ସମ୍ପନ୍ନ ହୋଇଛି। ଉଭୟଙ୍କ ପରିବାର ସଦସ୍ୟ ଏବଂ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟ ହୋଇଥିବାବେଳେ ମହିଳା ଜଣକ ପ୍ରେମିକଙ୍କ ସହ ରହିବାକୁ ସହମତି ଜଣାଇ ଲିଖିତ ଆକାରରେ ଦେଇଛନ୍ତି। ଏଭଳି ଏକ ଘଟଣା ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପୋଲିସ ସୂଚନା ଅନୁଯାୟୀ, ବରଡ଼ାପାଳ ଅଞ୍ଚଳର ଜଣେ ଯୁବକ ୨୦୨୦ ଜାନୁୟାରୀରେ ହିନ୍ଦୋଳ ଏନ୍‌ଏସି ଅନ୍ତର୍ଗତ ଗୁଣ୍ଡିଚାମଣ୍ଡପ ଗ୍ରାମରେ ସମ୍ପୃକ୍ତା ମହିଳାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଯୁବକ ଜଣକ ଭୁବନେଶ୍ୱରରେ ରହି କାର୍ଯ୍ୟ କରୁଛନ୍ତି। ଗତ ମେ ୧୮ରେ ଉଭୟେ ଫେରାର ହୋଇଯାଇଥିଲେ। ଏ ନେଇ ମହିଳାଙ୍କ ସ୍ୱାମୀ ହିନ୍ଦୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ବାଣ ଗୋଦାମରେ ଭୟାବହ ଅଗ୍ନିକାଣ୍ଡ

**ବିସ୍ଫୋରଣରେ ମାଟିରେ ମିଶିଲା ୫ ବଖରା, ଥରିଲା ବଜାର**

- ୫ ଲକ୍ଷର ବାଣ ଜଳିଗଲା
- ଗୋଦାମ ମାଲିକ, କର୍ମଚାରୀ ଫେରାର





ଜଳି ଯାଇଥିବା ବାଣ ଗୋଦାମ।

**ନିମାପଡ଼ା,୩।୬(ଡି.ଏନ୍.ଏ.)**

ଚାରିଛକ ଫାଣ୍ଡି ଅଧୀନ ବ୍ରହ୍ମକୁଣ୍ଡି ଗ୍ରାମ ନିକଟରେ ଥିବା ଏକ ବାଣ ଗୋଦାମରେ ଗୁରୁବାର ମଧ୍ୟାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଗୋଦାମରେ ଥିବା ବାଣ ସବୁ ବିସ୍ଫୋରଣ ଘଟି ୫ବଖରା ଗୃହ ଓ ପାଚେରି ଭାଙ୍ଗିରୁଜି ଧୂଳିସାତ ହୋଇଯାଇଛି। ବିସ୍ଫୋରଣର ଶବ୍ଦ ଏତେ ଜୋର୍‌ରେ ହୋଇଥିଲା ଯେ ଚାରିଛକ ବଜାର, ମେଡିକାଲ ଛକ, ଆଖପାଖ ଅଞ୍ଚଳ ଥରି ଉଠିଥିଲା। ବିସ୍ଫୋରଣ ଶବ୍ଦ ଶୁଣି ବ୍ୟବସାୟୀ, ସ୍ଥାନୀୟ ଲୋକମାନେ ଦୋକାନ ଘର ଛାଡ଼ି ଭୟଭୀତ ହୋଇ ଯିଏ ଯେଉଁଠି ପାଇଲେ ଦୌଡ଼ିଥିଲେ। ବିସ୍ଫୋରଣ ଯୋଗୁ ଚାରିଛକ ଅଞ୍ଚଳ କିଛି ସମୟ ଧୂଆଁମୟ ହୋଇ ଉଠିଥିବାବେଳେ ଏହାର ଶବ୍ଦ ପ୍ରାୟ ୨ କିଲୋମିଟର ଯାଏଁ ଶୁଣାଯାଇଥିଲା। ବାଣଗୋଦାମ ନିକଟରେ ଥିବା କେତେଜଣ ବ୍ୟକ୍ତିଙ୍କ ଘରର କବାଟ, କାଚ ଝରକା ଆଦି ଭାଙ୍ଗିରୁଜି କ୍ଷତିଗ୍ରସ୍ତ ହୋଇଯାଇଛି। ଖବରପାଇ ନିମାପଡ଼ା, ନିଆଳି, ଗୋପ ଅଞ୍ଚଳର ୩ଟି ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ୬ଟି ଦମକଳ ସହ ବିସ୍ଫୋରଣ ସ୍ଥଳରେ ପହଞ୍ଚି ଦୀର୍ଘ ୨ଘଣ୍ଟା ଧରି ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଥିଲେ। ହେଲେ ଏହି ଅଗ୍ନିକାଣ୍ଡର କାରଣ ଅଦ୍ୟାବଧି ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ। ଅଗ୍ନିକାଣ୍ଡରେ ପ୍ରାୟ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗଚ୍ଛିତ ବାଣ, ବାରୁଦ, ବାଣ ତିଆରି ସାମଗ୍ରୀ ଆଦି ପୋଡ଼ିଯାଇଥିବା ଅନୁମାନ କରାଯାଉଛି। ଏହି ବାଣ ଗୋଦାମରେ ଅଗ୍ନିକାଣ୍ଡ ଘଟିବାରୁ ଏଠାରେ କାମ କରୁଥିବା ୪ଜଣ କର୍ମଚାରୀ ବାହାରକୁ ଚାଲିଯାଇଥିବାରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ପରେ ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ର, ନିମାପଡ଼ା ଥାନା ଆଇଆଇସି ଦାୟିତ୍ୱରେ ଥିବା ଗୋପ ଥାନା ଆଇଆଇସି ଉପେନ୍ଦ୍ର ନାୟକ, ନିମାପଡ଼ା ଥାନା ଏସ୍ଆଇ ପି.କେ.ଜୁଝାର ସିଂ, ଚାରିଛକ ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ସେଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ବିସ୍ଫୋରଣ ପରେ ବାଣ ଗୋଦାମର ମାଲିକ, କାର୍ଯ୍ୟରତ କର୍ମଚାରୀମାନେ ଗୋଦାମ ଛାଡ଼ି ଫେରାର ହୋଇଯାଇଛନ୍ତି। ପରେ ଚାରିଛକ ଫାଣ୍ଡି ଅଧିକାରୀଙ୍କ ଅଭିଯୋଗକ୍ରମେ ନିମାପଡ଼ା ଥାନାରେ ଏହି ବାଣ ଗୋଦାମ ମାଲିକଙ୍କ ବିରୋଧରେ ଏକ ମାମଲା(ନଂ.୧୯୭/୨୧) ରୁଜୁ କରାଯାଇଥିବା ଏସ୍‌ଡିପିଓ ମିଶ୍ର କହିଛନ୍ତି।

# ଏୟାର ଲିଫ୍ଟରେ ଚେନ୍ନାଇ ଗଲେ କରୋନା ରୋଗୀ

**ଭୁବନେଶ୍ୱର,୩।୬(ବ୍ୟୁରୋ)**

- ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିଲେ
- ଗ୍ରୀନ୍ କରିଡରରେ ବିମାନବନ୍ଦର ଆସିଲେ

ଭୁବନେଶ୍ୱର ଏମ୍‌ସରେ ଚିକିତ୍ସିତ ହେଉଥିବା ଜଣେ ଗୁରୁତର କରୋନା ରୋଗୀଙ୍କୁ ଗୁରୁବାର ଏୟାରଲିଫ୍ଟରେ ଚେନ୍ନାଇ ପଠାଯାଇଛି। ସେଠାରେ ତାଙ୍କର ଉନ୍ନତ ଚିକିତ୍ସା ହେବ। ସେ ହେଲେ ବ୍ରହ୍ମପୁରର ଅମ୍ରିତ ପ୍ରଧାନ। ତାଙ୍କୁ ଏମ୍‌ସରୁ ଗ୍ରୀନ୍ କରିଡରରେ ଭୁବନେଶ୍ୱର ବିମାନ ବନ୍ଦର ପର୍ଯ୍ୟନ୍ତ ଅଣାଯାଇଥିଲା। ଏହାପରେ ୬ ଜଣିଆ ଡାକ୍ତରୀ ଦଳଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ବିମାନ ଯୋଗେ ଚେନ୍ନାଇସ୍ଥିତ ଆପୋଲୋ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ଏଥିପାଇଁ ଏମ୍‌ସରୁ ବିମାନ ବନ୍ଦର ପର୍ଯ୍ୟନ୍ତ ବିଭିନ୍ନ ଛକରେ ଟ୍ରାଫିକ ପୋଲିସ ସଜାଗ ହୋଇ ରହିଥିଲେ। ଅପରାହ୍ନ ୩ଟା ୪୫ରେ ଏମ୍‌ସରୁ ଆମ୍ବୁଲାନ୍ସଟି ବାହାରି ପ୍ରାୟ ୪ଟା ୫ରେ ଏୟାରପୋର୍ଟରେ ପହଞ୍ଚିଥିଲା।

ସୂଚନା ମୁତାବକ, ଗତ ମାସ ୨ ତାରିଖରେ ଅମ୍ରିତ କୋଭିଡ୍ ପଜିଟିଭ ଚିହ୍ନଟ ହେବାପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଥିଲା। ଗତ ୧୨ ତାରିଖରୁ ସେ ଭେଣ୍ଟିଲେଟରରେ ରହିଥିଲେ। ନିମୋନିଆ ଓ ସେପ୍‌ଟିସେମିଆରେ ପୀଡ଼ିତ ହେବା ସହ ଫୁସ୍‌ଫୁସ୍‌ର କିଛି ଅଂଶ ନଷ୍ଟ ହେବାରେ ଲାଗିଥିଲା। ସ୍ଥିତି ଜଟିଳ ହେବାରୁ ଅମ୍ରିତଙ୍କୁ ସ୍ଥାନାନ୍ତର କରିବା ପାଇଁ ଡାକ୍ତରୀ ଦଳ ପରାମର୍ଶ ଦେଇଥିଲେ। ଏହି ଅନୁସାରେ, ଏୟାରଲିଫ୍ଟ ପାଇଁ ଚେନ୍ନାଇସ୍ଥିତ ଆପୋଲୋରୁ ୬ ଜଣିଆ ଡାକ୍ତରୀ ଦଳ ଭୁବନେଶ୍ୱର ଏମ୍ସରେ ପହଞ୍ଚି ଆବଶ୍ୟକ କାଗଜପତ୍ର କାମ ସାରିବା ପରେ ଅମ୍ରିତଙ୍କୁ ଏୟାରଲିଫ୍ଟ କରାଯାଇଥିଲା। ଆବଶ୍ୟକ ପଡିଲେ ଅମ୍ରିତଙ୍କ ଫୁସଫୁସ ପ୍ରତିରୋପଣ ବି କରାଯାଇପାରେ। ତାଙ୍କର ଚିକିତ୍ସା ପାଇଁ କୋଟିଏରୁ ଅଧିକ ଟଙ୍କା ଦରକାର। ସୋସିଆଲ ମିଡିଆରେ ଅମ୍ରିତଙ୍କ ପାଇଁ ପାଣ୍ଠି ସଂଗ୍ରହ କରାଯାଉଥିବା ସୂଚନା ମିଳିଛି।

# ବିଜେଡି କାର୍ଯ୍ୟାଳୟରେ ବିଜୟଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୩।୬(ବ୍ୟୁରୋ)**




ବିଜେଡି କାର୍ଯ୍ୟାଳୟରେ ବିଜୟଶ୍ରୀ ରାଉତରାୟଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

ବିଜୁ ଜନତା ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟଙ୍କୁ ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ରାଉତରାୟଙ୍କ ପାର୍ଥିବ ଶରୀର ଗୁରୁବାର ସକାଳ ୭ଟା ୩୦ ମିନିଟ୍‌ରେ ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ବିଜେଡି ସଂଗଠନ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ଏବଂ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ସ୍ୱର୍ଗତ ରାଉତରାୟଙ୍କ ପାର୍ଥିବ ଶରୀରରେ ଦଳୀୟ ପତାକା ଓ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଦାସବର୍ମା ଗଣମାଧ୍ୟମକୁ କହିଥିଲେ ଯେ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟ ଓଡ଼ିଶାରେ ଅଣକଂଗ୍ରେସ ଆନ୍ଦୋଳନକୁ ଶକ୍ତିଶାଳୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଦୀର୍ଘ ପାଞ୍ଚ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ନିଜ ନିର୍ବାଚନମଣ୍ଡଳୀ ବାସୁଦେବପୁର, ଭଦ୍ରକ ଜିଲା ଓ ରାଜ୍ୟର ବିକାଶରେ ତାଙ୍କର ସମର୍ପିତ ନେତୃତ୍ୱ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଦାସବର୍ମା ମତବ୍ୟକ୍ତ କରିଥିଲେ। ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଦେବ, ଭୁବନେଶ୍ୱର ଜିଲା ସଭାପତି ତଥା ବିଧାୟକ ସୁଶାନ୍ତ କୁମାର ରାଉତ ପ୍ରମୁଖ ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ସ୍ୱର୍ଗତ ନେତାଙ୍କ ପ୍ରତି ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସ୍ୱର୍ଗତ ରାଉତରାୟଙ୍କୁ ବିଧାନସଭା ପରିସରରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ସକାଳ ୮ଟାରେ ମରଶରୀର ବିଧାନସଭା ପରିସରରେ ପହଞ୍ଚିବା ପରେ ଉପସ୍ଥିତ ନେତାଗଣ ପୁଷ୍ପମାଲ୍ୟ ପ୍ରଦାନ କରି ଶେଷ ସମ୍ମାନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବାଚସ୍ପତି ସୂର୍ଯ୍ୟ ନାରାୟଣ

**ଜନ୍ମମାଟିରେ ଶେଷକୃତ୍ୟ**

ପାତ୍ର, ଉପବାଚସ୍ପତି ରଜନୀକାନ୍ତ ସିଂ, ଜଙ୍ଗଲ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ପ୍ରଣବ ପ୍ରକାଶ ଦାଶ, ପ୍ରଣବ ବଳବନ୍ତରାୟ, ବିଷ୍ଣୁବ୍ରତ ରାଉତରାୟ, ବିଧାନସଭା ସଚିବ ଦାଶରଥି ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ରାଉତରାୟଙ୍କୁ ଆରକ୍ଷୀ ବାହିନୀ ତରଫରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା।

ଏହାପରେ ବାସୁଦେବପୁରରେ ହୋଇଥିବା ଶୋଭାଯାତ୍ରାରେ ବିଧାୟକ ତଥା ସାନପୁଅ ବିଷ୍ଣୁବ୍ରତ ରାଉତରାୟ, ବଡ଼ପୁଅ ଦୁର୍ଗାଦତ୍ତ ରାଉତରାୟ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ତାଙ୍କ ପୈତୃକ ବାସଭବନ ତିହିଡ଼ି ବ୍ଲକର ମୁକୁନ୍ଦପୁର ଗ୍ରାମ ଅଭିମୁଖେ ନିଆଯାଇଥିଲା। ବଡ଼ପୁଅ ଦୁର୍ଗାଦତ୍ତ ମୁଖାଗ୍ନି ଦେଇଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଓ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦାୟିତ୍ୱ ଗ୍ରହଣ କଲେ ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ

**ଭୁବନେଶ୍ୱର,୩।୬(ବ୍ୟୁରୋ)**

ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଇନ୍ଦ୍ରମଣି ତ୍ରିପାଠୀ ଗୁରୁବାର ସୂଚନା ଓ ଲୋକସମ୍ପର୍କ ବିଭାଗର ନୂତନ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଭାଗକୁ ଅଧିକ କ୍ରିୟାଶୀଳ କରିବା ଉପରେ ନୂତନ ନିର୍ଦ୍ଦେଶକ ଗୁରୁତ୍ୱାରୋପ କରିଛନ୍ତି। ସୂଚନା ପ୍ରଦାନ କ୍ଷେତ୍ରରେ ଆଧୁନିକ ବୈଷୟିକ ଜ୍ଞାନ ପ୍ରୟୋଗ ମାଧ୍ୟମରେ ସର୍ବଦା ଆଗୁଆ ରହିବା ଏବଂ ଦକ୍ଷତାର ସହ ନିୟମିତ ଭାବେ କାର୍ଯ୍ୟ ତୁଲାଇବାକୁ ବିଭାଗର ଅଧିକାରୀ ତଥା କର୍ମଚାରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି।

ନିର୍ଦ୍ଦେଶକ ପୂର୍ବାହ୍ନରେ ଅଧିକାରୀମାନଙ୍କ ସହିତ ବିଭାଗର ବିଭିନ୍ନ କାର୍ଯ୍ୟାବଳୀ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ସେ ଲୋକସମ୍ପର୍କ ଭବନରେ ବିଭାଗର ବିଭିନ୍ନ ଶାଖା ପରିଦର୍ଶନ କରିଥିଲେ। ବିଜ୍ଞାନ ଓ ବୈଷୟିକବିଦ୍ୟାର ପ୍ରୟୋଗକୁ ଆପଣେଇବା ସହ ଜନସାଧାରଣଙ୍କ ନିକଟରେ ସଞ୍ଚାର ସରବରାହ କ୍ଷେତ୍ରରେ ଅଧିକ ଆଗୁଆ ହୋଇ ବିଶ୍ୱସନୀୟତା ଅର୍ଜନ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। କର୍ମଚାରୀମାନଙ୍କ ଶୃଙ୍ଖଳା ଓ ନିଷ୍ଠା ଉପରେ ସେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଲୋକସମ୍ପର୍କ ଭବନରେ ତ୍ରିପାଠୀଙ୍କୁ ବିଭାଗର ଯୁଗ୍ମ ସଚିବ ବିଷ୍ଣୁପ୍ରିୟା ସାହୁ, ଯୁଗ୍ମ ନିର୍ଦ୍ଦେଶକ ପ୍ରମୋଦ କୁମାର ମଲ୍ଲିକ ଏବଂ ସୁରେନ୍ଦ୍ର ପରିଡ଼ାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ। ନୂତନ ନିର୍ଦ୍ଦେଶକ ବିଭିନ୍ନ ଅଧିକାରୀଙ୍କ କାର୍ଯ୍ୟ ଓ ଦାୟିତ୍ୱ ସମ୍ପର୍କରେ ଅବଗତ ହୋଇଥିଲେ।



ଇନ୍ଦ୍ରମଣି ତ୍ରିପାଠୀ

# ବୃଦ୍ଧ ବ୍ୟବସାୟୀଙ୍କୁ ପିଟିଲେ

**ଝାରସୁଗୁଡ଼ା ଅଫିସ,୩।୬**

କରୋନା ସଂକ୍ରମଣ ରୋକିବା ପାଇଁ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଜାରି ରହିଛି। ଏହାକୁ ତଦାରଖ କରିବା ପାଇଁ ଝାରସୁଗୁଡା ଜିଲାରେ ୧୭ ସ୍କ୍ୱାଡ୍ ଗଠନ କରାଯାଇଛି। ଏହି ସ୍କ୍ୱାଡ୍‌ର ଜଣେ ମାଜିଷ୍ଟ୍ରେଟ୍ ଲୋକଙ୍କୁ ସଚେତନ କରିବା ପରିବର୍ତ୍ତେ ଜଣେ ବୃଦ୍ଧ ଓ ନାବାଳକ ବ୍ୟବସାୟୀଙ୍କୁ ବାଡ଼ିରେ ପଟିଛନ୍ତି। ଏହାର ଭିଡିଓ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବାରେ ଲାଗିଛି। ଏହି ମାଜିଷ୍ଟ୍ରେଟ୍ ଜଣଙ୍କ ହେଉଛନ୍ତି ଝାରସୁଗୁଡା ଅତିରିକ୍ତ ତହସିଲଦାର ଯୋଗୀତା ତିର୍କୀ।

**ଝାରସୁଗୁଡ଼ା ଅତିରିକ୍ତ ତହସିଲଦାରଙ୍କ ଅମାନବୀୟ କାର୍ଯ୍ୟ**



ତରଭୁଜ ବିକାଳି ବୃଦ୍ଧ ଓ ତାଙ୍କ ନାବାଳକ ପୁଅଙ୍କୁ ମାଜିଷ୍ଟ୍ରେଟ୍ ବାଡ଼ିରେ ପିଟୁଛନ୍ତି।

ସୂଚନା ଅନୁଯାୟୀ ବୁଧବାର ମାଜିଷ୍ଟ୍ରେଟ୍ ତିର୍କୀ ଏକ ବାଡ଼ିଧରି ନିଜ ଗାଡିରେ ପ୍ରଥମେ ବମ୍ବେ ଛକରେ ପହଞ୍ଚିଥିଲେ। ସେଠାରେ ଜଣେ ବୃଦ୍ଧ ଓ ନାବାଳକ ତରଭୁଜ ବ୍ୟବସାୟୀ ୧୧ଟାରେ ନିଜ ବେପାର ବନ୍ଦକରି ଗାଡ଼ି ଆସିଲେ ଘରକୁ ଆସିବା ପାଇଁ ଅପେକ୍ଷା କରିଥିଲେ। ଏହି ସମୟରେ ମାଜିଷ୍ଟ୍ରେଟ୍ ତିର୍କୀ ପହଞ୍ଚି ବୃଦ୍ଧ ବ୍ୟବସାୟୀଙ୍କୁ ଧମକଚମକ ଦେଇଥିଲେ। ପରେ ତାଙ୍କ ନିକଟରୁ ନିକିତି ଓ ବଟକରା ଛଡାଇଥିଲେ। ବୃଦ୍ଧ ବ୍ୟବସାୟୀ କାକୁତିମିନତି ହୋଇଥିଲେ ମଧ୍ୟ ମାଜିଷ୍ଟ୍ରେଟ୍ କିଛି ନ ଶୁଣି ତାଙ୍କୁ ଓ ନାବାଳକ ପୁଅଙ୍କୁ ବାଡିରେ ପଟିଚାଲିଥିଲେ। ପରେ ସେ ସେଠାରୁ ଆସି ବେହେରାମାଲ ଛକ ଓ କୋର୍ଟ ସମ୍ମୁଖରେ ବ୍ୟବସାୟୀଙ୍କ ଉପରେ ଜୁଲମ୍‌କରି ବାଡ଼ିରେ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ଏହି ଘଟଣାର ଭିଡ଼ିଓ ମୋବାଇଲ୍‌ରେ କଏଦକରି ସାମାଜିକ ଗଣମାଧ୍ୟମରେ ଛାଡ଼ିଥିଲେ। ବ୍ୟବସାୟୀମାନେ ସଂଘର୍ଷ କରୁଥିବାବେଳେ ପ୍ରଶାସନର ଏଭଳି ଅମାନବୀୟ କାର୍ଯ୍ୟ ସେମାନଙ୍କୁ ହତୋତ୍ସାହିତ କରିଛି। ଏହାକୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ନିନ୍ଦା କରି ସମ୍ପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ସମ୍ପର୍କରେ ମାଜିଷ୍ଟ୍ରେଟ ତିର୍କୀଙ୍କୁ ତାଙ୍କ ମୋବାଇଲ ନଂ.୭୩୮୧୮୪୧୧୯୨ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ଏ ନେଇ ଉପଜିଲାପାଳ ଶିବ ଟପ୍ପୋ ଓ ତହସିଲଦାର କୁଳମଣି ରଣବିଡାଙ୍କୁ ପଚରାଯାଇଥିବେଳେ ସେମାନେ ଜାଣି ନ ଥିବା କହିଛନ୍ତି।

**କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ବିକ୍ରୟ ବିଜ୍ଞପ୍ତି**

**ପରିସମାପନାଧୀନ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍**

**ଇ-ନିଲାମ ପାଇଁ ତାରିଖ ବୃଦ୍ଧି ସମ୍ବନ୍ଧୀୟ ବିଜ୍ଞପ୍ତି**

ଏତଦ୍ୱାରା ସମସ୍ତଙ୍କୁ ସୂଚିତ କରାଯାଉଛି ଯେ କରୋନା ମହାମାରୀ ତଥା ତଦ୍‌ଜନିତ ଲକ୍‌ଡାଉନ୍ କାରଣରୁ, ପରିସମାପନାଧୀନ ମେସର୍ସ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍‌ର ଚାଲୁ ବ୍ୟବସାୟ ଭିତ୍ତିରେ ତଥା "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ", "ଯେପରି ଅଛି ଯାହା ଅଛି ଭିତ୍ତିରେ", "ସେଠାରେ ଯାହା ବି ଅଛି ଭିତ୍ତିରେ" ଏବଂ "ବିନା ଅବଲମ୍ବନ ଭିତ୍ତିରେ" ବ୍ୟବସାୟର ବିକ୍ରୟ ପାଇଁ ଇ-ନିଲାମ, ଯାହା ମୂଳତଃ ୧୯ ଏପ୍ରିଲ, ୨୦୨୧ରେ ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା ଏବଂ **ବୁଧବାର, ୫ ମେ, ୨୦୨୧କୁ** ଏବଂ ତତ୍‌ପଶ୍ଚାତ୍ **ଶନିବାର, ୫ ଜୁନ୍ ୨୦୨୧କୁ ବୃଦ୍ଧି ହୋଇଥିଲା,** ତାହାକୁ ପୁନର୍ବାର **ଗୁରୁବାର, ୫ ଅଗଷ୍ଟ, ୨୦୨୧** କୁ ବୃଦ୍ଧି କରାଯାଇଛି ଏବଂ ସେହି ଅନୁଯାୟୀ ଦସ୍ତାବିଜ ଏବଂ ଇଏମ୍‌ଡି ଦାଖଲର ଶେଷ ତାରିଖକୁ ବର୍ତ୍ତମାନ **ମଙ୍ଗଳବାର, ୩ ଅଗଷ୍ଟ, ୨୦୨୧କୁ** ସଂଶୋଧନ କରାଯାଇଛି।

ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ସମାନ ଓ ଅପରିବର୍ତ୍ତିତ ରହିବ। ନିୟମ ଓ ସର୍ତ୍ତାବଳୀ ସମ୍ବଳିତ ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ ୱେବ୍‌ସାଇଟ୍: **www.kvknilachalpower.com, https://right2vote.in** ତଥା **www.kgsip.com**ରେ ମଧ୍ୟ ଉପଲବ୍ଧ। କୌଣସି ସ୍ପଷ୍ଟୀକରଣ ପାଇଁ, ନିମ୍ନପ୍ରଦତ୍ତ ବିବରଣୀରେ ଯୋଗାଯୋଗ କରନ୍ତୁ।

**ରାଜେନ୍ଦ୍ର ପ୍ରସାଦ ଟାକ - ପରିସମାପକ**

ଆଇବିବିଆଇ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୨୬/୨୦୧୭-୧୮/୧୦୯୫୧

**କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍**

ଠିକଣା: ୩/୧୫, ୪ର୍ଥ ମହଲା, ଅସଫ ଅଲି ରୋଡ୍, ନୂଆଦିଲ୍ଲୀ-୧୧୦୦୦୨,

ଇମେଲ୍ ଆଇଡି **kvknilachalkgs2019@gmail.com,**

ଯୋଗାଯୋଗ ନମ୍ବର: ୦୧୧-୪୧୪୨୬୨୬୨, ୦୧୧-୨୩୨୭୭୬୭୭, ୯୩୧୩୧୦୨୫୫୨

**DISTRICT OFFICE, SUBARNAPUR**
**(SOCIAL WELFARE SECTION)**
**No.1194/ SW Dt.01.06.2021**
**TENDER CALL NOTICE**

Sealed tenders are invited for engagement of Transport agent/contractor for transportation of food stuff (Rice & Wheat) in Subarnapur district for the year 2021-22. For other details please see notice board of Collector/ DSWO or may visit the official website of Subarnapur District (http://www.subarnapur.nic.in).

Sd./- Collector, Subarnapur

**କମାଣ୍ଡାଣ୍ଟ, ଟିଏଚ୍‌କ୍ୟୁ ୧୬୦ ବାଟାଲିୟନ୍, ସୀମା ସୁରକ୍ଷା ବଳ, ଏମ୍‌ଭି-୦୩, ମାଲକାନଗିରି (ଓଡ଼ିଶା)ଙ୍କ କାର୍ଯ୍ୟାଳୟ**

ଟେଲିଫୋନ୍ ନଂ. ୦୬୮୬୧-୨୩୦୦୨୨

**ନିଲାମ ବିଜ୍ଞପ୍ତି**

ପରିତ୍ୟକ୍ତ/ଅବ୍ୟବହୃତ ଭଣ୍ଡାର ସାମଗ୍ରୀଗୁଡ଼ିକର ଏକ ସର୍ବସାଧାରଣ ନିଲାମ ଖୋର୍ଦ୍ଧା, ଓଡ଼ିଶାଠାରେ ୦୭ ଜୁନ୍, ୨୦୨୧ ପୂର୍ବାହ୍ନ ୧୧.୦୦ ଘଟିକାରେ ଏବଂ ଏମ୍‌ଭି-୦୩, ମାଲକାନଗିରି, ଓଡ଼ିଶାଠାରେ ୧୪ ଜୁନ୍, ୨୦୨୧ ଦିନ ଅନୁଷ୍ଠିତ ହେବ।

୨. ଅଧିକ ବିବରଣୀ ପାଇଁ ଦୟାକରି www.bsf.nic.in ଏବଂ ସିପିପି ପୋର୍ଟାଲ ପରିଦର୍ଶନ କରନ୍ତୁ।

ସ୍ୱା./- କମାଣ୍ଡାଣ୍ଟ
୧୬୦ ବିଏନ୍ ସୀମା ସୁରକ୍ଷା ବଳ

davp 19110/11/0020/2122

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କନ୍ଧମାଳ, ଫୁଲବାଣୀ**
**(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ)**
ପତ୍ର ସଂଖ୍ୟା ୨୩୪/ ତାରିଖ ୨।୬।୨୦୨୧

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ଶିଶୁକୁ ଉଦ୍ଧାର କରାଯାଇ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବନବାସୀ ସେବା ସମିତି, ବାଲିଗୁଡ଼ାଠାରେ ସୁରକ୍ଷିତ ଭାବରେ ରଖାଯାଇଅଛି। ଏହି ଶିଶୁଟିର ଯଦି କେହି ପିତାମାତା/ ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥା'ନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କନ୍ଧମାଳ, ମିଶନଶକ୍ତି ଭବନ, ଡି.ଆର୍.ଡି.ଏ. ଛକ, ଫୁଲବାଣୀ- ୭୬୨୦୦୧, ଫୋନ ନଂ.-୦୬୮୪୨- ୨୫୪୪୫୩, ମୋ. ନଂ.-୯୪୩୭୪୨୩୪୨୭କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ନିମ୍ନଲିଖିତ ଶିଶୁ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫ ଧାରା ୩୮ ଅନୁଯାୟୀ ଥଇଥାନ କରାଯିବ।

| କ୍ରମିକ ନଂ. | ଲିଙ୍ଗ | ବୟସ | ଉଦ୍ଧାର ହୋଇଥିବା ସ୍ଥାନ ଓ ତାରିଖ | ଫଟୋ |
|---|---|---|---|---|
| ୧ | ପୁଅ | ୩ ମାସ ୨୫ ଦିନ | ଗ୍ରାମ- ଫୁଲବାଣୀ (ଜଗନ୍ନାଥ ମନ୍ଦିର ପଛପଟ) ପୋଷ୍ଟ- ଫୁଲବାଣୀ, ଥାନା- ଫୁଲବାଣୀ ଜିଲ୍ଲା- କନ୍ଧମାଳ, ୩୧।୦୧।୨୦୨୧ |  |

ସ୍ୱା./- ଜିଲ୍ଲାପାଳ, କନ୍ଧମାଳ

**GOVERNMENT OF ODISHA**
**OFFICE OF THE ADDITIONAL CHIEF ENGINEER, PUBLIC HEALTH CIRCLE, BERHAMPUR**
**E-Mail ID- sephebam@gmail.com**
**NATIONAL COMPETITIVE BIDDING THROUGH e-Procurement**
**Invitation For Bids (IFB)**

No.C-350:-

| Sl. No. | Name of work | Bid Identification No. | Estimated cost (Rs.in lakhs) | Period of completion | Availability of bid document for Online bidding From | Availability of bid document for Online bidding To | Name & address of Officer inviting bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Improvement of source with construction of storage reservior and laying of pipe line in uncovered areas including ancillary works in Hinjilicut Municipality under state plan 2020-21 | Identification No.ACEPHCBAM 09/2021-22 Dt.01.06.2021 | 148.90 | 06 (Six) calendar months | 11.00 hrs. of 16.06.2021 | 17.30 hrs of 02.07.2021 | Addl. Chief Engineer P.H. Circle, Berhampur |
| 2 | Improvement of water supply to Polosara NAC including laying of dedicated pipe line from Forest Range Office to Langaleswar Pump House in Polosara NAC under State Plan 20-21 | Identification No.ACEPHCBAM 10/2021-22 Dt.01.06.2021 | 191.46 | 10 (Ten) calendar months | 11.00 hrs. of 16.06.2021 | 17.30 hrs of 02.07.2021 | Addl. Chief Engineer P.H. Circle, Berhampur |
| 3 | Provision of water supply to B. Nuapali and other uncovered areas of Kodala NAC under State Plan 20-21 | Identification No.ACEPHCBAM 11/2021-22 Dt.01.06.2021 | 152.03 | 10 (Ten) calendar months | 11.00 hrs. of 16.06.2021 | 17.30 hrs of 02.07.2021 | Addl. Chief Engineer P.H. Circle, Berhampur |
| 4 | Installation, Commissioning of 3.0 MLD capacity WTP for improvement of water supply to Chikiti NAC | Identification No.ACEPHCBAM 12/2021-22 Dt.01.06.2021 | 228.28 | 11 (Eleven) calendar months | 11.00 hrs. of 16.06.2021 | 17.30 hrs of 02.07.2021 | Addl. Chief Engineer P.H. Circle, Berhampur |
| 5 | Improvement with 24x7 water supply to Gopalpur NAC | Identification No.ACEPHCBAM 13/2021-22 Dt.01.06.2021 | 183.05 | 10 (Ten) calendar months | 11.00 hrs. of 16.06.2021 | 17.30 hrs of 02.07.2021 | Addl. Chief Engineer P.H. Circle, Berhampur |
| 6 | Construction of 4.50 mtr. dia Intake well with external electrification, pumping arrangement, laying of pipe line in uncovered areas and other ancillary works of Purushottampur NAC under State Plan 20-21 | Identification No.ACEPHCBAM 14/2021-22 Dt.01.06.2021 | 282.03 | 11 (Eleven) calendar months | 11.00 hrs. of 16.06.2021 | 17.30 hrs of 02.07.2021 | Addl. Chief Engineer P.H. Circle, Berhampur |

The technical bid shall be opened on dt.03.07.2021 at 11.30 A.M. Further details can be seen from the e-Procurement portal http://tendersodisha.gov.in.

OIPR-13004/11/0003/2122

Sd./- ADDITIONAL CHIEF ENGINEER (PH)

# ଯୁଦ୍ଧରେ ଏଆଇ: ଇସ୍ରାଏଲ୍ ପ୍ରଥମ

**ପାଲେଷ୍ଟାଇନ୍‌ର ଆତଙ୍କବାଦୀ ଘୋଷିତ ସଙ୍ଗଠନ ହମାସ୍ ବିରୋଧୀ ଲଢ଼େଇକୁ ଜୋର୍‌ଦାର କରିଛି ଇସ୍ରାଏଲ। ଗତ ମେ’ରେ ଦୁଇ ସପ୍ତାହ ଧରି ହୋଇଥିବା ଯୁଦ୍ଧରେ ମୁହାଁମୁହିଁ ହୋଇଥିଲେ ଇସ୍ରାଏଲ ଏବଂ ହମାସ୍। ଅନ୍ତର୍ଜାତୀୟସ୍ତରରେ ଚାପ ସୃଷ୍ଟି ହେବା ପରେ ଯଦିଓ ଯୁଦ୍ଧବିରତି ଘୋଷଣା ହୋଇଛି, ତଥାପି ଯୁଦ୍ଧ ଭୟ ଶେଷ ହୋଇନାହିଁ। ତେବେ ହମାସ୍‌ର ମୂଳୋତ୍ପାଟନ ପାଇଁ ଶକ୍ତିଶାଳୀ ଇସ୍ରାଏଲ ଆପଣାଇଥିଲା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)। ଯୁଦ୍ଧଭୂମିରେ ଏଭଳି କୌଶଳ ଉପଯୋଗ ବିଶ୍ୱରେ ପ୍ରଥମ ବୋଲି କୁହାଯାଉଛି।**



**ନୂଆଦିଲ୍ଲୀ:** ପାଲେଷ୍ଟାଇନ୍‌ର ଆତଙ୍କବାଦୀ ସଙ୍ଗଠନ ହମାସ ଜେରୁଜେଲମ ଉପରକୁ ରକେଟ୍ ମାଡ଼ କରିବା ପରେ ଗତ ମେ’ ମାସରେ ଅଶାନ୍ତ ହୋଇଉଠିଥିଲା ମଧ୍ୟପ୍ରାଚ୍ୟ। ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ଦୁଇ ସପ୍ତାହ ଧରି ହୋଇଥିବା ଘମାଘୋଟ ଲଢ଼େଇରେ ବହୁ ଧନଜୀବନ ହାନି ହୋଇଥିଲା। ଅସ୍ତ୍ରବିରତି ପରେ ଯୁଦ୍ଧରୁ ବିରତ ରହିଛନ୍ତି ଉଭୟ ପକ୍ଷ। ହେଲେ ଯୁଦ୍ଧରେ ପ୍ରଥମ ଥର ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ପ୍ରୟୋଗ କରାଯାଇଥିବା ନିକଟରେ ଇସ୍ରାଏଲ୍ ପକ୍ଷରୁ ଘୋଷଣା କରାଯାଇଛି।

ହମାସ୍ ଭଳି ଆତଙ୍କବାଦୀ ଗୋଷ୍ଠୀ ବିରୋଧରେ ଯୁଦ୍ଧ ଘୋଷଣା କରିବା ଇସ୍ରାଏଲ୍ ପାଇଁ ହୁଏତ ଏକ କଠିନ ନିଷ୍ପତ୍ତି ନ ଥିଲା, ତେବେ ଯୁଦ୍ଧର ବିପରୀତ ଫଳାଫଳ ଇତିହାସ ବଦଳାଇଦେବା ଆଶଙ୍କା ସୃଷ୍ଟି କରିଥିଲା। ହମାସ୍ ବିରୋଧୀ ଲଢ଼େଇରେ ନିଜ ଦେଶର ସୈନିକଙ୍କୁ ଯଥାସମ୍ଭବ ସୁରକ୍ଷିତ ରଖିବା ଲାଗି ଇସ୍ରାଏଲ ଏଆଇର ପ୍ରୟୋଗ କରିଥିଲା। ଏହି ଅପରେଶନର ନାମ ଥିଲା ‘ଗାର୍ଡିୟନ୍ସ ଅଫ୍ ଦି ୱାଲ୍’। ଲଢ଼େଇକୁ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚାଇବାକୁ ଇସ୍ରାଏଲ ସମସ୍ତ ଉଦ୍ୟମ ଜାରି ରଖିଥିଲା। ତେବେ ଆମେରିକା ଏବଂ ଅନ୍ୟ ଆରବ ରାଷ୍ଟ୍ରସମୂହର ହସ୍ତକ୍ଷେପ ପରେ ଯୁଦ୍ଧବିରାମ ଘୋଷଣା କରାଯାଇଥିବା ଏକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି।

ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ହମାସ୍‌କୁ ମୂଳୋତ୍ପାଟନ କରିବା ଲାଗି ଇସ୍ରାଏଲ୍ ବ୍ୟାପକ ପରିମାଣର ଟେକ୍‌ନିକ୍‌ର ଉପଯୋଗ କରିଥିଲା। ଏଆଇ କୌଶଳ ଦ୍ୱାରା ଗାଜାଷ୍ଟ୍ରିପ୍‌ରେ ଘନଘନ ଏୟାର ଷ୍ଟ୍ରାଇକ୍ ହୋଇଥିଲା। ଫଳରେ ଜେହାଦୀ ସଙ୍ଗଠନ ହମାସ୍‌ର ବହୁ ଗୁରୁତ୍ୱପୂର୍ଣ୍ଣ ଅଟ୍ଟାଳିକା ଧରାଶାୟୀ ହୋଇଯିବା ସହ ଶତାଧିକ ଆତଙ୍କବାଦୀ ନିହତ ହୋଇଥିଲେ। ଯୁଦ୍ଧ କୌଶଳ ମାମଲାରେ କ୍ଷୁଦ୍ର ଇହୁଦୀ ଦେଶ ଇସ୍ରାଏଲ ସବୁବେଳେ ଗୋଟିଏ ପାଦ ଆଗରେ। ଇସ୍‌ଲାମିକ୍ ରାଷ୍ଟ୍ରସମୂହ ପକ୍ଷରୁ ବିପଦ ଆଶଙ୍କା ରହୁଥିବାରୁ ଗତ କିଛିବର୍ଷ ଭିତରେ ଏହି ଦେଶ ଏଆଇ ବିକାଶ ଦିଗରେ ବିପୁଳ ପୁଞ୍ଜି ବିନିଯୋଗ କରୁଛି। ଏଥିରେ ସିଗ୍‌ନାଲ ଇଣ୍ଟେଲିଜେନ୍ସ, ଭିଜୁଆଲ ଇଣ୍ଟେଲିଜେନ୍ସ, ହ୍ୟୁମାନ ଇଣ୍ଟେଲିଜେନ୍ସ, ଜିଓଗ୍ରାଫିକାଲ ଇଣ୍ଟେଲିଜେନ୍ସ ସମ୍ପୃକ୍ତ। ଏସବୁ କୌଶଳ ଉପଯୋଗ କରି ଶତ୍ରୁପକ୍ଷର ସବିଶେଷ ତଥ୍ୟ ସଂଗ୍ରହ କରାଯାଏ। ଏହାକୁ ବ୍ୟବହାର କରି ସେନା ଶତ୍ରୁ ଶିବିର ଉପରେ ଭୟଙ୍କର ଆକ୍ରମଣ କରେ।

ଇସ୍ରାଏଲର ଇଣ୍ଟେଲିଜେନ୍ସ ସେବାର ନାମ ‘ୟୁନିଟ୍ ୮୨୦୦’। ଏହା ଅଧୀନରେ ଅନେକ ଆଡଭାନ୍ସ ପ୍ରୋଗ୍ରାମ ପ୍ରସ୍ତୁତ କରି ରଖାଯାଇଛି। ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେଲେ ଇସ୍ରାଏଲ ଏହାର ଉପଯୋଗ କରିପାରିବ। ସେହିପରି ଅନ୍ୟ ଏକ ୟୁନିଟ୍ ହେଉଛି ‘ଜେ୬/ସି୪ଆଇ’। ଏହାର କାର୍ଯ୍ୟ ହେଉଛି ଇଣ୍ଟେଲିଜେନ୍ସ ପାଇଁ ସର୍ବୋତ୍ତମ ସଫ୍ଟୱେର ପ୍ରସ୍ତୁତ କରିବା। ଅନୁରୂପ ଭାବେ ‘ୟୁନିଟ୍ ୯୯୦୦’ ନାମରେ ଏକ ଶାଖା ମଧ୍ୟ କାର୍ଯ୍ୟ କରୁଛି। ହମାସ୍ ବିରୋଧୀ ଲଢ଼େଇରେ ରକେଟ ଲଞ୍ଚ୍, ରକେଟ ଗଚ୍ଛିତ ରଖିବା, ବିପଜ୍ଜନକ ସ୍ଥାନରେ ଡ୍ରୋନ୍ ଉଡ଼ାଣ, ହମାସର ଗୁପ୍ତ ସୁଡ଼ଙ୍ଗ ଧ୍ୱଂସ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲା ‘ୟୁନିଟ୍ ୯୯୦୦’। ଏପରି କି ଆତଙ୍କବାଦୀଙ୍କ ସ୍ୱର ଚିହ୍ନଟ କରି ସେମାନଙ୍କୁ ହତ୍ୟା କରିବାରେ ଏହି ୟୁନିଟ୍ ସଫଳ ହୋଇଥିବା ଇସ୍ରାଏଲ୍ ପକ୍ଷରୁ ଦାବି କରାଯାଇଛି।

## କାହିଁକି ଏଆଇ

ଶତ୍ରୁର ଶକ୍ତି ବିଷୟରେ ଅଜଣା ଥିଲେ ପରାଜୟର ଭୟ ଲାଗି ରହିଥାଏ। ତେଣୁ ପୂର୍ବ କାଳରେ ଶତ୍ରୁଙ୍କୁ ଦମନ କରିବାକୁ ଗୋରିଲା ଯୁଦ୍ଧର ସହାୟତା ନିଆଯାଉଥିଲା। ଏବେ ବୈଜ୍ଞାନିକ ଜ୍ଞାନକୌଶଳର ବିକାଶ ସାଙ୍ଗକୁ ଯୁଦ୍ଧ ଲଢ଼ିବାର କୌଶଳ ବି ବଦଳିଗଲାଣି। ଏ କ୍ଷେତ୍ରରେ ଆଗରେ ରହିଛି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ। ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ତତ୍କାଳ ଶତ ପ୍ରତିଶତ ଠିକ୍ ନିଷ୍ପତ୍ତି ନେବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ପ୍ରମୁଖ ଉଦ୍ଦେଶ୍ୟ। କହିବାକୁ ଗଲେ କମ୍ପ୍ୟୁଟର ସାଇନ୍ସର ଅତ୍ୟାଧୁନିକ ରୂପ ହେଉଛି ଏଆଇ। ଯଦିଓ ଏହାର ଆରମ୍ଭ ଷାଠିଏ ଦଶକରୁ ହୋଇସାରିଥିଲା, ତଥାପି ବିଂଶ ଶତାବ୍ଦୀର ଶେଷ ଆଡ଼କୁ ଏହାର କଳେବର ବଦଳିବା ସହ ଆବଶ୍ୟକତା ବଢ଼ିଛି। ଯୁଦ୍ଧ ଭୂମିରେ ଏହାକୁ ଉପଯୋଗ କରିବାର ଅର୍ଥ, ନିଜ ଦେଶର ସେନାକୁ ଶତ୍ରୁଙ୍କ ଟାର୍ଗେଟରୁ ସୁରକ୍ଷିତ ରଖିବା ଏବଂ ଯଥାସମ୍ଭବ ଧନଜୀବନ ହାନି କମ୍ କରିବା।

# ଶିକ୍ଷକ ପିନ୍ଧୁଛନ୍ତି ସ୍କର୍ଟ




**ମାଡ୍ରିଡ୍:** ସ୍କୁଲକୁ ଶିକ୍ଷକମାନେ ସ୍କର୍ଟ ପିନ୍ଧି ଆସିବା କଥା ଶୁଣିଲେ ଯେ କେହି ବି ଆଶ୍ଚର୍ଯ୍ୟ ହୋଇଯିବେ। କିନ୍ତୁ ଲିଙ୍ଗଗତ ସମାନତା ଅଭିଯାନରେ ସ୍ପେନ୍‌ର ଶିକ୍ଷକମାନେ ଏଭଳି ଭିନ୍ନ ଧରଣର ଆନ୍ଦୋଳନ ଚଳାଇଛନ୍ତି। ଦେଶର ପ୍ରାୟ ସବୁ ଅଞ୍ଚଳରେ ଏବେ ଚାଲିଛି ‘ଦି କ୍ଲାସ ହାଭ୍ ନୋ ଜେଣ୍ଡର’ କ୍ୟାମ୍ପେନ୍। ଏହି ଆନ୍ଦୋଳନକୁ ସମର୍ଥନ ମିଳୁଥିବାରୁ ଏବେ ବିଭିନ୍ନ ସ୍ଥାନରେ ପୁରୁଷମାନେ ସ୍କର୍ଟ ପିନ୍ଧି ବାହାରକୁ ବାହାରୁଛନ୍ତି। ବିଶେଷକରି ସବୁ ସ୍କୁଲରେ ଶିକ୍ଷକମାନେ ସ୍କର୍ଟ ପିନ୍ଧି ଆନ୍ଦୋଳନକୁ ଜୋରଦାର କରିଛନ୍ତି।

୨୦୨୦ରେ ଜଣେ ଛାତ୍ର ସ୍କୁଲକୁ ସ୍କର୍ଟ ପିନ୍ଧି ଆସିଥିବାରୁ ତାଙ୍କୁ ବିଦ୍ୟାଳୟରୁ ବାହାର କରି ଦିଆଯାଇଥିଲା। ତାଙ୍କୁ ମାନସିକ ବିକାରଗ୍ରସ୍ତ ବୋଲି କହି ମନୋବିଜ୍ଞାନୀଙ୍କ ପାଖକୁ ମଧ୍ୟ ପଠାଇ ଦିଆଯାଇଥିଲା। ଏହା ପରଠାରୁ ହିଁ ସମ୍ପୃକ୍ତ ଛାତ୍ରଙ୍କ ସମର୍ଥନରେ ପୂରା ଦେଶରେ ଏହି ଅଭିଯାନ ଚାଲିଛି। ତାଙ୍କ ସମର୍ଥନରେ ଶିକ୍ଷକମାନେ ସ୍କର୍ଟ ପିନ୍ଧି ସ୍କୁଲକୁ ଆସୁଛନ୍ତି। ସୋସିଆଲ ମିଡିଆରେ ସମ୍ପୃକ୍ତ ଛାତ୍ର ଘଟଣାର ଭିଡିଓ ପୋଷ୍ଟ କରିବା ପରେ ଜୋସ୍ ପିନାସ ନାମକ ଜଣେ ଗଣିତ ଶିକ୍ଷକ ପ୍ରଥମେ ଏଭଳି ସ୍କର୍ଟ ପିନ୍ଧିବା ଆରମ୍ଭ କରିଥିଲେ। ତେବେ ଗତ ମାସଠାରୁ ହିଁ ଏହି ଆନ୍ଦୋଳନ ଅଧିକ ଚର୍ଚ୍ଚିତ ହେବାରେ ଲାଗିଛି। ପୂର୍ବ ମାସରୁ ହିଁ ଅଧିକାଂଶ ସ୍କୁଲରେ ଶିକ୍ଷକମାନେ ସ୍କର୍ଟ ପିନ୍ଧି ସ୍କୁଲକୁ ଆସିବା ଆରମ୍ଭ କରିଛନ୍ତି।

# ମିନିଟ୍‌ରେ ଘଣ୍ଟାକର ନିଦ

**ନୂଆଦିଲ୍ଲୀ:** ମାତ୍ର କେଇ ମିନିଟ୍‌ର ନିଦ ଘଣ୍ଟା ଘଣ୍ଟା ଶୋଇବାର ଫଳ ପ୍ରଦାନ କରିବ। ଯୋଗ ନିଦ୍ରା ମାଧ୍ୟମରେ ଶରୀରକୁ ଆରାମ ମିଳିବା ସହିତ ଥକ୍କାପଣ ସମସ୍ୟା ଦୂର ହେବ ଏବଂ ଶରୀର ସୁସ୍ଥ ରହିବ ବୋଲି ଏକ ରିପୋର୍ଟରୁ ଜଣାଯାଇଛି।



ଯୋଗାସନର ଅନେକ ଫାଇଦା ରହିଛି। ଏଭଳି ଏକ ଯୋଗ ହେଉଛି ଯୋଗ ନିଦ୍ରା। ଏହା ମାଧ୍ୟମରେ ଜଣେ ବ୍ୟକ୍ତି ଯଥେଷ୍ଟ ଶୋଇବା ଭଳି ଅନୁଭବ କରିବା ସହ ଏହାର ସୁଫଳ ମଧ୍ୟ ପାଇପାରିବ। ଏହାକୁ ଆଧ୍ୟାତ୍ମିକ ନିଦ ମଧ୍ୟ କୁହାଯାଏ। ଏହା ମାଧ୍ୟମରେ ମସ୍ତିଷ୍କ, ମନ, ଇନ୍ଦ୍ରିୟ ଏବଂ ସ୍ନାୟୁଗୁଡ଼ିକ ସକ୍ରିୟ ହୋଇଥାଏ। ଶୋଇବା ପାଇଁ ଯଥେଷ୍ଟ ସମୟ ପାଉ ନ ଥିବା ବ୍ୟକ୍ତିମାନେ ଯୋଗ ନିଦ୍ରା ମାଧ୍ୟମରେ ଶରୀରକୁ ସୁସ୍ଥ ରଖିପାରିବେ। ଶାନ୍ତ ପରିବେଶରେ କମ୍ ଆଲୋକଥିବା ସ୍ଥାନରେ ଶୋଇ ମନକୁ ଶ୍ୱାସକ୍ରିୟାରେ ସନ୍ତୁଳନ ରଖିପାରିଲେ ଏହି ଯୋଗ ନିଦ୍ରା ଫଳପ୍ରଦ ହୋଇପାରିବ। ତେବେ ଏଥିପାଇଁ ଉପଯୁକ୍ତ ଯୋଗଗୁରୁଙ୍କ ଠାରୁ ଶିକ୍ଷା ନେଇ ଯୋଗନିଦ୍ରା ଅଭ୍ୟାସ କରିବା ଉଚିତ୍।



ପଙ୍କଜ ତ୍ରିପାଠୀ

# ‘ଓ ମାଇଁ ଗଡ୍’ ସିକ୍ୱେଲରେ ପଙ୍କଜ ତ୍ରିପାଠୀ

**ମୁମ୍ବାଇ:** ଚର୍ଚ୍ଚିତ ଚଳଚ୍ଚିତ୍ର ‘ଓ ମାଇଁ ଗଡ୍’ର ସିକ୍ୱେଲ ନିର୍ମାଣ ହେବାକୁ ଥିବାବେଳେ ଏଥିରେ ଅକ୍ଷୟ କୁମାରଙ୍କ ସହ ପଙ୍କଜ ତ୍ରିପାଠୀଙ୍କୁ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି। ଫିଲ୍ମର ପ୍ରଥମ ଭାଗରେ ପରେଶ ରାୱଲ ପ୍ରମୁଖ ଭୂମିକାରେ ଥିବାବେଳେ ‘ଓ ମାଇଁ ଗଡ୍ ୨’ରେ ପଙ୍କଜ ତାଙ୍କ ସ୍ଥାନ ନେଇପାରନ୍ତି। ଚଳିତ ଗ୍ରୀଷ୍ମ ଋତୁରେ ଏହାର ଶୁଟିଂ କରାଯିବାକୁ ସ୍ଥିର ହୋଇଥିବାବେଳେ କରୋନାର ଦ୍ୱିତୀୟ ଲହର ଯୋଗୁ ତାହା ସ୍ଥଗିତ ରହିଛି। ଫରହାଦ୍ ସାମ୍‌ଜୀଙ୍କ ନିର୍ଦ୍ଦେଶିତ ‘ବଚ୍ଚନ ପାଣ୍ଡେ’ରେ ଅକ୍ଷୟ ଓ ପଙ୍କଜ ଏକାଠି କାମ କରିଥିଲେ। ସେହିପରି ‘ଓ ମାଇଁ ଗଡ୍’ ପ୍ରଥମ ଭାଗର ନିର୍ଦ୍ଦେଶନା ଦେଇଥିବା ଉମେଶ ଶୁକ୍ଲାଙ୍କ ବଦଳରେ ଅନ୍ୟ ଜଣେ ଏହି ଦାୟିତ୍ୱ ନେଇଥିବା ଜଣାଯାଇଛି। ତେବେ ଏବେ ସୁଦ୍ଧା ତାଙ୍କ ନାମ ପ୍ରକାଶ କରାଯାଇନାହିଁ। ଶୁଟିଂ ପୂର୍ବର ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଅନ୍ୟପକ୍ଷରେ ଅକ୍ଷୟ କୁମାରଙ୍କୁ ଫିଲ୍ମ ‘ସୂର୍ଯ୍ୟବଂଶୀ’ରେ ଦେଖିବାକୁ ମିଳିବ। ଏଥିରେ କ୍ୟାଟ୍ରିନା କୈଫ୍‌ଙ୍କ ସମେତ ଜାଭେଦ ଜାଫେରି, ଗୁଲ୍‌ସନ୍ ଗ୍ରୋଭର, କୁମୁଦ ମିଶ୍ର, ଅଭିମନ୍ୟୁ ସିଂ, ବିଭାନ ଭଟେନା, ସିକନ୍ଦର ଖାନ ପ୍ରମୁଖ ରହିଥିବାବେଳେ ଅଜୟ ଦେବଗନ ଏବଂ ରଣବୀର ସିଂଙ୍କ ସ୍ୱତନ୍ତ୍ର ଏଣ୍ଟ୍ରି ରହିଛି।

# ‘ଟିକା ନିଅ, ମାଗଣା ମଦ ପିଅ’



**ୱାଶିଂଟନ:** କରୋନା ଟିକା ପ୍ରତି ଜନସାଧାରଣଙ୍କ ଉତ୍ସାହ ବଢ଼ାଇବା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ନିଆରା ଉପାୟ ଆପଣାଇଛନ୍ତି। ଟିକା ନେଇଥିବା ଲୋକଙ୍କୁ ମାଗଣାରେ ବିଅର ପ୍ରଦାନ କରାଯିବ ବୋଲି ବାଇଡେନ୍ ଅଫର୍ ଦେଇଛନ୍ତି। ଦେଶବାସୀଙ୍କ ଉଦ୍ଦେଶ୍ୟରେ ବାଇଡେନ୍ କହିଛନ୍ତି, ଭୟ ନ କରି ଭାକ୍ସିନ୍ ନିଅ। ଟିକା ନେଇଥିବା ଲୋକଙ୍କୁ ମାଗଣାରେ ବିୟର ପିଇବାକୁ ଦିଆଯିବ। ଆମେରିକାର ସ୍ୱାଧୀନତା ଦିବସ ଅର୍ଥାତ ଜୁଲାଇ ୪ ସୁଦ୍ଧା ୭୦ ପ୍ରତିଶତ ଲୋକଙ୍କ ଟିକାକରଣ କରାଯିବା ଲକ୍ଷ୍ୟରେ ସେ ଏଭଳି ଘୋଷଣା କରିଛନ୍ତି। ଦେଶର ଅଧାରୁ ଅଧିକ ବୟସ୍କଙ୍କ ଟିକାକରଣ କରାଯାଇସାରିଛି। ଏଥିଯୋଗୁ କରୋନାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇପାରିଛି ବୋଲି ସେ କହିଛନ୍ତି।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆଗାମୀ ୨୪ ଘଣ୍ଟା ଭିତରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ସମେତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଢେଙ୍କାନାଳ, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ଆକାଶ ଆଂଶିକ ମେଘୁଆ ରହିବ। କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଶୁକ୍ରବାର ସର୍ବାଧିକ ତାପମାତ୍ରା ୩୬ ଡିଗ୍ରୀ ସେଲ୍‌ସିୟସ ଏବଂ ସର୍ବନିମ୍ନ ତାପମାତ୍ରା ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ବିଭିନ୍ନ ସ୍ଥାନରେ ରେକର୍ଡ କରାଯାଇଥିବା ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୪ | ୨୬.୧ |
| ଚାନ୍ଦବାଲି | ୩୬.୨ | ୨୪.୧ |
| କଟକ | ୩୫.୬ | ୨୩.୬ |
| ପାରାଦୀପ | ୩୨.୪ | ୨୬.୪ |
| ଭୁବନେଶ୍ୱର | ୩୫.୬ | ୨୩.୮ |
| ଗୋପାଳପୁର | ୩୩.୦ | ୨୪.୮ |
| ପୁରୀ | ୩୪.୦ | ୨୬.୪ |
| ଅନୁଗୋଳ | ୩୭.୧ | ୨୫.୦ |
| ବାରିପଦା | ୩୬.୬ | ୨୬.୨ |
| ଝାରସୁଗୁଡ଼ା | ୩୬.୨ | ୨୫.୨ |
| କେନ୍ଦୁଝର | ୩୪.୪ | ୨୩.୬ |
| ସମ୍ବଲପୁର | ୩୭.୦ | ୨୪.୬ |
| ସୁନ୍ଦରଗଡ଼ | ୩୯.୦ | ୨୨.୦ |
| ହୀରାକୁଦ | ୩୬.୧ | ୨୩.୬ |
| ତାଳଚେର | ୩୬.୧ | ୨୬.୬ |
| ଭବାନୀପାଟଣା | ୩୯.୨ | ୨୩.୫ |
| ବଲାଙ୍ଗୀର | ୩୮.୫ | – |
| କୋରାପୁଟ | ୩୦.୬ | ୨୦.୬ |
| ଫୁଲବାଣୀ | ୩୭.୦ | ୧୯.୦ |
| ଟିଟିଲାଗଡ଼ | ୩୮.୨ | ୨୪.୮ |
| ମାଲକାନଗିରି | ୩୭.୦ | ୨୩.୪ |
| ସୋନପୁର | ୩୬.୫ | ୨୩.୬ |
| ଦାରିଙ୍ଗିବାଡ଼ି | ୩୧.୨ | ୧୭.୫ |
| ନୟାଗଡ଼ | ୩୭.୦ | ୨୩.୦ |
| ବୌଦ୍ଧ | ୩୭.୫ | ୨୨.୫ |
| ଛତ୍ରପୁର | ୩୨.୮ | ୨୭.୨ |
| ପାରଳାଖେମୁଣ୍ଡି | ୩୩.୦ | ୨୫.୦ |
| ରାୟଗଡ଼ା | ୩୮.୫ | ୨୦.୨ |

ଡିଗ୍ରୀ ସେଲ୍‌ସିୟସ୍


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Registration No.3367
Balaji Finance Ltd.
1941ଠାରୁ ଆପଣଙ୍କ ସେବାରେ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ BPL, ଇଟାଭାଟି, କୁକୁଡ଼ାପାଳନ ଏବଂ ସବୁ ଋଣ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ 40% ଛାଡ଼
(ଠକମାନଙ୍କ ପ୍ରତି ସାବଧାନ)
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
8004740343

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ନନ୍ଦ କିଶୋର ସ୍ୱାଇଁ
୫୦୪, ଭୀମଟାଙ୍ଗୀ ହାଉସିଂ ବୋର୍ଡ କଲୋନୀ (ରାଧାକୃଷ୍ଣ ମନ୍ଦିର ପାଖ)
ଆବିର୍ଭାବ: ୨୦।୦୪।୧୯୪୪
ତିରୋଧାନ: ୦୧।୦୬।୨୦୨୧
ତୁମର ଅନାବିଳ ସ୍ନେହ, ମମତା, ଆଦର୍ଶ ଓ ନିଷ୍ଠାପରତା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ: ପୁତ୍ର: ବିଶ୍ୱରଞ୍ଜନ, ଦୀପ୍ତିରଞ୍ଜନ ଝିଅ, ପୁତୁରା, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୧୯୨୮

ପୂଜ୍ୟସ୍ପଦ-ପିତୃଦେବ



ସ୍ୱର୍ଗତ ରାମକୃଷ୍ଣ ମହାପାତ୍ର
ବ୍ରହ୍ମନଗର-୨, ବ୍ରହ୍ମପୁର
ତିରୋଧାନ: ୨୮।୦୫।୨୦୦୦
ତିଥି- ଜ୍ୟେଷ୍ଠ କୃଷ୍ଣ ଦଶମୀ
ପାଞ୍ଚ ହଜାର ଏକଶତ ଏକବିଂଶ କଳିଯୁଗର
ଏକବିଂଶ ଶତାବ୍ଦୀର
ଏକବିଂଶ ବର୍ଷର
ଏକବିଂଶତମ ଶ୍ରାଦ୍ଧ ବାର୍ଷିକୀରେ ଭକ୍ତିପୂତ ବିନମ୍ର ଶ୍ରଦ୍ଧାଞ୍ଜଳି। ତୁମର କନିଷ୍ଠ ସୁପୁତ୍ର “ଟୁଲୁ”
ପଞ୍ଚସଖା ନଗର, ଡୁମୁଡୁମା, ଭୁବନେଶ୍ୱର
ଧ-୨୦୮୧୭

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ନିର୍ମଳା ରାଉତ
ସ୍ଥାନ: ପଟିଆଗଡ଼, ଭୁବନେଶ୍ୱର
ଆବିର୍ଭାବ: ୦୧।୦୩।୧୯୭୫
ତିରୋଧାନ: ୨୫।୦୫।୨୦୨୧
“ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଗୁହାରି ତୁମ ଆତ୍ମା ତାଙ୍କ ଶ୍ରୀଚରଣାଶ୍ରି ହୋଇ ରହିଥାଉ। ତୁମର ସ୍ନେହ ଓ ଆଦରକୁ ପାଥେୟ କରି ଆମ୍ଭେ ଆଗକୁ ବାଟ ଚାଲୁଥାଉ ଏତିକି କାମନା।
ତୁମର ଶୋକସନ୍ତପ୍ତ:
ସ୍ୱାମୀ, ପୁଅ, ଝିଅ, ଶାଶୁ-ଶ୍ୱଶୁର, ଦାଦା-ଖୁଡ଼ୀ, ପୁତୁରା-ଝିଆରୀ, ଦିଅର-ଯା, ଭଣଜା-ଭାଣେଜୀ, ନଣନ୍ଦ- ନଣନ୍ଦେଇ, ବନ୍ଧୁ ଓ ପରିବାର।
ଧ-୭୦୯୨୬

ଏକାଦଶାହ ଉପଲକ୍ଷେ



୰ରେଣୁବାଳା ଦାସ
ପ୍ଲଟ୍ ନଂ.- ଏ/୨୦, ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୧୭।୦୬।୧୯୬୧ (ବସୁମତି ଗାଧୁଆ)
ତିରୋଧାନ: ୨୫।୦୫।୨୦୨୧ (ବୈଶାଖ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ)
“ବୋଉ, ତୁମର ଅତୁଳନୀୟ ସ୍ନେହ ଓ ପରିଶ୍ରମ ପାଇଁ ଆଜି ଆମେ ସମସ୍ତେ ଖୁସି ଓ ଭଲ ମଣିଷ ହୋଇ ପାରିଛୁ। ଆମ ସମସ୍ତ ପରିବାରବର୍ଗ ଉପରେ ତୁମର ଏହିଭଳି ଚିର ଆଶୀର୍ବାଦ ରହୁ। ତୁମ ଅନୁପସ୍ଥିତିର ଅନୁଭବ ଆମ ହୃଦୟରେ ସବୁବେଳେ ରହିବ। ପ୍ରଭୁଙ୍କ ପାଖରେ ପ୍ରାର୍ଥନା ତୁମର ଅମର ଆତ୍ମା ଶାନ୍ତିରେ ରହୁ।” ହତଭାଗ୍ୟ: ସ୍ୱାମୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ
ଧ-୨୦୮୩୧

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶଶିରେଖା ମିଶ୍ର
ସ୍ୱାମୀ ସ୍ୱର୍ଗତ ଭବାନୀ ଶଙ୍କର ମିଶ୍ର
ପାଟପୁର, ନିମାପଡା, ପୁରୀ
ଆବିର୍ଭାବ: ୨୭।୦୮।୧୯୩୩
ତିରୋଧାନ: ୨୬।୦୫।୨୦୨୧
ତୁମର ଆଦର୍ଶ, ସ୍ନେହ, ଅସୀମ ତ୍ୟାଗ ଓ ନିଷ୍ଠାପରତା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
:ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀ ଜ୍ୱାଇଁ, ନାତୁଣୀ ବୋହୂ, ସମସ୍ତ ବନ୍ଧୁବାନ୍ଧବ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୦୮୩୦

# ଗିରୋ ଡି'ଇଟାଲିଆ

**କୋଭିଡ୍‌-୧୯ ମହାମାରୀ ସତ୍ତ୍ୱେ ମଲ୍ଟି - ଷ୍ଟେଜ ବାଇସାଇକେଲ ରେସ୍ ଗିରୋ ଡି' ଇଟାଲିଆ ସଫଳତାର ସହ ଅନୁଷ୍ଠିତ ହୋଇଛି। କଲମ୍ବିଆ ରାଇଡର ଇଗାନ ବର୍ନାଲ ଏଥିରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ପୂର୍ବରୁ ଟୁର ଡି ଫ୍ରାନ୍ସରେ ବିଜୟୀ ହୋଇଥିବା ବର୍ନାଲ ଅଗଷ୍ଟ- ସେପ୍ଟେମ୍ବରରେ ଆୟୋଜନ ହେବାକୁ ଥିବା ଭୁଏଲ୍ଟା ଏ ଇସ୍ପାନାରେ ଅଂଶଗ୍ରହଣ କରିବେ। ଏଥିରେ ସଫଳ ହେଲେ ସେ 'ଗ୍ରାଣ୍ଡ ଟୁର' ସୁଇପ୍ କରି ଇତିହାସ ସୃଷ୍ଟି କରିବେ...**



ବିଶ୍ୱର ଅନ୍ୟତମ ମଲ୍ଟି - ଷ୍ଟେଜ ବାଇସାଇକେଲ ରେସ୍ ଗିରୋ ଡି' ଇଟାଲିଆ ପୁଣି ଥରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। କୋଭିଡ୍‌-୧୯ ମହାମାରୀ ଇଟାଲୀକୁ ସବୁଠାରୁ ବେଶି ପ୍ରଭାବିତ କରିଥିଲା। ଏହି ମହାମାରୀର ପ୍ରକୋପ ଜାରି ରହିବା ସତ୍ତ୍ୱେ ଇଟାଲିରେ ଏହି ସାଇକେଲ ରେସ୍ ସଫଳତାର ସହ ଅନୁଷ୍ଠିତ ହୋଇଛି। ଇଟାଲୀ ସମେତ ଏକାଧିକ ପଡୋଶୀ ଦେଶ ଦେଇ ଏହି ରେସ୍ ଅନୁଷ୍ଠିତ ହୋଇ ଆସୁଛି। ୧୯୦୯ରେ ପ୍ରଥମଥର ପାଇଁ ଏହି ସାଇକେଲ ରେସ୍ ଅନୁଷ୍ଠିତ ହୋଇଥିଲା। ଇତିମଧ୍ୟରେ ଶତାଧିକ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ରେସ୍ ନିୟମିତ ଭାବେ ସଫଳତାର ସହ ଅନୁଷ୍ଠିତ ହୋଇ ଆସୁଛି। ତେବେ ଦୁଇଟି ବିଶ୍ୱଯୁଦ୍ଧ ବେଳେ ଏହି ରେସ୍ ଆୟୋଜିତ ହୋଇ ନ ଥିଲା।

ଟୁର ଡି ଫ୍ରାନ୍ସ ଓ ଭୁଏଲ୍ଟା ଏ ଇସ୍ପାନା ଭଳି ଗିରୋ ଡି' ଇଟାଲିଆ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସାଇକେଲ ରେସ୍ ଭାବେ ଜଣାଶୁଣା। ଏହି ୩ ସପ୍ତାହ ବିଶିଷ୍ଟ ଗ୍ରାଣ୍ଡ ସାଇକେଲ ଟୁର ଏଥର ୨୦୨୧ରେ ମଧ୍ୟ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କ୍ଲାସିଫିକେଶନ ଦେଇ ଏହି ରେସ୍ ଅନୁଷ୍ଠିତ ହୋଇଥାଏ। ଏଥର ଏହି ରେସ୍‌ର ୧୦୪ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ସବୁଥର ଭଳି ଏଥର ମଧ୍ୟ ଏହି ରେସ୍ ୨୧ଟି ଷ୍ଟେଜ୍ ଦେଇ ଆୟୋଜିତ ହୋଇଛି। ଗତ ମେ ୮ରୁ ୩୦ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଏହି ସାଇକେଲ ରେସ୍‌ରେ ଅଂଶଗ୍ରହଣ କରିବାକୁ ୨୩ଟି ଟିମ୍ ଆମନ୍ତ୍ରଣ ପାଇଥିଲେ। ୧୯ଟି ୟୁସିଆଇ ୱାର୍ଲ୍ଡ ଟିମ୍ ସହ ୪ଟି ସେକେଣ୍ଡ ଟାୟର ୟୁସିଆଇ ପ୍ରୋ ଟିମ୍ ମଧ୍ୟ ଏହି ରେସ୍‌ରେ ଅଂଶଗ୍ରହଣ କରିଥିଲେ। ୨୧ଟି ଷ୍ଟେଜ୍‌ରେ ଏହି ରେସ୍ ୩, ୪୭୯.୯ କି.ମି. ଦେଇ ଅନୁଷ୍ଠିତ ହୋଇଥିଲା। ଏହି ରେସ୍ ୪୭,୦୦୦ ମିଟର ଉଚ୍ଚତା ଦେଇ ଗତି କରିଥିଲା। ଘଟଣା ବହୁଳ ଏହି ରେସ୍ କିନ୍ତୁ ପୂର୍ବ ସଂସ୍କରଣ ଭଳି ତା'ର ଲୋକପ୍ରିୟତା ବଜାୟ ରଖିଥିଲା।

ଏଥର କଲମ୍ବିଆ ରାଇଡର ଇଗାନ ଅର୍ଲେ ବର୍ନାଲ ଗୋମେଜ ବାଜି ମାରିଛନ୍ତି। ୨୪ ବର୍ଷୀୟ ବେର୍ନାଲ ୨୦୨୧ ସଂସ୍କରଣରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। କଲମ୍ବିଆର ବୋଗୋଟାରେ ୧୯୯୭ ଜାନୁୟାରୀ ୧୩ ତାରିଖରେ ଜନ୍ମିତ କଲମ୍ବିଆର ସାଇକ୍ଲିଷ୍ଟ ବେର୍ନାଲ ୟୁସିଆଇ ୱାର୍ଲ୍ଡ ଟିମ୍ ଇନେଓସ୍ ଗ୍ରେନାଡିଏର୍ସ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ସେ ରେସର ନବମ, ୧୬ତମ ଷ୍ଟେଜ୍‌ରେ ମଧ୍ୟ ବିଜୟୀ ହୋଇଥିଲେ। ୨୦୧୯ରେ ସେ ଟୁର ଡି ଫ୍ରାନ୍ସରେ ଚାମ୍ପିୟନ ହୋଇଥିଲେ। ପ୍ରଥମ ଲାଟିନ ଆମେରିକୀୟ ଭାବେ ସେ ଏହି ସଫଳତା ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ସେ ମଧ୍ୟ ୧୯୦୯ ପରେ ସର୍ବକନିଷ୍ଠ ଖେଳାଳିଭାବେ ମାତ୍ର ୨୨ ବର୍ଷରେ ଟୁର ଡି ଫ୍ରାନ୍ସରେ ବିଜୟୀ ହୋଇଥିଲେ। ଏଥିସହ ସେ ଦ୍ୱିତୀୟ ଗ୍ରାଣ୍ଡ ଟୁରରେ ବିଜୟ ହାସଲ କରିଛନ୍ତି। ମାତ୍ର ୫ ବର୍ଷରେ ସେ ଏକ ସେକେଣ୍ଡ ହ୍ୟାଣ୍ଡ ସାଇକେଲରେ ରାଇଡ କରିବା ଆରମ୍ଭ କରିଥିଲେ। ୯ ବର୍ଷରେ ବାପାଙ୍କ ଇଚ୍ଛା ବିରୋଧରେ ଯାଇ ସେ ନିଜ ହୋମ୍ ଟାଉନ୍‌ରେ ଏକ ସାଇକେଲ ରେସ୍‌ରେ ବିଜୟୀ ହୋଇଥିଲେ। ପୁରସ୍କାର ସ୍ୱରୂପ ତାଙ୍କୁ ଏକ ଟ୍ରେନିଂ ସ୍କଲାରଶିପ୍ ମିଳିଥିଲା। ପ୍ରଥମେ ସେ ମାଉଣ୍ଟେନ ବାଇକିଂ ଉପରେ ଧ୍ୟାନ ଦେଇଥିଲେ। ବ୍ରାଜିଲ, କୋଷ୍ଟାରିକା ଓ ଆମେରିକାରେ ମାଉଣ୍ଟେନ ବାଇକିଂରେ ବିଭିନ୍ନ ରେସ୍‌ରେ ବିଜୟୀ ହୋଇଥିଲେ। ଏହାପରେ ସେ ପ୍ରଫେଶନାଲ ରୋଡ ରେସିଂରେ ଅଂଶଗ୍ରହଣ କରି ଏକାଧିକ ବିଶ୍ୱସ୍ତରୀୟ ସଫଳତା ହାସଲ କରିଥିଲେ।

ଅଗଷ୍ଟ ଓ ସେପ୍ଟେମ୍ବରରେ ସ୍ପେନ୍‌ରେ ଆୟୋଜନ ହେବାକୁ ଥିବା ଅନ୍ୟତମ ମଲ୍ଟି - ଷ୍ଟେଜ ବାଇସାଇକେଲ ରେସ୍ ଭୁଏଲ୍ଟା ଏ ଇସ୍ପାନାରେ ସେ ଅଂଶଗ୍ରହଣ କରିବେ ବୋଲି ବେର୍ନାଲ କହିଛନ୍ତି। ଏଥିପାଇଁ ସେ ମଧ୍ୟ ପ୍ରସ୍ତୁତି ଓ ଯୋଜନା ଆରମ୍ଭ କରିଛନ୍ତି। ଅଗଷ୍ଟ ୧୪ରୁ ସେପ୍ଟେମ୍ବର ୯ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ଏହି ସ୍ପାନିଶ ଗ୍ରାଣ୍ଡ ଟୁରରେ ବିଜୟୀ ହେବା ଲକ୍ଷ୍ୟରେ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇବେ। ଏବେ ହାତରେ ଟ୍ରେନିଂ ପାଇଁ ସମୟ ନ ଥିଲେ ମଧ୍ୟ ଭୁଏଲ୍ଟା ଜିତିବା ମୋର ପ୍ରଥମ ଲକ୍ଷ୍ୟ ବୋଲି ସେ କହିଛନ୍ତି। ଏଥିରେ ସଫଳ ହେଲେ ବେର୍ନାଲ 'ଗ୍ରାଣ୍ଡ ଟୁର' ସୁଇପ୍ କରିବେ। ପୂର୍ବରୁ ଭୁଏଲ୍ଟାରେ କେବେ ଭାଗ ନେଇ ନ ଥିଲେ ମଧ୍ୟ ବର୍ନାଲ ସଫଳ ହେବେ ବୋଲି ବେଶ୍ ଆଶାବାଦୀ ଅଛନ୍ତି। ମାତ୍ର ୨୪ ବର୍ଷରେ ପଦାର୍ପଣ କରିଥିବାରୁ ତାଙ୍କ ପାଖରେ ରେସିଂରେ ଲମ୍ବା ଭବିଷ୍ୟତ ରହିଛି। ଫିଟ୍‌ନେସ ଓ ଫର୍ମ ବଜାୟ ରଖିପାରିଲେ ସେ ଆହୁରି ଏକାଧିକ ଗ୍ରାଣ୍ଡ ଟୁର ସାଇକେଲ ରେସିଂରେ ବିଜୟୀ ହେବେ ବୋଲି କୁହାଯାଇପାରେ।

**- ରଞ୍ଜନ କୁମାର ରାୟ**

### ସଂସ୍କରଣ: ୧୦୪ତମ

ତାରିଖ: ୮ - ୩୦ ମେ
ଦୂରତା: ୩, ୪୧୦.୯ କି.ମି (୨,୧୧୯ ମାଇଲ)
ୱିନଂ ଟାଇମ: ୮୬ ଘଣ୍ଟା ୧୭ମି ୨୮ ସେକେଣ୍ଡ
ଚାମ୍ପିୟନ: ଇଗାନ ବର୍ନାଲ
ଟିମ୍: ଇନେଓସ୍ ଗ୍ରେନାଡିଏର୍ସ

| ୨୦୨୧ର ଶ୍ରେଷ୍ଠ ୧୦ | ଦେଶ | ଦଳ |
|---|---|---|
| ୧. ଇଗାନ ବର୍ନାଲ | କଲମ୍ବିଆ | ଇନେଓସ ଗ୍ରେନାଡିଏର୍ସ |
| ୨. ଡାମିଆନୋ କାରଉସୋ | ଇଟାଲୀ | ଟିମ୍ ବାହାରିନ ଭିକ୍ଟୋରିୟସ |
| ୩. ସାଇମନ ୟାଟ୍ସ | ବ୍ରିଟେନ | ଟିମ ବାଇକ୍‌ଏକ୍ସଚେଞ୍ଜ |
| ୪. ଆଲେକଜାଣ୍ଡର ଭାଲଶୋଭ | ରୁଷିଆ | ଅଷ୍ଟାନା-ପ୍ରିମିୟର ଟେକ୍ |
| ୫. ଡାନିଏଲ୍ ମାର୍ଟିନେଜ | କଲମ୍ବିଆ | ଇନେଓସ ଗ୍ରେନାଡିଏର୍ସ |
| ୬. ଜୋଆଓ ଆଲମେଇଡା | ପର୍ତ୍ତୁଗାଲ | ଡେସେୟୁନିକ- କୁଇକ୍- ଷ୍ଟେପ୍ |
| ୭. ରୋମେନ ବାର୍ଡେଟ୍ | ଫ୍ରାନ୍ସ | ଟିମ୍ ଡିଏସ୍‌ଏମ୍ |
| ୮. ହ୍ୟୁଗ କାର୍ଥି | ବ୍ରିଟେନ | ଇଏଫ୍ ଏଡୁକେଶନ- ନିପ୍ପୋ |
| ୯. ତୋବିଆସ ଫୋସ୍ | ନରୱେ | ଟିମ୍ ଜୁମ୍ବୋ- ଭିସ୍ମା |
| ୧୦. ଡାନ ମାର୍ଟିନ | ଆୟର୍ଲାଣ୍ଡ | ଇସ୍ରାଏଲ ଷ୍ଟାର୍ଟ-ଅପ୍ ନେଶନ |

### ଗିରୋ ଡି' ଇଟାଲିଆ

ତାରିଖ: ମେ- ଜୁନ୍
ରିଜିଅନ: ଇଟାଲି ଓ ପଡ଼ୋଶୀ ଦେଶ
ଇଂଲିଶ ନାମ: ଟୁର ଡି ଇଟାଲି
ସ୍ଥାନୀୟ ନାମ: ଗିରୋ ଡି ଇଟାଲିଆ
ନିକ୍ ନେମ: ଲା କୋର୍ସା ରୋଜା
ଡିସିପ୍ଲିନ: ରୋଡ୍
କମ୍ପିଟିଶନ: ୟୁସିଆଇ ୱାର୍ଲ୍ଡ ଟୁର
ଟାଇପ୍: ଗ୍ରାଣ୍ଡ ଟୁର
ଅର୍ଗାନାଇଜର: ଆରସିଏସ୍ ସ୍ପୋର୍ଟ
ରେସ ଡାଇରେକ୍ଟର: ମାଉରୋ ଭେଗ୍ନି
ପ୍ରଥମ ସଂସ୍କରଣ: ୧୯୦୯
ସଦ୍ୟତମ ସଂସ୍କରଣ: ୧୦୪ (୨୦୨୧)

### ସଂକ୍ଷେପରେ ବର୍ନାଲ...

ପୂରା ନାମ:ଇଗାନ ଅର୍ଲେ ବର୍ନାଲ ଗୋମେଜ
ଜନ୍ମ: ୧୩ ଜାନୁୟାରୀ ୧୯୯୭
ବୋଗୋଟା, କଲମ୍ବିଆ
ବୟସ: ୨୪
ଉଚ୍ଚତା: ୫ ଫୁଟ ୯ ଇଞ୍ଚ
ଓଜନ: ୬୦ କେ.ଜି.
ଟିମ୍: ଇନେଓସ୍ ଗ୍ରେନାଡିଏର୍ସ
ଡିସିପ୍ଲିନ: ରୋଡ
ଭୂମିକା: ରାଇଡ
ରାଇଡର ଟାଇପ୍: କ୍ଲାଇମ୍ବିଂ ସ୍ପେଶାଲିଷ୍ଟ
**ପେସାଦାର ଟିମ୍:**
୨୦୧୬- ୨୦୧୭:
ଆଣ୍ଡ୍ରୋନି ଜିଓକାଟୋଲି- ସାଇଡମେକ
୨୦୧୮: ଟିମ୍ ସ୍କାଏ
**ପ୍ରମୁଖ ବିଜୟ**
**ଟୁର ଡି ଫ୍ରାନ୍ସ**
ଜେନେରାଲ କ୍ଲାସିଫିକେଶନ (୨୦୧୯)
ୟଙ୍ଗ ରାଇଡର କ୍ଲାସିଫିକେଶନ (୨୦୧୯)
**ଗିରୋ ଡି'ଇଟାଲିଆ**
ଜେନେରାଲ କ୍ଲାସିଫିକେଶନ (୨୦୨୧)
ୟଙ୍ଗ ରାଇଡର କ୍ଲାସିଫିକେଶନ (୨୦୨୧)
୨ ଇଣ୍ଡିଭିଜୁଆଲ ଷ୍ଟେଜ (୨୦୨୧)
**ଷ୍ଟେଜ ରେସ୍**
ପ୍ୟାରିସ- ନାଇସ୍ (୨୦୧୯)
ଟୁର ଡି ସୁଇସ୍ (୨୦୧୯)
ଟୁର ଡି କାର୍ଲିଫର୍ନିଆ (୨୦୧୮)
ୱାନ୍ ଡେ ରେସ୍ ଆଣ୍ଡ କ୍ଲାସିକ୍ସ
ନ୍ୟାଶନାଲ ଟାଇମ୍ ଟ୍ରାଏଲ ଚାମ୍ପିୟନଶିପ୍ (୨୦୧୮)
ଗ୍ରାନ ପାଇଏମୋଣ୍ଟେ (୨୦୧୯)

# ଭାରତ ଛାଡ଼ିବେ ସ୍ମିତ୍ ପଟେଲ

**ଜୁନିୟର କ୍ରିକେଟରେ ଅତ୍ୟନ୍ତ ସଫଳ ରହିଥିବା ଉଇକେଟ କିପର ବ୍ୟାଟ୍ସମ୍ୟାନ ସ୍ମିଥ୍ ପଟେଲ କିନ୍ତୁ ସିନିୟରସ୍ତରରେ ସେତେଟା ପ୍ରଭାବୀ ସାବ୍ୟସ୍ତ ହୋଇନାହାନ୍ତି। ଏବେ ସେ ଭାରତୀୟ କ୍ରିକେଟକୁ ଅଲବିଦା କରି ଆମେରିକାରେ ନିଜର ପେସାଦାର କ୍ୟାରିୟର ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି...**



ରୁଦ୍ର ପ୍ରସନ୍ନ ରଥ

ଯେଉଁମାନେ ୧୯ ବର୍ଷରୁ କମ ବୟସର କ୍ରିକେଟ୍‌ରେ ରୁଚି ରଖନ୍ତି ସେମାନେ ସ୍ମିତ୍ ପଟେଲଙ୍କୁ ନିଶ୍ଚୟ ମନେରଖିଥିବେ। ୨୦୧୨ରେ ଯେତେବେଳେ ଭାରତ ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ୍‌ରେ ବିଶ୍ୱ ଚାମ୍ପିୟନ ହୋଇଥିଲା ସେତେବେଳେ ଭାରତୀୟ ଦଳର ଉଇକେଟ୍ କିପର ଥିଲେ ସ୍ମିତ୍ ପଟେଲ। ସେଥର ସେ ବିଶ୍ୱକପ୍‌ରେ ଭାରତ ପାଇଁ ଦ୍ୱିତୀୟ ସର୍ବାଧିକ ରନ ସ୍କୋରର ଥିଲେ। ଫାଇନାଲରେ ୬୨ ରନର ଅପରାଜିତ୍ ଇନିଂସ୍ ଖେଳି ଭାରତକୁ ବିଶ୍ୱ ବିଜୟୀ କରାଇଥିଲେ। ବୋଧହୁଏ ଏହାଥିଲା ସ୍ମିତ୍‌ଙ୍କ ପାଇଁ ସେତେବେଳର ସର୍ବବୃହତ୍ ହୋଇଥିଲେ ନା ସ୍ମିତ୍ ଏହି ଦଳର ସହାୟତାରେ ନିଜ ପାଇଁ ଏକ ବଡ ନାମ ତିଆରି କରିପାରିଲେ। ଦୀର୍ଘ ଦଶ ବର୍ଷ ଧରି ସଂଘର୍ଷ କଲାପରେ ସେ ୨୦୨୧ର ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଖେଳିସାରିବା ପରେ ଏବେ ଭାରତୀୟ କ୍ରିକେଟ୍‌କୁ ଅଲବିଦା କହିଛନ୍ତି। ସମସ୍ତ ପ୍ରକାରର ଭାରତୀୟ କ୍ରିକେଟ୍‌ରୁ ଅଲବିଦା ପାଇଁ ସେ ଏବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଚିଠି ଲେଖିଛନ୍ତି। ଏବେ କେବଳ ବିସିସିଆଇର ଅନୁମୋଦନକୁ ଅପେକ୍ଷା। ସ୍ମିତ୍ ବିଭିନ୍ନ ଦଳ ପାଇଁ ୫୫ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳି ୩୨୭୮ ରନ୍ କରିଥିଲେ । ଏଥିରେ ୧୧ଟି ଶତକ ଏବଂ ୧୪ଟି ଅର୍ଦ୍ଧ ଶତକ ସାମିଲ୍ ଥିଲା। ନିଜର ଶେଷ ପ୍ରଥମ ଶ୍ରେଣୀ ଏବଂ ଲିଷ୍ଟ ଏ ମ୍ୟାଚ୍ ସେ ଖେଳିଥିଲେ ନିଜର ରାଜ୍ୟ ଗୁଜରାଟ ବିପକ୍ଷରେ।

ସ୍ମିତ୍ ପଟେଲ ଏବେ ଆମେରିକାରେ ନିଜର କ୍ୟାରିୟରର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିବା ଉପରେ ମନୋନିବେଶ କରିବେ। ଅବଶ୍ୟ ଭଲ କଥା ହେଉଛି ଯେ ଚଳିତବର୍ଷର କ୍ୟାରିବିୟନ୍ ପ୍ରିମିୟର ଲିଗ୍ (ସିପିଏଲ୍)ରେ ବାର୍ବାଡୋସ୍ ଟ୍ରାଇଡେଣ୍ଟ୍ସ ତରଫରୁ ଖେଳିବା ପାଇଁ



ପରିଚୟ। ଆଉ ଏହି ପରିଚୟ ଏବେଯାଏ ସ୍ମିତ ପଟେଲଙ୍କର ଏକମାତ୍ର ପରିଚୟ ହୋଇ ରହିଛି। ୧୯ ବର୍ଷରୁ କମ୍ ବିଶ୍ୱକପ୍‌କୁ ପ୍ରତିନିଧିତ୍ୱ କଲାପରେ ଜଣେ ସାଧାରଣତଃ ଭାରତୀୟ କ୍ରିକେଟ୍‌ର ମୁଖ୍ୟଦଳକୁ ପ୍ରତିନିଧିତ୍ୱ କରିବାର ସ୍ୱପ୍ନ ଦେଖେ। ଏହି ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବା ପାଇଁ ସ୍ମିତ୍ ପଟେଲ୍ ବି ଉଦ୍ୟମ କରିଥିଲେ। ତେବେ ଭିନ୍ନ କଥା ହେଉଛି ଏହା ସଫଳ ହୋଇପାରି ନ ଥିଲା। ଜଣେ ଉଇକେଟ୍ କିପର ହିସାବରେ ମହେନ୍ଦ୍ର ସିଂ ଧୋନୀ ବେଶ୍ ଭଲ ପ୍ରଦର୍ଶନ କରୁଥିଲେ ଏବଂ ଜଣେ ବିଶ୍ୱ ପ୍ରସିଦ୍ଧ ଅଧିନାୟକ ହିସାବରେ ଧୋନୀଙ୍କ ସ୍ଥାନ ସେତେବେଳେ ଅପରିବର୍ତ୍ତନୀୟ ଥିଲା। ଯେଉଁଠି ଧୋନୀଙ୍କ ଆଗରୁ କ୍ରିକେଟ୍ କ୍ୟାରିୟର ଆରମ୍ଭ କରି ଦଳରେ ଦିନେଶ୍ କାର୍ତ୍ତିକ ନିଜ ସ୍ଥାନ ପକ୍କା କରିପାରି ନ ଥିଲେ ସେଠି ସ୍ମିତ୍‌ଙ୍କର ବୋଧହୁଏ କୌଣସି ସୁଯୋଗ ହିଁ ନ ଥିଲା।

ବିଶ୍ୱସ୍ତରରେ ଭାରତକୁ ପ୍ରତିନିଧିତ୍ୱ କରିଥିବା ଏହି ଖେଳାଳି ଜଣକ ଆଗକୁ ବିଶେଷ ଶାଣିତ ପ୍ରଦର୍ଶନ କରିପାରି ନ ଥିଲେ। ଗୁଜରାଟରୁ ରଣଜୀ ଟ୍ରଫିରେ କ୍ୟାରିୟର ଆରମ୍ଭ କରିଥିବା ଏହି ଖେଳାଳି ପରେ ତ୍ରିପୁରା ଗୋଆ ଏବଂ ବରୋଦା ପରି ଦଳ ସହ ଖେଳିଥିଲେ ବି ସଫଳତାରୁ ବହୁତ ଦୂରରେ ରହିଗଲେ। ବରୋଦାକୁ ଛାଡିଦେଲେ ଅନ୍ୟଦଳ ସବୁ ରଣଜୀ ଟ୍ରଫିରେ ନିଜର ପରିଚୟ ସୃଷ୍ଟି ପାଇଁ ସଂଘର୍ଷ କରୁଥିଲେ। ନା ଦଳମାନେ ନିଜର ରଣଜୀ ଅଭିଯାନରେ ସଫଳ ଚୁକ୍ତିବଦ୍ଧ ହୋଇଛନ୍ତି। ୨୦୧୦ ମସିହାରୁ ଆମେରିକା ସହ ନିୟମିତ ସମ୍ପର୍କରେ ସ୍ମିତ୍ ଅଛନ୍ତି ଏବଂ ସେଠାରେ ତାଙ୍କୁ ଗ୍ରୀନ୍ କାର୍ଡ ମଧ୍ୟ ପ୍ରଦାନ କରାଯାଇଛି। ଏହି କାର୍ଡ ବଳରେ ଜଣେ ଆମେରିକାରେ ଦୀର୍ଘ କାଳୀନ ସୂତ୍ରରେ ରହିବା ଏବଂ କାମ କରିବାର ଅଧିକାର ପାଇଥାଏ ଏବଂ ତାଙ୍କ ପରିବାର ଗୁଜରାଟରୁ ପେନସିଲଭାନିଆ ଏବଂ ପରେ ଇଷ୍ଟର୍ନକୁ ଚାଲି ଯାଇଛନ୍ତି। ଏଠାରେ ଏବେ ପ୍ରଫେଶନାଲ କ୍ରିକେଟ୍ ଖେଳିବା ଉପରେ ମନୋନିବେଶ କରିବେ ସ୍ମିତ୍। ଆମେରିକାର ନିୟମ ଅନୁଯାୟୀ ଏଠାର ଜାତୀୟ ଦଳ ତରଫରୁ ଖେଳିବାକୁ ହେଲେ ଜଣେ ଏଠାରେ ତିନିବର୍ଷ ରହିବା ଦରକାର (ଅନ୍ତତଃ ଶେଷ ବର୍ଷରେ ଲଗାତର ୯ ମାସ)। ଯାହା ଜଣାପଡୁଛି ୨୦୨୨ ଶେଷ ବେଳକୁ ସେ ଜାତୀୟ ଦଳରେ ସ୍ଥାନ ପାଇବାକୁ ଯୋଗ୍ୟ ବିବେଚିତ ହେବେ। ୨୦୨୩ରେ ଆମେରିକାରେ ଆରମ୍ଭ ହେବାକୁ ଯାଉଥିବା ମେଜର କ୍ରିକେଟ୍ ଲିଗ (ଯାହା କରୋନା ମହାମାରୀ ଯୋଗୁ ୨୦୨୩କୁ ଘୁଞ୍ଚି ଯାଇଛି)କୁ ଆଶ୍ରା କରି ସ୍ମିତ୍ ପଟେଲ ନିଜର କ୍ରିକେଟ୍ କ୍ୟାରିୟରର ଦ୍ୱିତୀୟ ପାଳି ଆରମ୍ଭ କରିବାକୁ ଚେଷ୍ଟା କରିବେ। ଭାରତରେ ନିଜ ପାଇଁ ବିଶେଷ ନାମ କମାଇବାର ସୁଯୋଗ ପାଇ ନ ଥିବା ସ୍ମିତ୍ ଆମେରିକାରେ ନିଜର ପ୍ରଫେଶନାଲ କ୍ୟାରିୟର ଆରମ୍ଭ କଲାବେଳକୁ ପ୍ରାୟ ୨୯ ବର୍ଷର ହୋଇଥିବେ। ତେବେ କଠିନ ପରିଶ୍ରମ ଜାରି ରଖିଲେ ଜଣେ ଏଠାରୁ ବି ଆହୁରି ଚାରି ପାଞ୍ଚ ବର୍ଷର ପ୍ରଫେଶନାଲ କ୍ୟାରିୟର ଜାରି ରଖିପାରିବେ। ଆମେରିକା ସ୍ମିତ୍‌ଙ୍କ କ୍ୟାରିୟରକୁ ନୂଆ ମୋଡଦେବ ବୋଲି ଆଶା କରାଯାଏ।



ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ କାରୋଲିନ୍ ପ୍ଲିସ୍‌କୋଭାଙ୍କ ବିପକ୍ଷରେ ଶଟ୍ ଖେଳୁଛନ୍ତି ସ୍ଲୋଆନେ ଷ୍ଟିଫେନ୍ସ।

# ଜୋକୋଭିଚ୍, ଫେଡରର ତୃତୀୟ ରାଉଣ୍ଡରେ

**ପ୍ୟାରିସ, ୩।୬**

ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ନୋଭାକ୍ ଜୋକୋଭିଚ୍, ରୋଜର ଫେଡରର ପ୍ରମୁଖ ନାମୀ ଖେଳାଳିମାନେ ବିଜୟୀ ହୋଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଜୋକୋଭିଚ୍ ଦ୍ୱିତୀୟ ରାଉଣ୍ଡରେ ୬-୩, ୬-୨, ୬-୪ ସେଟ୍‌ରେ ପାବ୍‌ଲୋ କୁଇଭାସଙ୍କୁ ଏବଂ ଫେଡରର ୬-୨, ୨-୬, ୭-୬(୭/୪), ୬-୨ ସେଟ୍‌ରେ ମାରିନ ସିଲିକ୍‌ଙ୍କୁ ହରାଇ ଦେଇଛନ୍ତି। ସେହିପରି ମେଡଭେଡେଭ ଟମି ପଲ୍‌ଙ୍କୁ ୩-୬, ୬-୧, ୬-୪, ୬-୩ ସେଟ୍‌ରେ ଏବଂ ସ୍କ୍ୱାର୍ଜମ୍ୟାନ ୬-୪, ୬-୨, ୬-୪ ସେଟ୍‌ରେ ଆଲଜାଜ ବେଡେନେଙ୍କୁ ପରାସ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଫିଲିପ କେଲଶ୍ରେବର ୬-୩, ୭-୬(୭/୪), ୪-୬, ୬-୧ ସେଟ୍‌ରେ ଅସଲାନ କାରାସେଭ, କ୍ୱନ ସୁନ-ଉ ୬-୪, ୭-୫, ୭-୫ ସେଟ୍‌ରେ ଆନ୍ଦ୍ରିଆସ ସେପ୍ପି, ମିକାଏଲ ୟାମେର ୬-୦, ୨-୬, ୬-୪, ୬-୩ରେ ଗାଏଲ ମନଫିଲ୍ସ, ଲରେଞ୍ଜୋ ମୁସେଟ୍ଟି ୭-୫, ୬-୩, ୬-୨ ସେଟ୍‌ରେ ୟୋଶିହିତୋ ନିଶିଓକାଙ୍କୁ ପରାସ୍ତ କରିଛନ୍ତି।

### ଆଶ୍‌ଲେ ବାର୍ଟି ଓହରିଲେ

ମହିଳା ସିଙ୍ଗଲ୍ସରେ ଟପ୍ ର୍ୟାଙ୍କ୍‌ପ୍ରାପ୍ତ ଆଶ୍‌ଲେ ବାର୍ଟି ଆହତ ସମସ୍ୟା ଯୋଗୁ ଦ୍ୱିତୀୟ ରାଉଣ୍ଡରୁ ଓହରି ଯାଇଛନ୍ତି। ୨୦୧୯ ଚାମ୍ପିୟନ ବାର୍ଟି ଏଠାରେ ୧-୬, ୨-୨ରେ ପଛୁଆ ଥିବାବେଳେ ଖେଳ ବଜାୟ ରଖିବାକୁ

**ଫ୍ରେଞ୍ଚ୍ ଓପନ**

ଅସମର୍ଥ ହୋଇଥିଲେ। ପ୍ରଥମ ରାଉଣ୍ଡ ପରେ ସେ ମେଡିକାଲ ଟାଇମ ଆଉଟ ଆବଶ୍ୟକ କରିଥିଲେ। ମହିଳା ସିଙ୍ଗଲ୍ସରେ ଅନ୍ୟ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଗୁଡ଼ିକ ମଧ୍ୟରେ କାରୋଲିନ୍ ପ୍ଲିସ୍‌କୋଭାଙ୍କୁ ୭-୫, ୬-୧ ସେଟ୍‌ରେ ହରାଇ ବିଦାୟ ପଥ ଦେଖାଇଛନ୍ତି ସ୍ଲୋଆନେ ଷ୍ଟିଫେନ୍ସ। ସୋଫିଆ କେନିନ ୭-୫, ୬-୩ରେ ହିଲି ବାପ୍ଟିଷ୍ଟେ, ବାର୍ବରା ଗ୍ରାଚେଭା ୭-୫, ୧-୬, ୬-୨ରେ କାମିଲା ଗିଓର୍ଗି, କାରୋଲିନ ମୁଚୋଭା ୬-୩, ୬-୪ ସେଟ୍‌ରେ ବାର୍ବରା ଲିପ୍‌ଚେଙ୍କୋ ଏବଂ ଓନ୍ସ ଜାବେଉର ୬-୨, ୬-୪ରେ ଅଷ୍ଟ୍ରା ଶର୍ମା, ପେଟ୍ରୋ କ୍ୱିଟୋଭାଙ୍କ ବିପକ୍ଷରେ ୱାକ୍‌ଓଭର ପାଇଛନ୍ତି ଏଲିନା ଭେସନିନା। ଏଲିନା ସ୍ୱିତୋଲିନା ୬-୦, ୬-୪ ସେଟ୍‌ରେ ଆନ୍ ଲୀ'ଙ୍କୁ ହରାଇଛନ୍ତି।

## ତୃତୀୟ ରାଉଣ୍ଡରେ ବୋପାନ୍ନା-ସ୍କୁଗୋର

ଭାରତୀୟ ଅଭିଜ୍ଞ ଟେନିସ ତାରକା ରୋହନ ବୋପାନ୍ନା ଓ ତାଙ୍କ କ୍ରୋଏସିଆ ପାର୍ଟନର ଫ୍ରାଙ୍କୋ ସ୍କୁଗୋର ଫ୍ରେଞ୍ଚ ଓପନ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଅଣସିଡ୍ ଏହି ଯୋଡି ୬-୪, ୭-୫ ସେଟ୍‌ରେ ଆମେରିକୀୟ ଯୋଡି ଫ୍ରାନ୍ସେସ ଟିଆଫୋ ଓ ନିକୋଲାସ ମୋନରୋଙ୍କୁ ଏକ ଘଣ୍ଟା ୨୦ ମିନିଟ୍‌ରେ ପରାସ୍ତ କରି ପୁରୁଷ ଡବଲ୍ସ ପ୍ରି- କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ୪୧ ବର୍ଷୀୟ ବୋପାନ୍ନା ଏବେ ବିଶ୍ୱ ର୍ୟାଙ୍କିଙ୍ଗର ୪୦ତମ ସ୍ଥାନରେ ରହିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ହେଲେ ବୋପାନ୍ନାଙ୍କୁ ଏହି ଟୁର୍ନାମେଣ୍ଟରେ ଅଧିକ ପଏଣ୍ଟ ହାସଲ କରି ର୍ୟାଙ୍କିଙ୍ଗ୍‌ରେ ଉନ୍ନତି କରିବାର ଆବଶ୍ୟକତା ରହିଛି। ଅନ୍ୟତମ ଭାରତୀୟ ଖେଳାଳି ଦିଭିଜ ଶରଣ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ଅଲିମ୍ପିକ୍ ସୁଯୋଗ ହରାଇଛନ୍ତି। ମହିଳା ତାରକା ଖେଳାଳି ସାନିଆ ମିର୍ଜା ଅଲିମ୍ପିକ୍ସରେ ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ୍ ଅନୁସାରେ ସ୍ଥାନ ହାସଲ କରିଛନ୍ତି।

## ଶ୍ରୀନିବାସନଙ୍କ ଝିଅ ଦୋଷୀ ସାବ୍ୟସ୍ତ

**ନୂଆଦିଲ୍ଲୀ, ୩।୬ (ପି.ଟି.):** 'ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ' ଅଭିଯୋଗରେ ବିସିସିଆଇର ପୂର୍ବତନ ସଭାପତି ଏନ୍. ଶ୍ରୀନିବାସନଙ୍କ ଝିଅ ରୂପା ଗୁରୁନାଥ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ବୋର୍ଡର ଏଥିକ୍ସ ଅଫିସର ଜଷ୍ଟିସ୍ (ଅବସରପ୍ରାପ୍ତ) ଡି.କେ. ଜୈନ ଗୁରୁବାର ଏନେଇ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ରୂପା ତାମିଲନାଡୁ କ୍ରିକେଟ ଆସୋସିଶନର ସଭାପତି ଅଛନ୍ତି। ବିସିସିଆଇର କୌଣସି ସ୍ୱୀକୃତିପ୍ରାପ୍ତ ୟୁନିଟ୍‌ର ସେ ପ୍ରଥମ ମହିଳା ସଭାପତି। ସେ ଇଣ୍ଡିଆନ ସିମେଣ୍ଟ୍ସ ଲିମିଟେଡ୍ (ଆଇସିଏଲ୍)ର ଜଣେ ଫୁଲ୍ ଟାଇମ୍ ନିର୍ଦ୍ଦେଶକ ଅଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ କ୍ରିକେଟ ଲିମିଟେଡ୍ (ସିଏସ୍‌କେସିଏଲ୍) ସହ ତାଙ୍କର ସିଧାସଳଖ ସମ୍ପର୍କଥିବାରୁ 'ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ' ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ମଧ୍ୟ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏମପିସିଏ)ର ଜଣେ ପୂର୍ବତନ ଅଜୀବନ ସଦସ୍ୟ ସଞ୍ଜୀବ ଗୁପ୍ତା ଅଭିଯୋଗ କରିଥିଲେ।

# ପୁରୁଷ ଡବଲ୍ସ ଟିମ୍ କରୋନା ପଜିଟିଭ

**ପ୍ୟାରିସ,୩।୬(ଏପି)**

ଫ୍ରେଞ୍ଚ୍ ଓପନ୍ ଟେନିସ ଟୁର୍ନାମେଣ୍ଟରେ କୋଭିଡ୍-୧୯ ମାମଲା ଦେଖିବାକୁ ମିଳିଛି। ଏକ ପୁରୁଷ ଡବଲ୍ସ ଦଳର ଉଭୟ ସଦସ୍ୟ କୋରୋନ ଟେଷ୍ଟରେ ପଜିଟିଭ ବୋଲି ଜଣାପଡ଼ିଛି। ଫ୍ରେଞ୍ଚ୍ ଓପନ ଆୟୋଜକ ଏ ନେଇ ସୂଚନା ଦେଇଛନ୍ତି। ଏହି ଦୁଇ ଖେଳାଳିଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ତେବେ ଏମାନଙ୍କ ପରିଚୟ ଆୟୋଜକମାନେ ସାର୍ବଜନୀନ କରିନାହାନ୍ତି। ଏହି ଖେଳାଳିଙ୍କ ବଦଳରେ ଆଉ ଏକ ଯୋଡିଙ୍କୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିବ। ପଜିଟିଭ ଥିବା ଦୁଇ ଖେଳାଳିଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ୨,୪୪୬ କରୋନା ଭାଇରସ ଟେଷ୍ଟରେ ବୁଧବାର ରାତିରେ ଏହି ଦୁଇ ଖେଳାଳି ପଜିଟିଭ ବୋଲି ଜଣାପଡିଥଲେ ବୋଲି ଫ୍ରେଞ୍ଚ୍ ଟେନିସ ଫେଡେରେଶନ (ଏଫ୍‌ଟିଏଫ୍) ତରଫରୁ ସୂଚନା ଦିଆଯାଇଛି।

# କନ୍‌ୱେ ୨୦୦, ନ୍ୟୁଜିଲାଣ୍ଡ ୩୭୮

**ଲର୍ଡ୍ସ, ୩।୬**



ଦ୍ୱିଶତକ ହାସଲ ପରେ ଡେଭନ କନ୍‌ୱେ।

ପଦାର୍ପଣ ଟେଷ୍ଟରେ ଡେଭନ କନ୍‌ୱେଙ୍କ ଦ୍ୱିଶତକ ସତ୍ତ୍ୱେ ନ୍ୟୁଜିଲାଣ୍ଡ ବଡ଼ ସ୍କୋର କରିବାରେ ବିଫଳ ହୋଇଛି। ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୩୭୮ ରନରେ ଅଲ୍‌ଆଉଟ ହୋଇଛି। କନ୍‌ୱେ ୨୦୦ ରନ ସ୍କୋର କରି ନିଜ ଇନିଂସକୁ ସ୍ମରଣୀୟ କରିଥିବାବେଳେ ହେନରି ନିକୋଲ୍ସ ଦ୍ୱିତୀୟ ସର୍ବାଧିକ ୬୧ ରନ କରିଥିଲେ। ଶେଷ ଭାଗରେ ୫ ଜଣ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ୨୦୦ ରନ ପୂରଣ ପରେ ଶେଷ ବ୍ୟାଟ୍ସମ୍ୟାନଭାବେ ରନ୍‌ଆଉଟ ହୋଇଥିବା କନ୍‌ୱେ ୩୪୭ ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୨୨ ଚୌକା ଓ ୧ ଛକା ମାରିଥିଲେ। ନେଲ୍ ୱାଗନର ୨୧ ବଲ୍‌ରୁ ଦ୍ରୁତ ୨୫ (୩ ଚୌକା, ୧ ଛକା) ରନକରି ଅପରାଜିତ ରହିବାରୁ ଅନ୍ତିମ ଉଇକେଟ ଯୋଡ଼ିରେ ୪୦ ରନ ସଂଗ୍ରହ ହୋଇଥିଲା। ଇଂଲଣ୍ଡ ପକ୍ଷରୁ ପଦାର୍ପଣକାରୀ ଦ୍ରୁତ ବୋଲର ଓଲି ରବିନସନ ସର୍ବାଧିକ ୪ଟି, ମାର୍କ ଉଡ୍ ୩ଟି ଏବଂ ଜେମ୍ସ ଆଣ୍ଡରସନ ୨ଟି ଉଇକେଟ ନେଇଥିଲେ।

### ରୁଟ୍, ବର୍ନ୍ସ ସମ୍ଭାଳିଲେ

ଇଂଲଣ୍ଡ ମାତ୍ର ୧୮ ରନ ମଧ୍ୟରେ ଦଳ ଟପ୍ ଅର୍ଡରର ୨ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଗୁରୁବାର ଦ୍ୱିତୀୟ ଦିବସ ଶେଷ ବେଳକୁ ଦଳ ପ୍ରଥମ ଇନିଂସରେ ୨ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରିଛି। ଡୋମିନିକ୍ ସିବ୍‌ଲେ ଖାତା ଖୋଲିବା ପୂର୍ବରୁ ଏବଂ ଜ୍ୟାକ କ୍ରଲି ୨ ରନ କରି ଆଉଟ ହୋଇଛନ୍ତି। ଅଧିନାୟକ ଜୋ ରୁଟ୍ ୧୧୨ ବଲ୍‌ରୁ ୫ ଚୌକା ସହ ୪୨ ଏବଂ ରୋରି ବର୍ନ୍ସ ୧୩୪ ବଲ୍‌ରୁ ୮ ଚୌକା ସହାୟତାରେ ୫୯ରନ କରି ଅପରାଜିତ ରହିଛନ୍ତି। ଅସମାପ୍ତ ୩ୟ ଉଇକେଟରେ ଏ ଦୁହେଁ ୯୩ ରନ ଯୋଗ କରିଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ ଟିମ୍ ସୌଦୀ ଓ କାଏଲ ଜେମିସନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

**ପଦାର୍ପଣ ଟେଷ୍ଟ୍‌ରେ ସର୍ବାଧିକ ସ୍କୋର**

୨୮୭: ଟିମ୍ ଫଷ୍ଟର ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ, ୧୯୦୩-୦୪
୨୨୨*: ଜ୍ୟାକ୍ସ ରୁଡଲଫ ଦକ୍ଷିଣ ଆଫ୍ରିକା ବନାମ ବାଂଲାଦେଶ, ୨୦୦୩
୨୧୪: ଲରେନ୍ସ ରୋ ୱେଷ୍ଟଇଣ୍ଡିଜ ବନାମ ନ୍ୟୁଜିଲାଣ୍ଡ, ୧୯୭୧-୭୨
୨୧୪: ମାଥ୍ୟୁ ସିନ୍‌କ୍ଲେୟାର ନ୍ୟୁଜିଲାଣ୍ଡ ବନାମ ୱେଷ୍ଟଇଣ୍ଡିଜ, ୧୯୯୯-୦୦
୨୦୧*: ବ୍ରେଣ୍ଡନ କୁରୁପ୍ପୁ ଶ୍ରୀଲଙ୍କା ବନାମ ନ୍ୟୁଜିଲାଣ୍ଡ, ୧୯୮୭
୨୦୦: ଡେଭନ କନ୍‌ୱେ ନ୍ୟୁଜିଲାଣ୍ଡ ବନାମ ଇଂଲଣ୍ଡ, ୨୦୨୧

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୩୭୮/ଅଲଆଉଟ(ଡେଭନ କନ୍‌ୱେ-୨୦୦, ହେନରି ନିକୋଲ୍ସ-୬୧, ନେଲ୍ ୱାଗନର-୨୫*, ଓଲି ରବିନସନ-୪/୭୫, ମାର୍କ ଉଡ୍-୩/୭୧, ଜେମ୍ସ ଆଣ୍ଡରସନ-୨/୮୩)। ଇଂଲଣ୍ଡ ପ୍ରଥମ ଇନିଂସ: ୧୧୧/୨(ରୋରି ବର୍ନ୍ସ-୫୯*, ଜୋ ରୁଟ୍-୪୨*, ଟିମ୍ ସୌଦୀ-୧/୧୭, କାଏଲ ଜେମିସନ-୧/୨୯)।

# ଇଂଲଣ୍ଡରେ ଭାରତୀୟ ପୁରୁଷ, ମହିଳା କ୍ରିକେଟ ଦଳ

**ଲଣ୍ଡନ,୩।୬(ପି.ଟି.)**

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ ଗୁରୁବାର ଇଂଲଣ୍ଡରେ ପହଞ୍ଚିଛି। ଭାରତ ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ମ୍ୟାଚ୍ ଖେଳିବା ପରେ ଆୟୋଜକ ଇଂଲଣ୍ଡ ସହ ଏକ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ପୁରୁଷ ଦଳ ସହ ଭାରତୀୟ ମହିଳା ଦଳ ମଧ୍ୟ ଇଂଲଣ୍ଡ ଯାତ୍ରା କରିଛି। ଏହି ଗସ୍ତରେ ଭାରତୀୟ ମହିଳା ଦଳ ୩ଟି ଲେଖାଏ ଦିନିକିଆ ଓ ଟି୨୦ ମ୍ୟାଚ୍ ଖେଳିବ। ଏଥିସହ ମହିଳା ଦଳ ବ୍ରିଷ୍ଟଲରେ ଜୁନ୍ ୧୬ ତାରିଖରେ ଆରମ୍ଭ ହେବାକୁ ଥିବା ଏକମାତ୍ର ଟେଷ୍ଟ ଖେଳିବାର କାର୍ଯ୍ୟକ୍ରମ ରହିଛି।

ଟପ୍‌ଅର୍ଡର ବ୍ୟାଟ୍ସମ୍ୟାନ ଲୋକେଶ ରାହୁଲ ଟୁଇଟ୍ କରି ଫଟୋ ଶେୟାର କରିଛନ୍ତି। ବ୍ୟାକ୍‌ଗ୍ରାଉଣ୍ଡରେ ଚାର୍ଟର୍ଡ ଫ୍ଲାଇଟ୍‌ର ଦୃଶ୍ୟ ରହିଛି। ସୁରକ୍ଷିତ ଭାବେ ଲଣ୍ଡନ୍‌ରେ ପହଞ୍ଚିଛୁ ବୋଲି ସେ ଦର୍ଶାଇବାକୁ ପ୍ରୟାସ କରିଛନ୍ତି। ଉଭୟ ଦଳ ଏବେ ସାଉଥାମ୍ପଟନ ଯାତ୍ରା କରିବେ ଓ ସେଠାରେ ବାଧ୍ୟତାମୂଳକ କ୍ୱାରାଣ୍ଟାଇନ୍ ପୂରଣ କରିବେ। କ୍ୱାରାଣ୍ଟାଇନ୍ ସାରିବା ପରେ ଓ କୋଭିଡ୍-୧୯ ପରୀକ୍ଷା ପରେ ପୁରୁଷ ଦଳ ଜୁନ୍ ୧୮ ତାରିଖରୁ ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ଖେଳିବ। ଅଗଷ୍ଟ ୪ରୁ ନଟିଂହାମ୍‌ରେ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବ। ଡବ୍ଲ୍ୟୁଟିସି ଫାଇନାଲ ପାଇଁ ୨୦ଜଣିଆ ଭାରତୀୟ ଦଳ ଇଂଲଣ୍ଡ ଗସ୍ତ କରିଛି। କୋଭିଡ୍-୧୯କୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି। ତେବେ ଜୁଲାଇ ୧୫ ତାରିଖରେ ମହିଳା ଦଳର ଗସ୍ତ ଶେଷ ହେବ।

# ୧୯୦ ଜଣିଆ ଦଳ ପଠାଇବ ଭାରତ

**ନୂଆଦିଲ୍ଲୀ, ୩।୬(ପି.ଟି.)**

ଆସନ୍ତା ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତ ୧୯୦ ଜଣିଆ ଦଳ ପଠାଇବ ବୋଲି ଆଶା କରାଯାଉଛି। ତନ୍ମଧ୍ୟରେ ୧୦୦ ଜଣ ଆଥ୍‌ଲେଟ ଅନ୍ତର୍ଭୁକ୍ତ। କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁଙ୍କ ଦ୍ୱାରା ଦେଶର ଅଂଶଗ୍ରହଣକାରୀଙ୍କ ଲାଗି ଅଫିସିଆଲ କିଟ୍ ଉନ୍ମୋଚନ ଅବସରରେ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ନରିନ୍ଦର ବାତ୍ରା ଏହି ସୂଚନା ଦେଇଛନ୍ତି। ଟୋକିଓ ଗେମ୍ସ ପାଇଁ ୫୬ ପୁରୁଷ ଓ ୪୪ ମହିଳା ସମେତ ୧୦୦ ଆଥ୍‌ଲେଟ ଇତିମଧ୍ୟରେ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଜୁଲାଇ ୨୩ରୁ ଆରମ୍ଭ ହେବାକୁଥିବା ଅଲିମ୍ପିକ୍ସ ପାଇଁ ଆହୁରି ୨୫ରୁ ୩୦ ଯୋଗ୍ୟତା ଅର୍ଜନ କରିବେ ବୋଲି ଆଇଓଏ ଆଶା କରୁଛି। ଆସନ୍ତା ୨ରୁ ୩ ସପ୍ତାହ ମଧ୍ୟରେ ଯୋଗ୍ୟତା ହାସଲ ପ୍ରକ୍ରିୟା ଶେଷ ହୋଇଯିବ। ସେତେବେଳକୁ ଯୋଗ୍ୟତା ହାସଲ କରିଥିବା ଆଥ୍‌ଲେଟମାନଙ୍କ ସଂଖ୍ୟା ୧୨୫ରୁ ୧୩୫ ପହଞ୍ଚିଯାଇଥିବ।




# ମାରାକାନାରେ ଫାଇନାଲ

**ସାଓ ପାଓଲୋ,୩।୬(ଏପି)**




କୋପା ଆମେରିକା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରିଓ ଡି ଜେନିରୋର ଐତିହାସିକ ମାରାକାନା ଷ୍ଟାଡିୟମରେ ଆୟୋଜନ ହେବ। ଜୁଲାଇ ୧୦ ତାରିଖରେ ଏହି ଟାଇଟଲ ମୁକାବିଲା ଆୟୋଜନ ହେବ। ଦକ୍ଷିଣ ଆମେରିକା ଫୁଟବଲ ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା କନମେବୋଲ ଏ ନେଇ ସୂଚନା ଦେଇଛି। ଦୁଇବର୍ଷ ତଳେ ମାରାକାନାରେ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ବ୍ରାଜିଲ ୩-୧ ଗୋଲରେ ପେରୁକୁ ପରାସ୍ତ କରି ନବମଥର ପାଇଁ ଚାମ୍ପିୟନ ହୋଇଥିଲା।

କୋଭିଡ୍-୧୯ ପାଇଁ ଆର୍ଜେଣ୍ଟିନା ଆୟୋଜନରୁ ଓହରିଯାଇଥିଲା। ଫଳରେ କନମେବୋଲ ବ୍ରାଜିଲଙ୍କୁ ବିକଳ୍ପ ଆୟୋଜକ ଭାବେ ଚୟନ କରିଥିଲା। ସେହିପରି ରାଜନୈତିକ ଅସ୍ଥିରତା କାରଣରୁ ସହ ଆୟୋଜକ ଥିବା କଲମ୍ବିଆକୁ ବାଦ୍ ଦିଆଯାଇଛି। ବ୍ରାଜିଲରେ କୋପା ଆମେରିକା ଆୟୋଜନ ନିଷ୍ପତ୍ତିକୁ ଅବଶ୍ୟ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। କରୋନା ସଂକ୍ରମଣ କାରଣରୁ ବ୍ରାଜିଲରେ ୪,୬୫,୦୦୦ ଲୋକ ପ୍ରାଣ ହରାଇଛନ୍ତି।

ଟୁର୍ନାମେଣ୍ଟରେ ୧୦ଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ ଏ'ରେ ଆର୍ଜେଣ୍ଟିନା, ବଲିଭିଆ, ଉରୁଗୁଏ, ଚିଲି ଓ ପାରାଗୁଏ ସାମିଲ ହୋଇଛନ୍ତି। ସେହିପରି ଗ୍ରୁପ୍ ବି'ରେ ବ୍ରାଜିଲ, କଲମ୍ବିଆ, ଭେନେଜୁଏଲା, ଇକ୍ୱେଡର ଓ ପେରୁ ସାମିଲ ହୋଇଛନ୍ତି।

## ଚେସ୍ ବିଶ୍ୱକପ୍ ପାଇଁ ଗୁଜରାଠୀଙ୍କୁ ଯୋଗ୍ୟତା

**ଚେନ୍ନାଇ, ୩।୬ (ପି.ଟି.):** ଭାରତର ୩ ନମ୍ବର ଖେଳାଳି ବିଦିତ୍ ଗୁଜରାଠୀ ରେଟିଂ ଭିତ୍ତିରେ ଫିଡେ ଚେସ୍ ବିଶ୍ୱକପ୍ ୨୦୨୧ରେ ଅଂଶଗ୍ରହଣ କରିବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଇଭେଣ୍ଟ ରୁଷିଆର ସୋଚିଠାରେ ଜୁଲାଇ ୧୦ରୁ ହେବ। ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ନାସିକ୍ ବାସିନ୍ଦା ଗୁଜରାଠୀ ହେଉଛନ୍ତି ୪ର୍ଥ ଭାରତୀୟ ଖେଳାଳି। ଅନ୍ୟ ଯେଉଁ ପୁରୁଷ ଖେଳାଳିମାନେ ଯୋଗ୍ୟତା ହାସଲ କରିସାରିଛନ୍ତି ସେମାନେ ହେଲେ ଗ୍ରାଣ୍ଡମାଷ୍ଟର ପି. ହରିକ୍ରିଷ୍ଣା, ଅରବିନ୍ଦ ଚିଦାମ୍ବରମ ଓ ପି. ଇନିୟାନ। ଅନ୍ୟପକ୍ଷରେ ବିଶ୍ୱକପ୍ ମହିଳା ଇଭେଣ୍ଟ ଲାଗି ଭାରତରୁ କୋନେରୁ ହମ୍ପି, ପଦ୍ମିନୀ ରାଉତ, ଡି. ହାରିକା, ଭକ୍ତି କୁଲକର୍ନୀ ଓ ଆର. ବୈଶାଳୀ ପ୍ରମୁଖ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଏସ୍‌ସିବିରୁ ପୁଣି କରୋନା ଆକ୍ରାନ୍ତ ନିଖୋଜ

କଟକ ଅଫିସ, ୩।୬- ଏସ୍‌ସିବି ମେଡିକାଲରୁ ଗୁରୁବାର ପୁଣି ଜଣେ କରୋନା ଆକ୍ରାନ୍ତ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଜଗତ୍‌ସିଂହପୁର ଜିଲା ଅରଖପାରି ଗ୍ରାମର ଝୁମ୍ପା ମହାରଣା(୮୫)। ୧୩ ଦିନ ତଳେ ସେ ଅସୁସ୍ଥ ହୋଇ ଜଗତ୍‌ସିଂହପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେଠାରେ ପରୀକ୍ଷା କରାଯିବା ପରେ ସେ କୋଭିଡ୍‌ରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ପରେ ଝୁମ୍ପାଙ୍କୁ ପୁଅ କବି ମହାରଣା ଏସ୍‌ସିବି କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରୁ ଝୁମ୍ପା ନିଖୋଜ ହୋଇଯାଇଥିବା ଜଣାପଡିଛି। ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା କହିଛନ୍ତି, ଏ ସମ୍ପର୍କରେ ଆମ ପାଖରେ କୌଣସି ସୂଚନା ନାହିଁ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଗତ ମେ' ୧୧ ଓ ୨୯ ତାରିଖରେ ଏସ୍‌ସିବିରୁ ୨ କରୋନା ଆକ୍ରାନ୍ତ ନିଖୋଜ ହୋଇଯାଇଥିଲେ।

### ଟିକା ପାଇଁ ଜିଲା ପ୍ରଶାସନ ସ୍ୱତନ୍ତ୍ର ବ୍ୟବସ୍ଥା କରୁ

ଚୌଦ୍ୱାର,୩।୬(ଡି.ଏନ.ଏ.): କରୋନା ସଂକ୍ରମଣକୁ କମାଇବା ପାଇଁ ସରକାର ଟିକାକରଣକୁ ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ ସ୍ଥାନରେ ଟିକାକରଣ କାର୍ଯ୍ୟ ଚାଲିଛି। ବିଶେଷକରି ଟିକା ନେବା ପାଇଁ ଲୋକମାନଙ୍କୁ ଅନ୍‌ଲାଇନ୍‌ରେ ସ୍ଲଟ୍ ବୁକିଂ କରିବାକୁ ପଡୁଛି। ହେଲେ ଏହି ବ୍ୟବସ୍ଥା ସମ୍ପର୍କରେ ଚୌଦ୍ୱାର ପୌରପାଳିକା ଅଧୀନ ୧୭ନଂ. ୱାର୍ଡ ଥିବା ତ୍ରିନାଥପଲ୍ଲୀ ବସ୍ତିବାସିନ୍ଦା ଜାଣିପାରୁନାହାନ୍ତି। ଏଥିଯୋଗୁ ସେମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ଲୋକ ଟିକା ନେବାରୁ ବଞ୍ଚିତ ହୋଇଛନ୍ତି। ସେମାନେ ବିଭିନ୍ନ ଟିକାକରଣ କେନ୍ଦ୍ରକୁ ଯାଇ ନିରାଶ ହୋଇ ଫେରିଥିବା ସାହି ସମ୍ପାଦକ ଶ୍ୟାମସୁନ୍ଦର ସାହୁ କହିଛନ୍ତି। ତୁରନ୍ତ ଅଗ୍ରାଧିକାର ଭିତ୍ତିରେ ଟିକାକରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସାହିର ପୁଷ୍ପଲତା ରାଉତ, ରମାକାନ୍ତ ଦାସ, ପଦ୍ମନାଭ ସାହୁ, ବାବୁଲି ରାଉତ, ପଦ୍ମନାଭ ସେଠୀ, ପଦ୍ମାବତୀ ସେଠୀ, ବିନୋଦିନୀ ବେହେରା ଓ ରାନୀ ନାୟକ ପ୍ରମୁଖ ଜିଲା ପ୍ରଶାସନକୁ ନିବେଦନ କରିଛନ୍ତି।

### ୩୦ କିଲୋ ଗଞ୍ଜେଇ ଜବତ

ଆଠଗଡ଼,୩।୬(ସ୍ୱ.ପ୍ର.) : ନରସିଂହପୁରସ୍ଥିତ କାନପୁର ଥାନା ଅଧୀନ ସିଦ୍ଧମୂଳା ବ୍ରିଜ ନିକଟରୁ ୩୦ କିଲୋ ଗଞ୍ଜେଇ ଓ ଗୋଟିଏ ବୋଲେରୋ ଜବତ ହୋଇଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ କନ୍ଧମାଳ ଜିଲା ଖଜୁରିପଡ଼ା ଥାନା ଅଧୀନ ଦୁତିମୁଣ୍ଡାଇ ଗ୍ରାମର ଅବୋଧ କୁମାର ସେଠୀ(୨୮)। କଟକ ଅବକାରୀ ଅଧୀକ୍ଷକ ଡ. ଶାନ୍ତନୁ ଦାସ ଓ କମିଶନର ଆଶିଷ ସିଂଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ ହୋଇଥିଲା।

### ଲେଖିକା ମୀନାକ୍ଷୀ ଦେବୀଙ୍କ ଶେଷକୃତ୍ୟ ସମ୍ପନ୍ନ

କଟକ ଅଫିସ, ୩।୬- ଲେଖିକା ତଥା ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦିକା ମୀନାକ୍ଷୀ ଦେବୀ(୬୬)ଙ୍କର ବୁଧବାର ପରଲୋକ ହୋଇଥିଲା। ଗୁରୁବାର ସକାଳେ ଅନୁଷ୍ଠାନ ସଭାପତି ତରୁଣ କୁମାର ସାହୁ ମୀନାକ୍ଷୀଙ୍କ ମରଶରୀର ଉପରେ ଉତ୍କଳ ସାହିତ୍ୟ ସମାଜର ପତାକା ଘୋଡାଇଥିଲେ। ଏହାପରେ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ କଟକ ଖାନ୍‌ନଗର ଶ୍ମଶାନରେ ମୀନାକ୍ଷୀଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ଶାଶ୍ୱତ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।

### ଜିଲାପାଳଙ୍କ ସେତୁ କାର୍ଯ୍ୟ ତଦାରଖ

ବାଙ୍କୀ,୩।୬ (ସ୍ୱ.ପ୍ର.)
ବାଙ୍କୀ ବ୍ଲକ ବୈଦ୍ୟେଶ୍ୱରସ୍ଥିତ ମହାନଦୀ ଉପରେ ବୈଦ୍ୟେଶ୍ୱର-ଗୋପୀନାଥପୁର ସେତୁର ନିର୍ମାଣକାର୍ଯ୍ୟ ଚାଲିଛି। କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଗୁରୁବାର ବାଙ୍କୀ ଗସ୍ତରେ ଆସି ଏହି କାର୍ଯ୍ୟର ତଦାରଖ କରିଛନ୍ତି। ସେତୁର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ସେଠାରୁ ବୈଦ୍ୟେଶ୍ୱର ମହାନଦୀ ବନ୍ଧ ପର୍ଯ୍ୟନ୍ତ ସଂଯୋଗୀକରଣ ରାସ୍ତାର ନିର୍ମାଣ ହୋଇନାହିଁ। କେତେଜଣ ସ୍ଥାନୀୟ ଲୋକ ଏଥିରେ ସମସ୍ୟା ସୃଷ୍ଟି କରୁଛନ୍ତି। ସେମାନଙ୍କ ଜମି ଦେଇ ଏହି ରାସ୍ତା ଯାଉଛି। ଫଳରେ ସେମାନଙ୍କ ଜାଗା କଟିଯାଉଛି ବୋଲି ଉକ୍ତ ଲୋକେ କହୁଛନ୍ତି। ଏନେଇ ଜିଲାପାଳ ଚୟନୀ ଘଟଣାସ୍ଥଳକୁ ଆସି କିପରି ଏହି ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଛନ୍ତି। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଉପଜିଲାପାଳ ରଞ୍ଜନ କୁମାର ଜେନା, ତହସିଲଦାର ସତ୍ୟରଞ୍ଜନ ପଣ୍ଡା, ବିଡିଓ ପ୍ରଦୀପ କୁମାର ଶତପଥୀ, କଟକର ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅପହରଣ ନୁହେଁ, ଉଦ୍ଧାର

**ରାଜଧାନୀରେ ହାଇ ଡ୍ରାମା**
- ପୋଲିସ ଧରପଗଡ଼ ପରେ ଘଟଣାର ଭିନ୍ନ ମୋଡ଼
- ନିଶା ନିବାରଣ କେନ୍ଦ୍ରରୁ ଖସିଆସିଥିଲେ ଯୁବକ: ଡିସିପି

ଭୁବନେଶ୍ୱର,୩।୬(ବ୍ୟୁରୋ)



ଅପରାହ୍ନ ପ୍ରାୟ ସାଢ଼େ ୫ଟା। ଭୁବନେଶ୍ୱର ଡେଲ୍‌ଟା ଛକରୁ ସର୍ବସମ୍ମୁଖରେ ଜଣେ ଯୁବକଙ୍କୁ ୫ଜଣ ଦୁର୍ବୃତ୍ତ ଏକ ନୀଳ ରଙ୍ଗର କାର୍‌ରେ ଅପହରଣ କରିନେଇଥିବା ଖବର ଚାରିଆଡେ ବ୍ୟାପିଯାଇଥିଲା। ଏହି ଅପହରଣର ଲାଇଭ୍ ଭିଡିଓ ଭାଇରାଲ ହେବା ସହ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଯିବା ପରେ କମିଶନରେଟ ପୋଲିସର ମୁଣ୍ଡବ୍ୟଥା ଆରମ୍ଭ ହୋଇଥିଲା। ଲକ୍‌ଡାଉନ୍ କଟକଣା ଭିତରେ ପୁଣି ରାଜଧାନୀ ରାଜରାସ୍ତାରୁ ଅପହରଣ ଘଟଣା ପୋଲିସର କାର୍ଯ୍ୟଧାରାକୁ ନେଇ ଅଙ୍ଗୁଳି ଉଠାଇଥିଲା। ଅପହରଣକାରୀଙ୍କୁ ଧରିବା ସହ ତୁରନ୍ତ ଅପହୃତ ଯୁବକଙ୍କୁ ଉଦ୍ଧାର ପାଇଁ ଡିସିପି ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସ୍ପେଶାଲ ସ୍କ୍ୱାଡ୍ ଓ ଖଣ୍ଡଗିରି ଥାନା ପୋଲିସର ଦୁଇଟି ଟିମ୍ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ ଆରମ୍ଭ କରିଥିଲା। ଭିଡିଓ ଫୁଟେଜ ଓ ଉକ୍ତ କାର୍ ନମ୍ବରକୁ ନେଇ ଖୋଳତାଡ଼ କରାଯିବା ପରେ ଅପହରଣ ଘଟଣା ଭିନ୍ନ ମୋଡ଼ ନେଇଥିଲା। ଅପହରଣ ନୁହେଁ, ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରାଯାଇଥିବା ଜଣାପଡିଥିଲା। ଯୁବକ ଜଣକ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ହେଲେ ସେ ସେଠାରୁ ଖସିଆସିବାରୁ ତାଙ୍କୁ ଧରି ପୁଣିଥରେ ସେଠାକୁ ନିଆଯାଉଥିଲା ବୋଲି ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ଉକ୍ତ ଯୁବକ ହେଲେ ଖଣ୍ଡଗିରି ବାରି ଅଞ୍ଚଳର ଲିପୁ ବାରିକ। ସେ ଅତ୍ୟଧିକ ନିଶା ସେବନ କରୁଥିବାରୁ ତାଙ୍କ ପରିବାର ଲୋକେ ୫ରୁ ୭ଦିନ ତଳେ ତାଙ୍କୁ କୋଳଥିଆ ଅଞ୍ଚଳରେ ଥିବା ଜାଗୃତି ନିଶାନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ କୌଣସିମତେ ଗୁରୁବାର ଲିପୁ ସେଠାରୁ ଖସି ଆସିଥିଲେ। ଲିପୁ ଖସିଆସିବା ପରେ ପରିବାର ଲୋକ ଓ ନିଶାନିବାରଣ କେନ୍ଦ୍ର କର୍ମକର୍ତ୍ତା ତାଙ୍କୁ ଖୋଜି ଖୋଜି ଅପରାହ୍ନ ସାଢେ ୫ଟାରେ ଡେଲଟା ଛକ ନିକଟରେ ପାଇଥିଲେ। ହେଲେ ସେ ସେମାନଙ୍କ ସହ ଯିବାକୁ ଚାହିଁ ନ ଥିଲେ। ତେଣୁ ତାଙ୍କୁ ସେମାନେ ଜୋର ଜବରଦସ୍ତି ଏକ କାରରେ ନେଇଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ଏହାକୁ ଏକ ଅପହରଣ ଭାବି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ୍ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ଏହାକୁ ନେଇ ଦୀର୍ଘ ଘଣ୍ଟା ଧରି ରାଜଧାନୀରେ ହାଇଡ୍ରାମା ଦେଖିବାକୁ ମିଳିଥିଲା। ଡିସିପିଙ୍କ ସୂଚନା ପରେ ଏଥିରେ ପୂର୍ଣ୍ଣଚ୍ଛେଦ ପଡିଛି।

## ଲୁଗା ଶୋ'ରୁମ୍ ମାଲିକଙ୍କୁ ଜରିମାନା



ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢ଼ାଉ କରିଥିବା ଲୁଗା ଶୋ'ରୁମ୍।

କଟକ ଅଫିସ,୩।୬

- କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗ
- ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଚଢ଼ାଉ

ସାବିତ୍ରୀ ଓ ରଜ ପାଇଁ ଲୁଚାଛପାରେ ଚାଲିଛି ବ୍ୟବସାୟ। ଆଗରେ ଦୋକାନ ତାଲା ପଡୁଥିବାବେଳେ ପଛପଟେ ଗ୍ରାହକଙ୍କୁ ନିଆଯାଇ ବ୍ୟବସାୟ କରାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଖବର ପାଇବା ପରେ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଗୁରୁବାର କଟକ ନୟାସଡକସ୍ଥିତ ଜଗଦୀଶ ଟେକ୍ସଟାଇଲ ନାମକ ଏକ ଲୁଗା ଶୋ'ରୁମ୍‌ରେ ଚଢାଉ କରାଯାଇଥିଲା। କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଉକ୍ତ ଶୋ'ରୁମ ମାଲିକଙ୍କଠାରୁ ୩୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଅଧିକାରୀ ପରେଶ କୁମାର ନାୟକ କହିଛନ୍ତି।



ଚାପ ଖେଳ ପାଇଁ ମା' ଚର୍ଚ୍ଚିକାଙ୍କ ପ୍ରତିମାକୁ ଶୋଭାଯାତ୍ରାରେ ନିଆଯାଉଛି।

## ଚାପ ଖେଳିଲେ ମା' ଚର୍ଚ୍ଚିକା

ବାଙ୍କୀ,୩।୬(ସ୍ୱ.ପ୍ର.)

ବାଙ୍କୀ ମା' ଚର୍ଚ୍ଚିକାଙ୍କ ପୀଠରେ ଚନ୍ଦନଯାତ୍ରାର ୨ୟ ଦିନ ଅନୁଷ୍ଠିତ ହୋଇଯାଇଛି। ବିଧି ଅନୁସାରେ ମା'ଙ୍କୁ ସେବାୟତଙ୍କ ଦ୍ୱାରା ବିମାନରେ ଚର୍ଚ୍ଚିକା ଗ୍ରାମକୁ ନିଆଯାଇ ରେଣୁକା ତୁଠରେ ଚାପ ଖେଳାଯାଇଛି। ଏହି କାର୍ଯ୍ୟରେ ସେବାୟତ ସଂଘ ସମ୍ପାଦକ ନୀଳମଣି ମହାପାତ୍ର, ଉପସଭାପତି ସନ୍ତୋଷ କୁମାର ରଣା, ବାବୁ କୁମାର ରଣା, ଅନନ୍ତ ରଣା,ଅଶୋକ ରଣା,ରୁଷି ରଣା, ସୁଧୀର ରଣା ଓ ଚନ୍ଦନ ରଣା ପ୍ରମୁଖ ସହଯୋଗ କରୁଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଅକ୍ଷୟ ତୃତୀୟାଠାରୁ ୨୧ ଦିନ ପର୍ଯ୍ୟନ୍ତ ଚନ୍ଦନଯାତ୍ରା ହେଉଥିବା ବେଳେ ମା'ଚର୍ଚ୍ଚିକାଙ୍କ ପୀଠରେ ଶେଷ ୩ ଦିନ ଅନୁଷ୍ଠିତ ହୋଇଥାଏ।

## ୩ ଗ୍ରାମ, ୨ ୱାର୍ଡ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍

ଖୁଣ୍ଟୁଣୀ/କଟକ ସଦର,୩।୬(ଡି.ଏନ.ଏ.)

ଖୁଣ୍ଟୁଣୀରେ କ୍ରମାଗତ ଭାବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ସରପଞ୍ଚ ଫୁଲ ବେହେରା ଉକ୍ତ ଗ୍ରାମକୁ ଗୁରୁବାର ଅପରାହ୍ନ ୨ଟାରୁ ଆସନ୍ତା ୯ ତାରିଖ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଛନ୍ତି। ଏଥିସହ ଏହି ଗ୍ରାମରେ ଥିବା ସମସ୍ତ ଦୋକାନ, ବଜାର, ସରକାରୀ ଓ ବେସରକାରୀ ସଂସ୍ଥା ୭ ଦିନ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି କୁହାଯାଇଛି। ସେହିପରି ଭୋଗରା ଓ ଅନନ୍ତପୁର ଗ୍ରାମକୁ ଗୁରୁବାରଠାରୁ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିବା ସରପଞ୍ଚ ଗୁଲୁରୀ ଦେହୁରୀ ଓ ରୋଜାଲିନ ବେହେରା ଜଣାଇଛନ୍ତି।

୪୨ ମୌଜା ଅଧୀନ କଳପଡା ପଞ୍ଚାୟତ ଟାଇଁକଣା ଗ୍ରାମର ୧୯ ଓ ୨୦ନଂ. ୱାର୍ଡରେ ୧୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସଂକ୍ରମଣକୁ ରୋକିବା ପାଇଁ ସ୍ଥାନୀୟ ସରପଞ୍ଚ ସରୋଜ ନାୟକ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଏହି ୨ ୱାର୍ଡକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରିଛନ୍ତି।

## ଜିଲାପାଳଙ୍କୁ ତ୍ରୁଟିପୂର୍ଣ୍ଣ ରିପୋର୍ଟ ପ୍ରଦାନ ଅଭିଯୋଗ

କଟକ ସଦର,୩।୬(ଡି.ଏନ.ଏ.)

**ବାତ୍ୟାରେ ସ୍କୁଲ ଗୃହ କ୍ଷତିଗ୍ରସ୍ତ ଅଭିଯୋଗ**

ବାତ୍ୟା 'ୟାସ୍' ପ୍ରଭାବରେ କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତରେ ୩୬ ସ୍କୁଲଗୃହ କ୍ଷତିଗ୍ରସ୍ତ ହୋଇଥିବା ବ୍ଲକ ସୂତ୍ରରୁ ଜଣାପଡିଛି। ଏ ସମ୍ପର୍କିତ ରିପୋର୍ଟ କଟକ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ମାତ୍ର ଜିଲାରେ ବାତ୍ୟାର ପ୍ରଭାବ ସେତେମାତ୍ରାରେ ଅନୁଭୂତ ହୋଇ ନ ଥିବାବେଳେ ସ୍କୁଲଗୃହ ଭାଙ୍ଗିବା ରିପୋର୍ଟକୁ ନେଇ ବିବାଦ ଦେଖାଦେଇଛି। ଜିଲାପାଳଙ୍କୁ ବିଡିଓଙ୍କ ପକ୍ଷରୁ ଏହି ତ୍ରୁଟିପୂର୍ଣ୍ଣ ରିପୋର୍ଟ ଦିଆଯାଇଛି ବୋଲି କଟକ ଜିଲା ଭାଜପା ଉପସଭାପତି ଗୋକୁଳ ଚନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ରିପୋର୍ଟରେ ଯେଉଁ ଘର ଭାଙ୍ଗିଛି ବୋଲି ଉଲ୍ଲେଖ କରାଯାଇଛି, ସେଗୁଡିକ ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ଏବେ ତାହାକୁ ବାତ୍ୟା ଭାଙ୍ଗିଦେଲା ବୋଲି ଆଖ୍ୟା ଦିଆଯିବା ଦୁର୍ଭାଗ୍ୟଜନକ ବୋଲି ପ୍ରଧାନ କହିଛନ୍ତି। ୩୬ଟି ଭିତରେ ଅନେକ ଭଲ ଗୃହ ରହିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ଅଭିଯୋଗ ସମ୍ପର୍କରେ ବିଡିଓ ରାଜୀବ ଲୋଚନ ପରିଡା କହିଛନ୍ତି, କିଛିଘଣ୍ଟା ମଧ୍ୟରେ ପ୍ରାଥମିକ ରିପୋର୍ଟ ଦିଆଯାଇଛି। ମାତ୍ର ଚୂଡାନ୍ତ ରିପୋର୍ଟ ଦିଆଯିବା ପୂର୍ବରୁ ନିଜେ ତଦନ୍ତ କରିବେ ବୋଲି ସ୍ପଷ୍ଟ କରିଛନ୍ତି।

## ସୁଧ ଅର୍ଥ ବଣ୍ଟନକୁ ନେଇ ବିବାଦ

କଟକ ସଦର,୩।୬(ଡି.ଏନ.ଏ.)

**ପିଠା ଅର୍ଥ ଜମାରୁ ମିଳିଲା ୧.୪୧ ଲକ୍ଷ ସୁଧ**

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ୨ବର୍ଷ ହେବ ପିଠା(ପିପୁଲ୍ସ ଏମ୍‌ପାୱାରମେଣ୍ଟ ଏନାବିଲିଂ ଟ୍ରାନ୍ସପରେନ୍ସି ଆଣ୍ଡ ଏନ୍‌ହାନ୍ସିଂ ଆକାଉଣ୍ଟିବିଲିଟି) କାର୍ଯ୍ୟକ୍ରମ ଆୟୋଜନ ପାଇଁ କଟକ ସଦର ବ୍ଲକକୁ ୨୩ ଲକ୍ଷ ଟଙ୍କା ମିଳିଥିଲା। ଆଜି ପର୍ଯ୍ୟନ୍ତ ଏହି ଅର୍ଥ ବ୍ଲକ ଆକାଉଣ୍ଟରୁ ୨୩ଟି ପଞ୍ଚାୟତ ଆକାଉଣ୍ଟକୁ ଟ୍ରାନ୍ସଫର କରାଯାଇନାହିଁ। ତେଣୁ ୨୦୨୧ ମାର୍ଚ୍ଚରେ ଲୋକାଲ ଫଣ୍ଡ ଅଡିଟ୍ ଏହା ଉପରେ ଆପତ୍ତି ଉଠାଇଥିଲା। ଏହି ଅର୍ଥ ୨୦୧୯ ଏପ୍ରିଲରୁ ୨୦୨୧ ମାର୍ଚ୍ଚ ପର୍ଯ୍ୟନ୍ତ ବ୍ୟାଙ୍କରେ ଜମା ରହିବା ଫଳରେ ସୁଧ ବାବଦକୁ ଏବେ ୧ ଲକ୍ଷ ୪୧ ହଜାର ଟଙ୍କା ମିଳିଛି। ଏହି ସୁଧ ଅର୍ଥ ବ୍ଲକ ଆକାଉଣ୍ଟରେ ରଖାଯିବ ନା ପଞ୍ଚାୟତଗୁଡିକୁ ସମାନ ଭାବେ ବଣ୍ଟାଯିବ, ତାହାକୁ ନେଇ ବିବାଦ ଦେଖାଦେଇଛି। କାରଣ ଅନେକ ସରପଞ୍ଚ ସୁଧ ଅର୍ଥ ବଣ୍ଟନ ପାଇଁ ବ୍ଲକ ପ୍ରଶାସନ ଉପରେ ଚାପ ପକାଉଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି। ୨ ମାସ ହେବ ଅଡିଟର ଅର୍ଥ ଜମା ରଖାଯିବା ଉପରେ ମନ୍ତବ୍ୟ ଦେଇଥିଲେ ସୁଦ୍ଧା ସେ ସମ୍ପର୍କିତ ଚିଠି ତାଙ୍କ ଦୃଷ୍ଟିକୁ ଅଣାଯାଇନାହିଁ ବୋଲି ବିଡିଓ ରାଜୀବ ଲୋଚନ ପରିଡ଼ା କହିଛନ୍ତି। କାରଣ ପରିଡ଼ା ୨୦୨୦ ଜାନୁୟାରୀରୁ ଏହି ବ୍ଲକରେ ବିଡିଓ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ତଥାପି ୨୩ ଲକ୍ଷ ଟଙ୍କା ଜମା ସଂକ୍ରାନ୍ତରେ ତାଙ୍କୁ କିଛି କୁହା ନ ଯିବା ପଛର କାରଣ ସମ୍ପର୍କରେ ତଦନ୍ତ କରାଯିବା ପାଇଁ ସାଧାରଣରେ ଦାବି ହେଉଛି। କଟକ ଜିଲାର ଏହି ବ୍ଲକରେ ପିଠା ଅର୍ଥ ବଣ୍ଟନ ନ ହେବା ସମ୍ପର୍କରେ ଲୋକାଲ ଫଣ୍ଡ ଅଡିଟ୍ ଧରିଛି। ଅଧସ୍ତନ କର୍ମଚାରୀମାନେ ଅଡିଟ୍ ରିପୋର୍ଟ ସମ୍ପର୍କରେ ଜଣାଉ ନ ଥିବା ବିଡିଓ ପରିଡା ସ୍ୱୀକାର କରିଛନ୍ତି।

## ଲୋକଙ୍କୁ ମାସ୍କ ବାଣ୍ଟି ସଚେତନ

ଖୁଣ୍ଟୁଣୀ,୧।୬(ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ସପ୍ତମ ବର୍ଷ ପୂର୍ତ୍ତି ଅବସରରେ ଡାଳଭାଗ ଓ କଣ୍ଡରେଇ ପଞ୍ଚାୟତରେ ଭାଜପା ପକ୍ଷରୁ ସେବା ହିଁ ସଂଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କରୋନାକୁ ପ୍ରତିହତ କରିବା ପାଇଁ ଉଭୟ ପଞ୍ଚାୟତର ବିଭିନ୍ନ ୱାର୍ଡ ବିଶୋଧନ କରାଯିବା ସହ ଲୋକଙ୍କୁ ମାସ୍କ ବଣ୍ଟନ କରାଯାଇ ସଚେତନ କରାଯାଇଥିଲା। ଭାଜପା ନେତା ବ୍ରଜେନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନ ଓ ଖୁଣ୍ଟୁଣୀ ମଣ୍ଡଳ ସଭାପତି ସୁଶାନ୍ତ କୁମାର ଦଳେଇଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

## କୋଇଲା ଗାଡ଼ି ଜବତ: ଚାଳକ ଗିରଫ

ଖୁଣ୍ଟୁଣୀ,୩।୬(ଡି.ଏନ.ଏ.)



୫୫ନଂ. ଜାତୀୟ ରାଜପଥର ବଉଳଛକ ନିକଟରୁ ବୁଧବାର ବିଳମ୍ବିତ ରାତିରେ ଖୁଣ୍ଟୁଣୀ ବନ ବିଭାଗ ଚୋରା କାଠକୋଇଲା ବୋଝେଇ ଏକ ମିନିଟ୍ରକ (ନଂ.ଓଡି ୦୫ଏଆର-୬୦୩୮) ଜବତ କରିଛି। ଏହି ଘଟଣାରେ ଚାଳକ ଚୌଦ୍ୱାର ଥାନା ଅଧୀନ ବାଣୀପଦା ଗ୍ରାମର ସଂଗ୍ରାମ ସ୍ୱାଇଁଙ୍କୁ ଗିରଫ କରିଛି। ଚଢ଼ାଉବେଳେ ଗାଡି ଭିତରେ ଥିବା ଦୁଇଜଣ ବ୍ୟବସାୟୀ ଫେରାର ହୋଇଯାଇଛନ୍ତି। ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ର ସିଂ ପାଲ୍ ମାଥୁରଙ୍କ ସୂଚନା ଅନୁଯାୟୀ, ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖଣ୍ଡୁଆଳି ଗ୍ରାମରୁ ଉକ୍ତ ଗାଡ଼ିରେ କୋଇଲା ବୋଝେଇ ହୋଇ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ବନ ବିଭାଗ କର୍ମଚାରୀମାନେ ଅଟକାଇଥିଲେ। ଯାଞ୍ଚବେଳେ ସେଥିରେ ୩୦ ବସ୍ତା କାଠକୋଇଲା ଥିବା ଜଣାପଡିଥିଲା। ଜବତ କୋଇଲାର ଆନୁମାନିକ ମୂଲ୍ୟ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ମାଥୁର୍ କହିଛନ୍ତି। ଏ ନେଇ ଖୁଣ୍ଟୁଣୀ ବନାଞ୍ଚଳ କାର୍ଯ୍ୟାଳୟରେ କେସ୍(ନଂ. ଓଆର ୧୩କେ ୨୦୨୧/୨୨) ରୁଜୁ ହୋଇଛି।

## ସୁପ୍ରିମକୋର୍ଟଙ୍କ ରାୟକୁ ମାନିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୩।୬(ବ୍ୟୁରୋ)

**ସ୍କୁଲ୍ ଫି' ଛାଡ଼ ପ୍ରସଙ୍ଗ**

କରୋନା କାଳରେ ଘରୋଇ ସ୍କୁଲର ଛାତ୍ରୀଛାତ୍ରଙ୍କ ଫି' ଛାଡ଼କୁ ନେଇ ସୁପ୍ରିମ୍‌କୋର୍ଟଙ୍କ ରାୟକୁ ଆଧାର କରି ରାଜ୍ୟ ସରକାର ଗୁରୁବାର ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଯେଉଁ ସ୍କୁଲଗୁଡ଼ିକ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥିବା ଏମ୍‌ଓୟୁରେ ସ୍ୱାକ୍ଷର କରିଥିବେ ସେମାନେ ସରକାରଙ୍କ ଜାନୁୟାରୀ ୯ତାରିଖରେ ପ୍ରକାଶିତ ବିଜ୍ଞପ୍ତିକୁ ମାନିବେ। ଏହାବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଘରୋଇ ସ୍କୁଲ ୨୦୧୯-୨୦ ଶିକ୍ଷା ବର୍ଷରେ ଆଦାୟ କରିଥିବା ଦେୟର ୧୫% ରିହାତିରେ ପିଲାଙ୍କ ଠାରୁ ୨୦୨୦-୨୧ ଶିକ୍ଷା ବର୍ଷରେ ଫି' ଆଦାୟ କରିବେ। ଯେଉଁ ଅଭିଭାବକମାନେ ପୂର୍ବରୁ ସମସ୍ତ ଦେୟ ପୈଠ କରିସାରିଥିବେ, ସେମାନଙ୍କ ପାଇଁ ଉକ୍ତ ରିହାତି ଫି' ପରବର୍ତ୍ତୀ ଦେୟରୁ କାଟି ଦିଆଯିବାକୁ ନିର୍ଦ୍ଦେଶ ରହିଛି। ଏପରି କି ଯେଉଁ ଛାତ୍ରୀଛାତ୍ରମାନେ ଦଶମ ଓ ଦ୍ୱାଦଶ ପରୀକ୍ଷା ଦେବାକୁ ଥିବେ, ସେମାନଙ୍କୁ ୨୦୨୦-୨୧ ଶିକ୍ଷା ବର୍ଷରେ ସ୍କୁଲ ଦେୟ ଦେଇ ନ ଥିବା କାରଣ ଦର୍ଶାଇ ବିଦ୍ୟାଳୟ କର୍ତ୍ତୃପକ୍ଷ ପାଠପଢ଼ାରୁ ନିବୃତ୍ତ କରିପାରିବେ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିକୁ ସମସ୍ତ ଘରୋଇ ବିଦ୍ୟାଳୟର ପରିଚାଳନା କର୍ତ୍ତୃପକ୍ଷ ଏବଂ ଅଭିଭାବକ ସଂଘ ମାନିବାକୁ ନିର୍ଦ୍ଦେଶ ରହିଛି। ଅପରପକ୍ଷରେ ଓଡ଼ିଶା ଅଭିଭାବକ ମହାସଂଘ ରାଜ୍ୟ ସରକାରଙ୍କ ଏହି ବିଜ୍ଞପ୍ତିକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛି। ମହାସଂଘର କହିବା ଅନୁଯାୟୀ କେଉଁ ଫି 'ଉପରେ ଦେୟ ଛାଡ଼ ହେବ ତାହା ପ୍ରଥମେ ସରକାର ନିଶ୍ଚିତ କରନ୍ତୁ। ଏପରି କି ସ୍କୁଲ ଖୋଲିବା ପର୍ଯ୍ୟନ୍ତ ଏହି ବିଜ୍ଞପ୍ତି କାର୍ଯ୍ୟ କରିବା କଥା, ଏହାକୁ ନ ଲେଖି ୨୦୨୧-୨୨ରୁ ସମ୍ପୂର୍ଣ୍ଣ ଫି' ଆଦାୟ କରିବାକୁ କିପରି କୁହାଯାଇଛି। ଏଥିସହ ୧୯୯୬ ରିଜୋଲ୍ୟୁଶନ ଅନୁସାରେ ସ୍କୁଲ ସୁବିଧା ଦେଖି ରାଜ୍ୟ ସରକାର ଫି' ଘୋଷଣା କରନ୍ତୁ ଏବଂ ତା'ର ୧୫% କାଟନ୍ତୁ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

## ଦିବ୍ୟାଙ୍ଗ, କିନ୍ନରଙ୍କ ପାଇଁ ଟିକାକରଣ ବ୍ୟବସ୍ଥା

କଟକ ଅଫିସ,୩।୬

ସହରରେ କରୋନା ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ଟିକାକରଣକୁ ବ୍ୟାପକ କରାଯାଉଛି । ଜିଲା ପ୍ରଶାସନ, ସାମାଜିକ ସୁରକ୍ଷା ବିଭାଗ ଓ ସିଏମ୍‌ସିର ମିଳିତ ଉଦ୍ୟମରେ ଗୁରୁବାର ଦିବ୍ୟାଙ୍ଗ, ବୃଦ୍ଧାବୃଦ୍ଧ ଏବଂ କିନ୍ନରଙ୍କ ପାଇଁ ଟିକାକରଣ ବ୍ୟବସ୍ଥା କରାଯାଇଥିଲା। ମତ୍ତଗଜପୁରର ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟଠାରେ ୩୭ ଜଣ କିନ୍ନର, ସିଡିଏସ୍ଥିତ ଆଶ୍ରୟ ଦି ସେଲ୍‌ଟରଠାରେ ୫୦ ଜଣ ଦିବ୍ୟାଙ୍ଗ ଓ ନରାଜସ୍ଥିତ ଶ୍ରଦ୍ଧା ବୃଦ୍ଧା ଆଶ୍ରମରେ ୬ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ମିଶ୍ର, ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଫିସର ପରେଶ କୁମାର ନାୟକ ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ। ସେହିଭଳି ସିଏମ୍‌ସି ପକ୍ଷରୁ ୬୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏବଂ ଦିବ୍ୟାଙ୍ଗଙ୍କ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନଙ୍କୁ ଘରୁ ଟିକାକରଣ କେନ୍ଦ୍ରକୁ ନିଆଯାଉଛି। ସେଠାରେ ଟିକା ଦିଆଯିବା ପରେ ପୁନର୍ବାର ଘରେ ଆଣି ଛାଡି ଦିଆଯାଉଛି। ଏଥିପାଇଁ ସିଏମ୍‌ସି ପକ୍ଷରୁ ଏକ ନମ୍ବର ୯୭୭୭୦୬୭୨୯୭ ଜାରି କରାଯାଇଛି। ଏହି ନମ୍ବରରେ ଟିକା ନେବା ପାଇଁ ଆବେଦନ କରିପାରିବେ। ଏହି ବ୍ୟବସ୍ଥା ସୋମବାରରୁ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ଗୁରୁବାର ସିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।



ସିଡ଼ିଏସ୍ଥିତ ଆଶ୍ରୟ ଦି ସେଲ୍ଟର ପରିସରରେ ଜଣେ ଦିବ୍ୟାଙ୍ଗଙ୍କୁ କୋଭିଡ୍ ଟିକା ଦିଆଯାଉଛି।

## ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

କଟକ ଅଫିସ,୩।୬

ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ବିକାଶ ଏବଂ କୋଭିଡ୍ ହସ୍ପିଟାଲଗୁଡିକରେ ଅବ୍ୟବସ୍ଥା ଦୂର କରିବାକୁ ଏଆଇୟୁଟିୟୁସି ପକ୍ଷରୁ ଦାବି କରାଯାଇଛି। ଏ ନେଇ ସଙ୍ଗଠନ ପକ୍ଷରୁ ଗୁରୁବାର ଜିଲାରେ ଓଡ଼ିଶା ଦାବି ଦିବସ ପାଳିତ ହୋଇଥିଲା। ଏଥିସହ ୫ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଅନ୍‌ଲାଇନ୍‌ରେ ପଠାଯାଇଛି। ଅତ୍ୟାବଶ୍ୟକ ଚିକିତ୍ସା, ଔଷଧ ଓ ସ୍ୱାସ୍ଥ୍ୟକର୍ମୀ ଯୋଗାଇବା, କୋଭିଡ୍ ଟିକାକରଣ, ଶ୍ରମିକଙ୍କୁ ମାସିକ ୭୫୦୦ ଟଙ୍କା କରୋନା ସହାୟତା, ପେଟ୍ରୋଲ, ଡିଜେଲ୍, ରନ୍ଧନ ଗ୍ୟାସ ଦର ବୃଦ୍ଧି ନିୟନ୍ତ୍ରଣ କରିବାକୁ ଦାବିପତ୍ରରେ ଦର୍ଶାଯାଇଛି। ସରକାର ଦାବି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଏଆଇୟୁଟିୟୁସି ପକ୍ଷରୁ ଚେତାବନୀ ଦିଆଯାଇଛି। ଏଆଇୟୁଟିୟୁସି କଟକ ଜିଲା ସମ୍ପାଦକ ରାଜକିଶୋର ମଲ୍ଲିକ, ଖଗେଶ୍ୱର ସେଠୀ, ପାଭେଲ୍ ପ୍ରିୟଦର୍ଶନ, ସସ୍ମିତା ମହାନ୍ତି, ଦୀପକ ଦାସ, ସ୍ୱାଧୀନ ବେହେରା, ପରମାନନ୍ଦ ସେଠୀ ପ୍ରମୁଖ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ଟାଙ୍ଗୀ (ଖୋର୍ଦ୍ଧା),୩।୬(ଡି.ଏନ୍.ଏ.):** ୧୬ ନଂ. ଜାତୀୟ ରାଜପଥ ଚାନ୍ଦପୁର ଥାନା ଅନ୍ତର୍ଗତ ଅସକୋଇ ଖୋଲ ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ଚମ୍ପାଗଡ଼ ଗ୍ରାମର ବସନ୍ତ ରଥ। ଏହି ବ୍ୟକ୍ତି ଜଣକ ଏକ ମନ୍ଦିରରୁ ପୂଜାପାଠ ସାରି ସାଇକେଲରେ ଗାଁକୁ ଫେରୁଥିଲେ। ଅସକୋଇ ଖୋଲ ଛକରେ ପଛପଟୁ ଦ୍ରୁତଗତିରେ ଆସୁଥିବା ଏକ ଟାଟା ଏସିଇ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ସେ ଛିଟିକି ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ନାବାଳକ ସହ ୨ ବାଇକ ଚୋର ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୩।୬(ଡି.ଏନ୍.ଏ.):** ଟାଙ୍ଗୀ ଥାନା ଅନ୍ତର୍ଗତ ସୋରଣ ବଜାରରେ ୨ ବ୍ୟକ୍ତି ନିଜ ବାଇକ୍ ରଖି ଜିନିଷପତ୍ର କିଣୁଥିବା ବେଳେ ୨ ଚୋର ଆସି ବାଇକ୍ ୨ଟିକୁ ନେଇ ପଳାଇଥିଲେ। ଏ ସମ୍ପର୍କରେ ୨ ବାଇକ୍ ଆରୋହୀ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଜଣେ ନାବାଳକ ସହ ୨ ବାଇକ୍ ଚୋରଙ୍କୁ ଧରିବାରେ ସଫଳ ହୋଇଛି। ଏହି ୨ ଚୋର ବିଭିନ୍ନ ସମୟରେ ଲୁଟ୍‌ପାଟ କରିଥିବା ତଦନ୍ତ ସମୟରେ ଜଣାପଡ଼ିଛି।

### ଆହତ ଷଣ୍ଢକୁ ଉଦ୍ଧାର କଲେ ଯୁବଗୋଷ୍ଠୀ

**ଜଟଣୀ,୩।୬(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଲୋକେ କଲୋନୀର କେତେଜଣ ଯୁବକ ଏକ ଗୁରୁତର ଆହତ ଷଣ୍ଢକୁ ଉଦ୍ଧାର କରି ଚିକିତ୍ସା କରାଇଛନ୍ତି। ୨୦ଦିନ ତଳେ ଏକ ଷଣ୍ଢ ଖୋର୍ଦ୍ଧା ରୋଡ ରେଳ ଷ୍ଟେଶନ(ଜଟଣୀ) ରେଳଧାରଣା ଉପରକୁ ଚାଲିଯାଇଥିଲା। ଟ୍ରେନ ଧକ୍କାରେ ଷଣ୍ଢଟିର ଆଗ ପଟ ଡାହାଣ ଗୋଡଟି କଟିଯାଇଥିଲା। ଆହତ ଷଣ୍ଢଟିକୁ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଉଦ୍ଧାର କରି ଜଟଣୀ ପ୍ରାଣୀ ଚିକିତ୍ସାଳୟକୁ ନେଇ ଚିକିତ୍ସା କରାଇଥିଲେ। କିନ୍ତୁ ଗୋଡ଼ ଅପରେଶନ କରିବାକୁ ହେବ ଜଣାଇବାରୁ ଯୁବକମାନେ ଭୁବନେଶ୍ୱର ଓୟୁଏଟି ଚିକିତ୍ସାଳୟ ସହ ଯୋଗାଯୋଗ କରି ଷଣ୍ଢଟିର ଗୋଡ ଅପରେଶନ କରିଥିଲେ। ତଥାପି ଷଣ୍ଢଟି ଏକ ବାରଣ୍ଡାରେ ପଡିରହିଥିଲା। ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ନ କରିବାରୁ ବୁଧବାର ଦିଲୀପ ପ୍ରଧାନ, ବସନ୍ତ ଜାଲି, ସତ୍ୟ ପାତ୍ର, କୈଳାସ ଜାଲି ଏବଂ ହିନ୍ଦୁ ଜାଗରଣ ମଞ୍ଚ ଜଟଣୀ ଶାଖାର ଦୀପ୍ତିସୁନ୍ଦର ରାଉତରାୟ ଏବଂ ସଞ୍ଜିତ୍ ପାଢ଼ଶାଣୀଙ୍କ ସହଯୋଗରେ ଷଣ୍ଢଟିକୁ ଭୁବନେଶ୍ୱର ଜାଗମରାସ୍ଥ ଗୋଶାଳାକୁ ସ୍ଥାନାନ୍ତର କରାଯାଇଛି।

### ଲେଖିକା ମୀନାକ୍ଷୀ ଦେବୀଙ୍କ ଶେଷକୃତ୍ୟ ସମ୍ପନ୍ନ

**କଟକ ଅଫିସ,୩।୬:** ଲେଖିକା ତଥା ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦିକା ମୀନାକ୍ଷୀ ଦେବୀ (୬୬)ଙ୍କର ବୁଧବାର ପରଲୋକ ହୋଇଥିଲା। ଗୁରୁବାର ସକାଳେ ଅନୁଷ୍ଠାନ ସଭାପତି ତରୁଣ କୁମାର ସାହୁ ମୀନାକ୍ଷୀଙ୍କ ମରଶରୀର ଉପରେ ଉତ୍କଳ ସାହିତ୍ୟ ସମାଜର ପତାକା ଘୋଡାଇଥିଲେ। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ କଟକ ଖାନ୍‌ନଗର ଶ୍ମଶାନରେ ମୀନାକ୍ଷୀଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ଶାଶ୍ୱତ ତ୍ରିପାଠୀ ମୁଖାଗ୍ନି ଦେଇଥିଲେ।

# କୋଭିଡ୍ ସଂକ୍ରମଣ ହ୍ରାସ ଉପରେ ଗୁରୁତ୍ୱ

## ବିଡିଓ, ସରପଞ୍ଚମାନଙ୍କ ସହ କଥା ହେଲେ ଜିଲାପାଳ




**ଖୋର୍ଦ୍ଧା ଅଫିସ, ୩।୬**

ଖୋର୍ଦ୍ଧା ଜିଲାରେ କରୋନା ସଂକ୍ରମଣ କମାଇବା ପାଇଁ ଗୁରୁବାର ଜିଲାପାଳ ସନତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ବ୍ଲକର ବିଡିଓ ଏବଂ ସରପଞ୍ଚମାନେ ଯୋଗଦେଇଥିଲେ। କୋଭିଡ୍ ପଜିଟିଭ୍ ଅଧିକ ଥିବା ଯେଉଁ ବ୍ଲକ ଓ ପଞ୍ଚାୟତରେ ସଂକ୍ରମଣ ରୋକିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। କୋଭିଡ୍ ସଂକ୍ରମଣର ସାମାନ୍ୟ ଲକ୍ଷଣ ଥିବା ଲୋକେ ଘରେ ସଙ୍ଗରୋଧ ଭାବେ ରହି ଚିକିତ୍ସିତ ହୋଇପାରିବେ। ମାତ୍ର ଅଧିକ ସଂକ୍ରମିତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ କୋଭିଡ୍ କେୟାର ସେଣ୍ଟର ଏବଂ କୋଭିଡ୍ କେୟାର ହସ୍ପିଟାଲକୁ ନେବା ଉଚିତ। ଗ୍ରାମାଞ୍ଚଳରେ କୋଭିଡ୍ ନିୟମ ପାଳନ ଓ ସଚେତନତା ସୃଷ୍ଟି ସହ କଟକଣା ଉଲ୍ଲଂଘନକାରୀଙ୍କ ବିରୋଧରେ ପୋଲିସ ଓ ତହସିଲଦାରଙ୍କ ସହଯୋଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ସରପଞ୍ଚମାନଙ୍କୁ କହିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ଓ୍ୱାର୍ଡମେମ୍ବରମାନଙ୍କ ସହ ଯୋଗାଯୋଗ ରଖି କାର୍ଯ୍ୟ କରିବେ। ଖୋର୍ଦ୍ଧା ଏସ୍‌ପି ରାଜକିଶୋର ଦୋରା ବୈଠକରେ ଯୋଗଦେଇ ଲକ୍‌ଡାଉନ୍ ଓ କୋଭିଡ୍ ନିୟମ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ କହିଥିଲେ। ଓଡ଼ିଶା ବାହାରୁ ଆସୁଥିବା ପ୍ରବାସୀମାନେ ଟିଏମ୍‌ସିରେ ରହିବା, କୋଭିଡ୍ ଟେଷ୍ଟିଂ, ସଂକ୍ରମିତ ଅଞ୍ଚଳରେ ସାନିଟାଇଜ୍ କରିବା ନେଇ ସରପଞ୍ଚମାନେ ଆଲୋଚନା କରିଥିଲେ। ହାଟ ବଜାରରେ ଗହଳି କମ୍ କରିବା, କୋଭିଡ୍ ନିୟମ ପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ଗ୍ରାମାଞ୍ଚଳରେ କୋଭିଡ୍ ପଜିଟିଭ୍ ହାର କ୍ରମଶଃ କମୁଛି ବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅନୁଜ କୁମାର ଦାସପଟ୍ଟନାୟକ, ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ମନୋଜ କୁମାର ପାତ୍ରୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଖୋର୍ଦ୍ଧା ଉପଜିଲାପାଳ ଅଶୋକ କୁମାର ବେଉରିଆ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶଶିକାନ୍ତ ରାୟ ପ୍ରମୁଖ ଯୋଗ ଦେଇଥିଲେ।

## ଖୋର୍ଦ୍ଧା ଗ୍ରାମାଞ୍ଚଳ: ଆଉ ୨୭୭ ଆକ୍ରାନ୍ତ

**ଖୋର୍ଦ୍ଧା ଅଫିସ,୩।୬**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଗୁରୁବାର ୨୭୭ ପଜିଟିଭ ଚିହ୍ନଟ ଓ ୧୫୯ ଜଣ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ବାଲିଅନ୍ତାରୁ ୩୫, ବାଲିପାଟଣା୧୯, ଭୁବନେଶ୍ୱର ୪୧, ଜଟଣୀ ୩୫, ଖୋର୍ଦ୍ଧା ୩୬ ବେଗୁନିଆ ୨୫, ବୋଲଗଡ ୩୧, ଟାଙ୍ଗୀ ୨୫, ଚିଲିକା ୧୨ ଏବଂ ବାଣପୁରରୁ ୧୮ ରହିଛନ୍ତି। ଜିଲା ପ୍ରଶାସନ ତଥ୍ୟ ଅନୁଯାୟୀ, ୩୫୧୯୫୩ ନମୁନା ମଧ୍ୟରୁ ୨୧୯୮୫ ପଜିଟିଭ ଚିହ୍ନଟ ଓ ୨୦୫୩୧ ସୁସ୍ଥ ହୋଇଛନ୍ତି। ୬୮ପ୍ରାଣ ହରାଇଥିବାବେଳେ ୧୩୮୬ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି। ସେହିପରି ଖୋର୍ଦ୍ଧା ସବ୍‌ଡିଭିଜନରେ ୪୬୫୪ ପଜିଟିଭ ଚିହ୍ନଟ ଓ ୩୭୦୬ ସୁସ୍ଥ ହୋଇଛନ୍ତି। କୋଭିଡ୍‌ରେ ୯ଜଣଙ୍କ ମୃତ୍ୟୁ ଘଟିଛି। ୯୩୯ ସକ୍ରିୟ ସଂକ୍ରମିତଙ୍କ ମଧ୍ୟରୁ ୭୭୧ଜଣ ଘରୋଇ ସଙ୍ଗରୋଧ ଓ ୧୬୭ କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ଥିବା ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ୍ କରି ଜଣାଇଛନ୍ତି।

# ସୁପ୍ରିମକୋର୍ଟଙ୍କ ରାୟ ମାନିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ

## ସ୍କୁଲ ଫି' ଛାଡ଼ ପ୍ରସଙ୍ଗ

**ଭୁବନେଶ୍ୱର, ୩।୬(ବ୍ୟୁରୋ)**

କରୋନା କାଳରେ ଘରୋଇ ସ୍କୁଲର ଛାତ୍ରୀଛାତ୍ରଙ୍କ ଫି' ଛାଡ଼କୁ ନେଇ ସୁପ୍ରିମ୍‌କୋର୍ଟଙ୍କ ରାୟକୁ ଆଧାର କରି ରାଜ୍ୟ ସରକାର ଗୁରୁବାର ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଯେଉଁ ସ୍କୁଲଗୁଡ଼ିକ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥିବା ଏମ୍‌ଓୟୁରେ ସ୍ୱାକ୍ଷର କରିଥିବେ ସେମାନେ ସରକାରଙ୍କ ଜାନୁୟାରୀ ୯ତାରିଖରେ ପ୍ରକାଶିତ ବିଜ୍ଞପ୍ତିକୁ ମାନିବେ। ଏହାବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଘରୋଇ ସ୍କୁଲ ୨୦୧୯-୨୦ ଶିକ୍ଷା ବର୍ଷରେ ଆଦାୟ କରିଥିବା ଦେୟର ୧୫% ରିହାତିରେ ପିଲାଙ୍କ ଠାରୁ ୨୦୨୦-୨୧ ଶିକ୍ଷା ବର୍ଷରେ ଫି' ଆଦାୟ କରିବେ। ଯେଉଁ ଅଭିଭାବକମାନେ ପୂର୍ବରୁ ସମସ୍ତ ଦେୟ ପୈଠ କରିସାରିଥିବେ, ସେମାନଙ୍କ ପାଇଁ ଉକ୍ତ ରିହାତି ଫି' ପରବର୍ତ୍ତୀ ଦେୟରୁ କାଟି ଦିଆଯିବାକୁ ନିର୍ଦ୍ଦେଶ ରହିଛି। ଏପରି କି ଯେଉଁ ଛାତ୍ରୀଛାତ୍ରମାନେ ଦଶମ ଓ ଦ୍ୱାଦଶ ପରୀକ୍ଷା ଦେବାକୁ ଥିବେ, ସେମାନଙ୍କୁ ୨୦୨୦-୨୧ ଶିକ୍ଷା ବର୍ଷରେ ସ୍କୁଲ ଦେୟ ଦେଇ ନ ଥିବା କାରଣ ଦର୍ଶାଇ ବିଦ୍ୟାଳୟ କର୍ତ୍ତୃପକ୍ଷ ପାଠପଢ଼ାରୁ ନିବୃତ୍ତ କରିପାରିବେ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିକୁ ସମସ୍ତ ଘରୋଇ ବିଦ୍ୟାଳୟର ପରିଚାଳନା କର୍ତ୍ତୃପକ୍ଷ ଏବଂ ଅଭିଭାବକ ସଂଘ ମାନିବାକୁ ନିର୍ଦ୍ଦେଶ ରହିଛି। ଅପରପକ୍ଷରେ ଓଡ଼ିଶା ଅଭିଭାବକ ମହାସଂଘ ରାଜ୍ୟ ସରକାରଙ୍କ ଏହି ବିଜ୍ଞପ୍ତିକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛି। ମହାସଂଘର କହିବା ଅନୁଯାୟୀ କେଉଁ ଫି 'ଉପରେ ଦେୟ ଛାଡ଼ ହେବ ତାହା ପ୍ରଥମେ ସରକାର ନିଶ୍ଚିତ କରନ୍ତୁ। ଏପରି କି ସ୍କୁଲ ଖୋଲିବା ପର୍ଯ୍ୟନ୍ତ ଏହି ବିଜ୍ଞପ୍ତି କାର୍ଯ୍ୟ କରିବା କଥା, ଏହାକୁ ନ ଲେଖି ୨୦୨୧-୨୨ରୁ ସମ୍ପୂର୍ଣ୍ଣ ଫି' ଆଦାୟ କରିବାକୁ କିପରି କୁହାଯାଇଛି। ଏଥିସହ ୧୯୯୬ ରିଜୋଲ୍ୟୁଶନ ଅନୁସାରେ ସ୍କୁଲ ସୁବିଧା ଦେଖି ରାଜ୍ୟ ସରକାର ଫି' ଘୋଷଣା କରନ୍ତୁ ଏବଂ ତା'ର ୧୫% କାଟନ୍ତୁ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

# ପଞ୍ଚାୟତ ଅଫିସ୍ ଆଗରେ ଖାଉଟିଙ୍କ ଧାରଣା



ରାଶନ ସାମଗ୍ରୀ ବଣ୍ଟନରେ ଓଜନ କମ୍ ରହୁଥିବା ଅଭିଯୋଗ କରି ଖାଉଟିମାନେ ପଞ୍ଚାୟତ ଅଫିସ ଆଗରେ ଧାରଣା ଦେଇଛନ୍ତି।

## ରାଶନ ସାମଗ୍ରୀ ବାଟମାରଣା ଅଭିଯୋଗ

**ବେଗୁନିଆ,୩।୬(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡ଼ା ପଞ୍ଚାୟତ ଠଣାପଲୀ ଗ୍ରାମରେ କେତେଜଣ ହିତାଧିକାରୀଙ୍କ ମାଗଣା ରାଶନ ସାମଗ୍ରୀ ବାଟମାରଣା କରାଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ସୁଫଳ ନ ମିଳିବାରୁ ଖାଉଟୀମାନେ ଗୁରୁବାର ପଞ୍ଚାୟତ ଅଫିସ ସମ୍ମୁଖରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ଧାରଣାରେ ବସିଥିଲେ। ହେଲେ ପ୍ରଶାସନ ପକ୍ଷରୁ ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ଦେବା ବଦଳରେ କ୍ଷମତା ବଳରେ ନାନା ପ୍ରକାର ଧମକ ଦିଆଯାଇ ହଟେଇ ଦିଆଯାଇଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ଶେଷରେ ହିତାଧିକାରୀ ସାମଗ୍ରୀ ନ ନେଇ ଖାଲି ହାତରେ ଘରକୁ ଫେରିଛନ୍ତି। ପ୍ରକାଶଥାଉକି, ସରକାରଙ୍କ ପକ୍ଷରୁ ଗରିବ ଲୋକଙ୍କୁ ପ୍ରତି ମାସକୁ ଥରେ ମୁଣ୍ଡ ପିଛା ୫କେଜିର ଚାଉଳ ବଣ୍ଟନ ସହ ଜରୁରିକାଳୀନ ପରିସ୍ଥିତି ଅବା ବିପର୍ଯ୍ୟୟ ସମୟରେ ମଧ୍ୟ ମାଗଣାରେ ରାଶନ ସାମଗ୍ରୀ ବଣ୍ଟନ କରାଯିବାର ବ୍ୟବସ୍ଥା ରହିଛି। ଏହାର ଗୁରୁଦାୟିତ୍ୱ ଯୋଗାଣ ବିଭାଗକୁ ଦିଆଯାଇଛି। ହେଲେ ଯୋଗାଣ ବିଭାଗ ପକ୍ଷରୁ ନାନା ବ୍ୟତିକ୍ରମ କରାଯାଉଥିବା ନେଇ ଏହି ପଞ୍ଚାୟତର ଠଣାପଲୀ ଗ୍ରାମର ହିତାଧିକାରୀ ଅଭିଯୋଗ କରିଛନ୍ତି। କୋଭିଡ୍ ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ରାଶନ ସାମଗ୍ରୀ ରାଉତପଡା ପଞ୍ଚାୟତ ପାଇଁ କିଛିଦିନ ହେଲା ବଣ୍ଟନ କରାଯାଉଛି। ଗୁରୁବାର ସକାଳ ୭ଟାରୁ ଠଣାପଲୀ ଖାଉଟିଙ୍କ ପାଇଁ ମାଗଣା ସାମଗ୍ରୀ ଦିଆଯାଉଥିଲା। ହେଲେ ଧାର୍ଯ୍ୟ ଓଜନଠାରୁ କମ୍ ପରିମାଣ ଥିବାର ହିତାଧିକାରୀମାନେ ଜାଣିବାକୁ ପାଇଥିଲେ। ଏ ନେଇ ଯୋଗାଣ ସହାୟକଙ୍କୁ ସେଠାରେ ଅଭିଯୋଗ କରିଥିଲେ। ଏହାସହ ମାଗଣା ସାମଗ୍ରୀ ବଣ୍ଟନ ସମୟରେ ଏଭଳି ବାରମ୍ବାର କରାଯାଉଛି ବୋଲି ଖାଉଟିମାନେ ପ୍ରତିବାଦ କରିଥିଲେ। ମାତ୍ର ସେମାନଙ୍କ ଅଭିଯୋଗକୁ ଯୋଗାଣ ସହାୟକ ଖଣ୍ଡନ କରିଥିଲେ। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ଦାସ କହିଛନ୍ତି, ଆମ ନିକଟକୁ କୌଣସି ଅଭିଯୋଗ ଆସିନାହିଁ। ତଥାପି ଏହାର ତଦନ୍ତ କରି ପ୍ରମାଣ ମିଳିବା ପରେ ପଦକ୍ଷେପ ନିଆଯିବ।

# ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ

**ପୁରୁଣା ଭୁବନେଶ୍ୱର,୩।୬(ଡି.ଏନ୍.ଏ.)**

ଆସନ୍ତା ୧୬ ତାରିଖ ବୁଧବାର ଶୀତଳଷଷ୍ଠୀ ଯାତ୍ରା। ଗତବର୍ଷ କୋଭିଡ୍-୧୯ ପାଇଁ ବନ୍ଦ ଥିବା ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ଯାତ୍ରା ଚଳିତବର୍ଷ ମଧ୍ୟ ହେବ କି ନାହିଁ ଆଶା ଆଶଙ୍କାରେ ରହିଛି। ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ମନ୍ଦିର ପ୍ରଶାସନ ଉଦ୍ୟମ ପୂର୍ବକ ଗୁରୁବାର ଏକ ପ୍ରସ୍ତୁତି ବୈଠକ କରାଯାଇ ବିଭିନ୍ନ ପ୍ରସ୍ତାବ ନିଆଯାଇଛି। ମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ସମସ୍ତ ନିଯୋଗ ପ୍ରମୁଖଙ୍କ ସହ ମନ୍ଦିର ବୋର୍ଡ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ବିନା ଭକ୍ତରେ, କୋଭିଡ୍ କଟକଣା ମଧ୍ୟରେ ଶ୍ରୀଜୀଉଙ୍କ ଚଳିତବର୍ଷର ଶୀତଳଷଷ୍ଠୀ ଯାତ୍ରା କରିବାକୁ ବିଏମ୍‌ସି ଅଧିକାରୀଙ୍କ ନିକଟକୁ ପ୍ରସ୍ତାବ ସମ୍ବଳିତ ଚିଠି ଦିଆଯାଇଛି। ବିଏମ୍‌ସି ଅନୁମତି ପ୍ରଦାନ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଦାଶ ସୂଚନା ଦେଇଛନ୍ତି।

## କ୍ଲିନିକ୍‌ରୁ ଯୁବତୀଙ୍କ ମୃତଦେହ ଜବତ

**ଭୁବନେଶ୍ୱର(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର,୩।୬(ଡି.ଏନ୍.ଏ.)**

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଭୀମଟାଙ୍ଗୀସ୍ଥିତ ଏକ ଘରୋଇ କ୍ଲିନିକରୁ ଗୁରୁବାର ଜଣେ ଯୁବତୀଙ୍କ ମୃତଦେହ ମିଳିଛି । ସେ ହେଲେ ଏହି ଥାନା ଅନ୍ତର୍ଗତ କେଳାସାହିର ମାମାଲି ଜେନା (୧୯)। କ୍ଲିନିକର ଏକ କୋଠରିରେ ଫ୍ୟାନରେ ଓଢଣୀ ଦ୍ୱାରା ମାମାଲି ଝୁଲୁଥିବା ଦେଖି ଡାକ୍ତର ଓ ତାଙ୍କ ବଡ ଭଉଣୀ ଉଦ୍ଧାର କରି ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଘଟଣା ସମ୍ପର୍କରେ ବୁଝିବା ସହ ଏକ ଅପମୃତ୍ୟୁ ମାମଲା ନଂ.୧୮/୨୧ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣା ବିଷୟରେ ଅଧିକ ଜାଣିହେବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ମାମାଲି ଓ ତାଙ୍କ ବଡ ଭଉଣୀ କିଛିଦିନ ହେବ ଭୀମଟାଙ୍ଗୀସ୍ଥିତ ଉକ୍ତ କ୍ଲିନିକ୍‌ରେ ରହି କାମ କରୁଥିଲେ। ତେବେ ଦୁଇ ଭଉଣୀ କ୍ଲିନିକରେ ଥିବାବେଳେ ଡାକ୍ତରଙ୍କ ମା' ମାମାଲିଙ୍କୁ ପାଖ ଦୋକାନରୁ ଖାଇବା ତେଲ ଆଣିବାକୁ ପଠାଇଥିଲେ। ଦୋକାନରୁ ଫେରି ସେ କପଡ଼ା ବଦଳାଇବା ପାଇଁ କ୍ଲିନିକ୍‌ର ଏକ କୋଠରିକୁ ଯାଇ କବାଟ ବନ୍ଦ କରିଦେଇଥିଲେ। ତେବେ ବହୁ ସମୟ ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ଉକ୍ତ କ୍ଲିନିକର ଡାକ୍ତର ଓ ତାଙ୍କ ବଡ଼ ଭଉଣୀ କବାଟର ତାଲା ଭାଙ୍ଗିଥିଲେ। ଏହାପରେ ଫ୍ୟାନରେ ଝୁଲନ୍ତା ଅବସ୍ଥାରେ ଥିବା ମାମାଲିଙ୍କୁ ତୁରନ୍ତ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ।

# ତାଲାବନ୍ଦରେ ବେପାର କରି ଦଣ୍ଡ ଗଣିଲେ

**ନିରାକାରପୁର,୩।୬(ଡି.ଏନ୍.ଏ.)**

କରୋନା ଦ୍ୱିତୀୟ ଲହର ସଂକ୍ରମଣ ଯୋଗୁ ସରକାର ଲକ୍‌ଡାଉନ, ଶଟ୍‌ଡାଉନ୍ ଘୋଷଣା କରି ଜରୁରୀ ସାମଗ୍ରୀ ଦୋକାନକୁ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ନିରାକାରପୁର ଅଞ୍ଚଳରେ ଲକଡାଉନ ନିୟମକୁ ଫୁ କରି ରାସ୍ତାରେ ଉପରେ ଗୁପଚୁପ୍, ଦହିବରା ଏବଂ ଉଠା ଜଳଖିଆ ଦୋକାନ ଖୋଲି ବ୍ୟବସାୟ ଚଳାଉଥିବା ଦେଖିବାକୁ ମିଳିଛି। ସେହି ଦୋକାନଗୁଡ଼ିକରେ ଲୋକମାନେ ମାସ୍କ ନ ପିନ୍ଧିବା ସହ ସାମାଜିକ ଦୂରତ୍ୱ ରହୁ ନାହିଁ। ସ୍ଥାନୀୟ ପୋଲସ ବିକ୍ରି ହେଉଥିବା ରାସ୍ତାଦେଇ ବାରମ୍ବାର ଯାତାୟାତ କରୁଥିଲେ ମଧ୍ୟ ଏହାକୁ ତାଗିଦ୍ ନ କରି କେବଳ ହେଲ୍‌ମେଟ୍ ପିନ୍ଧି ନ ଥିବା ବ୍ୟକ୍ତି ଏବଂ ମାସ୍କ ପରିଧାନ କରି ନ ଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆଦୟ କରୁଛି । ହେଲେ ଏହି ଛୋଟ ଦୋକାନଗୁଡ଼ିକରେ ପ୍ରବଳ ଭିଡ଼ ରହିବା ସହ ସଂକ୍ରମଣ ହେବା ଆଶଙ୍କା ଥିଲେ ମଧ୍ୟ ପୋଲିସ ନଜର ଦେଉନାହିଁ। ଗୁରୁବାର ଦିନ କଲେଜ ଛକଠାରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଫାଟକ ପାଖରେ ନୂଆ ଜଗନ୍ନାଥ ସଡ଼କ କଡରେ ଗୁପଚୁପ ବିକ୍ରି ହେଉଥିବା ବେଳେ ଲେବୁଲ କ୍ରସିଂ ପାଖରେ ଦହିବରା ଏଭଳି ବିଭିନ୍ନ ଜଳଖିଆ ଓ ଚା ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଏ ନେଇ ସ୍ଥାନୀୟ ଥାନା ଏସ୍‌ଆଇ ବିଚିତ୍ରାନନ୍ଦ ପରିଡା କହିଛନ୍ତି, ଆମେ ସନ୍ଧ୍ୟାବେଳେ ଚାରିଆଡେ ପାଟ୍ରୋଲିଂ କରୁଥିବା ସମୟରେ କଲେଜ ଛକ ପାକରେ ଦେଖିବାକୁ ପାଇଲୁ ଗୋଟିଏ ଗୁପଚୁପ ଗାଡି ପାଖରେ ୧୫ରୁ ଊର୍ଦ୍ଧ୍ୱ ଠିଆ ହୋଇ ଗୁପଚୁପ ଖାଉଥିଲେ। ତାଙ୍କ ଠାରୁ ଜରିମାନା ଆଦାୟ କରିଛୁ।



ଲକ୍‌ଡାଉନ୍‌ରେ ଜଣେ ଗୁପ୍‌ଚୁପ୍ ଦୋକାନୀ ବିକ୍ରି କରୁଛନ୍ତି।

## ପୌର କର୍ମଚାରୀ ମାନୁନାହାନ୍ତି କଟକଣା

**ଜଟଣୀ,୩।୬(ଡି.ଏନ୍.ଏ.)**

ରାଜ୍ୟରେ କରୋନା ସଂକ୍ରମଣ ରୋକିବା ଲାଗି ସରକାର ଲକଡାଉନ୍ ଏବଂ ସପ୍ତାହାନ୍ତ ଶଟଡାଉନ ଜାରି କରିଛନ୍ତି। ଏଥିସହ ଜରୁରୀ କାମ ନ ଥିଲେ ବାହାରେ ନ ବୁଲିବା, ସବୁବେଳେ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରଖିବା ପାଇଁ କହିଛନ୍ତି। ଗ୍ରାମାଞ୍ଚଳରେ ମଧ୍ୟ ଏହି ନିୟମକୁ କଡ଼ାକଡ଼ା ମାନିବା ସହ ଲୋକଙ୍କୁ ସଚେତନ କରିବାକୁ ସ୍ଥାନୀୟ ଅଧିକାରୀ, ଅଙ୍ଗନୱାଡ଼ି, ଆଶା କର୍ମୀମାନଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏଭଳି ସମୟରେ ଜଟଣୀ ପୌର କାର୍ଯ୍ୟାଳୟର ୩ଜଣ କର୍ମଚାରୀ ବିନା ମାସ୍କ, ବିନା ହେଲ୍‌ମେଟ୍ ଏବଂ ଉପଯୁକ୍ତ ସାମାଜିକ ଦୂରତା ପାଳନ ନ କରି ଗୋଟିଏ ବାଇକ୍‌ରେ ସହରସାରା ବୁଲୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ପୋଲିସ ଏମାନଙ୍କଠାରୁ ଜରିମାନା ଆଦାୟ କରି କାର୍ଯ୍ୟାନୁଷ୍ଠାନ ନେଉ ବୋଲି ଆଲୋଚନା କରୁଛନ୍ତି। କରୋନା କାଳରେ ସାଧାରଣରେ ଯଦି କେହି ଅଜାଣତରେ ତ୍ରୁଟି କରୁଛି ତେବେ ତାହାଠାରୁ ଜୋରଜବରଦସ୍ତି ଫାଇନ୍ ଆଦାୟ ପ୍ରଶାସନ କରୁଥିବା ବେଳେ ଏଭଳି ଅମାନିଆ ପୌର କର୍ମଚାରୀଙ୍କ କ୍ଷେତ୍ରରେ କି ଦଣ୍ଡ ବ୍ୟବସ୍ଥା ପ୍ରଶାସନ ଗ୍ରହଣ କରୁଛି ଦେଖିବାର ବାକି ରହିଲା ବୋଲି ଆଲୋଚନା ହେଉଛି।

# ଅଢ଼େଇ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

- ୨ ଗିରଫ, କାର୍ ଓ ୩ ମୋବାଇଲ ଫୋନ୍ ଜବତ
- ଖୋର୍ଦ୍ଧାରେ ବଢ଼ୁଛି ଧଳାଜହର କାରବାର




**ଖୋର୍ଦ୍ଧା ଅଫିସ, ୩।୬**

କରୋନା ପାଇଁ ଲକ୍‌ଡାଉନ ଜାରି ରହିଥିବାବେଳେ ବିଭିନ୍ନ ଛକରେ ପୋଲିସ ବ୍ଲକିଂ ଓ ଚେକିଂରେ ବ୍ୟସ୍ତ। ଏହାର ଫାଇଦା ଉଠାଇ ନିଶା ବେପାରୀମାନେ ଖୋର୍ଦ୍ଧା ଅଞ୍ଚଳରେ କାରବାର ଚଳାଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଆଦର୍ଶ ଥାନା ପୋଲିସ ବ୍ରାଉନ ସୁଗାର କାରବାର ଅଭିଯୋଗରେ ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହି ଅଞ୍ଚଳର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହିର ବାଇଆ ଓରଫ୍ ଶରତ ବେହେରା (୨୧) ଏବଂ ଚିକିନା ଓରଫ ଭରତ ବେହେରା (୨୩)। ଉଭୟଙ୍କଠାରୁ ୫୫ ଗ୍ରାମ୍ ବ୍ରାଉନସୁଗାର, ଏକ ଏକ୍ସୟୁଭି କାର୍ (ନଂ. ଓଡି ୦୨ବିସି-୩୦୦୯) ନଗଦ ୨୦ ହଜାର ୩ଶହ ଟଙ୍କା ଓ ୩ଟି ମୋବାଇଲ ଫୋନ ଜବତ କରାଯାଇଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ଅଢେଇ ଲକ୍ଷ ଟଙ୍କା ସମେତ କାର୍ ଓ ୩ ମୋବାଇଲ ଫୋନ୍‌ର ମୂଲ୍ୟ ମିଶି ୧୫ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ଏ ନେଇ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ. ୨୧୯/୨୧) ରୁଜୁ କରାଯିବା ସହ ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି।

ସୂଚନା ଅନୁଯାୟୀ, ଶରତ ଓ ଭରତ ଏକ କାର୍ ଯୋଗେ ବ୍ରାଉନସୁଗାର ନେଇ ଘର ଅଭିମୁଖେ ଆସୁଥିବା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଏହା ପରେ ଏସ୍‌ପି ରାଜକିଶୋର ଦୋରାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ସୁଶୀଲ ମିଶ୍ର ଓ ଥାନା ଅଧିକାରୀ ସଞ୍ଜୟ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଘର ପାଖରେ ଛପି ରହି ଉଭୟଙ୍କୁ ଧରିଥିଲେ। ଏହି ଟିମ୍‌ରେ ଏସ୍‌ଆଇ ଅନୁଭା ଦାସ, ବିଜୟ କେତନ ବେହେରା, ଦିଗ୍‌ବିଜୟ ବିଶ୍ୱାଳ, ଏ.କେ. ରଥ, ହାବିଲଦାର ବି.କେ. ପ୍ରତାପ ସିଂ, ମାନସ ରଞ୍ଜନ ସାହୁଙ୍କ ସମେତ ସ୍ପେଶାଲ ସ୍କ୍ୱାଡ୍ ସଦସ୍ୟ ସାମିଲ ଥିଲେ। ସୂଚନାଯୋଗ୍ୟ, କିଛିଦିନ ତଳେ ଜେମାଦେଈ ଅଞ୍ଚଳରୁ ଜଣେ ଯୁବକଙ୍କଠାରୁ ୨ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ହୋଇଥିଲା। ଖୋର୍ଦ୍ଧାରେ ଧଳାଜହର କାରବାର ବଢ଼ିଚାଲିଛି। ଏହାର କବଳରେ ଯୁବପିଢ଼ି ପଡୁଛନ୍ତି। ବାଲେଶ୍ୱର ଜିଲାରୁ ବ୍ରାଉନ ସୁଗାର ଅଣାଯାଇ ଏଠାରେ ବିକ୍ରି କରାଯାଉଛି।

# ଚାଲାଣବେଳେ ୧୯ ଗୋରୁ ଉଦ୍ଧାର, ୪ ଗିରଫ

## ଗୋରୁ ବୋଝେଇ ମିନିଟ୍ରକ୍ ଜବତ

**ବୋଲଗଡ,୩।୬(ଡି.ଏନ୍.ଏ.)**

ବୋଲଗଡ ଥାନା ଅନ୍ତର୍ଗତ ଭୀମପଡ଼ା ବଜାର ଛକରେ ଗୁରୁବାର ଭୋରୁ ଏକ ଗୋରୁ ବୋଝେଇ ମିନିଟ୍ରକକୁ ପୋଲିସ ଜବତ କରିଛି। ଗାଡ଼ିରୁ ୧୯ଟି ଗୋରୁଙ୍କୁ ଉଦ୍ଧାର କରିବା ସହ ଚୋରାଚାଲାଣରେ ସମ୍ପୃକ୍ତ ଥିବା ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ, ଏହି ଥାନା ଅଧୀନ ମାଣିକାଗୋଡ଼ା ଗ୍ରାମର ଡ୍ରାଇଭର ଶାହଯାତ ଅଲ୍ଲୀ ଖାଁ (୩୭), ଦିବାକର ମହାନ୍ତି (୨୧), ଶେଖ ଆସିକ (୨୧) ଓ ଆଜମାତ ଅଲ୍ଲୀ ଖାଁ (୪୨)। ଅଭିଯୁକ୍ତମାନଙ୍କ ବିରୋଧରେ ନଂ. ୮୨/୨୧ ରେ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଏହି ଥାନା ଅଞ୍ଚଳରେ ବହୁଦିନରୁ ଗୋରୁ ଚୋରାଚାଲାଣ ହେଉଥିବାର ଅଭିଯୋଗ ହୋଇ ଆସୁଥିଲା। ଏଥିପାଇଁ ଥାନାଧିକାରୀ ବିଦିତା ନାୟକ ବଲାଙ୍ଗୀର- ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥରେ କଡ଼ାକଡ଼ି ପାଟ୍ରୋଲିଂ କରିଥିଲେ। ତେବେ ଗୁରୁବାର ଭୋରୁ ଏସ୍‌ଆଇ ସୁଜାତା ପଲ୍ଲାଇ ଓ ଏସ୍‌ଆଇ ମନୋଜ କୁମାର ଦାସ ପାଟ୍ରୋଲିଂ କରୁଥିବା ବେଳେ ଖୋର୍ଦ୍ଧା ଓ ନୟାଗଡ ଜିଲାର ସୀମାନ୍ତରେ ଥିବା ବିଜିପୁର ଛକ ନିକଟରେ ଏକ ମିନିଟ୍ରକ (ଓଡି ୨୫ ଇ ୮୨୫୯) ଦ୍ରୁତଗତିରେ ନୟାଗଡ଼ ପଟୁ ଭୁବନେଶ୍ୱର ପଟେ ଯାଉଥିବାର ଦେଖି ରହିବାକୁ ସଂକେତ ଦେଇଥିଲେ। ଗାଡି ନ ଅଟକିବାରୁ ତାକୁ ପିଛା କରି ଭୀମପଡ଼ା ବଜାର ଛକ ନିକଟରେ ଅଟକାଇଥିଲେ। ଗାଡିଟିରେ ୧୯ ଗୋରୁ ଦୟନୀୟ ଅବସ୍ଥାରେ ଚାଲାଣ ହେଉଥିବାର ଜାଣି ଥାନାକୁ ଆଣିଥିଲେ। ଏହି ଗୋରୁ ବୋଝେଇ ଗାଡିଟିକୁ ଏସ୍କର୍ଟ କରିଯାଉଥିବା ଏକ ବୁଲେଟ(ନଂ ଓଡି ୧୧ ବି ୯୩୫୬) ସହ ତାର ଡ୍ରାଇଭରକୁ ମଧ୍ୟ ଥାନାକୁ ଆଣି ପଚରାଉଚରା କରିବାରେ ସେମାନେ ନୟାଗଡ ଜିଲା ଦଶପଲ୍ଲା ଓ ଓଡଗାଁ ଅଞ୍ଚଳରୁ ଗୋରୁ ସଂଗ୍ରହ କରି ପଶ୍ଚିମବଙ୍ଗ ପଠାଉଥିବାର ସ୍ୱୀକାର କରିଥିଲେ। ପରେ ଚାଲାଣ ହେଉଥିବା ୧୮ ବଳଦ ଓ ଗୋଟିଏ ଗାଈକୁ ଉଦ୍ଧାର କରି ନୟାଗଡ ଜିଲା ଖଣ୍ଡପଡା ଅଞ୍ଚଳର ଏକ ଗୋଶାଳାକୁ ପଠାଇଦେଇଥିବା ତଦନ୍ତକାରୀ ଅଧିକାରୀ କୁମର ମୁଦୁଲି ସୂଚନା ଦେଇଛନ୍ତି।



ଟ୍ରକରେ ଗୋରୁଙ୍କୁ ଦୟନୀୟ ଅବସ୍ଥାରେ ଚାଲାଣ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୪, ୨୦୨୧



## ମେଡିକାଲକୁ ଦାନକଲେ ଅଟୋମେଟିକ୍ ସାନିଟାଇଜ ମେସିନ

ନିମାପଡ଼ା,୩।୬(ଡି.ଏନ୍.ଏ.)- ନିମାପଡ଼ା ଅଞ୍ଚଳର ବରିଷ୍ଠ ଆଇନଜୀବୀ ପୀତବାସ ସାହୁ ଫାଉଣ୍ଡେସନ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ରଣଜିତ ସାହୁ କରୋନା ସମୟରେ ମହାନତା ଦେଖାଇଛନ୍ତି। ସେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀମାନେ ଓ ରୋଗୀଙ୍କ ସମ୍ପର୍କୀୟ ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ଏକ ଅଟୋମେଟିକ ସାନିଟାଇଜର ମେଶିନ ଗୁରୁବାର ଦାନ କରିଛନ୍ତି। ଏପରିକି ଆଗକୁ ଗୋପ ଓ ଚାରିଛକ ମେଡିକାଲକୁ ମଧ ଏକ ସାନିଟାଇଜ ମେଶିନ ପ୍ରଦାନ କରିବେ ବୋଲି କହିଛନ୍ତି। ଗୁରୁବାର ସେ ମେଶିନ ପ୍ରଦାନ ବେଳେ ମେଡିକାଲରେ ଥିବା ରୋଗୀ, ରୋଗୀଙ୍କ ସମ୍ପର୍କୀୟମାନଙ୍କୁ ମାସ୍କ ବଣ୍ଟନ କରିବା ସହ କରୋନା ସଚେତନତା ବାର୍ତ୍ତା ଦେଇଥିଲେ। ରଣଜିତଙ୍କ ଏଭଳି କାର୍ଯ୍ୟକୁ ସ୍ଥାନୀୟ ଲୋକେ ଓ ନିମାପଡ଼ା ମେଡିକାଲ ପ୍ରଶାସନ ପକ୍ଷରୁ ପ୍ରଶଂସା କରାଯାଉଛି।




୦୩।୦୬।୨୦୨୧
୩୦୧୫ ଟଙ୍କା

## ସଂକ୍ଷେପରେ

### ବିଦ୍ୟୁତ୍ ତାର ଲାଗି ଜଣେ ମୃତ

ବ୍ରହ୍ମଗିରି,୩।୬(ଡି.ଏନ୍.ଏ.)- ବ୍ରହ୍ମଗିରି ଥାନା ଅନ୍ତର୍ଗତ କାଣ୍ଡଗୋଦା ପଞ୍ଚାୟତ ଜାଡିପୁର ଗ୍ରାମରେ ଗୁରୁବାର ସକାଳେ ବିଦ୍ୟୁତ୍ ତାର ଲାଗି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଏହି ଗ୍ରାମର ଗୁରୁଦେବ ବରାଳ(୫୦)। ସୂଚନା ଅନୁଯାୟୀ, ଗୁରୁଦେବ ସକାଳୁ ଫୁଲ ତୋଳିବା ପାଇଁ ଯାଇଥିଲେ। ଫୁଲ ତୋଳୁଥିବା ସମୟରେ ଗଛରେ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ସେ ଆସିଥିଲେ। ଘଟଣାସ୍ଥଳରେ ତଳେ ପଡ଼ି ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ପରିବାର ଲୋକ ଜାଣି ଗୁରୁଦେବଙ୍କୁ ହସ୍ପିଟାଲ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫୁଲ ଚୋରିକୁ ରୋକିବା ପାଇଁ କେହି ଯୋଜନାବଦ୍ଧ ଭାବେ ଫୁଲ ଗଛରେ ବିଦ୍ୟୁତ ତାର ଲଗାଇଥିବାରୁ ଏଭଳି ଅଘଟଣ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖବରପାଇ ଘଟଣାସ୍ଥଳରେ ବିଦ୍ୟୁତ ବିଭାଗ କର୍ମଚାରୀ ଓ ପୋଲିସି ପହଞ୍ଚି ତଦନ୍ତ ଚଳାଇଛି।

### ଜଳିଗଲା ଗ୍ୟାସ୍ ସିଲିଣ୍ଡର୍, ବର୍ତ୍ତିଗଲେ ପରିବାର

ଗୋପ,୩।୬(ଡି.ଏନ୍.ଏ.)- ଗୋପ ଥାନା ଅନ୍ତର୍ଗତ ବେଣୀପୁର ଗ୍ରାମର ସୁଦର୍ଶନ ବେହେରାଙ୍କ ଘରେ ଗୁରୁବାର ସକାଳ ସାଢ଼େ ୯ଟାରେ ଏକ ଗ୍ୟାସ ସିଲିଣ୍ଡର୍ ଜଳିଯାଇଛି। କିନ୍ତୁ ପରିବାର ସଦସ୍ୟ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବରପାଇ ଗୋପ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ସୂଚନାଯୋଗ୍ୟ, ସକାଳେ ସୁଦର୍ଶନଙ୍କ ପରିବାର ପକ୍ଷରୁ ଚୁଲିରେ ରୋଷେଇ ହେଉଥିଲା। ନିକଟରେ ଥିବା ଏକ ଗ୍ୟାସ ସିଲିଣ୍ଡର୍ ଟାଙ୍କିକୁ ସୁଦର୍ଶନଙ୍କ ୩ ବର୍ଷର ନାତୁଣୀ ନନ୍ଦିନୀ ଘରେ ଖେଳୁଥିବାବେଳେ ରୋଷେଇ ଘରକୁ ଯାଇ ଅଜାଣତରେ ଗ୍ୟାସ ପାଇପ୍‌ଟିକୁ ଖୋଲି ଦେଇ ଚାଲିଆସିଥିଲା। ଗ୍ୟାସ୍ ଲିକ୍ ହୋଇ ଚୁଲିର ନିଆଁରୁ ସିଲିଣ୍ଡରଟି ଜଳିଯାଇ ଘର ସାରା ନିଆଁ ଲାଗିଯାଇଥିଲା। ଭୟରେ ପରିବାର ସଦସ୍ୟ ଘର ବାହାରକୁ ପଳାଇଥିଲେ। ପରେ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରସନ୍ନ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏକ ବଡ଼ ଅଘଟଣରୁ ପରିବାର ସଦସ୍ୟ ବଞ୍ଚିଯାଇଥିଲେ।

### ହରିନାମ ସଂକୀର୍ତ୍ତନ ମନ୍ଦିରରୁ ଚୋରି

ପୁରୀ ଅଫିସ, ୩।୬: ଶ୍ରୀମନ୍ଦିର ପଶ୍ଚିମଦ୍ୱାର ନିକଟ ବିଶ୍ୱଶାନ୍ତି ଅଖଣ୍ଡ ହରିନାମ ସଂକୀର୍ତ୍ତନ ମନ୍ଦିରରୁ ଚୋରି ହୋଇଛି। ଏହି ଘଟଣାରେ ସିଂହଦ୍ୱାର ଥାନା ପୋଲିସ ଗୁରୁବାର ବାସେଳି ସାହି ଥାନା ଅଧୀନ ମୁଦୁଲି ଜାଗା ଅଞ୍ଚଳର ବିଶ୍ୱନାଥ ମହାରଣା ଓରଫ ବିଶିଆଙ୍କୁ ଗିରଫ କରିଛି। ଏ ନେଇ କେସ୍ ନଂ. ୪୮/୨୧ ରୁଜୁ ହୋଇଛି। ବିଶ୍ୱନାଥଙ୍କ ନିକଟରୁ ପୋଲିସ ମନ୍ଦିର ଦାନବାକ୍ସ, ୨୧୦୦ ଟଙ୍କା, ଏକ ମୋବାଇଲ ଫୋନ ଜବତ କରିଛି। ଗୁରୁବାର ସକାଳେ ମନ୍ଦିରରୁ ଦାନବାକ୍ସ ଚୋରି ହୋଇଥିବା ଜଣାପଡ଼ିଥିଲା। ହରପ୍ରସାଦ ମିଶ୍ର ଏ ନେଇ ସିଂହଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିଥିଲା। ଶ୍ରୀମନ୍ଦିର ଚାରିଦ୍ୱାରରେ ୨୪ ଘଣ୍ଟା ପୋଲିସ ପହରା ସତ୍ତ୍ୱେ କିପରି ହରିନାମ ସଂକୀର୍ତ୍ତନ ମନ୍ଦିରରୁ ଚୋରି ହେଲା ତାହା ପ୍ରଶ୍ନବାଚୀ ହୋଇଛି। ପୂର୍ବରୁ ମାଉସୀ ମା' ମନ୍ଦିର ହୁଣ୍ଡିରୁ ଚୋରି ଘଟଣାର ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ପୋଲିସ ଧରି ପାରିନାହିଁ।

### ଶହେ ତଳେ ସଂକ୍ରମଣ

ପୁରୀ ଅଫିସ,୩।୬: ପୁରୀ ଜିଲାରେ ଗୁରୁବାର ୪୩୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ପୁରୀ ସହରରୁ ୮୮, ପୁରୀ ସଦରରୁ ୪୧, ପିପିଲିରୁ ୪୩, ନିମାପଡ଼ାରୁ ୪୯, ଗୋପରୁ ୬୦, ଅସ୍ତରଙ୍ଗରୁ ୨୮, ବ୍ରହ୍ମଗିରିରୁ ୨୭ ଓ କଣାସରୁ ୨୨ ଜଣ ରହିଛନ୍ତି। ଗତ ଦେଢ଼ମାସ ହେବ ପୁରୀ ସହରର ଦୈନିକ ସଂକ୍ରମଣ ଶହେ ଉପରେ ରହୁଥିଲା। ତେବେ ଗତ ୨ଦିନ ହେବ କ୍ରମାଗତ ଭାବେ ଶହେଠାରୁ କମ୍ ରହିଛି। ଜିଲାରେ କୋଭିଡ୍ ସଂକ୍ରମଣ ସ୍ଥିତି ସାମାନ୍ୟ କାବୁକୁ ଆସିଥିବା ପ୍ରଶାସନ ଦାବି କରିଛି। ଅନ୍ୟପକ୍ଷରେ ଗୁରୁବାର ୩ ମୃତକଙ୍କର କୋଭିଡ୍ ଶ୍ମଶାନଘାଟରେ ଶେଷକୃତ୍ୟ ହୋଇଛି। ଏମାନଙ୍କ ମଧ୍ୟରେ କୋଣାର୍କର ୪୨ ଓ ପିପିଲିର ୪୦ ବର୍ଷୀୟ ପୁରୁଷ ଏବଂ ସତ୍ୟବାଦୀର ଜଣେ ମହିଳା ରହିଛନ୍ତି।

# ବିନା ଭକ୍ତରେ ସରିଲା ଭଉଁରି ଯାତ୍ରା

ପୁରୀ ଅଫିସ, ୩।୬:

ବାହାର ଚନ୍ଦନଯାତ୍ରାର ବିଂଶତମ ଦିବସରେ ଗୁରୁବାର ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଭଉଁରି ନୀତି ଅନୁଷ୍ଠିତ ହୋଇଛି। ଶ୍ରୀମନ୍ଦିରରେ ଯାତଭୋଗ ସରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମକୃଷ୍ଣ, ଭୂଦେବୀ, ଶ୍ରୀଦେବୀ ଏବଂ ପଞ୍ଚପାଣ୍ଡବ ପାଲିଙ୍କି ଓ ବିମାନରେ ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିଥିଲେ। ସେଠାରେ ଭିତରଛ ସେବକଙ୍କ ଦ୍ୱାରା ଜଳଲାଗି ନୀତି ସମ୍ପନ୍ନ ହୋଇଥିଲା। ଠାକୁରମାନେ ଦିନଚାପ ଖେଳିବା ପାଇଁ ନନ୍ଦା ଓ ଭଦ୍ରା ଡଙ୍ଗାକୁ ବିଜେ କରିଥିଲେ। ପରେ ଠାକୁରମାନେ ଚନ୍ଦନ କୁଣ୍ଡକୁ ବିଜେ କରିଥିଲେ। ବେଶ ହୋଇ ଭୋଗ ମଣୋହି ପରେ ବିଡିଆ ମଣୋହି ହୋଇ ଠାକୁରମାନେ ଭଉଁରି ଯାତ୍ରା ପାଇଁ ଚାପକୁ ବିଜେ କରିଥିଲେ। ଠାକୁରମାନେ ଚାପଡଙ୍ଗାରେ ୨୧ ଘେରା ଲେଖାଏ ବୁଲିଥିଲେ। ନୀତି ସମ୍ପନ୍ନ ପରେ ଠାକୁରମାନଙ୍କ ବାହୁଡ଼ା ବିଜେ ହୋଇଥିଲା। ଏଥର କରୋନା କାରଣରୁ ୧୪୪ ଧାରା ଜାରି ସହ ବିନା ଭକ୍ତରେ ବାହାର ଚନ୍ଦନଯାତ୍ରା ହୋଇଥିଲା। ୫ ପ୍ଲାଟୁନ ଫୋର୍ସ ଓ ୪୦ରୁ ଉର୍ଦ୍ଧ୍ୱ ପୋଲିସ ଅଧିକାରୀ ମୁତୟନ ଥିଲେ।

## ଡଙ୍ଗା ନ ଥିବାରୁ ଭଉଁରି ନୀତି ବିଳମ୍ବ



ସାକ୍ଷୀଗୋପାଳ,୩।୬(ଡି.ଏନ୍.ଏ.)

କୋଭିଡ୍ କଟକଣା ମଧ୍ୟରେ ସାକ୍ଷୀଗୋପାଳ ଠାକୁରଙ୍କ ଚନ୍ଦନଯାତ୍ରା ଚାଲିଥିବା ବେଳେ ଅନ୍ତିମ ପର୍ଯ୍ୟାୟ ଗୁରୁବାର ଭଉଁରି ନୀତି ଏକ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ତେଲିଙ୍ଗ ଡଙ୍ଗା (ସର୍ଭିସ ଡଙ୍ଗା) ଯୋଗାଇ ଦିଆଯାଇ ନ ଥିବାରୁ ପାଳିଆ ସେବାୟତମାନେ ଭଉଁରି ନୀତିରୁ ବିରତି ରହିଥିଲେ। ଦିନଚାପ ନିମନ୍ତେ ବିଜେ ପ୍ରତିମା ମଦନମୋହନଙ୍କୁ ଚାପକୁ ବିଜେ କରିବା ପରେ ଠାକୁରଙ୍କ ଭଉଁରିଖେଳ ଆରମ୍ଭ କରାହୁଏ। ହେଲେ ଏହା ଶେଷ ହେବାକୁ ୩ଘଣ୍ଟା ଲାଗିଥାଏ। ହେଲେ ସେବାୟତମାନଙ୍କୁ ଅନ୍ୟ ନୀତି ଓ ଶୌଚ ପାଇଁ ଚନ୍ଦନ ପୁଷ୍କରିଣୀ ଭିତରୁ ଚାପରୁ ବାରମ୍ବାର ବାହାରକୁ ନେବା ଆଣିବା ନିମନ୍ତେ ତେଲିଙ୍ଗ ଡଙ୍ଗାର ଜରୁରୀ ଆବଶ୍ୟକ ପଡ଼ିଥାଏ। ଏପରିକି ସେହି ଡଙ୍ଗାଟି ମନ୍ଦିର ବାଜାବାଲାଙ୍କୁ ନେଇ ଠାକୁରଙ୍କ ଚାପ ଆଗେ ଆଗେ ଯାଇଥାଏ। ଏହି ଉଦ୍ଦେଶ୍ୟରେ ତେଲିଙ୍ଗ ଡଙ୍ଗା ମନ୍ଦିର ପ୍ରଶାସନ ଯୋଗାଇ ଦେଇ ନ ଥିବାରୁ ସେବାୟତମାନେ ଡଙ୍ଗାଟିକୁ ଯୋଗାଇବାକୁ ଅଡ଼ି ବସିଥିଲେ। ପରେ ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର ଓ ଅନ୍ୟ କର୍ମଚାରୀଙ୍କ ଉଦ୍ୟମରେ ଭୋଇସେବକମାନଙ୍କୁ ଲଗାଇ ରାଧାକୁଣ୍ଡ ପୁଷ୍କରିଣୀରୁ ଏକ ଘଣ୍ଟା ବିଳମ୍ବରେ ତେଲିଙ୍ଗ ଡଙ୍ଗା ବାହାର କରି ଚନ୍ଦନ ପୁଷ୍କରିଣୀକୁ ଅଣାଯାଇଥିଲା। ସନ୍ଧ୍ୟା ସାଢ଼େ ୬ଟାରେ ଠାକୁରଙ୍କ ଦିନଚାପ ଭଉଁରି ଖେଳ ହୋଇଥିଲା। ରାତି ୮ ପର୍ଯ୍ୟନ୍ତ ଚାପଖେଳ ପରେ ଠାକୁରଙ୍କ ପଣାଭୋଗ, ଚନ୍ଦନ ସ୍ନାନ, ମନ୍ଦିରରେ ଦ୍ୱିପ୍ରହର ଧୂପ, ସନ୍ଧ୍ୟା ଆଳତି, ଗୋଧନ ବାହୁଡ଼ା ଭୋଗପରେ ଅନ୍ୟ ଦେବନୀତି କରାଯାଇ ବିଳମ୍ବିତ ରାତିରେ ରାତି ଚାପ, ପନ୍ତୀଭୋଗ ପରେ ଠାକୁର ମନ୍ଦିରକୁ ବାହୁଡ଼ିଥିଲେ। ବିନା ଭକ୍ତରେ ଚାପଖେଳ କରାଯାଉଥିବା ବେଳେ ମନ୍ଦିର କାନ୍ଧିଆ (ବିମାନ ବାହକ) ମାନେ ବିମାନ ଓ ଚାପକୁ ଫୁଲରେ ସୁନ୍ଦର ଭାବେ ସଜାଇଥିଲେ।

## ରଥଖଳାରୁ
### ୨୧ ଚକ ନିର୍ମାଣ ସରିଲା



ଭୋଇ ସେବକମାନେ ଚକରେ ଅଖ ସଂଯୋଗ କରୁଛନ୍ତି ।

ପୁରୀ ଅଫିସ, ୩।୬:

ତିନି ରଥର ମୋଟ ୪୨ ଚକ ମଧ୍ୟରୁ ଗୁରୁବାର ସୁଦ୍ଧା ୨୧ଟିର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ତାଳଧ୍ୱଜ ରଥର ୭ ଚକ ନିର୍ମାଣ ସରି ୮ମ ଚକର ତୁମ୍ବରେ ଅର ସଂଯୋଗ ହୋଇ ଯନ୍ତାଗାଡ଼ରେ ସିଙ୍ଗଡ଼ା ବାଡ଼ିଆ ପରେ ପଇ ସଂଯୋଗ ପାଇଁ ଅରସାଲ କାମ ଚାଲିଛି। ୪ ପଇର ବିନ୍ଧ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତାଳଧ୍ୱଜ ରଥ ଶେଷ ଅଖର ଦୁଇପଟ ଚଉପଟ କାର୍ଯ୍ୟ ଚାଲିଛି। ଦେବଦଳନ ରଥର ୬ ଚକ ତିଆରି ସରିଛି। ୪ଟି ଅଖର ଗୋଲେଇ କାର୍ଯ୍ୟ ଓ ଶେଷ ଅଖର ଦୁଇପଟ ଚଉପଟ ସରିଛି। ନନ୍ଦିଘୋଷ ରଥର ୮ ଚକ ତିଆରି ଶେଷ ହୋଇଛି। ନନ୍ଦିଘୋଷ ରଥର ୬ ଅଖର ଗୋଲେଇ କାର୍ଯ୍ୟ ସରିଛି। ଦୋଳବେଦି କମାରଶାଳରେ ଓଝା ସେବକମାନେ ଭଉଁରୀ ତିଥିରେ ଚକ ଅଖଡେରା ନୀତି ପାଇଁ ୪ଟି ଲେଖାଏ ଅନୁକୂଳ ପଦାରୀ ସହ ୨ଟି ବଳା ରଥଖଳାକୁ ଯୋଗାଇଛନ୍ତି। ରଥ କାର୍ଯ୍ୟରେ ୧୮୮ ଜଣ ରଥ ନିର୍ମାଣ ସେବକ ଏବଂ ଭୋଇ ସେବକ ନିୟୋଜିତ ଥିଲେ।

# ଚକ ଅଖ ଡେରା ନୀତି ସମ୍ପନ୍ନ

ପୁରୀ ଅଫିସ, ୩।୬:

ଜ୍ୟେଷ୍ଠ ମାସ କୃଷ୍ଣନବମୀ ତିଥି ଗୁରୁବାର ଭଉଁରୀ ଯାତ୍ରା ଅବସରରେ ଶ୍ରୀକ୍ଷେତ୍ରରେ ତିନି ରଥର ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରୁ ତିନିଜଣ ପୂଜାପଣ୍ଡା ସାମନ୍ତ ସେବକ ମହାପ୍ରଭୁଙ୍କ ଆଜ୍ଞାମାଳ ରଥଖଳାକୁ ବିଜେ କରାଇବା ପରେ ତିନି ରଥର ଦୁଇଟି ଲେଖାଏ ଚକ ସହ ଗୋଟିଏ ଲେଖାଏଁ ଅଖ ଡେରା ଯାଇଥିଲା। ଚକ ଅଖ ଡେରା ନୀତି ସମ୍ପନ୍ନ ପରେ ପରମ୍ପରା ଅନୁଯାୟୀ ରଥଯାତ୍ରାର ଆଉ ଏକ ପର୍ଯ୍ୟାୟ ଆରମ୍ଭ ହୋଇଛି। ପବିତ୍ର ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଥିବା ବାହାର ଚନ୍ଦନ ଯାତ୍ରାର ବିଂଶତମ ଦିବସକୁ ଭଉଁରୀ ଯାତ୍ରା କୁହାଯାଏ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଓ ରଥ ସଂହିତା ଅନୁଯାୟୀ ଭଉଁରୀ ଯାତ୍ରା ଦିନ ତିନିରଥର ଚକ ଅଖ ଡେରା କାର୍ଯ୍ୟ ସମ୍ପନ୍ନ କରାଯାଏ। ଗୁରୁବାର ଭଉଁରୀ ଯାତ୍ରା ଅବସରରେ ଶ୍ରୀମନ୍ଦିର ଦ୍ୱାର ଫିଟା ନୀତି ପ୍ରାତଃ ୫.୧୫ରେ ହୋଇ ଭିତର ଶୋଧ ପରେ ମଙ୍ଗଳ ଆଳତି ୫.୫୫ରେ ବଢ଼ିଥିଲା। ପରେ ଅନ୍ୟାନ୍ୟ ନୀତି ବଢ଼ି ପୂର୍ବାହ୍ନ ୧୦.୨୫ରେ ସକାଳ ଧୂପ ଶେଷ ହୋଇଥିଲା। ପ୍ରାୟ ୧୦ଟା ୫୦ରେ ତିନିଜଣ ପାଳିଆ ପୂଜାପଣ୍ଡା ସାମନ୍ତ ରତ୍ନସିଂହାସନ ଉପରକୁ ଯାଇ ତିନି ବାଡ଼ରୁ ୩ଟି ଆଜ୍ଞାମାଳ ଆଣିଥିଲେ। ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ହାତରେ ଧରି ଘଣ୍ଟ, ଛତା କାହାଳୀ ପଟୁଆରରେ ରଥଖଳାରେ ପହଞ୍ଚିଥିଲେ। ପ୍ରଥମେ ତିନି ବାଡ଼ର ପୂଜାପଣ୍ଡା ସାମନ୍ତ ଶ୍ରୀନଅରକୁ ଯାଇଥିଲେ। ସେଠାରୁ ନିର୍ଦ୍ଦେଶ ପାଇବା ପରେ ତିନି ବାଡ଼ର ପୂଜାପଣ୍ଡା ସାମନ୍ତ ତିନି ରଥର ମୁଖ୍ୟ ବିଶ୍ୱକର୍ମାଙ୍କୁ ଆଜ୍ଞାମାଳ ପ୍ରଦାନ କରିଥିଲେ। ଏହାପରେ ଭୋଇ ସେବକମାନେ ତିନି ରଥର ଗୋଟିଏ ଲେଖାଏ ଅଖ ସହ ଦୁଇଟି ଲେଖାଏଁ ଚକ ଡେରା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଚକ ଅଖ ଡେରା ନୀତି ପରେ ଭୋଇ ସେବକମାନେ ହରିବୋଲ ପକାଇଥିଲେ। ଏହି ସମୟରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସମର୍ଥ ବର୍ମା, ଆରକ୍ଷୀ ଅଧୀକ୍ଷକ କନଓ୍ୱର ବିଶାଳ ସିଂ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ବରିଷ୍ଠ ଅଧିକାରୀ ଏବଂ ସେବାୟତମାନେ ଉପସ୍ଥିତ ଥିଲେ।



ଚକ ଅଖ ଡେରା ନୀତି ଅବସରରେ ପୂଜାପଣ୍ଡା ସାମନ୍ତ ସେବକ ନନ୍ଦିଘୋଷ ରଥ ଚକରେ ଆଜ୍ଞାମାଳ ଦେଉଛନ୍ତି।



ଚକ ଅଖ ଡେରା ନୀତି ପାଇଁ ପୂଜାପଣ୍ଡା ସାମନ୍ତ ସେବକ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ନେଇ ରଥଖଳାକୁ ବାହାରିଛନ୍ତି ।

## କରୋନା ଆକ୍ରାନ୍ତ ଫଟୋ ଖବରଦାତାଙ୍କ ବିୟୋଗ

ପିପିଲି,୩।୬(ଡି.ଏନ୍.ଏ./ସ୍ୱ.ପ୍ର.)

ପିପିଲି ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଫଟୋ ଖବରଦାତା ସୁକାନ୍ତ କୁମାର ବେହେରାଙ୍କ ବୁଧବାର ପରଲୋକ ଘଟିଛି। ସେ କିଛିଦିନ ତଳେ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କୁ ୪୬ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ଶୁଣି ପିପିଲି ଅଞ୍ଚଳର ସମସ୍ତ କାର୍ଯ୍ୟରତ ଖବରଦାତା ଓ ବୁଦ୍ଧିଜୀବୀ ମହଲରେ ଶୋକର ଛାୟା ଖେଳିଯାଇଛି। ମେ ୨୦ରେ ସୁକାନ୍ତ ଦେହ ଅସୁସ୍ଥ ହେବାରୁ କରୋନା ପରୀକ୍ଷା କରିଥିଲେ। ରିପୋର୍ଟ ପଜିଟିଭ ଆସିବା ପରେ ତାଙ୍କୁ ଭୁବନେଶ୍ୱର ଏକ ଘରୋଇ ହସପିଟାଲରେ ଚିକିତ୍ସା କରାଯାଉଥିଲା। ୧୪ଦିନର ସଂଘର୍ଷ ପରେ ଗୁରୁବାର ସକାଳୁ ତାଙ୍କର ମୃତ୍ୟୁ ହୋଇଛି। ସତ୍ୟନଗର ଶ୍ମଶାନରେ ତାଙ୍କ ଶେଷକୃତ୍ୟ କାର୍ଯ୍ୟ କରାଯାଇଥିବା ବେଳେ ଭଣଜା ଅଜୟ ବେହେରା ତାଙ୍କୁ ମୁଖାଗ୍ନି ଦେଇଥିଲେ। ସେଠାରେ ତାଙ୍କ ସାନ ଭାଇ ସୁଶାନ୍ତ ବେହେରା, ଭଣଜା ଗଣେଶ ଭୋଇ, ଦିଲୀପ ଭୋଇ, ଅଜୟ ବେହେରାଙ୍କ ଉପସ୍ଥିତ ଥିଲେ। ଅନ୍ୟପଟେ ସୁକାନ୍ତ ମୃତ୍ୟୁକୁ ନେଇ ପିପିଲି ଅଞ୍ଚଳର ଖବରଦାତାମାନେ ସ୍ଥାନୀୟ ସଙ୍କଟମୋଚନ ହନୁମାନ ମନ୍ଦିରଠାରେ ଏକ ଶୋକସଭା ପାଳନ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ।

## ଅଲାରନାଥଙ୍କ ସର୍ବାଙ୍ଗ ଚନ୍ଦନ ବେଶ

ବ୍ରହ୍ମଗିରି,୩।୬(ଡି.ଏନ୍.ଏ.)



ଶ୍ରୀକ୍ଷେତ୍ର ଭଉଁରି ଓ ଚନ୍ଦନ ଯାତ୍ରା ଉପଲକ୍ଷେ ମହାପ୍ରଭୁ ଅଲାରନାଥଙ୍କ ଗୁରୁବାର ସର୍ବାଙ୍ଗ ଚନ୍ଦନ ବେଶ ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମର ଅସହ୍ୟ ତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ସମୟରେ ବାଦ୍‌ପଡ଼ିନାହାନ୍ତି ସୃଷ୍ଟି କର୍ତ୍ତା। ଏହି ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ପ୍ରତି ଦେବାଳୟରେ ଅନୁଷ୍ଠିତ ହୋଇଥାଏ ଚନ୍ଦନ ଯାତ ବା ଭଉଁରି ଯାତ। ଏ ନେଇ ଶ୍ରୀକ୍ଷେତ୍ର ଭଳି ମହାପ୍ରଭୁ ଅଲାରନାଥଙ୍କ ନିକଟରେ ଅନୁଷ୍ଠିତ ହୋଇଥାଏ ଏହି ଉତ୍ସବ। ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଚନ୍ଦନ ପୋଖରୀରେ ୨୧ ଦିନ ଜଳକ୍ରୀଡ଼ା କରିଥାନ୍ତି। ଶ୍ରୀକ୍ଷେତ୍ର ଭଉଁରି ବା ଶେଷ ଦିନ ମହାପ୍ରଭୁଙ୍କୁ ସ୍ୱତନ୍ତ୍ର ବେଶ ବା ସର୍ବାଙ୍ଗ ଚନ୍ଦନ ବେଶ କରାଯାଇଥାଏ। ଏହି ଦୁର୍ଲଭ ବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। କିନ୍ତୁ ଚଳିତବର୍ଷ କରୋନା ଯୋଗୁ ୧୪୪ ଧାରା ମଧ୍ୟରେ ବିନା ଭକ୍ତରେ ଏହି ବେଶ ଅନୁଷ୍ଠିତ ହୋଇଯାଇଛି। ଭୋର ୪ଟାରୁ ମନ୍ଦିର ଖୋଲାଯାଇ ମଙ୍ଗଳ ଆଳତି, ବେଶ, ମଧ୍ୟାହ୍ନ ଧୂପରେ ପାଳିଆ ସେବାୟତ ମହାପ୍ରଭୁଙ୍କ ବେଶ ପାଇଁ ୧୫ କିଲୋ ଚନ୍ଦନ କାଠ ଘୋରି କର୍ପୂର, କେଶର ଆଦି ମିଶାଇ ଏକ ସ୍ୱତନ୍ତ୍ର ପ୍ରଲେପ ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଚନ୍ଦନ ବେଶ କରାଇଥିଲେ। ପରେ ଚଳନ୍ତି ପ୍ରତିମାଙ୍କୁ ବିମାନରେ ବସାଇ ଚନ୍ଦନ ପୋଖରୀକୁ ନେଇ ଚାପ ନୀତି ଅନୁଷ୍ଠିତ ହୋଇଥିବା ମନ୍ଦିର ସେବାୟତ ନାରାୟଣ ପୂଜାପଣ୍ଡା ସୂଚନା ଦେଇଛନ୍ତି ।

## ପ୍ରବଚକ ଚାରଣ ରାମଦାସଙ୍କ ସ୍ମୃତିଚାରଣ

କଣାସ,୩।୬(ସ୍ୱ.ପ୍ର.)

ପ୍ରବଚକ ଚାରଣ ରାମଦାସଙ୍କ ଦଶାହରେ ନିଖିଳ ଓଡ଼ିଶା ପ୍ରବକ୍ତା ପରିଷଦ ପକ୍ଷରୁ ଆଭାସୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଦିବାକର ନନ୍ଦ, ଡ. ହୃଦାନନ୍ଦ ମହାରାଜ, ପ୍ରବକ୍ତା ପରିଷଦର କୋଷାଧ୍ୟକ୍ଷ ଦିଲୀପ ଶ୍ରୀଚନ୍ଦନ, ଅନା ଦାଶ, ଡ. ଅଭିମନ୍ୟୁ ବରାଳ, ପଣ୍ଡିତ ଅଶୋକ ପ୍ରଧାନ, ଅକ୍ଷୟ ମହାପାତ୍ର, ପଣ୍ଡିତ ମହେଶ୍ୱର ସାହୁ, ସାସ୍ୱତୀ ସୌମ୍ୟ ମିଶ୍ର, ପ୍ରମୋଦ ଜେନା ପ୍ରମୁଖ ରାମଦାସଙ୍କ ସ୍ମୃତିଚାରଣ କରିଥିଲେ।

## ଆଜି ୪ କେନ୍ଦ୍ରରେ ଦିଆଯିବ ଟିକା

ସାକ୍ଷୀଗୋପାଳ ,୩।୬(ସ୍ୱ.ପ୍ର.)

ସତ୍ୟବାଦୀ ପ୍ରଶାସନ ପକ୍ଷରୁ ଶୁକ୍ରବାର ୪ଟି କେନ୍ଦ୍ରରେ ୫୦୦ଜଣଙ୍କୁ ଟିକାକରଣ ନିମନ୍ତେ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସକାଳ ୯ଟାରୁ ଟିକାଦାନ କେନ୍ଦ୍ରଗୁଡିକରେ ୪୫ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କୁ ପ୍ରଥମ ଡୋଜ ଟିକା ପ୍ରଦାନ କରାଯିବ। ହିତାଧିକାରୀମାନେ ନିଜ ବୟସ ପ୍ରମାଣପତ୍ର ଆଣିବେ। ବଳରାମପୁରଗଡ଼ ପଞ୍ଚାୟତ ଅଫିସ କାର୍ଯ୍ୟାଳୟରେ ୧୫୦ ଜଣ, ଶୁକଳ କେନ୍ଦ୍ରୀୟ ପ୍ରାଥମିକ ବିଦ୍ୟାଳୟରେ ୧୦୦ ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସାକ୍ଷୀଗୋପାଳରେ ୧୦୦ ଜଣ ଓ ସାରଙ୍ଗଯୋଡି ୟୁଜିଏମଇ ସ୍କୁଲରେ ୧୫୦ଜଣ ଟିକା ଗ୍ରହଣ ନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଥିବା ବିଡିଓ କ୍ଷୀରୋଦ ବେହେରା ସୂଚନା ଦେଇଛନ୍ତି।

# ସୁପ୍ରିମକୋର୍ଟଙ୍କ ରାୟକୁ ମାନିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ

**ସ୍କୁଲ୍ ଫି' ଛାଡ଼ ପ୍ରସଙ୍ଗ**

ଭୁବନେଶ୍ୱର, ୩।୬(ବ୍ୟୁରୋ)

କରୋନା କାଳରେ ଘରୋଇ ସ୍କୁଲର ଛାତ୍ରୀଛାତ୍ରଙ୍କ ଫି' ଛାଡ଼କୁ ନେଇ ସୁପ୍ରିମ୍‌କୋର୍ଟଙ୍କ ରାୟକୁ ଆଧାର କରି ରାଜ୍ୟ ସରକାର ଗୁରୁବାର ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଯେଉଁ ସ୍କୁଲଗୁଡ଼ିକ ରାଜ୍ୟ ସରକାରଙ୍କ ଦ୍ୱାରା ହୋଇଥିବା ଏମ୍‌ଓୟୁରେ ସ୍ୱାକ୍ଷର କରିଥିବେ ସେମାନେ ସରକାରଙ୍କ ଜାନୁୟାରୀ ୯ତାରିଖରେ ପ୍ରକାଶିତ ବିଜ୍ଞପ୍ତିକୁ ମାନିବେ। ଏହାବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଘରୋଇ ସ୍କୁଲ ୨୦୧୯-୨୦ ଶିକ୍ଷା ବର୍ଷରେ ଆଦାୟ କରିଥିବା ଦେୟର ୧୫% ରିହାତିରେ ପିଲାଙ୍କ ଠାରୁ ୨୦୨୦-୨୧ ଶିକ୍ଷା ବର୍ଷରେ ଫି' ଆଦାୟ କରିବେ। ଯେଉଁ ଅଭିଭାବକମାନେ ପୂର୍ବରୁ ସମସ୍ତ ଦେୟ ପୈଠ କରିସାରିଥିବେ, ସେମାନଙ୍କ ପାଇଁ ଉକ୍ତ ରିହାତି ଫି' ପରବର୍ତ୍ତୀ ଦେୟରୁ କାଟି ଦିଆଯିବାକୁ ନିର୍ଦ୍ଦେଶ ରହିଛି। ଏପରି କି ଯେଉଁ ଛାତ୍ରୀଛାତ୍ରମାନେ ଦଶମ ଓ ଦ୍ୱାଦଶ ପରୀକ୍ଷା ଦେବାକୁ ଥିବେ, ସେମାନଙ୍କୁ ୨୦୨୦-୨୧ ଶିକ୍ଷା ବର୍ଷରେ ସ୍କୁଲ ଦେୟ ଦେଇ ନ ଥିବା କାରଣ ଦର୍ଶାଇ ବିଦ୍ୟାଳୟ କର୍ତ୍ତୃପକ୍ଷ ପାଠପଢ଼ାରୁ ନିବୃତ୍ତ କରିପାରିବେ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିକୁ ସମସ୍ତ ଘରୋଇ ବିଦ୍ୟାଳୟର ପରିଚାଳନା କର୍ତ୍ତୃପକ୍ଷ ଏବଂ ଅଭିଭାବକ ସଂଘ ମାନିବାକୁ ନିର୍ଦ୍ଦେଶ ରହିଛି। ଅପରପକ୍ଷରେ ଓଡ଼ିଶା ଅଭିଭାବକ ମହାସଂଘ ରାଜ୍ୟ ସରକାରଙ୍କ ଏହି ବିଜ୍ଞପ୍ତିକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛି। ମହାସଂଘର କହିବା ଅନୁଯାୟୀ କେଉଁ ଫି 'ଉପରେ ଦେୟ ଛାଡ଼ ହେବ ତାହା ପ୍ରଥମେ ସରକାର ନିଶ୍ଚିତ କରନ୍ତୁ। ଏପରି କି ସ୍କୁଲ ଖୋଲିବା ପର୍ଯ୍ୟନ୍ତ ଏହି ବିଜ୍ଞପ୍ତି କାର୍ଯ୍ୟ କରିବା କଥା, ଏହାକୁ ନ ଲେଖି ୨୦୨୧-୨୨ରୁ ସମ୍ପୂର୍ଣ୍ଣ ଫି' ଆଦାୟ କରିବାକୁ କିପରି କୁହାଯାଇଛି। ଏଥିସହ ୧୯୯୬ ରିଜୋଲ୍ୟୁଶନ ଅନୁସାରେ ସ୍କୁଲ ସୁବିଧା ଦେଖି ରାଜ୍ୟ ସରକାର ଫି' ଘୋଷଣା କରନ୍ତୁ ଏବଂ ତା'ର ୧୫% କାଟନ୍ତୁ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।

## ପ୍ରଧାନଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଧାରଣା

କାକଟପୁର,୩।୬(ଡି.ଏନ୍.ଏ.)

କାକଟପୁର ଶିକ୍ଷା ବିଭାଗ ଅଧୀନରେ ଥିବା ପାଟପୁରସ୍ଥ ବରୁଣେଇ ହାଇସ୍କୁଲ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରାଙ୍କ ବଦଳି ହୋଇଛି। ହେଲେ ତାଙ୍କ ଗୁଣବତ୍ତା, ଶିକ୍ଷଣୀୟ ମନୋବୃତ୍ତି ଯୋଗୁ ଅଭିଭାବକ ଓ ଗ୍ରାମବାସୀ ତାଙ୍କ ବଦଳି ବାତିଲ ପାଇଁ ଦାବି କରିଥିଲେ। କିନ୍ତୁ ଶିକ୍ଷା ବିଭାଗ ପଦକ୍ଷେପ ନ ନେବାରୁ ଗତ ଦୁଇଦିନ ହେବ ଅଭିଭାବକ ରାଜକିଶୋର ନାୟକ ଓ ଈଶ୍ୱର ବେହେରାଙ୍କ ସମେତ ପାଟପୁର ଗ୍ରାମବାସୀ ସ୍କୁଲ ଫାଟକ ଆଗରେ ଧାରଣାରେ ବସିଥିଲେ। ଖବର ପାଇ ବ୍ଲକ ଶିକ୍ଷାଧିକାରୀ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବ ସହ ଘଟଣା ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ। ବିଇଓଙ୍କ ରିପୋର୍ଟ ପାଇବା ପରେ ଜିଲା ଶିକ୍ଷାଧିକାରୀ ଚିଠି ନଂ. ୪୬୩୮, ତା୨-୬-୨୦୨୧ରେ ୭ ଦିନ ମଧ୍ୟରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ସୂଚନା ଅନୁଯାୟୀ, ଗତ ବର୍ଷ ସେପ୍ଟେମ୍ବରରେ ପାଟପୁର ସ୍କୁଲରେ ବେହେରା ଯୋଗଦେଇଥିଲେ। ସେ ବିଦ୍ୟାଳୟରେ ଶୈକ୍ଷିକତା ପରିବେଶ ସୃଷ୍ଟି କରିବା ସହ ସହକର୍ମୀଙ୍କୁ ସମୟାନୁବର୍ତ୍ତିତା କରାଇଥିଲେ। ଏଥିରେ କେତେଜଣ ଶିକ୍ଷକ, କର୍ମୀମାନେ ଈର୍ଷାନିତ ହୋଇ ଉପରିସ୍ଥ ଅଧିକାରୀଙ୍କୁ ହାତ କରି ବେହେରାଙ୍କ ବଦଳି କରିଦେଇଥିଲେ। ଗ୍ରାମବାସୀ ଏହା ଜାଣିବା ପରେ ବଦଳିକୁ ବିରୋଧ କରିଥିଲେ। ବିଦ୍ୟାଳୟରେ ଦୁର୍ନୀତି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି।

# କ୍ରୀଡ଼ା ଭିତ୍ତିଭୂମିର ସମୀକ୍ଷା କଲେ ସ୍ୱତନ୍ତ୍ର ଶାସନ ସଚିବ

ପୁରୀ ଅଫିସ, ୩।୬:

ପୁରୀ ଜିଲା ସ୍କୁଲ୍‌ରେ ଫୁଟବଲ୍ ପଡ଼ିଆ ପ୍ରସ୍ତୁତ ହେଉଛି। ଖୋଖୋ, କବାଡ଼ି ଓ ଭଲିବଲ ପାଇଁ ମଧ ଜାତୀୟସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି। ସେହିଭଳି ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ରେ କ୍ରିକେଟ୍ ଷ୍ଟାଡିୟମ୍ ଓ ସୁଇମିଂ ପୁଲ୍ ନିର୍ମାଣ ଚାଲିଛି। ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଜିମ୍ନାସିୟମ୍ ହଲ୍ ଓ ଜିମ୍ନାଷ୍ଟିକ୍ ଉପରେ ଗୁରୁତ୍ୱ ଦିଆଯିବ। ପ୍ରାୟ ୧୨ଟି କ୍ରୀଡ଼ା ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହେଉଥିବା ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ କହିଛନ୍ତି। ଆସନ୍ତା ୬ମାସ ମଧ୍ୟରେ କାମ ସାରିବାକୁ କ୍ରୀଡ଼ା ସଚିବଙ୍କ ନିର୍ଦ୍ଦେଶ ରହିଛି। ଜିଲା ସ୍କୁଲ୍ ପଡ଼ିଆ ପାଇଁ ୨୦ଲକ୍ଷ, ଇନ୍‌ଡୋର୍ କ୍ରୀଡ଼ା ପାଇଁ ୮ଲକ୍ଷ, ସ୍ପୋର୍ଟସ କମ୍ପ୍ଲେକ୍ସ ଲାଗି ୭୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି ଟଙ୍କା ଖର୍ଚ୍ଚ ପରେ ପୁଣି ଥରେ ସମୀକ୍ଷା କରାଯିବ। ଅତିରିକ୍ତ ଅର୍ଥ ଆବଶ୍ୟକ ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଅଧିକ ଟଙ୍କା ମଞ୍ଜୁର କରିବେ। ଗୁରୁବାର ସ୍ୱତନ୍ତ୍ର ଶାସନ ସଚିବ ଆର୍. ଭିନିଲ୍ କ୍ରିଷ୍ଣା ପୁରୀ ଗସ୍ତରେ ଆସି ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ୍, ଇନଡୋର୍ ଷ୍ଟାଡିୟମ୍ ଓ ତାଳବଣିଆ ଇନ୍‌ଡୋର ସ୍ପୋର୍ଟସ୍ କମ୍ପ୍ଲେକ୍ସ ଓ ପୁରୀ ଜିଲା ସ୍କୁଲ୍ କ୍ରୀଡ଼ା ଭିତ୍ତିଭୂମିର ସମୀକ୍ଷା କରିଛନ୍ତି। ପ୍ରାୟ ୧୩ ଏକର ପରିମିତ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ୍, ଇନଡୋର୍ ଷ୍ଟାଡିୟମ୍, ଦର୍ଶକ ଗ୍ୟାଲେରି, ସୁଇମିଂ ପୁଲ୍, ଖୋଖୋ, କବାଡ଼ି, ବାସ୍କେଟ୍ କୋର୍ଟ ନିର୍ମାଣ କାର୍ଯ୍ୟ ଚାଲିଛି। ସମୀକ୍ଷା କାର୍ଯ୍ୟକ୍ରମରେ କ୍ରୀଡ଼ା ବିଭାଗ ଉପଶାସନ ସଚିବ ରଞ୍ଜିତ ପରିଡ଼ା, ଉପଜିଲାପାଳ ଭବତାରଣ ସାହୁ, ଜିଲା କ୍ରୀଡ଼ାଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀଠାରେ ସ୍ୱତନ୍ତ୍ର ଶାସନ ସଚିବ ଆର୍. ଭିନିଲ୍ କ୍ରିଷ୍ଣା କ୍ରୀଡ଼ା ଭିତ୍ତିଭୂମି ଅନୁଧ୍ୟାନ କରୁଛନ୍ତି ।